ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ଜୁନ୍ ୧୬/୨୦୨୪ (୧୪ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, June 16/2024 | Page 14 | ₹ 7.00 | BALASORE
୫୦ଶ ଭାଗ ୨୦୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 202 | ମୂଲ୍ୟ ₹୭/-



**କ୍ୟାରିୟର ପାଇଁ ଡରୁଥିଲେ ମନ୍ଦିରା**
ବିବାହ ପୂର୍ବରୁ ଅଭିନେତ୍ରୀ ମନ୍ଦିରା ବେଦୀ ନିଜ କ୍ୟାରିୟରକୁ ନେଇ ଅନେକ ଆଶଙ୍କାରେ ରହୁଥିଲେ ବୋଲି ଏକ ସାକ୍ଷାତ୍କାରରେ କହିଛନ୍ତି। **୦୨**

**୧୩** **ଟାବରେଜ୍ ପ୍ଲେୟର ଅଫ୍ ଦ ମ୍ୟାଚ**
ନେପାଳ ବିପକ୍ଷ ଟି୨୦ କ୍ରିକେଟ ବିଶ୍ୱକପ୍ ମ୍ୟାଚରେ ପ୍ଲେୟର ଅଫ୍ ଦ ମ୍ୟାଚ୍ ହୋଇଛନ୍ତି ଦକ୍ଷିଣ ଆଫ୍ରିକାର ଟାବରେଜ୍ ସାମ୍ସି।



# ମୁଖ୍ୟମନ୍ତ୍ରୀଙ୍କ ହାତରେ ଗୃହ, ଅର୍ଥ

**ଭୁବନେଶ୍ୱର,୧୫।୬ (ଅନିଲ ଦାସ)**

ଓଡ଼ିଶାରେ ପ୍ରଥମ ଭାଜପା ସରକାର ଗଠନ ହେବାର ୩ ଦିନ ପରେ ମନ୍ତ୍ରୀମାନଙ୍କୁ ବିଭାଗ ବଣ୍ଟନ କରାଯାଇଛି। ରାଜ୍ୟପାଳ ରଘୁବର ଦାସଙ୍କ ଅନୁମୋଦନ ପରେ ଶନିବାର ଏ ନେଇ ରାଜଭବନ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ବିଜ୍ଞପ୍ତି ଅନୁଯାୟୀ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଜ ପାଖରେ ଗୃହ, ଅର୍ଥ, ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ, ସୂଚନା ଓ ଲୋକସମ୍ପର୍କ, ଜଳସମ୍ପଦ, ଯୋଜନା ଓ ସଂଯୋଜନ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗ ରଖିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ପାଖରେ ମୋଟ ୬ଟି ବିଭାଗ ରହିଛି। ଆଗାମୀ ଦିନରେ ମନ୍ତ୍ରିମଣ୍ଡଳରେ ଆଉ କେତେଜଣ ସଦସ୍ୟଙ୍କୁ ସାମିଲ କରାଯାଇ କିଛି ବିଭାଗ ଆବଣ୍ଟନ କରାଯାଇପାରେ ବୋଲି ଜଣାପଡ଼ିଛି।

ସେହିପରି ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓଙ୍କୁ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ସହିତ ଶକ୍ତି ବିଭାଗ ଦିଆଯାଇଥିବାବେଳେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ମହିଳା ଓ ଶିଶୁବିକାଶ, ମିଶନଶକ୍ତି ଓ ପର୍ଯ୍ୟଟନ ବିଭାଗ ଦାୟିତ୍ୱ ମିଳିଛି।

**କାହା ପାଖରେ କେଉଁ ବିଭାଗ**




କ୍ୟାବିନେଟ ମନ୍ତ୍ରୀମାନଙ୍କ ମଧ୍ୟରୁ ସୁରେଶ ପୂଜାରୀଙ୍କୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମିଳିଥିବାବେଳେ ରବିନାରାୟଣ ନାୟକଙ୍କୁ ଗ୍ରାମ୍ୟ ଉନ୍ନୟନ ଏବଂ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ନିତ୍ୟାନନ୍ଦ ଗଣ୍ଡଙ୍କୁ ସ୍କୁଲ ଓ ଗଣଶିକ୍ଷା, ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଏବଂ ପଛୁଆ ବର୍ଗ କଲ୍ୟାଣ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ, କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ କାରିଗରି ବିଭାଗ ମିଳିଛି। ସେହିପରି ପୃଥ୍ୱୀରାଜ ହରିଚନ୍ଦନଙ୍କୁ ☞ପୃଷ୍ଠା-୪

## ସଞ୍ଜୀୟଙ୍କୁ ଯୁବ, ମାନସଙ୍କୁ ବାଲ୍

### କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର

**ଭୁବନେଶ୍ୱର,୧୫।୬(ଶର୍ମିଷ୍ଠା ପାଣିଗ୍ରାହୀ)**

କେନ୍ଦ୍ର ସାହିତ୍ୟ ଏକାଡେମୀର ଯୁବ ଓ ବାଲ୍ ପୁରସ୍କାର - ୨୦୨୪ ଶନିବାର ଘୋଷଣା କରାଯାଇଛି। ଓଡ଼ିଆ ଭାଷାରେ ଯୁବ କଥାକାର ସଞ୍ଜୀୟ ପଣ୍ଡା 'ଯୁବ ପୁରସ୍କାର' ପାଇବା ପାଇଁ ମନୋନୀତ ହୋଇଛନ୍ତି। ତାଙ୍କ ଗଳ୍ପ ପୁସ୍ତକ 'ହୁ ବାଇଆ' ପାଇଁ ସେ ଏହି ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେହିପରି 'ବାଲ ପୁରସ୍କାର' ପାଇଁ ଶିଶୁ ସାହିତ୍ୟିକ ମାନସ ରଞ୍ଜନ ସାମଲ ମନୋନୀତ ହୋଇଛନ୍ତି। ତାଙ୍କ ପୁସ୍ତକ 'ଗପ କଳିକା' ପାଇଁ ସେ ଏହି ପୁରସ୍କାର ପାଇବେ। ପୁରସ୍କାର ସ୍ୱରୂପ ନଗଦ ୫୦ହଜାର ଟଙ୍କାର ଅର୍ଥରାଶି ସହିତ ତମ୍ବା ଫଳକ ପ୍ରଦାନ କରାଯିବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଭୟଙ୍କୁ ☞ପୃଷ୍ଠା-୪










## ଜୁନ୍ ୧୮ରୁ ସ୍କୁଲ, ପ୍ରଥମ ଦିନରୁ ମଧ୍ୟାହ୍ନଭୋଜନ

**ଭୁବନେଶ୍ୱର, ୧୫।୬ (ଅସମାପିକା ସାହୁ)**

ଗ୍ରୀଷ୍ମ ଅବକାଶ ଛୁଟି ପରେ ଆସନ୍ତା ୧୮ତାରିଖରୁ ସ୍କୁଲ ଖୋଲିବ। ସ୍କୁଲ ଖୋଲିବାର ପ୍ରଥମ ଦିନରୁ ପିଲାଙ୍କୁ ଦିଆଯିବ ମଧ୍ୟାହ୍ନ ଭୋଜନ। ପ୍ରଥମରୁ ଅଷ୍ଟମ ଶ୍ରେଣୀ ପିଲାଙ୍କୁ ମଧ୍ୟାହ୍ନ ଭୋଜନ ପାଇଁ ପଦକ୍ଷେପ ନେବାକୁ ସମସ୍ତ ଜିଲା ଶିକ୍ଷା ଅଧିକାରୀ (ଡିଇଓ)ଙ୍କୁ ପିଏମ୍ ପୋଷଣ ରାଜ୍ୟ ନୋଡାଲ ଅଧିକାରୀ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଥମରୁ ଅଷ୍ଟମ ଶ୍ରେଣୀରେ ପଢୁଥିବା ୬ରୁ ୧୪ ବର୍ଷ ବୟସର ସମସ୍ତ ଶିଶୁ ମଧ୍ୟାହ୍ନ ଭୋଜନ ପାଇବାର ଅଧିକାର ରହିଛି। ସ୍କୁଲରେ ଅବ୍ୟବସ୍ଥା ପାଇଁ ଛାତ୍ରୀଛାତ୍ର ଯେପରି ସେମାନଙ୍କ ଅଧିକାରରୁ ବଞ୍ଚିତ ନ ହୁଅନ୍ତି ସେଥିପ୍ରତି ଧ୍ୟାନ ଦେବାକୁ ସ୍କୁଲ କର୍ତ୍ତୃପକ୍ଷଙ୍କୁ ତାଗିଦ କରାଯାଇଛି। ସ୍କୁଲ ଖୋଲିବା ପୂର୍ବରୁ ମଧ୍ୟାହ୍ନ ଭୋଜନ ପାଇଁ ବଳକା ରହିଥିବା ଚାଉଳ, ତେଲ, ଡାଲି, ☞ପୃଷ୍ଠା-୪

## ଏନ୍‌କାଉଣ୍ଟର: ୮ ମାଓବାଦୀ, ଜଣେ ଯବାନ ମୃତ

**ମାଲକାନଗିରି, ୧୫।୬(ଦୁର୍ଯ୍ୟୋଧନ ପାତ୍ର)**

ଛତିଶଗଡ଼ ନାରାୟଣପୁର ଜିଲାରେ ଶନିବାର ପୋଲିସ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଛି। ଏଥିରେ ୮ ମାଓବାଦୀ ନିହତ ହୋଇଥିବାବେଳେ ଜଣେ ଯବାନଙ୍କ ମୃତ୍ୟୁ ଘଟିଛି। ଏଥିସହ ଦୁଇଜଣ ଯବାନ ଆହତ ହୋଇଥିବା ଜଣାପଡ଼ିଛି। ଗତ ୧୨ ତାରିଖରୁ ନାରାୟଣପୁର ଜିଲା ଅବୁଝମାଡ଼ ଜଙ୍ଗଲ ନିକଟ କୁତୁଲ, ଫରସବେଡା ଓ କୋଡତାମେଟା ଗ୍ରାମ ନିକଟ ଜଙ୍ଗଲରେ ଏସ୍‌ଟିଏଫ୍, ଡିଆରଜି ଏବଂ ଆଇଟିବିପି ଯବାନମାନେ କୋମ୍ବିଂ କରୁଥିଲେ। ଏଥିରେ ନାରାୟଣପୁର କୋଣ୍ଡାଗାଁଓ, କାଙ୍କେର, ଦାନ୍ତେୱାଡା ଜିଲାର ଡିଆରଜି, ସ୍ୱତନ୍ତ୍ର ସୁରକ୍ଷା ବଳ ଓ ଆଇଟିବିପିର ଯବାନ ସାମିଲ ଥିଲେ।

**ଆଜିର ସମ୍ପାଦକୀୟ**
**ନୂଆ କ୍ୟାବିନେଟ୍**



## ସଂକ୍ଷେପରେ

### ରାମଫୋସା ପୁଣି ଦକ୍ଷିଣ ଆଫ୍ରିକା ରାଷ୍ଟ୍ରପତି



**ଲଣ୍ଡନ, ୧୫।୬:** ସିରିଲ ରାମଫୋସା ପୁନର୍ବାର ଦକ୍ଷିଣ ଆଫ୍ରିକାର ରାଷ୍ଟ୍ରପତି ହୋଇଛନ୍ତି। ଶନିବାର ଦକ୍ଷିଣ ଆଫ୍ରିକା ସଂସଦର ସପ୍ତମ ନ୍ୟାଶନାଲ ଆସେମ୍ବ୍ଲି ବୈଠକରେ ସିରିଲଙ୍କ ନାମରେ ମୋହର ଲାଗିଛି। ମୋଟ ୩୯୯ ଭୋଟରୁ ରାମଫୋସାଙ୍କୁ ୨୮୩ଟି ମିଳିଥିବାବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ 'ଇକୋନୋମିକ ଫ୍ରୀଡମ୍ ଫାଇଟର୍ସ'ର ନେତା ଜୁଲିୟସ ମାଲେମାଙ୍କୁ ୪୪ଟି ଭୋଟ ମିଳିଥିଲା। ସେହିପରି ୧୨ଟି ଭୋଟ ନାକଚ ହୋଇଥିଲା। ଦକ୍ଷିଣ ଆଫ୍ରିକାରେ ଗତ ମାସ ୨୯ରେ ମତଦାନ ଅନୁଷ୍ଠିତ ହୋଇଥିଲା। ଏହି ନିର୍ବାଚନରେ ରାମଫୋସାଙ୍କ ଆଫ୍ରିକୀୟ ଜାତୀୟ କଂଗ୍ରେସଙ୍କୁ ବହୁମତ ମିଳି ନ ଥିଲା। ବିଭିନ୍ନ ବିରୋଧୀ ଓ ଅନ୍ୟ ଦଳଗୁଡ଼ିକର ସମର୍ଥନରେ ରାମଫୋସାଙ୍କ ନେତୃତ୍ୱରେ ସରକାର ଗଢ଼ାଯାଇଥିବା ଦଳ ପକ୍ଷରୁ କୁହାଯାଇଛି।

### କେଜ୍‌ରିୱାଲଙ୍କ ଶୁଣାଣି ଭିଡିଓ ସୋସିଆଲ ମିଡ଼ିଆରୁ ହଟାଇବାକୁ ନିର୍ଦ୍ଦେଶ

ନୂଆଦିଲ୍ଲୀ, ୧୫।୬

ଦିଲ୍ଲୀର ଅବକାରୀ ଦୁର୍ନୀତି ମାମଲାରେ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ସମ୍ବନ୍ଧିତ କୋର୍ଟ ପ୍ରକ୍ରିୟାର ଏକ ଭିଡିଓ ରେକର୍ଡିଂ ସୋସିଆଲ ମିଡିଆରୁ ହଟାଇବାକୁ ଦିଲ୍ଲୀ ହାଇକୋର୍ଟ ଶନିବାର ନିର୍ଦ୍ଦେଶ ଦେଇଛନ୍ତି। ଭିଡିଓରେ କେଜ୍‌ରିୱାଲ କୋର୍ଟଙ୍କୁ ସମ୍ବୋଧିତ କରୁଥିବା ଦେଖିବାକୁ ମିଳିଛି। ଏହା ହାଇକୋର୍ଟଙ୍କ ଭିଡିଓ କନ୍ଫରେନ୍ସିଂ ନିୟମର ଉଲ୍ଲଂଘନ ଦର୍ଶାଇ ଜଷ୍ଟିସ୍ ନୀନା ବଂଶଲ କୃଷ୍ଣା ଓ ଜଷ୍ଟିସ୍ ଅମିତ ଶର୍ମାଙ୍କ ଖଣ୍ଡପୀଠ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସ', ମେଟା, ୟୁଟ୍ୟୁବ୍ ଓ କେଜରିୱାଲଙ୍କ ସ୍ତ୍ରୀ ସୁନୀତା କେଜରିୱାଲଙ୍କୁ ନୋଟିସ୍ ଜାରି କରିଛନ୍ତି।

# ଆଇଏମ୍‌ଇସିକୁ ପ୍ରୋତ୍ସାହନ ଦେବ ଜି୭

ବାରି(ଇଟାଲୀ),୧୫।୬(ପି.ଟି.)

ଭାରତ-ମଧ୍ୟପ୍ରାଚ୍ୟ-ୟୁରୋପ ଅର୍ଥନୈତିକ କରିଡର (ଆଇଏମ୍‌ଇସି)କୁ ସହାୟତା କରିବା ପାଇଁ ଜି୭ ରାଷ୍ଟ୍ରଗୋଷ୍ଠୀ ପ୍ରତିଶ୍ରୁତିବଦ୍ଧ ବୋଲି କହିଛନ୍ତି। ଜି୭ର ତିନିଦିନିଆ ସମିଟ୍ ଶେଷରେ ଜାରି ବିବୃତିରେ ଏହା କୁହାଯାଇଛି। ଇଟାଲୀ ପ୍ରଧାନମନ୍ତ୍ରୀ ଜିଓର୍ଜିଆ ମେଲୋନିଙ୍କ ନିମନ୍ତ୍ରଣକ୍ରମେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ସମ୍ମିଳନୀରେ ଯୋଗଦେଇଥିଲେ। ବିଶ୍ୱ ଭିତ୍ତିଭୂମି ଓ ନିବେଶ ପାଇଁ ସହଭାଗିତା ଉପକ୍ରମ, ପ୍ରମୁଖ ପ୍ରକଳ୍ପ ଆଦିକୁ ସହାୟତା କରିବା ପାଇଁ ୭ ଶିଳ୍ପୋନ୍ନତ ରାଷ୍ଟ୍ର ନିଷ୍ପତ୍ତି ନେଇଛନ୍ତି। ଆଇଏମ୍‌ଇସି ଏକ ଅଗ୍ରଣୀ ପଦକ୍ଷେପ ଯାହା ସାଉଦି ଆରବ, ଭାରତ, ଆମେରିକା ଏବଂ ୟୁରୋପ ମଧ୍ୟରେ ସଡ଼କ, ରେଳପଥ ଓ ଜାହାଜ ଚଳାଚଳ ନେଟ୍‌ୱର୍କ ବଢ଼ାଇବା ସହ ଏସିଆ, ମଧ୍ୟପ୍ରାଚ୍ୟ ଓ ପାଶ୍ଚାତ୍ୟ ମଧ୍ୟରେ ସମନ୍ୱୟକୁ ସୁନିଶ୍ଚିତ କରିବ ବୋଲି ଜି୭ ବିବୃତିରେ କୁହାଯାଇଛି। ଚାଇନାର ବେଲ୍ଟ ଆଣ୍ଡ ରୋଡ୍ ଇନିସିଏଟିଭ୍ (ବିଆର୍‌ଆଇ)ର ମୁକାବିଲା ପାଇଁ ରଣନୈତିକ ପ୍ରଭାବ ହାସଲ ନିମନ୍ତେ ସମଭାବାପନ୍ନ ରାଷ୍ଟ୍ରଗୁଡ଼ିକ ଆଇଏମ୍‌ଇସିକୁ ଏକ ଇନିସିଏଟିଭ୍ ଭାବେ ନେଇଛନ୍ତି। ଗତବର୍ଷ ନୂଆଦିଲ୍ଲୀରେ ଅନୁଷ୍ଠିତ ଜି୨୦ ସମିଟ୍ ଅବସରରେ ଆଇଏମ୍‌ଇସି ଉପକ୍ରମ ନେଇ ଯୋଜନା ପ୍ରସ୍ତୁତ ହୋଇଥିଲା।

ଶୁକ୍ରବାର ଅନୁଷ୍ଠିତ ଜି୭ ଆଉଟ୍‌ରିଚ ଅଧିବେଶନରେ ପ୍ରଧାନମନ୍ତ୍ରୀ ମୋଦି କୃତ୍ରିମ ବୁଦ୍ଧିମତ୍ତା (ଏଆଇ), ଶକ୍ତି, ଆଫ୍ରିକା ଏବଂ ଭୂମଧ୍ୟସାଗରୀୟ ଅଞ୍ଚଳ ପ୍ରସଙ୍ଗରେ ଆଲୋଚନା କରିଥିଲେ। ପ୍ରଯୁକ୍ତି କ୍ଷେତ୍ରରେ ଏକଚାଟିଆ ମନୋଭାବ ବନ୍ଦ ହେବା ସହ ସମାବେଶୀ ସମାଜର ମୂଳଦୁଆ ପକାଇବା ପାଇଁ ଟେକ୍‌ନୋଲୋଜି ବିଶେଷ କରି ଏଆଇକୁ ସୃଜନଶୀଳ କରିବାକୁ ପଡ଼ିବ ବୋଲି ମୋଦି ଆହ୍ୱାନ ଦେଇଥିଲେ। ଗ୍ଲୋବାଲ ସାଉଥ୍ ଅନିଶ୍ଚିତତା ଏବଂ ଉତ୍ତେଜନାର ଯନ୍ତ୍ରଣା ଭୋଗୁଛନ୍ତି। ଏଥିପାଇଁ ଆମେ ଆଫ୍ରିକାକୁ ଉଚ୍ଚ ପ୍ରାଥମିକତା ଦେଇଛୁ। ଆଫ୍ରିକୀୟ ଦେଶଗୁଡ଼ିକରେ ଆର୍ଥିକ ଓ ସାମାଜିକ ବିକାଶ, ସ୍ଥିରତା ତଥା ନିରାପତ୍ତା ପାଇଁ ଭାରତ ସହଯୋଗ କରୁଛି। ଭବିଷ୍ୟତରେ ମଧ୍ୟ ଏହା ଜାରି ରହିବ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।

## ଭିତ୍ତିଭୂମି, ସାଂସ୍କୃତିକ ସମ୍ପର୍କ ବଢ଼ାଇବାକୁ ଭାରତ-ଜାପାନ ସହମତ

ବାରି(ଇଟାଲୀ),୧୫।୬

ଭାରତ ଏବଂ ଜାପାନ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ଦ୍ୱିପାକ୍ଷିକ ସମ୍ପର୍କକୁ ଆଗେଇନେବାକୁ ଜି୭ ସମିଟ୍ ଅବସରରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ତାଙ୍କ ଜାପାନ ପ୍ରତିପକ୍ଷ ଫୁମିଓ କିଶିଡା ସହମତି ପ୍ରକାଶ କରିଛନ୍ତି। ଶାନ୍ତିପୂର୍ଣ୍ଣ, ସୁରକ୍ଷିତ ତଥା ସମୃଦ୍ଧ ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳ ପାଇଁ ଭାରତ ଓ ଜାପାନ ମଧ୍ୟରେ ଦୃଢ଼ ସମ୍ପର୍କ ଗୁରୁତ୍ୱପୂର୍ଣ୍ଣ ବୋଲି ସେମାନେ କହିଛନ୍ତି। ଉକ୍ତ ଅଞ୍ଚଳରେ ଚାଇନାର ଆକ୍ରମଣାତ୍ମକ ଆଚରଣ ଏବଂ ପ୍ରଭାବ ବିସ୍ତାର ଉଦ୍ୟମକୁ ବିରୋଧ କରି ଦୁଇ ନେତା ଏଭଳି ମତାମତ ଦେଇଛନ୍ତି। ଜି୭ ସମିଟ୍‌ର ଦ୍ୱିତୀୟ ଦିନରେ ଅନୁଷ୍ଠିତ ଆଉଟ୍‌ରିଚ୍ ସେସନ୍‌ରେ ଯୋଗଦେବା ପାଇଁ ଇଟାଲୀର ଆପୁଲିଆ ଗସ୍ତରେ ଯାଇଥିବା ମୋଦି ଜାପାନ ପ୍ରତିପକ୍ଷଙ୍କୁ ଭେଟି ଦ୍ୱିପାକ୍ଷିକ ସମ୍ପର୍କ ବଢ଼ାଇବା ଉପରେ ଆଲୋଚନା କରିଥିଲେ। ଭାରତ ଏବଂ ଜାପାନ ପ୍ରତିରକ୍ଷା, ପ୍ରଯୁକ୍ତି, ସେମିକଣ୍ଡକ୍ଟର, ସ୍ୱଚ୍ଛ ଶକ୍ତି ଓ ଡିଜିଟାଲ ଟେକ୍‌ନୋଲୋଜି କ୍ଷେତ୍ରରେ ଏକାଠି କାମ କରିବା ସହ ଭିତ୍ତିଭୂମି ଓ ସାଂସ୍କୃତିକ ସଂଯୋଗରେ ସମ୍ପର୍କ ଆଗେଇନେବାକୁ ଚାହେଁ ବୋଲି ମୋଦି କହିଛନ୍ତି।



ଜି୭ ସମିଟ୍ ଅବସରରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ତାଙ୍କ ଜାପାନ ପ୍ରତିପକ୍ଷ ଫୁମିଓ କିଶିଡା ଇଟାଲୀର ଆପୁଲିଆଠାରେ ଦ୍ୱିପାକ୍ଷିକ ଆଲୋଚନାରେ ସାମିଲ ହୋଇଛନ୍ତି।

## ଇନ୍ଦିରା ଗାନ୍ଧୀଙ୍କୁ ଭାରତର ଜନନୀ କହିଲେ ସୁରେଶ ଗୋପୀ



ନୂଆଦିଲ୍ଲୀ,୧୫।୬

କେନ୍ଦ୍ରମନ୍ତ୍ରୀ ତଥା ଭାଜପା ନେତା ସୁରେଶ ଗୋପୀ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କୁ 'ଭାରତର ଜନନୀ' ବୋଲି କହିଛନ୍ତି। ସେ ଇନ୍ଦିରାଙ୍କୁ 'ଭାରତଥିନ୍ତେ ମାଥାଭୁ' (ଭାରତର ମାଆ) ଭାବେ ଦେଖନ୍ତି ବୋଲି କହିଥିଲେ। ସେହିପରି ପୂର୍ବତନ ମୁଖ୍ୟମନ୍ତ୍ରୀ କେ. କରୁଣାକରନ୍‌ଙ୍କୁ ସେ ସାହସୀ ପ୍ରଶାସନ କହିଥିବାବେଳେ ମାର୍କସ୍‌ବାଦୀ ନେତା ଇ.କେ. ନାୟନାରଙ୍କୁ ରାଜନୈତିକ ଗୁରୁ କହିଛନ୍ତି। ପୁଙ୍କୁନାମସ୍ଥିତ କରୁଣାକରନ୍‌ଙ୍କ ସ୍ମାରକୀସ୍ଥଳ 'ମୁରଲୀ ମନ୍ଦିରମ୍' ପରିଦର୍ଶନ କରିବା ପରେ ଗୋପୀ ଖବରଦାତାମାନଙ୍କ ସହ କଥା ହେଲାବେଳେ ଉପରୋକ୍ତ ମନ୍ତବ୍ୟ ଦେଇଥିଲେ। ଉଲ୍ଲେଖନୀୟ ଯେ, ଥ୍ରୀଶୁର ଲୋକସଭା ଆସନରେ ଗୋପୀ କରୁଣାକରନଙ୍କ ପୁଅ ତଥା କଂଗ୍ରେସ ନେତା କେ. ମୁରଲୀଧରନଙ୍କୁ ପରାଜିତ କରି ବିଜୟୀ ହୋଇଥିଲେ।




ଇଦ୍ ଅଲ୍ ଆଧା ପାଳନ ପୂର୍ବରୁ ପଶୁ ବଳିକୁ ବିରୋଧ କରି ନୂଆଦିଲ୍ଲୀରେ ଶନିବାର ପ୍ରାଣୀ ଅଧିକାର କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି। (ଫଟୋ: ଚମନ ଗୌତମ)

## ଘାଟିରୁ ଖସିଲା ଟେମ୍ପୋ ଟ୍ରାଭେଲର: ୧୪ ଯାତ୍ରୀ ମୃତ

ଡେରାଡୁନ, ୧୫।୬

ଉତ୍ତରାଖଣ୍ଡର ରୁଦ୍ରପ୍ରୟାଗ ଜିଲା ରତୌଲି ନିକଟସ୍ଥ ବଦ୍ରିନାଥ ହାଇୱେରେ ୨୬ ଜଣ ଯାତ୍ରୀଙ୍କୁ ନେଇ ଯାଉଥିବା ଗୋଟିଏ ଟେମ୍ପୋ ଟ୍ରାଭେଲର ଏକ ଗଭୀର ଘାଟିରେ ଶନିବାର ଖସିପଡ଼ିଛି। ଘଟଣାସ୍ଥଳରେ ୧୦ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଚିକିତ୍ସାଧୀନ ଅବସ୍ଥାରେ ହସ୍ପିଟାଲରେ ଆଉ ୪ ଜଣଙ୍କ ମୃତ୍ୟୁ ଘଟିଥିବା ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ସୂଚନା ଦେଇଛନ୍ତି। ଘଟଣାସ୍ଥଳରେ ରାଜ୍ୟ ବିପର୍ଯ୍ୟୟ ମୁକାବିଲା ବଳ (ଏସ୍‌ଡିଆରଏଫ) ଉଦ୍ଧାରକାର୍ଯ୍ୟ କରି ୫ ଯାତ୍ରୀଙ୍କୁ ରୁଦ୍ରପ୍ରୟାଗ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିବାବେଳେ ଅନ୍ୟ ୫ ଜଣ ଗୁରୁତର ଯାତ୍ରୀଙ୍କୁ ଏମ୍‌ସ ଋଷିକେଶକୁ ଏୟାରଲିଫ୍ଟ କରାଯାଇଛି। ଏହି ଟେମ୍ପୋ ଟ୍ରାଭେଲରଟି ଦିଲ୍ଲୀ ଏବଂ ହରିୟାଣାରୁ ୨୬ ଜଣ ଯାତ୍ରୀଙ୍କୁ ଧରି ଉତ୍ତରାଖଣ୍ଡର ବିଭିନ୍ନ ପର୍ଯ୍ୟଟନ ସ୍ଥଳକୁ ଯାଉଥିଲା। ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି ଘଟଣାକୁ ନେଇ ଶୋକ ପ୍ରକାଶ କରିବା ସହ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।



ଉତ୍ତରାଖଣ୍ଡର ବଦ୍ରିନାଥ ହାଇୱେରେ ଏକ ଯାତ୍ରୀବାହୀ ଟେମ୍ପୋ ଟ୍ରାଭେଲର ଘାଟିରୁ ଖସିପଡିଛି।

## ବିଦ୍ରୋହୀଙ୍କୁ ଫେରାଇ ଆଣିବା ପ୍ରଶ୍ନ ଉଠୁନି

ମୁମ୍ବାଇ,୧୫।୬ (ପି.ଟି.)

ଯେଉଁ ନେତାମାନେ ଶିବସେନା ଏବଂ ଏନ୍‌ସିପିରୁ ଦୂରେଇ ଯାଇଛନ୍ତି, ସେମାନଙ୍କୁ ଫେରାଇ ଆଣିବାର ପ୍ରଶ୍ନ ଉଠୁନାହିଁ ବୋଲି ଶିବସେନା(ୟୁବିଟି) ମୁଖ୍ୟ ଉଦ୍ଧବ ଠାକ୍‌ରେ ଏବଂ ଏନ୍‌ସିପି (ଏସ୍‌ପି) ଅଧ୍ୟକ୍ଷ ଶରଦ ପାୱାର ଶନିବାର କହିଛନ୍ତି। ୨୦୨୨ରେ ଏକନାଥ ଶିନ୍ଦେଙ୍କ ନେତୃତ୍ୱରେ ଗୋଟିଏ ଗୋଷ୍ଠୀ ବିଧାୟକ ଦଳରୁ ଅଲଗା ହୋଇ ଭାଜପା ସହ ମିଶି ମହାରାଷ୍ଟ୍ରରେ ସରକାର ଗଢ଼ିବାରୁ ଶିବସେନା ଦୁଇଭାଗ ହୋଇଥିଲା। ସେହିପରି ଅଜିତ ପାୱାରଙ୍କ ନେତୃତ୍ୱରେ ଏନ୍‌ସିପିର କେତେଜଣ ବିଧାୟକ ଗତବର୍ଷ ଜୁଲାଇରେ ମୂଳ ଦଳରୁ ଅଲଗା ହୋଇ ରାଜ୍ୟ ସରକାରରେ ସାମିଲ ହୋଇଥିଲେ। ନିକଟରେ ଶେଷ ହୋଇଥିବା ଲୋକ ସଭା ନିର୍ବାଚନରେ ଶିବସେନା (ୟୁବିଟି), ଏନ୍‌ସିପି(ଏସ୍‌ପି) ଏବଂ କଂଗ୍ରେସକୁ ନେଇ ଗଠିତ ବିରୋଧୀ ମେଣ୍ଟ ମହାବିକାଶ ଅଘାଡ଼ି (ଏମ୍‌ଭିଏ) ବିଜୟୀ ହୋଇଥିବାବେଳେ ଏହା ଆରମ୍ଭ ମାତ୍ର ବୋଲି ଉଦ୍ଧବ କହିଛନ୍ତି। ଆଗାମୀ ବିଧାନସଭା ନିର୍ବାଚନରେ ମଧ୍ୟ ଏହି ମେଣ୍ଟ ବିଜୟ ଯାତ୍ରା ଜାରି ରଖିବ ବୋଲି ଉଦ୍ଧବ କହିଛନ୍ତି। ପାୱାର ଓ ଉଦ୍ଧବଙ୍କ ମନ୍ତବ୍ୟ ପରେ ମୂଳ ଦଳକୁ କେତେଜଣ ନେତା ଫେରିବା ଚର୍ଚ୍ଚାର ଅବସାନ ଘଟିଛି।

**ବିଧାନସଭା ନିର୍ବାଚନରେ ଏମ୍‌ଭିଏ ବିଜୟୀ ହେବ: ଉଦ୍ଧବ**

## ଗୁଜରାଟରେ ଆମେରିକୀୟ କମ୍ପାନୀକୁ ପ୍ରତି ନିଯୁକ୍ତି ପାଇଁ ୩.୨ କୋଟି ସବ୍‌ସିଡି

ବେଙ୍ଗାଲୁରୁ ,୧୫।୬

ଆମେରିକୀୟ ସେମିକଣ୍ଡକ୍ଟର ଉତ୍ପାଦନକାରୀ କମ୍ପାନୀ ମାଇକ୍ରନ୍ ଟେକ୍‌ନୋଲୋଜି ଗୁଜରାଟରେ ୨.୫ ବିଲିୟନ ଡଲାର ନିବେଶରେ ଏକ କାରଖାନା ସ୍ଥାପନ କରିଛି। ଉକ୍ତ କାରଖାନାରେ ପ୍ରତି ନିଯୁକ୍ତି ସୃଷ୍ଟି ପାଇଁ କମ୍ପାନୀ ସରକାରଙ୍କଠାରୁ ୩.୨ କୋଟି ଟଙ୍କା ସବ୍‌ସିଡି ନେଉଥିବାରୁ କେନ୍ଦ୍ର ଇସ୍ପାତ ଓ ଭାରୀଶିଳ୍ପ ମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀ ଏହାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ଭାରତ କ'ଣ ଏହିଭଳି ନିବେଶ ଚାହିଁଥିଲା କି ବୋଲି ସେ ବିସ୍ମୟ ପ୍ରକାଶ କରିଛନ୍ତି। ସେ କହିଥିଲେ, ଏହି କମ୍ପାନୀ ୫,୦୦୦ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ଏଥିପାଇଁ ଏହାକୁ ସବ୍‌ସିଡିରେ ୨ ବିଲିୟନ ଡଲାର ଦେବାକୁ ହେବ, ଯାହାକି କମ୍ପାନୀ ନିବେଶର ୭୦ ପ୍ରତିଶତ। ଗୋଟିଏ କମ୍ପାନୀକୁ ଏତେ ପରିମାଣରେ ପାଣ୍ଠି ଯୋଗାଇବା କେତେ ଯଥାର୍ଥ ବୋଲି ସେ ଅଧିକାରୀମାନଙ୍କୁ ପ୍ରଶ୍ନ କରିଛନ୍ତି। ବେଙ୍ଗାଲୁରୁର ଛୋଟ ଶିଳ୍ପସଂସ୍ଥାଗୁଡ଼ିକରେ ଲକ୍ଷ ଲକ୍ଷ ନିଯୁକ୍ତି ସୃଷ୍ଟି ହେଉଛି। ସେମାନଙ୍କୁ ଆମେ କେତେ ସୁବିଧା ଦେଉଛେ ବୋଲି କୁମାରସ୍ୱାମୀ ପ୍ରଶ୍ନ କରିଛନ୍ତି। ଇସ୍ପାତ ଓ ଭାରୀଶିଳ୍ପ ମନ୍ତ୍ରୀ ଭାବେ ଦେଶର ଯୁବବର୍ଗଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟିକୁ ଅଧିକ ଗୁରୁତ୍ୱ ଦେବେ ବୋଲି ଜେଡିଏସ୍ ନେତା କହିଛନ୍ତି।

**ପ୍ରଶ୍ନ ଉଠାଇଲେ କୁମାରସ୍ୱାମୀ**



## ରୟାଲ ପରେଡ୍‌ରେ କେଟ୍ ମିଡିଲଟନ୍

ଲଣ୍ଡନ, ୧୫।୬



ଦୀର୍ଘ ଦିନ ପରେ ବ୍ରିଟେନ୍ ଯୁବରାଣୀ କେଟ୍ ମିଡିଲଟନ(୪୨)ଙ୍କୁ ଏକ ସାର୍ବଜନୀନ କାର୍ଯ୍ୟକ୍ରମରେ ସାମିଲ ହୋଇଥିବାର ଦେଖିବାକୁ ମିଳିଛି। ସେ ଶନିବାର ଲଣ୍ଡନର ବକିଂହାମ୍ ପ୍ୟାଲେସରେ ପହଞ୍ଚି 'ଦି ଆନୁଆଲ୍ ଟ୍ରୁପିଂ ଦି କଲର' ପରେଡ୍‌ରେ ଯୋଗଦେଇଛନ୍ତି। ଜାନୁୟାରୀରେ କ୍ୟାନ୍‌ସର୍‌ରେ ପୀଡ଼ିତ ହେବାପରେ କେଟ୍ ପ୍ରଥମଥର ପାଇଁ କୌଣସି ସାର୍ବଜନୀନ କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି। ଏହି ଅବସରରେ କେଟଙ୍କୁ ତାଙ୍କ ସ୍ୱାମୀ ତଥା ବ୍ରିଟେନ୍ ଯୁବରାଜ ୱିଲିୟମ୍ସ ଓ ପିଲାମାନଙ୍କ ସହ ବସିଥିବାର ଦେଖାଯାଇଥିଲା। ବକିଂହାମ ପ୍ୟାଲେସରୁ ପରେଡ ସ୍ଥଳକୁ ଆସୁଥିବାବେଳେ କେଟ୍ ଓ ୱିଲିୟମ୍ସଙ୍କ ଝଲକ ପାଇବାକୁ ହଜାର ହଜାର ସଂଖ୍ୟାରେ ଦର୍ଶକଙ୍କ ମଧ୍ୟରେ ଉତ୍ସାହ ଲାଗି ରହିଥିଲା। ପ୍ରତିଷେଧକ କେମୋଥେରାପି ନେଉଥିବାରୁ ତାଙ୍କର ସ୍ୱାସ୍ଥ୍ୟାବସ୍ଥାରେ ଅଗ୍ରଗତି ଘଟୁଛି, ତେବେ ସେ ଏବେ ମଧ୍ୟ ବିପଦରୁ ସମ୍ପୂର୍ଣ୍ଣ ଭାବେ ବାହାରି ନାହାନ୍ତି ବୋଲି କହିଛନ୍ତି।

## ଫୁର୍‌ସତ୍



ମନ୍ଦିରା ବେଦୀ

## କ୍ୟାରିୟରର ପାଇଁ ଡରୁଥିଲେ ମନ୍ଦିରା

ମୁମ୍ବାଇ

ମନ୍ଦିରା ବେଦୀ କେବଳ ଟିଭି ଜଗତରେ ନୁହେଁ ଚଳଚ୍ଚିତ୍ର ଏବଂ କ୍ରୀଡା ଜଗତରେ ମଧ୍ୟ ଏକ ଜଣାଶୁଣା ନାମ। ଜୁନ୍ ୨୦୨୧ରେ ତାଙ୍କ ସ୍ୱାମୀ ରାଜ କୌଶଲଙ୍କ ପରଲୋକ ଘଟିଥିଲା, ଯାହା ଫଳରେ ମନ୍ଦିରଙ୍କ ଜୀବନରେ ଅଶାନ୍ତି ଦେଖାଦେଇଥିଲା। ଏହାର ୩ ବର୍ଷ ପରେ ମନ୍ଦିରା ପ୍ରଥମ ଥର ପାଇଁ ଏକ ସାକ୍ଷାତ୍‌କାରରେ ତାଙ୍କ ଜୀବନର ଅନେକ ଦିଗ ବିଷୟରେ ଆଲୋଚନା କରିଛନ୍ତି।

ଏହି ସାକ୍ଷାତ୍‌କାରରେ ମନ୍ଦିରା କହିଛନ୍ତି " ମୁଁ ଆରମ୍ଭରୁ ମୋ କ୍ୟାରିୟରକୁ ନେଇ ବହୁତ ଗମ୍ଭୀର ଥିଲି। ବିବାହ ପୂର୍ବରୁ ଯେତେବେଳେ ମୁଁ ରାଜ୍‌ଙ୍କୁ ଡେଟ କରୁଥିଲି, ସେତେବେଳେ ତାଙ୍କୁ ସ୍ପଷ୍ଟ କରିଥିଲି ଯେ ମୁଁ ମା' ହେବାକୁ ଚାହୁଁ ନାହିଁ। ଏଥିରେ ରାଜ୍‌ଙ୍କର ମଧ୍ୟ କୌଣସି ସମସ୍ୟା ନଥିଲା। ମୁଁ ଭାବୁଥିଲି ଯେ ଲୋକମାନେ ଗର୍ଭଧାରଣ ପରେ ନିଜ କ୍ୟାରିୟରକୁ ଗମ୍ଭୀରତାର ସହ ନେବାକୁ ଏବଂ ସମୟ ଦେବାକୁ ସମର୍ଥ ହୋଇ ପାରନ୍ତି ନାହିଁ। ବିବାହ କରିବା ପରେ ମୁଁ ଏବଂ ରାଜ୍ ସନ୍ତାନ ପ୍ରସବ କରିବାକୁ ତତ୍ପର ନ ଥିଲୁ। କିନ୍ତୁ କିଛି ବର୍ଷ ପରେ ଆମ ପରିବାରର ଏକ ଦମ୍ପତି ଶିଶୁ ପାଇଁ ସଂଘର୍ଷ କରୁଥିବାର ଦେଖି ମୋର ଚିନ୍ତାଧାରା ବଦଳିଲା। ସେମାନେ ସନ୍ତାନ ପ୍ରସବ ପାଇଁ ବିଭିନ୍ନ ପ୍ରକାରର ଚିକିତ୍ସା ନେଉଥିଲେ। ଏହା ଦେଖି ମୁଁ ମା' ହେବା ନେଇ ମୋର ନିଷ୍ପତ୍ତି ବଦଳାଇଥିଲି। ପରେ ମୁଁ ମାନସିକ ଭାବେ ମା' ହେବା ପାଇଁ ଯୋଜନା ପ୍ରସ୍ତୁତ କରିବା ସହ ୩ ମାସ ମଧ୍ୟରେ ଗର୍ଭବତୀ ହେଲି। ବିବାହର ୧୨ ବର୍ଷ ପରେ"। ସୂଚନାଯୋଗ୍ୟ, ମନ୍ଦିରା ଏବଂ ରାଜ୍ କୌଶଲ ୧୯୯୯ ରେ ବିବାହ କରିଥିଲେ। ୨୦୧୧ ରେ ଦୁହେଁ ନିଜ ପୁଅ ବୀରଙ୍କୁ ସ୍ୱାଗତ କରିଥିବାବେଳେ ୨୦୨୦ରେ ସେମାନଙ୍କ ଝିଅ ତାରା ଜନ୍ମଗ୍ରହଣ କରିଥିଲେ।

## ବିଶ୍ୱର ସବୁଠାରୁ ଗେଡ଼ା ଦମ୍ପତି

ବ୍ରାସିଲିଆ

ଗିନିଜ ୱାର୍ଲ୍ଡ ରେକର୍ଡସ୍ ସଂଗଠନ କ୍ରମାଗତ ବିଭିନ୍ନ ଉଲ୍ଲେଖନୀୟ ମାନବୀୟ ସଫଳତାକୁ ସ୍ୱୀକୃତି ଦେଇଥାଏ। ନିକଟରେ ଏହା ବ୍ରାଜିଲର ଏକ ଦମ୍ପତିଙ୍କୁ ବିଶ୍ୱର ସବୁଠାରୁ କମ୍ ଉଚ୍ଚତା ବିଶିଷ୍ଟ ଦମ୍ପତି ଆଖ୍ୟା ପ୍ରଦାନ କରିଛି, ଯାହା ଅନେକ ସୋସିଆଲ ମିଡିଆ ୟୁଜର୍ସଙ୍କର ଦୃଷ୍ଟି ଆକର୍ଷଣ କରିପାରିଛି।

୧୭ ସେପ୍ଟେମ୍ବର ୨୦୧୬ରେ ବିବାହ କରିଥିବା ବ୍ରାଜିଲର ୩୧ ବର୍ଷୀୟ ପାଓଲୋ ଗାବ୍ରିଏଲ୍ ଦା ସିଲ୍‌ଭା ବାରୋସ ଓ ତାଙ୍କ ସ୍ତ୍ରୀ କଟ୍ୟୁସିଆ ଲି ହୋଶିନୋ(୨୮) ବିଶ୍ୱର ସବୁଠାରୁ କମ୍ ଉଚ୍ଚତା ବିଶିଷ୍ଟ ଦମ୍ପତି ଭାବେ ମାନ୍ୟତା ପାଇଛନ୍ତି। ଗାବ୍ରିଏଲଙ୍କ ଉଚ୍ଚତା ୯୦.୨୮ ସେମି(ପ୍ରାୟ ୨.୯୬ଫୁଟ୍) ହୋଇଥିବାବେଳେ ତାଙ୍କ ସ୍ତ୍ରୀ କଟ୍ୟୁସିଆଙ୍କ ଉଚ୍ଚତା ୯୧.୧୩ ସେମି(ପ୍ରାୟ ୨.୯୯ ଫୁଟ୍) ରହିଛି। ଏହି ଦମ୍ପତିଙ୍କର ମିଳିତ ଉଚ୍ଚତା ୧୮୧.୪୧ ସେମି ରହିଛି, ଯାହା ଏକ ବିଶ୍ୱ ରେକର୍ଡ ହୋଇଥିବା ଗିନିଜ ୱାର୍ଲ୍ଡ ରେକର୍ଡସ ପକ୍ଷରୁ କୁହାଯାଇଛି।

ପ୍ରଥମଥର ପାଇଁ ୨୦୦୬ରେ ଭର୍ଚୁଆଲ୍ ଯୋଗେ ଉଭୟ ଗାବ୍ରିଏଲ୍ ଓ କଟ୍ୟୁସିଆ ପରସ୍ପରକୁ ଜାଣିବାକୁ ପାଇଥିଲେ। ଗିନିଜ ରେକର୍ଡସ୍‌ରେ ସ୍ଥାନ ପାଇ ଗାବ୍ରିଏଲ୍ କହିଛନ୍ତି, " ଆମେ ଉଚ୍ଚତାରେ ଛୋଟ ହୋଇପାରୁ, କିନ୍ତୁ ଆମର ହୃଦୟ ବଡ଼ ଏବଂ ଆମେ ପରସ୍ପରକୁ ବହୁତ ଭଲ ପାଉ। ଆମ ଜୀବନରେ ଅନେକ ସମସ୍ୟା ଥିଲେ ମଧ୍ୟ ମୁଁ ଏବଂ କଟ୍ୟୁସିଆ ଖୁସିର ସହ ଏସବୁକୁ ଏକାଠି ମିଶି ସାମ୍ନା କରୁ "। ସାମାଜିକ ଚାପର ସମ୍ମୁଖୀନ ହେବା ପରିବର୍ତ୍ତେ ଉଭୟେ ଗାବ୍ରିଏଲ୍ ଓ କଟ୍ୟୁସିଆ ନିଜ ନିଜର ଶାରୀରିକ ଗୁଣକୁ ଗ୍ରହଣ କରି ପରସ୍ପର ମଧ୍ୟରେ ଏକ ସ୍ଥାୟୀ ସହଭାଗିତା ସୃଷ୍ଟି କରି ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଥିବା ସୋସିଆଲ ମିଡିଆରେ ଅନେକ ୟୁଜର୍ସ ମତ ଦେଇଛନ୍ତି।




**ଗିନିଜ୍ ୱାର୍ଲ୍ଡ ରେକର୍ଡସ୍‌ରେ ସ୍ଥାନ ପାଇଲେ**

# ଧରାପଡ଼ିଲା ଏନ୍‌ଇଇଟି ମିଛ



ପାଟନାରେ ଶନିବାର ବିକ୍ଷୋଭରତ ଛାତ୍ରଙ୍କୁ ଲାଠିରେ ପିଟୁଛନ୍ତି ଜଣେ ପୋଲିସ କର୍ମଚାରୀ। (ଫଟୋ: ପି.ଟି.)

## ପ୍ରଶ୍ନପତ୍ର ଲିକ୍ ମାମଲାରେ ବିହାର, ଗୁଜରାଟରୁ ୧୮ ଗିରଫ

ପାଟନା/ଗୋଧ୍ରା,୧୫।୬

ଚଳିତ ବର୍ଷ ଡାକ୍ତରୀ ପାଠ୍ୟକ୍ରମରେ ନାମଲେଖା ଲାଗି ଅନୁଷ୍ଠିତ ନ୍ୟାଶନାଲ ଏଲିଜିବିଲିଟି କମ୍ ଏଣ୍ଟ୍ରାନ୍ସ ଟେଷ୍ଟ (ଏନ୍‌ଇଇଟି)-ୟୁଜି ପରୀକ୍ଷାରେ ପ୍ରଶ୍ନପତ୍ର ଲିକ୍ ସହ ବ୍ୟାପକ ଅନିୟମିତତା ଅଭିଯୋଗ ହୋଇଥିଲେ ହେଁ କେନ୍ଦ୍ର ସରକାର ଏହାକୁ ଖଣ୍ଡନ କରି ଆସୁଥିଲେ। ତେବେ ପ୍ରଶ୍ନପତ୍ର ଲିକ୍ ମାମଲାରେ ବିହାରରୁ ୧୩ ଜଣ ଏବଂ ଗୁଜରାଟର ଗୋଧ୍ରା ସେଣ୍ଟରରୁ ୫ ଜଣଙ୍କୁ ଗିରଫ କରାଯିବା ପରେ ସରକାରଙ୍କ ମିଛ ପଦାରେ ପଡ଼ିଛି। ବିହାରର ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ପ୍ରଶ୍ନପତ୍ର ଲିକ୍ ସହ ସମ୍ପୃକ୍ତ ୯ ଜଣ ପରୀକ୍ଷାର୍ଥୀଙ୍କୁ ପରୀକ୍ଷା ପର୍ଯ୍ୟବେକ୍ଷକ ୟୁନିଟ୍ (ଇଓୟୁ) ନୋଟିସ ପଠାଇଛନ୍ତି। ପ୍ରଶ୍ନପତ୍ର ଲିକ୍ ଅଭିଯୋଗରେ ପୋଲିସ ୪ ପରୀକ୍ଷାର୍ଥୀଙ୍କ ସମେତ ୧୩ ଜଣଙ୍କୁ ଗିରଫ କରିଛି। ୯ ଜଣ ଛାତ୍ରୀଛାତ୍ରଙ୍କ ସମ୍ପର୍କରେ ତଥ୍ୟ ଦେବାକୁ ଇଓୟୁ ପରୀକ୍ଷା ପରିଚାଳନାକାରୀ ସଂସ୍ଥା ଏନ୍‌ଟିଏକୁ କହିଥିଲା। ସେମାନଙ୍କ ସହ ଅଭିଭାବକମାନଙ୍କୁ ମଧ୍ୟ ଇଓୟୁ ସମନ କରିଛି। ସାଲଭର ଗ୍ୟାଙ୍ଗକୁ ଉକ୍ତ ୧୩ ପରୀକ୍ଷାର୍ଥୀଙ୍କ ରୋଲ୍ କୋଡ୍ ମିଳିଥିଲା ବୋଲି ପୋଲିସ ତଦନ୍ତରୁ ଜାଣିବାକୁ ପାଇଥିଲା। ଉକ୍ତ ଗ୍ୟାଙ୍ଗ୍ ସେମାନଙ୍କୁ ପରୀକ୍ଷା ପୂର୍ବରୁ ଲିକ୍ ପ୍ରଶ୍ନପତ୍ର ଯୋଗାଇଥିଲା କି ନାହିଁ ତାହାର ତଦନ୍ତ ଜାରି ରହିଛି।

ସେହିପରି ଏନ୍‌ଇଇଟି-ୟୁଜିରେ ଅନିୟମିତତା ଅଭିଯୋଗ ଆଧାରରେ ଗୁଜରାଟ ପୋଲିସ ଗୋଧ୍ରାର ଏକ କୋଚିଂ ସେଣ୍ଟର ମୁଖ୍ୟଙ୍କ ସମେତ ୫ ଜଣଙ୍କୁ ଗିରଫ କରିଛି। ଅଭିଯୋଗ ଅନୁଯାୟୀ ଗୋଟିଏ ଗୋଷ୍ଠୀ ଶିକ୍ଷକଙ୍କ ଦ୍ୱାରା ବଡ଼ୋଦରାରେ ଚାଲିଥିବା କୋଚିଂ ସେଣ୍ଟରରେ ଡଜନେ ଛାତ୍ରୀଛାତ୍ର ଓ ସେମାନଙ୍କ ଅଭିଭାବକ ଦୁର୍ନୀତି ସହ ସମ୍ପୃକ୍ତ ଥିଲେ। ଏହି ପିଲାଙ୍କ ମା'ବାପା ଟଙ୍କା ଦେଇଥିଲେ। ଯେଉଁ ପ୍ରଶ୍ନର ଉତ୍ତର ଜଣାନାହିଁ, ତାହା ନ କରି ଛାଡ଼ିଦେବା ପାଇଁ ସେମାନଙ୍କୁ କୁହାଯାଇଥିଲା। ସେଥିରେ ଉତ୍ତର ଲେଖିବା ପାଇଁ ଶିକ୍ଷକମାନଙ୍କୁ ନିୟୋଜିତ କରାଯାଇଥିଲା। ଗୁଜରାଟ ପଞ୍ଚମହଲ ଜିଲା ପୋଲିସ ଗୋଧ୍ରା ପରୀକ୍ଷା କେନ୍ଦ୍ର ଅନିୟମିତତା ଅଭିଯୋଗର ତଦନ୍ତ ଚଳାଇଥିବାବେଳେ ଶିକ୍ଷା ଉପଦେଷ୍ଟା ବିଭୋର ଆନନ୍ଦ ଏବଂ ପ୍ରିନ୍ସିପାଲ ପୁରୁଷୋତ୍ତମ ଶର୍ମାଙ୍କ ସମେତ ମୁଖ୍ୟ ଅଭିଯୁକ୍ତ ତୁଷାର ଭଟ୍ଟଙ୍କୁ ଗିରଫ କରିଛି। ତୁଷାର ନିଟ୍ ପରୀକ୍ଷା କେନ୍ଦ୍ରର ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଥିଲେ। ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ପର୍ଶୁରାମ ରାୟ ବଡୋଦରା ଇମିଗ୍ରେଶନ ଏଜେନ୍ସିର ମାଲିକ। ଆନନ୍ଦ ଓ ଅନ୍ୟମାନଙ୍କ ସହ ତାଙ୍କର ଯୋଗାଯୋଗ ଥିଲା। ପୋଲିସ କହିବା ଅନୁଯାୟୀ ୪ ଜଣ ପରୀକ୍ଷାର୍ଥୀ କୋଚିଂ ସେଣ୍ଟରକୁ ୬୬ ଲକ୍ଷ ଟଙ୍କା ଲେଖାଏ ଦେଇଥିବାବେଳେ ଅନ୍ୟ ୩ ଜଣ ବ୍ୟାଙ୍କ ଚେକ୍ ପ୍ରଦାନ କରିଥିଲେ। ପରୀକ୍ଷାର୍ଥୀଙ୍କ ଅଭିଭାବକମାନେ ରାୟ, ତୁଷାର ଓ ଗୋଧ୍ରାର ଅରିଫ୍ ଭୋରାଙ୍କୁ ମୋଟ ୨.୮୨ କୋଟି ଟଙ୍କା ଦେଇଥିବା ତଦନ୍ତରୁ ଜଣାପଡ଼ିଛି। ପୋଲିସ ଉକ୍ତ ବ୍ୟାଙ୍କ ଚେକ୍‌କୁ ଜବତ କରିଛି। ରାୟଙ୍କ ସହ ପିଲାଙ୍କ ଅଭିଭାବକମାନେ ଟଙ୍କା କାରବାର କରିଥିବା ମଧ୍ୟ ଜଣାପଡ଼ିଛି। ଏହା ଏକ ଖୋଲା ଦୁର୍ନୀତି ବୋଲି ଗୁଜରାଟ କଂଗ୍ରେସ ମୁଖପାତ୍ର ମନୀଷ ଡୋସି କହିବା ସହ ଏହା କିପରି ଘଟିଲା ଏବଂ ଏଥିରେ କେଉଁମାନେ ସମ୍ପୃକ୍ତ ରାଜ୍ୟ ସରକାର ସବିଶେଷ ବିବରଣୀ ଦେବାକୁ ଦାବି କରିଛନ୍ତି। ବିହାର ଓ ଗୁଜରାଟରେ ଲିକ୍ ର୍‍ୟାକେଟ୍‌ର ପର୍ଦ୍ଦାଫାଶ ସତ୍ତ୍ୱେ କେନ୍ଦ୍ର ଏନ୍‌ଇଇଟି ପ୍ରଶ୍ନପତ୍ର ଲିକ୍ ଅଭିଯୋଗକୁ ଖଣ୍ଡନ କରିଚାଲିଛି। ସୂଚନାଯୋଗ୍ୟ, ଗତ ମେ' ୫ରେ ୨୪ ଲକ୍ଷ ଛାତ୍ରୀଛାତ୍ର ଦେଶର ୪,୭୫୦ ସେଣ୍ଟରରେ ଏନ୍‌ଇଇଟି-ୟୁଜି ପରୀକ୍ଷା ଦେଇଥିଲେ। ଜୁନ୍ ୪ ତାରିଖ ଲୋକ ସଭା ନିର୍ବାଚନ ଭୋଟ ଗଣତି ଦିନ ଏହି ପରୀକ୍ଷା ଫଳ ଘୋଷଣା କରାଯାଇଥିଲା। କେତେକ ରାଜ୍ୟରେ ପ୍ରଶ୍ନପତ୍ର ଲିକ୍ ହେବା ସହ ପରୀକ୍ଷାରେ ଅନିୟମିତତା ନେଇ ଅଭିଯୋଗ ହୋଇଥିଲା। ୬୭ ଜଣ ପିଲା ୭୨୦ରୁ ୭୨୦ ନମ୍ବର ରଖିଥିଲେ।

## ୧୯,୨୦ରେ ଦେଶବ୍ୟାପୀ ଆନ୍ଦୋଳନ

ନୂଆଦିଲ୍ଲୀ,୧୫।୬

ଏନ୍‌ଇଇଟି ପରୀକ୍ଷାରେ ହୋଇଥିବା ଦୁର୍ନୀତିର ନିରପେକ୍ଷ ତଦନ୍ତ ଏବଂ ସାନି ପରୀକ୍ଷା ଦାବିରେ ବାମପନ୍ଥୀ ଛାତ୍ର ସଂଗଠନ ଅଲ୍ ଇଣ୍ଡିଆ ଷ୍ଟୁଡେଣ୍ଟସ୍ ଆସୋସିଏଶନ୍ (ଏଆଇଏସ୍‌ଏ) ପକ୍ଷରୁ ଆସନ୍ତା ୧୯ ଓ ୨୦ ତାରିଖରେ ଦେଶବ୍ୟାପୀ ଆନ୍ଦୋଳନ କରିବାକୁ ଡାକରା ଦିଆଯାଇଛି। ୬୭ ଜଣ ପରୀକ୍ଷାର୍ଥୀଙ୍କୁ ସର୍ବୋଚ୍ଚ ନମ୍ବର ଦିଆଯିବାକୁ ନେଇ ବିବାଦ ସୃଷ୍ଟି ହୋଇଥିଲା। ହରିୟାଣାର ଗୋଟିଏ ପରୀକ୍ଷା କେନ୍ଦ୍ରର ୬ ଜଣ ପିଲା ସର୍ବୋଚ୍ଚ ନମ୍ବର ରଖିଥିଲେ। ଫଳରେ ପରୀକ୍ଷାରେ ଜାଲିଆତି ସାଙ୍ଗକୁ ପ୍ରଶ୍ନପତ୍ର ଲିକ୍ ହୋଇଥିବା ନେଇ ଅଭଯୋଗ ଉଠିଥିଲା। କେତେକ ପରୀକ୍ଷା କେନ୍ଦ୍ରର ଛାତ୍ରୀଛାତ୍ରଙ୍କୁ ଅଧିକ ଗ୍ରେସ୍‌ମାର୍କ ଦିଆଯିବାକୁ ନେଇ ଅନ୍ୟମାନେ ପ୍ରଶ୍ନ ଉଠାଇଥିଲେ। ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ)ର ଦୁର୍ନୀତି ଓ କୁପରିଚାଳନା ବିରୋଧରେ ଓ ସାନି ପରୀକ୍ଷା ଦାବିରେ ଦୁଇଦିନିଆ ଆନ୍ଦୋଳନ ଡାକରା ଦିଆଯାଇଛି। ଏହି ପ୍ରସଙ୍ଗରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନୀରବତାକୁ ନେଇ ଏଆଇଏସ୍‌ଏର ଦିଲ୍ଲୀ ରାଜ୍ୟ ସମ୍ପାଦକ ନେହା ପ୍ରଶ୍ନ ଉଠାଇଛନ୍ତି। ନୂଆଦିଲ୍ଲୀରେ ଏକ ଖବରଦାତା ସମ୍ମିଳନୀରେ ମେଡିକାଲ ଶିକ୍ଷା ଆଶାୟୀମାନେ ଚିନ୍ତାବ୍ୟକ୍ତ କରିଛନ୍ତି। ଜବାହରଲାଲ୍ ନେହେରୁ ୟୁନିଭର୍ସିଟି (ଜେଏନ୍‌ୟୁ) ଛାତ୍ର ସଂଗଠନ ସଭାପତି ଧନଞ୍ଜୟ ଏନ୍‌ଟିଏକୁ ନିନ୍ଦା କରିଛନ୍ତି। କଂଗ୍ରେସ ଓ ଡିଏମ୍‌କେ ସମେତ ବିରୋଧୀ ଦଳଗୁଡ଼ିକ କେନ୍ଦ୍ର ସରକାରଙ୍କ ନୀରବତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ଇତିମଧ୍ୟରେ ପରୀକ୍ଷା ଦେଇଥିବା ୨୦ ଛାତ୍ରୀଛାତ୍ର ସୁପ୍ରିମକୋର୍ଟରେ ପିଟିଶନ ଦାଖଲ କରିଛନ୍ତି। ଏନ୍‌ଇଇଟି-ୟୁଜି ୨୦୨୪ ପରୀକ୍ଷାକୁ ବାତିଲ କରାଯାଇ ସାନି ପରୀକ୍ଷା ପାଇଁ ଏନ୍‌ଟିଏକୁ ନିର୍ଦ୍ଦେଶ ଦେବାକୁ ସେମାନେ ସର୍ବୋଚ୍ଚ ଅଦାଲତଙ୍କୁ ନିବେଦନ କରିଛନ୍ତି। ଏଥିସହିତ ସୁପ୍ରିମକୋର୍ଟଙ୍କ ତତ୍ତ୍ୱାବଧାନରେ ସିବିଆଇ କିମ୍ବା ଅନ୍ୟ ସ୍ୱାଧୀନ ସଂସ୍ଥା ଦ୍ୱାରା ପରୀକ୍ଷା ଅନିୟମିତତାର ତଦନ୍ତ ପାଇଁ ସେମାନେ ଦାବି କରିଛନ୍ତି। ସୂଚନାଯୋଗ୍ୟ, ଗତ ଗୁରୁବାର ଅନ୍ୟ ଏକ ପିଟିଶନ୍‌ର ଶୁଣାଣି ବେଳେ ୧,୫୬୩ ପରୀକ୍ଷାର୍ଥୀଙ୍କୁ ଦିଆଯାଇଥିବା ଗ୍ରେସ୍ ମାର୍କ ରଦ୍ଦ ହେବା ସହ ସେମାନେ ଚାହିଁଲେ ଜୁନ୍ ୨୩ରେ ପୁଣିଥରେ ପରୀକ୍ଷା ଦେଇପାରିବେ ବୋଲି କେନ୍ଦ୍ର ସରକାର ଓ ଏନ୍‌ଟିଏ କର୍ତ୍ତୃପକ୍ଷ ସୁପ୍ରିମକୋର୍ଟଙ୍କୁ କହିଥିଲେ।

# ଲୋକଙ୍କୁ ଉତ୍ତମ ସେବା ଦିଅ

**ପୋଲିସର କାର୍ଯ୍ୟକଳାପ କେଉଁଠି ନା କେଉଁଠି ଲୋକଙ୍କ ଆସ୍ଥାଭାଜନ ବା ପିପୁଲ୍ ଫ୍ରେଣ୍ଡଲି ହୋଇପାରୁନାହିଁ। ଏହି କାରଣରୁ ଅସୁବିଧାର ସମ୍ମୁଖୀନ ହେଉଥିଲେ ମଧ୍ୟ ଅନେକ ସମୟରେ ଲୋକମାନେ ପୋଲିସର ଦ୍ୱାରସ୍ଥ ହେଉନାହାନ୍ତି। ତେଣୁ ସାଧାରଣ ଲୋକମାନଙ୍କୁ ଗୁଣାତ୍ମକ ସେବା ଯୋଗାଇଦେବା ଉପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁତ୍ୱାରୋପ କରିଛନ୍ତି। ଶନିବାର ପୋଲିସ ବିଭାଗର ଅଧିକାରୀଙ୍କ ସହ ଆଲୋଚନା ସମୟରେ ଓଡ଼ିଶାବାସୀଙ୍କୁ ଉନ୍ନତ ସେବା ଯୋଗାଇବା ସହ ଆଇନ୍‌ଶୃଙ୍ଖଳା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।**



## ପୋଲିସ ବିଭାଗକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୧୫।୬(ସୂର୍ଯ୍ୟକାନ୍ତ ବେହେରା)

ଓଡ଼ିଶାରେ ନୂଆ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦାୟିତ୍ୱ ନେବା ପରେ ବିଭିନ୍ନ ବିଭାଗର ମୁଖ୍ୟଙ୍କ ସହ ସମୀକ୍ଷା କରି ଆଲୋଚନା କରୁଛନ୍ତି। ଏହିକ୍ରମରେ ରାଜ୍ୟର ଆଇନଶୃଙ୍ଖଳା ସ୍ଥିତି ନେଇ ମୁଖ୍ୟମନ୍ତ୍ରୀ ମାଝୀ ଶନିବାର ପୋଲିସ ବିଭାଗର ଅଧିକାରୀମାନଙ୍କ ସହ ଆଲୋଚନା କରିଛନ୍ତି। ଥାନାକୁ ଆସୁଥିବା ଅଭିଯୋଗକାରୀ ଯେପରି ହଇରାଣ ନ ହୁଅନ୍ତି ସେଥିପ୍ରତି ଦୃଷ୍ଟି ଦେଇ ଲୋକଙ୍କୁ ଗୁଣାତ୍ମକ ସେବା ପ୍ରଦାନ ଏବଂ ଉତ୍ତମ ବ୍ୟବହାର କରିବାକୁ ଗୁରୁତ୍ୱାରୋପ କରିଛନ୍ତି। ଏପରିକି ଲୋକଙ୍କୁ ହଇରାଣ ନ କରି ତୁରନ୍ତ ନ୍ୟାୟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ଅତିଥି ଭବନର ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ରାଜ୍ୟ ପୋଲିସ ବିଭାଗର ବରିଷ୍ଠ ଅଧିକାରୀଗଣ ସୌଜନ୍ୟମୂଳକ ସାକ୍ଷାତ୍‌ବେଳେ ମୁଖ୍ୟମନ୍ତ୍ରୀ ଓଡିଶା ପୋଲିସକୁ ଏଭଳି ପରାମର୍ଶ ଦେଇଛନ୍ତି।

ଏହି ସୌଜନ୍ୟମୂଳକ ସାକ୍ଷାତରେ ପୋଲିସ ମହାନିର୍ଦ୍ଦେଶକ ଅରୁଣ ଷଡ଼ଙ୍ଗୀ, ଗୃହ ବିଭାଗର ସ୍ୱତନ୍ତ୍ର ସଚିବ ସନ୍ତୋଷ ବାଲା, ଗୋଇନ୍ଦା ନିର୍ଦ୍ଦେଶକ ସୌମେନ୍ଦ୍ର ପ୍ରିୟଦର୍ଶୀ, ଆଇନଶୃଙ୍ଖଳା ଏଡିଜି ଆର୍.କେ. ଶର୍ମାଙ୍କ ସମେତ କଟକ ଓ ଭୁବନେଶ୍ୱର ସହରାଞ୍ଚଳ ଜିଲାର ବହୁ ବରିଷ୍ଠ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ। ଏନେଇ ସାକ୍ଷାତ ପରେ ଗଣମାଧ୍ୟମ ଆଗରେ ପୋଲିସ ଡିଜି କହିଛନ୍ତି, ଅନେକ ପ୍ରସଙ୍ଗରେ ଆଲୋଚନା ହେଲା। ରାଜ୍ୟରେ ପୋଲିସର ସ୍ଥିତି ଓ ଆଇନଶୃଙ୍ଖଳା ବାବଦରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଯାଇଛି। ବିଶେଷକରି ଜନସାଧାରଣଙ୍କୁ ଗୁଣାତ୍ମକ ସେବା ଦେବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ସେହିପରି ଆସନ୍ତା ଜୁଲାଇରୁ କାର୍ଯ୍ୟକାରୀ ହେବାକୁ ଥିବା ୩ଟି ନୂଆ ଆଇନ ବାବଦରେ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଯାଇଥିବା ଡିଜି କହିଥିଲେ। ଅପରପକ୍ଷେ ସମୀକ୍ଷା ବୈଠକରେ ବରିଷ୍ଠ ଆଇପିଏସ୍ ଅଧିକାରୀ ଡି. ଏସ୍. କୁଟ୍ଟେ ଓ ଆଇଜି ଆଶିଷ ସିଂ ବୈଠକରେ ଉପସ୍ଥିତ ଥିବା ଦେଖିବାକୁ ମିଳି ନ ଥିଲା। ଉଭୟେ ବୈଠକକୁ ଆସିଲେ ନାହିଁ କିମ୍ବା ସେମାନଙ୍କୁ ବୈଠକରୁ ବାଦ୍ ରଖାଗଲା, ତାକୁ ନେଇ ବିଭିନ୍ନ ମହଲରେ ଚର୍ଚ୍ଚା ଜୋର ଧରିଛି। ଅନ୍ୟପଟେ ମୁଖ୍ୟମନ୍ତ୍ରୀଙ୍କ କଡ଼ା ଆଭିମୁଖ୍ୟ ପରେ ରାଜ୍ୟ ପୋଲିସ ବିଭାଗ ଏବେ କେତେ ତତ୍ପର ହେଉଛି ତାହା ଉପରେ ଆଗାମୀ ଦିନରେ ସମସ୍ତଙ୍କ ନଜର ରହିଛି।

# ମାଲବାହୀ ପାଇଁ ଉଦ୍ଦିଷ୍ଟ ଧାରଣାରେ ଅଟକିଲା ଏକ୍ସପ୍ରେସ୍

ଢେଙ୍କାନାଳ,୧୫।୬(ରତନ ନାୟାର)

ଢେଙ୍କାନାଳ ରେଳ ଷ୍ଟେଶନରେ ଥିବା ୧ ଓ ୨ନଂ. ପ୍ଲାଟଫର୍ମରେ ଅପ୍ ଓ ଡାଉନ୍ ଟ୍ରେନ୍‌ଗୁଡ଼ିକ ରହଣି କରୁଥିବା ବେଳେ ମଝିରେ ଥିବା ୨ଟି ଟ୍ରାକ୍ ମାଲବାହୀ ଟ୍ରେନ୍‌ଗୁଡ଼ିକ ପାଇଁ ଉଦ୍ଦିଷ୍ଟ ରହିଛି। ହେଲେ ଶନିବାର ସକାଳ ୮ଟାରେ ମାଲମାହୀ ଟ୍ରେନ୍ ପାଇଁ ଉଦ୍ଦିଷ୍ଟ ଥିବା ଏକ ଟ୍ରାକ୍‌ରେ ଭୁବନେଶ୍ୱର-ସୋନପୁର ଏକ୍ସପ୍ରେସ୍ ଟ୍ରେନ୍ ଅଟକିବା ଟ୍ରେନ୍ ଯାତ୍ରୀମାନଙ୍କୁ ଚକିତ କରିଦେବା ସହ ବଡ଼ ଅସୁବିଧାର ସମ୍ମୁଖୀନ କରାଇଥିଲା। ଏହାକୁ ନେଇ ଯାତ୍ରୀମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଥିଲା।

ସୂଚନା ଅନୁଯାୟୀ, ଭୁବନେଶ୍ୱର-ସୋନପୁର ଏକ୍ସପ୍ରେସ୍ ୧ନଂ. ପ୍ଲାଟଫର୍ମରେ ଆସିବାର ଥିଲା। ହେଲେ ଏହା ଉକ୍ତ ପ୍ଲାଟଫର୍ମରେ ନ ଆସି ମାଲବାହୀ ଟ୍ରେନ୍ ପାଇଁ ଥିବା ମଝି ଧାରଣାରେ ଆସି ଅଟକିଥିଲା। ଫଳରେ ଯାତ୍ରୀମାନେ ଟ୍ରେନ୍‌ରୁ ଓହ୍ଲାଇବା ପାଇଁ ନାନା ପ୍ରକାର ଅସୁବିଧାର ସମ୍ମୁଖୀନ ହୋଇଥିଲେ। କେତେଜଣ ଯାତ୍ରୀ ବହୁ କଷ୍ଟରେ ସେମାନଙ୍କ ସାମଗ୍ରୀ ନେଇ ପ୍ଲାଟଫର୍ମ ଉପରକୁ ଉଠୁଥିବା ଦେଖାଯାଇଥିଲା। ଢେଙ୍କାନାଳ ରେଳ ଷ୍ଟେଶନରେ ଷ୍ଟପେଜ୍ ଥିବା ବେଳେ ଉକ୍ତ ଏକ୍ସପ୍ରେସ୍ କିଭଳି ଭୁଲ ଧାରଣାରେ ଆସିଲା ତାହା ତଦନ୍ତ ସାପେକ୍ଷ ବୋଲି ସାଧାରଣରେ ଦାବି ହୋଇଛି।




ଢେଙ୍କାନାଳ ରେଳ ଷ୍ଟେଶନର ମଝି ଲାଇନରେ ଭୁବନେଶ୍ୱର-ସୋନପୁର ଏକ୍ସପ୍ରେସ ଟ୍ରେନ୍ ଅଟକି ରହିଛି।

# ହେଲୋ ଫ୍ରମ୍ ମେଲୋଡି ଟିମ୍

## ମୋଦିଙ୍କ ସହ ମେଲୋନିଙ୍କ ସେଲ୍‌ଫି ଭାଇରାଲ

ବାରି(ଇଟାଲୀ),୧୫।୬



ଜି୭ ସମିଟ୍ ଅବସରରେ ଇଟାଲୀ ପ୍ରଧାନମନ୍ତ୍ରୀ ଜିର୍ଜିଆ ମେଲୋନି ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଏକ ସେଲ୍‌ଫି ଭିଡିଓକୁ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ଏଥିରେ ସେ 'ହେଲୋ ଫ୍ରମ୍ ମେଲୋଡି ଟିମ୍' କହୁଥିବା ଶୁଣାଯାଇଛି। ଉକ୍ତ ଭିଡିଓ ଭାଇରାଲ ହେବା ପରେ ସୋସିଆଲ ମିଡିଆ ୟୁଜର୍ସ ଏହା ଉପରେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। କେତେଜଣ ୟୁଜର ସେମାନଙ୍କ ସମ୍ପର୍କକୁ ନେଇ ଭିନ୍ନ ଭିନ୍ନ କଳ୍ପନାଜଳ୍ପନା କରିଛନ୍ତି। କେହି ଜଣେ ମେଲୋନିଙ୍କୁ ମୋଦିଙ୍କ ଇଟାଲୀୟ ପ୍ରତିପକ୍ଷ ଭାବି ବୋଲି ଲେଖିଛନ୍ତି। ନଜର ନ ଲାଗୁ ବୋଲି ମଧ୍ୟ ଜଣେ ୟୁଜର ଲେଖିଛନ୍ତି।

୭୩ ବର୍ଷୀୟ ମୋଦି ତୃତୀୟ ଥର ପାଇଁ ସରକାର ଗଢ଼ିବା ପରେ ମେଲୋନିଙ୍କ ନିମନ୍ତ୍ରଣକ୍ରମେ ଜି୭ ସମ୍ମିଳନୀରେ ଯୋଗଦେବା ପାଇଁ ପ୍ରଥମ ବିଦେଶ ଗସ୍ତରେ ଯାଇଥିଲେ। ୪୭ ବର୍ଷୀୟା ମେଲୋନି ଶନିବାର ମୋଦିଙ୍କ ସହ ୫ ସେକେଣ୍ଡର ଭିଡିଓକୁ ଏକ୍ସ'ରେ ପୋଷ୍ଟ କରିଛନ୍ତି। ଏଥିରେ ମେଲୋନି 'ହେଲୋ ଫ୍ରମ୍ ମେଲୋଡି ଟିମ୍' କହୁଥିବାବେଳେ ପଛରେ ଛିଡ଼ାହୋଇଥିବା ମୋଦି ହସୁଥିବା ଦେଖାଯାଇଛି। ମୋଦି ମଧ୍ୟ ଉକ୍ତ ଭିଡିଓକୁ ରିଶେୟାର କରି 'ଭାରତ-ଇଟାଲୀ ବନ୍ଧୁତା ଦୀର୍ଘଜୀବୀ ହେଉ' ବୋଲି ଲେଖିଛନ୍ତି। ସୂଚନାଯୋଗ୍ୟ, ଗତବର୍ଷ ଦୁବାଇରେ ୨୮ତମ ଜଳବାୟୁ ସମ୍ମିଳନୀ (କପ୍‌୨୮) ଅବସରରେ ଉଭୟ ନେତା ଏକ ସେଲ୍‌ଫି ଉଠାଇଥିଲେ। ମେଲୋନି ଉକ୍ତ ସେଲ୍‌ଫିକୁ ଶେୟାର କରିବା ସହ ସେଥିରେ କପ୍‌୨୮ରେ ଉତ୍ତମ ବନ୍ଧୁ ବୋଲି ଲେଖିଥିଲେ। ଶୁକ୍ରବାର ଉଭୟଙ୍କ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧି ନେଇ ଆଲୋଚନା ହୋଇଥିଲା। ଭାରତ-ମଧ୍ୟପ୍ରାଚ୍ୟ-ୟୁରୋପ ଅର୍ଥନୈତିକ କରିଡର ସମେତ ବୈଶ୍ୱିକ ତଥା ବହୁପାକ୍ଷିକ ଇନିସିଏଟିଭ୍‌ରେ ସହଯୋଗ ବଢ଼ାଇବା ପାଇଁ ଉଭୟ ନେତା ରାଜି ହୋଇଥିଲେ।

## ଗୁମାଝରନ୍ ଜଳପ୍ରପାତରେ ବୁଡ଼ି ୨ ଭାଇଙ୍କ ମୃତ୍ୟୁ

ଗୋବିନ୍ଦପାଲି/ମାଲକାନଗିରି,୧୫।୬ (ଦୁର୍ଯ୍ୟୋଧନ ପାତ୍ର/କାର୍ତ୍ତିକ ରଥ)

ରଜରେ ପ୍ରକୃତି ଓ ଝରଣା କୂଳରେ ଖୁସି ମନାଇବାକୁ କୋରାପୁଟ ଜୟପୁରରୁ ମାଲକାନଗିରି ଜିଲା ଗୋବିନ୍ଦପାଲି ନିକଟ ଗୁମାଝରନ୍ ଜଳପ୍ରପାତ ପାଖକୁ ଶନିବାର ପରିବାର ଲୋକେ ଆସିଥିଲେ। କେବେ ସେମାନେ ଭାବି ନ ଥିଲେ ଯେ ଜଳପ୍ରପାତରେ ବୁଡ଼ି ୨ ଭାଇଙ୍କର ମୃତ୍ୟୁ ଘଟିବ। ମୃତକ ୨ ଜଣ ହେଲେ ପ୍ରଦୀପ ସାହୁ ଓ ସନ୍ଦୀପ ସାହୁ। ପ୍ରକାଶ ଯେ, ପରିବାର ଲୋକେ ଝରଣା ନିକଟରେ ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରୁଥିବା ବେଳେ ପଥର ଉପରେ ବସିଥିବା ପ୍ରଦୀପ ସାହୁଙ୍କ ଗୋଡ଼ ଖସିଯିବାରୁ ସେ ଜଳପ୍ରପାତର ତଳ ଭାଗରେ ଥିବା ପାଣିକୁଣ୍ଡରେ ବୁଡ଼ିଯାଇଥିଲେ। ଏହା ଦେଖି କୂଳରେ ବସିଥିବା ତାଙ୍କ ସାନଭାଇ ସନ୍ଦୀପ ତାଙ୍କୁ ଉଦ୍ଧାର କରିବାକୁ ଡେଇଁ ପଡ଼ିଥିଲେ। କିନ୍ତୁ ଗଭୀର ଜଳ ଭିତରୁ ତାଙ୍କୁ ଉଦ୍ଧାରକରି ପାରି ନ ଥିଲେ। ପାଖରେ ଛିଡ଼ାହେଇଥିବା ବାପା ବାଳକୃଷ୍ଣ ସାହୁ,ଭଉଣୀ ଓ ଭିଣୋଇ ଉଦ୍ଧାର ପାଇଁ ଚିତ୍କାର କରିଥିଲେ। ଏହା ଶୁଣି କିଛି ଦୂରରେ ଏକ ବଗିଚାରେ କାମ କରୁଥିବା ସ୍ଥାନୀୟ ଚାଷୀ ପହଞ୍ଚି ଥିଲେ। କିନ୍ତୁ ଦୂରରୁ ଆସି ପହଞ୍ଚିବା ଓ ବର୍ଷା ହେବା ଯୋଗୁ ଉଦ୍ଧାର କାର୍ଯ୍ୟ ଡେରି ହୋଇଯାଇଥିଲା। ଆମ୍ବୁଲାନ୍ସକୁ ଖବର ଦିଆଯାଇଥିଲା। କିନ୍ତୁ ରାସ୍ତା ଖରାପ ଯୋଗୁ ସେଠାରେ ପହଞ୍ଚିପାରି ନ ଥିଲା। ୨ ଭାଇଙ୍କୁ କିଛି ବାଟ ନେବା ପରେ ଆମ୍ବୁଲାନ୍ସରେ ମାଥିଲି ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ପରସ୍ପର ନାଁ ଧରି ଡାକନ୍ତି ହାତୀ

ଡେନଭର,୧୫।୬



ଲୋକେ ପରସ୍ପରକୁ ନାମ ଧରି ସମ୍ବୋଧନ କରିଥାନ୍ତି। ହାତୀମାନେ ମଧ୍ୟ ପରସ୍ପରକୁ ଅଲଗା ଅଲଗା ନାମ ବ୍ୟବହାର କରି ଡାକନ୍ତି ବୋଲି ଏକ ଅଧ୍ୟୟନରୁ ଜଣାପଡ଼ିଛି। ଆମେରିକାର କଲୋରାଡୋ ଷ୍ଟେଟ୍ ୟୁନିଭର୍ସିଟିର ଗବେଷଣାକାରୀଙ୍କ ଅଧ୍ୟୟନ ଅନୁଯାୟୀ ହାତୀମାନେ ସାଧାରଣତଃ ନିଜ ସାଥୀ ହାତୀମାନଙ୍କୁ ଅଲଗା ଅଲଗା ଧ୍ୱନି କରି ଡାକିଥାନ୍ତି। କୃତ୍ରିମ ବୁଦ୍ଧିମତ୍ତା ଆଲ୍‌ଗୋରିଦିମ୍‌କୁ ବ୍ୟବହାର କରାଯାଇ କେନିଆର ଅମ୍ବୋସେଲି ଜାତୀୟ ଉଦ୍ୟାନ ଏବଂ ବଫେଲୋ ସ୍ପ୍ରିଙ୍ଗସ୍ ନ୍ୟାଶନାଲ ରିଜର୍ଭସ୍‌ରେ ରହୁଥିବା ଆଫ୍ରିକୀୟ ସାଭାନା ହାତୀଙ୍କ ଶବ୍ଦ ବିଶ୍ଳେଷଣ କରି ପ୍ରସ୍ତୁତ ହୋଇଥିବା ଏହି ଅଧ୍ୟୟନ ନେଚର୍ ଇକୋଲୋଜୀ ଆଣ୍ଡ୍ ଇଭୋଲ୍ୟୁସନ ପତ୍ରିକାରେ ପ୍ରକାଶିତ ହୋଇଛି। ଅଧ୍ୟୟନରେ କୁହାଯାଇଛି, ଡଲଫିନ ଏବଂ ଶୁଆ ପରି ପ୍ରାଣୀ ନିଜ ପ୍ରଜାତିର ଅନ୍ୟ ପ୍ରାଣୀମାନଙ୍କର ସ୍ୱରକୁ ଅନୁକରଣ କରି ପରସ୍ପର ସହ କଥା ହୋଇଥାନ୍ତି। କିନ୍ତୁ ହାତୀ ହେଉଛନ୍ତି ପ୍ରଥମ ଅଣ ମାନବ ପ୍ରାଣୀ, ଯେଉଁମାନେ ପରସ୍ପରକୁ ଅଲଗା ଅଲଗା ଶବ୍ଦ କରି ଡାକିଥାନ୍ତି। ଏହି ଅଧ୍ୟୟନର ମୁଖ୍ୟ ଗବେଷକ ମିକି ପାର୍ଡୋ କହିଛନ୍ତି, " ହାତୀମାନେ ଅନ୍ୟ ହାତୀଙ୍କ ସହ କଥା ହେବା ପାଇଁ ଏକ ନିର୍ଦ୍ଦିଷ୍ଟ ଧ୍ୱନିକୁ ବ୍ୟବହାର କରିଥାନ୍ତି। ସେମାନେ ନିଜ ପାଇଁ ପ୍ରଚଳିତ ଧ୍ୱନିକୁ ଚିହ୍ନିଥାନ୍ତି ଏବଂ ସେହି ହିସାବରେ ପ୍ରତିକ୍ରିୟା ରଖିଥାନ୍ତି। ଅନ୍ୟ ହାତୀମାନଙ୍କ ପାଇଁ କରାଯାଉଥିବା ଶବ୍ଦକୁ ହାତୀମାନେ ସାଧାରଣତଃ ଅଣଦେଖା କରିଥାନ୍ତି। ସେମାନେ କେବଳ ଶବ୍ଦ ଶୁଣି ଜାଣିପାରନ୍ତି ଏହା ତାଙ୍କ ଉଦ୍ଦିଷ୍ଟ କି ନୁହେଁ "।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ତ୍ରିଭଙ୍ଗ କଳା ନିକେତନ ପକ୍ଷରୁ କଳା ଭାରତ ସଂସ୍କୃତି ଆୱାର୍ଡ, ସ୍ଥାନ: ଉତ୍କଳ ରଙ୍ଗମଞ୍ଚ, ସମୟ: ପୂର୍ବାହ୍ନ ୧୦ଟା।
- ୧୧ତମ ସୌରଭ ଦାସ ସ୍ମାରକୀ ଉତ୍ସବ ଅବସରରେ ବିଶ୍ୱତାପନ କର୍ମଶାଳା, ସ୍ଥାନ: ହୋଟେଲ ଏମ୍ପାୟାର୍ସ, ଶହୀଦ ନଗର, ସମୟ: ପୂର୍ବାହ୍ନ ୧୦ଟା।
- ପେନ୍ ଇନ୍ ବୁକ୍ସ ପରିବାର ପକ୍ଷରୁ ବନ୍ଧୁମିଳନ, ସ୍ଥାନ: ହୋଟେଲ ହିନ୍ଦୁସ୍ଥାନ ଇଣ୍ଟରନ୍ୟାଶନାଲ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଏକାମ୍ର ଗ୍ରାମୀଣ ସାଂସ୍କୃତିକ ପରିଷଦ ପକ୍ଷରୁ ଧଉଳି ରଜ ମହୋତ୍ସବ, ସ୍ଥାନ: ଧଉଳି, ବୌରଙ୍ଗେଶ୍ୱର ମନ୍ଦିର, ସମୟ: ପୂର୍ବାହ୍ନ ୧୧ଟା।
- ନ୍ୟୁ ବ୍ରାଇଡ୍ ଇଣ୍ଡିଆ ଏବଂ ଓଡ଼ିଶା ଷ୍ଟେଟ ମ୍ୟୁଜିୟମ୍ ମିଳିତ ଆନୁକୂଲ୍ୟରେ ଆର୍ଟ ଏକ୍ସିବିଶନ 'ବଏ ଡ୍ୟାମ୍ବର', ସ୍ଥାନ: ଓଡ଼ିଶା ଷ୍ଟେଟ ମ୍ୟୁଜିୟମ୍ ଆର୍ଟ ଗ୍ୟାଲେରୀ, ସମୟ: ଅପରାହ୍ନ ୪ଟା ୩୦।
- ସଂସ୍କାର ପକ୍ଷରୁ ସଙ୍ଗୀତ ସନ୍ଧ୍ୟା, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ଅପରାହ୍ନ ୫ଟା ୪୫।

## ପୁରୀ
- ରଜ ମେଳା, ସ୍ଥାନ: ବାଲିହରଚଣ୍ଡୀ ପୀଠ, ବ୍ରହ୍ମଗିରି, ସମୟ:ସକାଳ ୭ଟା।
- ଭିଲିଗ୍ରାମ ଗ୍ରାମପଞ୍ଚାୟତସ୍ତରୀୟ ୭ମ ରଜ ମହୋତ୍ସବ– ୨୦୨୪ର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ବିଷ୍ଣୁପୁର ନୋଡାଲ ଉଚ୍ଚବିଦ୍ୟାଳୟ ପରିସର, ନିମାପଡ଼ା, ସମୟ: ଅପରାହ୍ନ ୪ଟା।
- ନୀଳାଦ୍ରି କଲ୍ଚରାଲ ଏକାଡେମୀ ପକ୍ଷରୁ ରଜମହୋତ୍ସବ, ସ୍ଥାନ: ମୁକ୍ତାକାଶ ରଙ୍ଗମଞ୍ଚ, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀକ୍ଷେତ୍ର ରଜ ମହୋତ୍ସବ, ସ୍ଥାନ: ବୁଢ଼ୀମା ତୋଟା, ସମୟ: ସନ୍ଧ୍ୟା ୭ଟା।

## ଖୋର୍ଦ୍ଧା
- ସ୍ୱାଧୀନତା ସଂଗ୍ରାମୀ ଗୋକୁଳ ମୋହନ ରାୟଚୁଡ଼ାମଣିଙ୍କ ୧୧୪ତମ ଜୟନ୍ତୀ, ସ୍ଥାନ: ବିଡିଏ କଲୋନୀ ଛକ, ଖୋର୍ଦ୍ଧା, ସମୟ: ସକାଳ ୮ଟା ୧୫।
- ବରୁଣେଇ ରଜ ମହୋତ୍ସବ ଦ୍ୱିତୀୟ ଦିବସରେ ପ୍ରତିଯୋଗିତା, ସ୍ଥାନ: ବରୁଣେଇ ପୀଠ ମହୋତ୍ସବ ସ୍ଥଳ, ସମୟ: ପୂର୍ବାହ୍ନ ୧୦ଟା।
- ରଜ ମହୋତ୍ସବ, ସ୍ଥାନ: ମା'ରାମଚଣ୍ଡୀଙ୍କ ପୀଠ, ଗଡ଼ମାଣତୀର, ବେଗୁନିଆ, ସମୟ: ଅପରାହ୍ନ ୪ଟା।
- ରଜ ମହୋତ୍ସବ, ସ୍ଥାନ: ବେଗୁନିଆ ଆମ୍ରକାନନ, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ
- ପୁସ୍ତକ ଲୋକାର୍ପଣ ଉତ୍ସବ, ସ୍ଥାନ: ପାଳିଆବିନ୍ଧା ବିରଞ୍ଚି ନାରାୟଣ ମନ୍ଦିର ଅତିଥି ଭବନ, ତିହିଡ଼ି, ସମୟ: ପୂର୍ବାହ୍ନ ୧୦ଟା।
- ରଜ ମହୋତ୍ସବର ତୃତୀୟ ସନ୍ଧ୍ୟା, ସ୍ଥାନ: ରାମଗଡ଼ ମେଳଣ ପଡ଼ିଆ, ଆଗରପଡ଼ା, ସମୟ: ଅପରାହ୍ନ ୪ଟା।
- ନିମପଡ଼ା ଆଞ୍ଚଳିକ ରଜ ମହୋତ୍ସବ, ସ୍ଥାନ: ନିମପଡ଼ା, ବନ୍ତ, ସମୟ: ଅପରାହ୍ନ ୪ଟା।
- ରଜ ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟା, ସ୍ଥାନ: ଗଣିଜାଙ୍ଗ, ବନ୍ତ, ସମୟ: ଅପରାହ୍ନ ୫ଟା।
- ରଜ ମହୋତ୍ସବର ଉଦ୍‌ଯାପନୀ, ସ୍ଥାନ: ବାଉଦପୁର, ଭଦ୍ରକ, ସମୟ: ସନ୍ଧ୍ୟା ୬ଟା।
- ରଜ ମହୋତ୍ସବର ଉଦ୍‌ଘାଟନୀ, ସ୍ଥାନ: କଦମ୍ବବେଡ଼ା, ଭଦ୍ରକ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦୁଝର
- ଲକ୍ଷ୍ମୀ ବରାହଙ୍କ ତୃତୀୟ ଦିନ ପୂଜା ଉତ୍ସବ ଏବଂ ଯଜ୍ଞ , ସ୍ଥାନ:ଜଳକଳଙ୍ଗ, ହାଟଡିହୀ, ସମୟ: ସକାଳ ୭ ଟା।
- ବାର୍ଷିକ ହରିହାଟ ଉତ୍ସବ ଏବଂ ରଜ ପର୍ବ , ସ୍ଥାନ:କପୁଣ୍ଡି, ହାଟଡିହୀ, ସମୟ: ସକାଳ ୮ ଟା।
- ବିଭିନ୍ନ ସଙ୍ଗଠନ ତରଫରୁ ରଜ ଉତ୍ସବ,ମେଲୋଡି ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ:ହାଟଡିହୀ, ସମୟ: ସକାଳ ୭ଟା ଏବଂ ସନ୍ଧ୍ୟା ୬ ଟା।
- ରବି ଗ୍ରହ ମନ୍ଦିରରେ ପୂଜାର୍ଚ୍ଚନା ଏବଂ ହୋମ, ସ୍ଥାନ:ଡ଼ଅଁର,ହାଟଡିହୀ, ସମୟ:ସକାଳ ୭ ଟା।

## ମୟୂରଭଞ୍ଜ
- ହେଲ୍ପିଂ ହ୍ୟାଣ୍ଡ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ମନ୍ଦିରସାହି ପ୍ରାଥମିକ ବିଦ୍ୟାଳୟ, ବଡ଼ସାହି, ସମୟ: ସକାଳ ୮ଟା।
- କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, କୁଆମରା, ସମୟ: ସକାଳ ୯ଟା।
- ରଜ ଦୋଳି ପ୍ରତିଯୋଗିତା, ସ୍ଥାନ: ବଡ଼ଜାମବଣି ପଡ଼ିଆ, ମୋରଡ଼ା, ସମୟ: ଅପରାହ୍ନ ୪ଟା।
- ବାରିପଦା ସଫିଂ ଫେଷ୍ଟିଭାଲ, ସ୍ଥାନ: ଛଉ ପଡ଼ିଆ, ସମୟ: ଅପରାହ୍ନ ୫ଟା।
- 'ଆମ ଶରୀର ଆମେ ଡାକ୍ତର', ସ୍ଥାନ: ପିସିଏମ୍ କଲ୍ୟାଣ ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

ଛଉ ଉତ୍ସବର ଉଦ୍‌ଯାପନୀ ଦିବସ, ସ୍ଥାନ: ପାଞ୍ଚଭାୟା ଛଉ ପଡ଼ିଆ, ମୋରଡ଼ା, ସମୟ: ରାତି ୮ଟା।

## ବ୍ରହ୍ମପୁର
- ମାଗଣା ଚକ୍ଷୁ ପରଳ ପରୀକ୍ଷା ଶିବିର, ସ୍ଥାନ:ଉତ୍କଳ ଆଶ୍ରମ, ସମୟ: ସକାଳ ୮ଟା।
- ଅଳପ ପ୍ରେମ ପରିବାର ପକ୍ଷରୁ ରଜ ମଉଜ ଉତ୍ସବ, ସ୍ଥାନ: ଅଭିନନ୍ଦନ କଲ୍ୟାଣ ମଣ୍ଡପ, ଉତ୍କଳ ଆଶ୍ରମ ରୋଡ଼, ବ୍ରହ୍ମପୁର, ସମୟ: ଅପରାହ୍ନ ୪ଟା।

## ଗଞ୍ଜାମ
- ଇସ୍କନ ଖଲ୍ଲିକୋଟ ପକ୍ଷରୁ ନାମ ସଂକୀର୍ତ୍ତନ, କଥା କୀର୍ତ୍ତନ, ଆରତୀ କୀର୍ତ୍ତନ, ସ୍ଥାନ: ଆହ୍ଲାବାଦ ବ୍ୟାଙ୍କ ନିକଟ ଭେଜିପୁଟ, ଖଲ୍ଲିକୋଟ, ସମୟ: ପୂର୍ବାହ୍ନ ୧୦ଟା।
- ଭାଜପା ପକ୍ଷରୁ ବିଜୟ ଶୋଭାଯାତ୍ରା, ସ୍ଥାନ: ହାଇସ୍କୁଲରୁ ଆରମ୍ଭ, ସମୟ: ପୂର୍ବାହ୍ନ ୧୦ଟା।
- ରାମ ଚରିତ ମାନସ ପାରାୟଣ ଓ ପ୍ରବଚନର ପୂର୍ଣ୍ଣାହୁତି, ସ୍ଥାନ: ମାନସ ପଡ଼ିଆ ନୁଆଗାଁ, ସମୟ: ଅପରାହ୍ନ ୧ଟା।

## କନ୍ଧମାଳ
- ଓଡ଼ିଆ/କୁଇ କବି ସମ୍ମିଳନୀ, ସ୍ଥାନ: ପାରିଜାତ କଲ୍ୟାଣ ମଣ୍ଡପ, ଫୁଲବାଣୀ,ସମୟ:ଅପରାହ୍ନ ୩ଟା।
- ରଜ ଉପଲକ୍ଷେ ମଞ୍ଚ ପ୍ରତିଯୋଗିତା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ:ପାରିଜାତ କଲ୍ୟାଣ ମଣ୍ଡପ, ଫୁଲବାଣୀ, ସମୟ:ସନ୍ଧ୍ୟା ୬ଟା।

## ରାୟଗଡ଼ା
- ରଜ ମହୋତ୍ସବ ପାଳନ, ସ୍ଥାନ: ଶ୍ରୀ ଗୁଣ୍ଡିଚା ମନ୍ଦିର, କଲ୍ୟାଣସିଂପୁର, ସମୟ: ପୂର୍ବାହ୍ନ ୧୦ଟା।
- କଂଗ୍ରେସର ବିଜୟ ଶୋଭାଯାତ୍ରା, ସ୍ଥାନ: ମଝିଘରିଆଣୀ ମନ୍ଦିରରୁ ଆରମ୍ଭ, ସମୟ: ସକାଳ ୧୦ଟା ୩୦।
- କଂଗ୍ରେସ ଏମ୍‌ପି ଓ ବିଧାୟକଙ୍କ ସମ୍ବର୍ଦ୍ଧନା ସଭା, ସ୍ଥାନ: ରାୟଗଡ଼ା ତେଜସ୍ୱୀ ପଡ଼ିଆ, ସମୟ: ପୂର୍ବାହ୍ନ୧୧ଟା ୩୦।
- ଉତ୍କଳ ସାହିତ୍ୟ ସମାଜ ରାଜ୍ୟ ସଭାପତିଙ୍କ ରାୟଗଡ଼ା ଗସ୍ତ, କବିଙ୍କ ସହ ଆଲୋଚନା, ସ୍ଥାନ: ନ୍ୟୁ ଟାଉନ ପୂଜା କମିଟି ଗୃହ, ସମୟ: ଅପରାହ୍ନ ୫.୩୦।
- ମହିଳା କ୍ଲବ ସଂସ୍କୃତି ପକ୍ଷରୁ ରଜ ମହୋତ୍ସବ, ସ୍ଥାନ: ରାୟଗଡ଼ା ବିଜୁ ପଟ୍ଟନାୟକ ଅଡିଟୋରିୟମ, ସମୟ: ସନ୍ଧ୍ୟା୬ ଟା।

## ନବରଙ୍ଗପୁର
- ସର୍ବ ଭାରତୀୟ ହସ୍ତଶିଳ୍ପ ମେଳା, ସ୍ଥାନ: ନବରଙ୍ଗପୁର ଆର୍‌ସିଡ଼ି ହାଇସ୍କୁଲ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।

## କୋରାପୁଟ
- ସମ୍ବର୍ଦ୍ଧନା ସଭା, ସ୍ଥାନ: ମଲ୍ଟି ଫଙ୍କସନ ହଲ, ସେମିଳିଗୁଡା ସମୟ: ଅପରାହ୍ନ ୫ ଟା।
- ରଜ ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ହାଲ୍, ସୁନାବେଡ଼ା ଭଞ୍ଜ ମଣ୍ଡପ, ସମୟ: ସନ୍ଧ୍ୟା ୬ଟା୩୦।

## ସମ୍ବଲପୁର
- ସାଓଲିନ କୁଙ୍ଗ୍ ଫୁ ଉସୁ ଆସୋସିଏଶନ ଆୟୋଜିତ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ : ଜିଲା ଜୁଡୋ ହଲ, ସମୟ : ସକାଳ ୭ଟା ।
- କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ରାମଚଣ୍ଡି ଦେବୀଙ୍କ ଦର୍ଶନ କାର୍ଯ୍ୟକ୍ରମ, କୁଲତା ଦାନୀପାଲି, ସମୟ : ସକାଳ ୯ ଟା ୩୦ । ବ୍ରହ୍ମପୁରା ଠାକୁରଙ୍କ ଦର୍ଶନ, ସ୍ଥାନ : ଝାଡୁଆପଡା, ସମୟ : ପୂର୍ବାହ୍ନ ୧୦ଟା୧୦ ।
- ରଜ ମଉଜ ଉଦ୍‌ଯାପନୀ ଉତ୍ସବ, ସ୍ଥାନ : ପାନ୍ଥ ନିବାସ, ସମୟ : ସନ୍ଧ୍ୟା ୫ଟା ।

## ବଲାଙ୍ଗୀର
- ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ସାମ୍ବାଦିକ ଭବନ, ବଲାଙ୍ଗୀର, ସମୟ: ସନ୍ଧ୍ୟା ୬ଟା।

## ସୁବର୍ଣ୍ଣପୁର
- କୁଲତା ସମାଜର ବ୍ଲକ କମିଟି ଗଠନ, ସ୍ଥାନ: ଜଗନ୍ନାଥପାଲି ସ୍ଥିତ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ, ଉଲୁଣ୍ଡା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ବୃନ୍ଦାବନ ମିଶ୍ର ମେମୋରିଆଲ ଏକ ଦ୍ୱିଦିବସୀୟ ଫ୍ଲଡ ଲାଇଟ ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ: ତରଭା ଖେଳ ପଡିଆ, ସମୟ: ସନ୍ଧ୍ୟା ୬ଟା।

## ରାଉରକେଲା
- ଗ୍ରୀଷ୍ମକାଳୀନ କ୍ରୀଡା ଶିବିର ଉଦ୍‌ଯାପନ,ସ୍ଥାନ: ଡିଏଭି ପଡିଆ, ବାସନ୍ତୀ କଲୋନୀ, ସମୟ: ସକାଳ ୬ଟା ୩୦।
- ରାଜ୍ୟ ସ୍ତରୀୟ ଶିଶୁ ସାହିତ୍ୟ ସମ୍ମିଳନୀ, ସ୍ଥାନ: ଅବସରପ୍ରାପ୍ତ କର୍ମଚାରୀ ସଂଘ କାର୍ଯ୍ୟାଳୟ, କୋଏଲନଗର, ସମୟ : ସକାଳ ୯ଟା।
- ଉତ୍କଳ ବିହାର ଆରାଧ୍ୟା ପକ୍ଷରୁ ରଜ କାର୍ଯ୍ୟକ୍ରମ, ସ୍ଥାନ: ଜଗଦା, ସମୟ : ସନ୍ଧ୍ୟା ୭ଟା।

## ସୁନ୍ଦରଗଡ଼
- ରାଜଗାଙ୍ଗପୁର ବିଧାୟକ ଡ. ସିଏସ ରାଜନ ଏକ୍କାଙ୍କ ବିଜୟଯାତ୍ରା ରାଲି, ସ୍ଥାନ: ରାଜଗାଙ୍ଗପୁର ରାଣିବନ୍ଧ,ସମୟ: ଅପରାହ୍ନ ୪ଟା ୪୫।

## ବରଗଡ଼
- ମାର୍ଜିନା ଫୋକ୍ ଥିଏଟର ମହୋତ୍ସବ, ସ୍ଥାନ: ଢ଼ୋଲବନ୍ଧ, ପଦ୍ମପୁର, ସମୟ: ସନ୍ଧ୍ୟା ୭ଟା।

## କଳାହାଣ୍ଡି
- କୁବେର ସମାଜ ମହିଳା ମଣ୍ଡଳ ପକ୍ଷରୁ ରଜ ଉତ୍ସବ, ସ୍ଥାନ: ଜୁନାଗଡ଼ ଟାଉନ ହଲ, ସମୟ: ସକାଳ ୧୦ଟା।
- ଜଗନ୍ନାଥ ସେବା ସମିତି ପକ୍ଷରୁ ନବ ନର୍ବାଚିତ ବିଧାୟକଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ଧର୍ମଗଡ଼ ଜଗନ୍ନାଥ ସେବା ସମିତି କାର୍ଯ୍ୟାଳୟ, ସମୟ: ଅପରାହ୍ନ ୫ଟା।

## ନୂଆପଡ଼ା
- ଭାଗବତ ମହାପାରାୟଣ, ସ୍ଥାନ: ବୋଡେନ ବ୍ଲକ କେରାପଦର ଗାଁ, ସମୟ: ସକାଳ ୬ଟା ଓ ସନ୍ଧ୍ୟା ୭ଟା।

## ବୌଦ୍ଧ
- ଭୈରବୀ କ୍ଲବ ଓ ମହୋତ୍ସବ କମିଟି ପକ୍ଷରୁ ନାଗରିକ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: କଲ୍ୟାଣ ମଣ୍ଡପ, ପୁରୁଣାକଟକ ହରଭଙ୍ଗା, ସମୟ: ସନ୍ଧ୍ୟା ୭ଟା।

## ଦେବଗଡ଼
- ସାଇ ମନ୍ଦିର କମିଟି ପକ୍ଷରୁ ନଗର କୀର୍ତ୍ତନ ପରିକ୍ରମା, ସ୍ଥାନ: ଦେବଗଡ ସହର, ସମୟ: ପ୍ରାତଃ ୪ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତୀ, ସ୍ଥାନ: ମଠ ସାହି କନକ ଦୁର୍ଗା ମନ୍ଦିର ଦେବଗଡ, ସମୟ: ସନ୍ଧ୍ୟା ୭ଟା।

## ଢେଙ୍କାନାଳ
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ନୂଆଗାଁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଢେଙ୍କାନାଳ, ସମୟ: ସକାଳ ୭ଟା।
- ନିତା ନୃତ୍ୟାଙ୍ଗନା ପକ୍ଷରୁ ରଜ ଉତ୍ସବ, ସ୍ଥାନ: ମହର୍ଷି ଦୟାନନ୍ଦ ସର୍ଭିସ ମିଶନ ଗୋବିନ୍ଦପୁର, ସମୟ: ପୂର୍ବାହ୍ନ ୧୦ଟା।

## ଅନୁଗୋଳ
- ରଜପର୍ବ ପାଳନ ଉପଲକ୍ଷେ ମହିଳା ଓ ବାଳିକାଙ୍କ ଦ୍ୱାରା ବିଭିନ୍ନ ପ୍ରକାର ପ୍ରତିଯୋଗିତା, ସ୍ଥାନ: କଣିହାଁ ବ୍ଲକ ବଡ଼ତ୍ରିବିଡା ପଞ୍ଚାୟତ ପଡିଆ, ସମୟ: ଅପରାହ୍ନ ୩ ଟା।

## ଜଗତ୍‌ସିଂହପୁର
- ଉତ୍କଳ ଭାରତୀ କଳା ବିକାଶ କେନ୍ଦ୍ରର ଷଷ୍ଠ ବାର୍ଷିକ ମହୋତ୍ସବ, ସ୍ଥାନ: ମା'ଜାଗୁଳାଇ ମନ୍ଦିର ପରିସର,ତିହୁଡା, ନାଉଗାଁ ବ୍ଲକ,ସମୟ: ପୂର୍ବାହ୍ନ ୯ଟା।
- ନାଟ୍ୟକାର ସ୍ୱର୍ଗତ ଇଂ.କିଶୋର ମହାପାତ୍ରଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକ ଉତ୍ସବ, ସ୍ଥାନ: ରେଢୁଆ, ନୂଆଗଡ଼, ରଘୁନାଥପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦ୍ରାପଡ଼ା
- ବିଶ୍ୱଶାନ୍ତି ନାମ ଯଜ୍ଞ, ସ୍ଥାନ:ମା'ସାହାଡ଼ା ସୁନ୍ଦରୀ ମନ୍ଦିର, ମେଣ୍ଟପୁର, ଆଳି, ସମୟ: ପ୍ରାତଃ ୫ଟା।
- କେନ୍ଦ୍ରାପଡ଼ା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସଷ୍ଟାଣ୍ଡ, ସମୟ:ସକାଳ ୬ଟା।
- ମଧୁବାବୁ ଯୁବକ ସଂଘ ପକ୍ଷରୁ ରଜ ମହୋତ୍ସବ, ସ୍ଥାନ: କନ୍ତିଆ ମଠ, କେନ୍ଦ୍ରାପଡ଼ା, ସମୟ:ସକାଳ ୭ଟା।
- ମା'ପାଟକୁମାରୀ କଳାବିକାଶ ଯୁବ ସଙ୍ଗଠନ ପକ୍ଷରୁ ମେଘ ମହ୍ଲାର–୨୦୨୪ର ମେଲୋଡି, ସ୍ଥାନ:ଏଣ୍ଡୁଲାପୁର, ରାଜନଗର, ସମୟ:ସନ୍ଧ୍ୟା ୭ଟା।
- ବିଶ୍ୱ ପିତୃଦିବସ ପାଳନ, ସ୍ଥାନ:ସରସ୍ୱତୀ ବିଦ୍ୟା ମନ୍ଦିର, କେନ୍ଦ୍ରାପଡ଼ା, ସମୟ: ସକାଳ ୭ଟା।
- ମହାକାଳପଡ଼ା ୟୁଥ ଗ୍ରୁପର ବନ୍ଧୁମିଳନ, ସ୍ଥାନ:ଦରିଆ ରାମଚଣ୍ଡୀ ପୀଠ, ମହାକାଳପଡ଼ା, ସମୟ:ସକାଳ ୮ଟା।

## ଯାଜପୁର
- ମା' ରକ୍ଷାକାଳୀ ମନ୍ଦିରର ବାର୍ଷିକ ଉତ୍ସବ,ସ୍ଥାନ: ଯାଜପୁର ବ୍ଲକ ଅନ୍ତର୍ଗତ ମହେଶ୍ୱରପୁର ପଞ୍ଚାୟତର କବିରପୁର ମନ୍ଦିର ପରିସରା, ସମୟ: ସକାଳ ୬ଟା।
- ବିରଜାକୃପା ସାହିତ୍ୟ ପରିବାର ପକ୍ଷରୁ ରଜ ମଉଜ କବିତା ସାଜ, ସ୍ଥାନ: ଯାଜପୁରସ୍ଥିତ ବାଣପୁର ବୁଢ଼ୀ କଣ୍ଟେଇ ପାର୍କ, ସମୟ: ସକାଳ ୯ଟା।
- ରାଜ୍ୟ କଳାକାର, ନିର୍ଦ୍ଦେଶକ ମହାମିଳନ, ସ୍ଥାନ: ବଡ଼ଚଣା ବ୍ଲକ୍‌ର ଛତିଆ ଅମରାବତୀ ମଠ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଧର୍ମଶାଳା ସାହିତ୍ୟ ସମାଜ ପକ୍ଷରୁ ଶେଷ ରଜ ପାଳନ, ସ୍ଥାନ: ଧର୍ମଶାଳା ବ୍ଲକ ଗଙ୍ଗାଧରପୁର ପଞ୍ଚାୟତର ପତିତପାବନ ହାଇସ୍କୁଲ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ରଜ ମହୋତ୍ସବରେ ପୁରସ୍କାର ବଣ୍ଟନ, ସ୍ଥାନ: ଧର୍ମଶାଳା ବ୍ଲକ କାଏମା ପଞ୍ଚାୟତର ଅରଖପଦା ଗ୍ରାମ, ସମୟ: ଅପରାହ୍ନ ୪ଟା।
- ୧୦ମ ବଣମଲ୍ଲୀ ଉତ୍ସବ, ସ୍ଥାନ: ଧର୍ମଶାଳା ବ୍ଲକ ବୃନ୍ଦାଦେଇପୁରସ୍ଥିତ ଗଡଜାତ ସ୍ମାରକୀ ପୀଠ, ସମୟ: ଅପରାହ୍ନ ୫ଟା।
- ରଜ ମହୋତ୍ସବ ଅବସରରେ ପୁରସ୍କାର ବଣ୍ଟନ ସମାରୋହ, ସ୍ଥାନ: ଧର୍ମଶାଳା ବ୍ଲକ ଅଭୟପୁର ପଞ୍ଚାୟତ ରତନପୁର ଗ୍ରାମ, ସମୟ: ଅପରାହ୍ନ ୫ଟା।
- ପୁରସ୍କାର ବଣ୍ଟନ ସମାରୋହ, ସ୍ଥାନ: ଧର୍ମଶାଳା ବ୍ଲକର କଦମପାଳ ଗ୍ରାମ, ସମୟ: ସନ୍ଧ୍ୟା ୬ଟା।
- ରଜ ମହୋତ୍ସବ, ଉଦିୟ ମାନ ମହିଳା ସଂଗଠନ ପକ୍ଷରୁ ସୁଗୃହିଣୀ ସମ୍ମାନ ପ୍ରଦାନ, ସ୍ଥାନ: ବଡ଼ଚଣା ବ୍ଲକର ଧାନମଣ୍ଡଳ ମେଳଣ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।
- ଭଜନ ସମାରୋହ, ସ୍ଥାନ: ଯାଜପୁର ବ୍ଲକ ଖଇରା ବାଦ ପଞ୍ଚାୟତର କଳିନ୍ଦ୍ରାବାଦ ଗ୍ରାମ, ସମୟ: ସନ୍ଧ୍ୟା ୭ଟା୩୦।
- ବିଶ୍ୱଶାନ୍ତି ମହାଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: କାଏମା ପାହାଡ଼, ସମୟ: ରାତି ୯ଟା।

## ନୟାଗଡ଼
- ଜଗନ୍ନାଥ ପ୍ରସାଦ ମହିସାଷୁଣୀ ପୀଠରେ ରଜ ଉତ୍ସବ, ସ୍ଥାନ: ଦରଦା, ସମୟ: ସକାଳ ୭ଟା ୩୦।
- ରଘୁନାଥ ଆଥ୍‌ଲେଟିକ୍ ଆସୋସିଏଶନ ପକ୍ଷରୁ ଓଡ଼ଗାଁ କ୍ରିକେଟ୍ ଲିଗ୍‌ର ଷଷ୍ଠ ଦିବସ କ୍ୱାଟର ଓ ସେମି ଫାଇନାଲ ମ୍ୟାଚ, ସ୍ଥାନ:ଓଡ଼ଗାଁ ମିନି ଷ୍ଟାଡିୟମ, ସମୟ: ସକାଳ ୮ଟା।
- ରଜ ଉତ୍ସବର ୨ୟ ଦିବସ, ସ୍ଥାନ: ଉମାଦେବୀ ପୀଠ ଖଣ୍ଡପଡ଼ା, ସମୟ: ସକାଳ ୮ଟା ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି କର୍ମାଧିପତି ଚନ୍ଦ୍ରଙ୍କ ସହ ଷଡ଼ାଷ୍ଟକ ସ୍ଥିତିରେ ଥିବାରୁ କୌଣସି କାମ ଶୃଙ୍ଖଳିତ ହେବ ନାହିଁ। ସ୍ୱାସ୍ଥ୍ୟ ସମସ୍ୟା, ଋଣ ପରିଶୋଧ ଏବଂ ପାରିବାରିକ କ୍ଷେତ୍ରରେ ମତପାର୍ଥକ୍ୟ କାରଣରୁ ଅଶାନ୍ତ ରହିପାରନ୍ତି। ବ୍ୟବସାୟିକ କ୍ଷେତ୍ର ମଧ୍ୟମ ପ୍ରକାରର ରହିବ। ବନ୍ଧୁଙ୍କ ସାହାଯ୍ୟରୁ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହୋଇଯିବାର ଆଶା ରହିଛି।

**ବୃଷ** ଦ୍ୱିତୀୟସ୍ଥ ବୁଧ ପ୍ରଭାବରୁ ଆପଣଙ୍କ ରୋକ୍‌ଠୋକ୍ କଥା ଓ କାମର ଚାପକୁ ଅନ୍ୟମାନେ ନାପସନ୍ଦ କରିପାରନ୍ତି। ଏକାଧିକ କାମ ହାତକୁ ନେଲେ ବ୍ୟସ୍ତ ବିବ୍ରତ ହୋଇପାରନ୍ତି। ପାରିବାରିକ କ୍ଷେତ୍ରରେ ସେପରି କିଛି ବିଶେଷ ଅସୁବିଧା ହେବନାହିଁ। ଆଲୋଚନା କାଳରେ ବିନା କାରଣରେ ଅନ୍ୟମାନଙ୍କ ରୋଷର କାରଣ ହୋଇପାରନ୍ତି।

**ମିଥୁନ** ଶାରୀରିକ ସୁସ୍ଥତା ଫେରି ଆସିବା ସାଙ୍ଗକୁ ସ୍ଥଗିତ କାମକୁ ଅଗ୍ରାଧିକାର ଦେଇ ସମ୍ପନ୍ନ କରିବେ। ଅଭାବ ନ ଥିଲେ ମଧ୍ୟ ଅପୂରଣୀୟ ଆଶା ମାନସିକ ଅସ୍ଥିରତାର କାରଣ ହେବ। ଚେଷ୍ଟା ସଫଳ ହେବାରେ ଜଣେ ପୁରାତନ ବନ୍ଧୁ ସାହାଯ୍ୟ କରିପାରନ୍ତି। ପାରିବାରିକ କ୍ଷେତ୍ରରେ ସ୍ଥିର ମନ ନେଇ କାମ କଲେ ସମସ୍ୟାର ସରଳ ସମାଧାନ ହେବ।

**କର୍କଟ** ମାନସିକ ସ୍ଥିତି ଭଲ ନ ଥିଲେ ମଧ୍ୟ ନିଜକୁ ସମ୍ଭାଳି ନେବେ। କର୍ମାଧିପ ସ୍ୱଗୃହୀ ହେତୁ ପ୍ରତ୍ୟେକ ପରିସ୍ଥିତିରେ ଦୃଢ଼ ପଦକ୍ଷେପ ନେଇ ସମସ୍ୟା ସୁଧାରି ନେବେ। ରାଜନୀତି ତଥା ସାଙ୍ଗଠନିକ କ୍ଷେତ୍ରରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ସାମାଜିକ ସ୍ତରରେ ହାତରୁ ଖାଇ ପର ପାଇଁ ଖଟିବେ। ସାମାନ୍ୟ ବାହାବା ବ୍ୟତୀତ ଆଉ କିଛି ପାଇବେ ନାହିଁ।

**ସିଂହ** ଏକାଦଶ ସ୍ଥାନରେ ଏକାଧିକ ଗ୍ରହ ଅଟକିଥିବା କାର୍ଯ୍ୟ ସମୂହକୁ ସମ୍ପୂର୍ଣ୍ଣ କରାଇବେ। ବୁଧଙ୍କ ଶୁଭସଂସ୍ଥିତିରୁ ଆଜି ଆପପ୍ରାପ୍ୟ ପାଇବାରେ ଅସୁବିଧା ହେବନାହିଁ। କିନ୍ତୁ କର୍ମକ୍ଷେତ୍ରରେ ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ। ଗତକାଲିର ଯୋଜନା ଠିକ୍ ଭାବରେ ବଦଳାଇବା ପାଇଁ କଷ୍ଟକର ହୋଇପାରେ।

**କନ୍ୟା** ଶାରୀରିକ ସୁସ୍ଥତା ଅକ୍ଷୁଣ୍ଣ ରହିଲେ ମଧ୍ୟ କେତୁଯୁକ୍ତ ଚନ୍ଦ୍ର କାରଣରୁ ମାନସିକ ସ୍ଥିତି ଭଲ ରହିନପାରେ। କମ୍ କଥାବାର୍ତ୍ତା କଲେ କଳହରୁ ଦୂରେଇ ରହିବାରେ ସମର୍ଥ ହେବେ। ନୂତନ କର୍ମସଂସ୍ଥାନ ପାଇଁ ମନ ବଳିବ ଓ ବନ୍ଧୁଙ୍କ ସହ ଯୋଗାଯୋଗ କଲେ ଉପକୃତ ହେବେ। ସାମାଜିକ ସ୍ତରରେ ସ୍ଥଗିତ କାମ ପାଇଁ ଅନ୍ୟକୁ କୈଫିୟତ୍ ଦେବାକୁ ପଡ଼ିପାରେ।

**ତୁଳା** ରାଶ୍ୟାଧିପ ଶୁକ୍ର ଭାଗ୍ୟସ୍ଥାନରେ ରହି ଆପଣଙ୍କ ଲକ୍ଷ୍ୟ ଓ ଉଦ୍ଦେଶ୍ୟକୁ ପୂରଣ କରିବେ। ସ୍ୱାସ୍ଥ୍ୟ ଭଲ ରହିବ ଏବଂ ବାକିଥିବା ଟଙ୍କା ବନ୍ଧୁ ପାଖକୁ ଆସି ଦେଇପାରନ୍ତି। ବିବାଦୀୟ ପରିସ୍ଥିତିରେ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ପାରିବାରିକ ଜୀବନରେ ଅସହିଷ୍ଣୁତା ଅଶାନ୍ତିର କାରଣ ହୋଇପାରେ।

**ବିଛା** ରାହୁ କୋଣ ସ୍ଥାନରେ ଅବସ୍ଥାନ କରିଥିବାରୁ ଆପଣଙ୍କ ଚିନ୍ତା ଓ ବିଚାର କାର୍ଯ୍ୟକାରୀ ହୋଇପାରିବ ନାହିଁ। ଅନୁରାଧା ନକ୍ଷତ୍ର ପାଇଁ ପ୍ରତ୍ୟେକ କ୍ଷେତ୍ରରେ ସୁବିଧା ସୁଯୋଗ ଆପଣାଛାଏଁ ଆସିବାର ସୂଚନା ରହିଛି। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ। ଗଠନମୂଳକ କାର୍ଯ୍ୟରେ ନେତୃତ୍ୱ ଗ୍ରହଣ କରି ଉଚ୍ଚ ପ୍ରଶଂସିତ ହେବେ।

**ଧନୁ** ଚନ୍ଦ୍ରଙ୍କ ଭାଗ୍ୟସ୍ଥ ବୃହସ୍ପତି ଆର୍ଥିକ ଅଭିବୃଦ୍ଧି, ପ୍ରଶଂସା ଓ ନୂତନ କାର୍ଯ୍ୟ ପାଇଁ ପ୍ରେରଣା ଯୋଗାଇବ। କେତେକ କ୍ଷେତ୍ରରେ ମାନସିକ ଦ୍ୱନ୍ଦ୍ୱରେ ପଡ଼ି କୌଣସି କଥାକୁ ଠିକ୍ ଭାବେ ବୁଝି ପାରିବେନି। ଅତୀତକୁ ଧରିବସିଲେ ବର୍ତ୍ତମାନକୁ ହରାଇବାକୁ ପଡ଼ିପାରେ। କିନ୍ତୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କରିବା ଭଲ ହେବ।

**ମକର** ଶନିଙ୍କ ପ୍ରଭାବରେ ମନ ଚାହୁଁ ନ ଥିଲେ ମଧ୍ୟ ପରିସ୍ଥିତିରେ ପଡ଼ି କୌଣସି ମିଥ୍ୟାଳାପ କରିବାକୁ ବାଧ୍ୟ ହେବେ। ଅନ୍ୟମନସ୍କ କାରଣରୁ ଧନହାନିର ସୂଚନା ରହିଛି। କଳା, କ୍ରୀଡ଼ା, ସାହିତ୍ୟ ଓ ରାଜନୀତିରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ନୂତନ କର୍ମସଂସ୍ଥାନ ପାଇଁ ମନ ବଳାଇବେ। କିନ୍ତୁ ତଦନୁଯାୟୀ ପଦକ୍ଷେପ ନେବା ସହଜ ହୋଇନପାରେ।

**କୁମ୍ଭ** ଅଷ୍ଟମସ୍ଥ ଚନ୍ଦ୍ର ବିପରୀତ ରାଜଯୋଗ ସୃଷ୍ଟି କରୁଥିବାରୁ ଶେଷ ସମୟରେ ଆପଣଙ୍କ ପାଇଁ ନିଷ୍ପତ୍ତି ବଦଳିଯିବ। କର୍ମକ୍ଷେତ୍ରରେ ବିଭିନ୍ନ ଅସୁବିଧା ଓ ପ୍ରତିବନ୍ଧକ ଭିତରେ ଚଳିବାକୁ ପଡ଼ିବ। ପରିବାରରେ ଛୋଟ କଥାଟିକୁ ବଡ଼ ଆକାରରେ ଚିନ୍ତା କରି ଅସ୍ଥିରତା ଅନୁଭବ କରିପାରନ୍ତି। ବନ୍ଧୁ ଗହଣରେ ମିଥ୍ୟା ଭାଷଣରୁ ସମାଲୋଚିତ ହୋଇପାରନ୍ତି।

**ମୀନ** ଅନୁକୂଳ ଗ୍ରହସ୍ଥିତିରୁ ଅସଜଡ଼ା ପରିସ୍ଥିତିକୁ ସଜାଡ଼ି ନେବାରେ ସମର୍ଥ ହେବେ ଏବଂ ବନ୍ଧୁଙ୍କ ସାହାଯ୍ୟ ମଧ୍ୟ ପାଇବେ। ଶିଳ୍ପ, ବାଣିଜ୍ୟ, ରାଜନୀତି ଓ କୂଟନୈତିକ ଆଲୋଚନା କ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କିମ୍ବା ପ୍ରଶାସନିକ କ୍ଷେତ୍ରରେ କେତେକ ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ। ଅନ୍ୟମାନଙ୍କ ଭଲ ସକାଶେ ନିଜକୁ ଦାୟୀ କରି ଅନୁତପ୍ତ ହୋଇପାରନ୍ତି।

ଆଜି ଜୁନ୍ ୧୬ ତାରିଖ, ବିଶ୍ୱ ପିତୃ ଦିବସ, ଜ୍ୟେଷ୍ଠ ଶୁକ୍ଳ ଦଶମୀ ରବିବାର, ଗଙ୍ଗା ଦଶହରା, ଶେଷ ରଜ ଓ ଭୂଦାହ, ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ତିରୋଧାନ ଦିବସ, ରାଶି ନକ୍ଷତ୍ର–ହସ୍ତା/କନ୍ୟା, ଦିବା ଘ.୧୧।୧୨ମି. ଗତେ ଚିତ୍ରା ନକ୍ଷତ୍ର, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୫୭ ଗତେ ଘ.୦୯।୩୫ ମଧ୍ୟେ, ଦିବା ଘ.୦୧।୨୬ ଗତେ ଘ. ୦୨।୫୨ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୪।୪୪ ଗତେ ଘ.୦୬।୨୩ ମଧ୍ୟେ ରାହୁକାଳ ।।

## ପ୍ରଥମ ପୃଷ୍ଠାରୁ...

### ସଞ୍ଜୟଙ୍କୁ ଯୁବ, ...


ସଞ୍ଜୟ ପଣ୍ଡା


ମାନସ ରଞ୍ଜନ ସାମଲ

ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ଏକାଡେମୀ ପକ୍ଷରୁ ଗୁଜରାଟର ନର୍ମଦା ଜିଲାରେ ଅନୁଷ୍ଠିତ ଏକାଡେମୀର କାର୍ଯ୍ୟନିର୍ବାହୀ ବୈଠକରେ ମୋଟ ୨୩ଟି ଭାଷା ପାଇଁ ଏହି ପୁରସ୍କାର ଘୋଷଣା କରାଯାଇଛି। ତେବେ ସଂସ୍କୃତ ଭାଷା ପାଇଁ ପରବର୍ତ୍ତୀ ସମୟରେ ପୁରସ୍କାର ଘୋଷଣା କରାଯିବ ବୋଲି ସୂଚନା ଦିଆଯାଇଛି। ଏହି ବୈଠକରେ ଓଡ଼ିଆ ଭାଷାର ଉପଦେଷ୍ଟା ମଣ୍ଡଳୀ ଆବାହକ ଡ. ଗୌରହରି ଦାସ, ସଭାପତି ମାଧବ କୌଶିକ, ଉପସଭାପତି କୁମୁଦ ଶର୍ମା, କାର୍ଯ୍ୟନିର୍ବାହୀ ସମିତିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। କେନ୍ଦ୍ର ସାହିତ୍ୟ ଏକାଡେମୀ ବାଲ୍ ପୁରସ୍କାର ପାଇବା ପରେ ସାହିତ୍ୟିକ ମାନସ କହିଛନ୍ତି, ପୁରସ୍କାର ଯେକୌଣସି ଲେଖକ ପାଇଁ ଏକ ବଡ଼ ଉପଲବ୍ଧି। ତାହା ଲେଖକର ଆତ୍ମବିଶ୍ୱାସ ବଢ଼ାଇବା ସଙ୍ଗେସଙ୍ଗେ ଖୁସି ଓ ଆନନ୍ଦ ଆଣିଦେଇଥାଏ। ସମ୍ମାନ, ପୁରସ୍କାର ସାରସ୍ୱତ ସ୍ରଷ୍ଟାଙ୍କୁ ନୂଆ ସୃଷ୍ଟି ପାଇଁ ପ୍ରୋତ୍ସାହନ ଦେଇଥାଏ। ସେମାନେ ଅଧିକ ଦାୟିତ୍ୱସମ୍ପନ୍ନ ହୋଇ ସାହିତ୍ୟ ରଚନା କରିଥାନ୍ତି, ଯାହା ମୋ କ୍ଷେତ୍ରରେ ମଧ୍ୟ ପ୍ରଯୁଜ୍ୟ। ଯାଜପୁର ଜିଲା ସିଂହପୁରଠାରେ ଜନ୍ମଗ୍ରହଣ କରିଥିବା ମାନସ ଦୀର୍ଘ ୪୦ ବର୍ଷ ଧରି ସାହିତ୍ୟ କ୍ଷେତ୍ରରେ ରଚନା ଜାରି ରଖିଛନ୍ତି। ସେ ନ୍ୟାଶନାଲ୍ ବୁକ୍ ଟ୍ରଷ୍ଟ ଓ ଇଣ୍ଡିଆ ଓଡ଼ିଆ ଭାଷା ପରାମର୍ଶଦାତା ମଣ୍ଡଳୀର ସଦସ୍ୟ ଅଛନ୍ତି। ୩୭ ବର୍ଷ ଧରି ସେ ଝୁମୁକା ପତ୍ରିକାର ସମ୍ପାଦକ ରହିଛନ୍ତି। 'ମନଛୁଆଁ ଗୀତ' ପୁସ୍ତକ ପାଇଁ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର, କବିତା ପୁସ୍ତକ 'ମହତ ସହିବା ଜନ' ପାଇଁ ଭାରତ ସରକାରଙ୍କ ଏନ୍‌ସିଇଆର୍‌ଟିର ଜାତୀୟ ପୁରସ୍କାର, କେନ୍ଦ୍ର ମାନବ ସମ୍ବଳ ବିକାଶ ବିଭାଗ ପକ୍ଷରୁ ଶ୍ରେଷ୍ଠ ଶିଶୁ ସାହିତ୍ୟିକ ଭାବେ ସମ୍ବର୍ଦ୍ଧନା ସମେତ କାଦମ୍ବିନୀ କୁନିକଥା ଶିଶୁ ସାହିତ୍ୟ ପୁରସ୍କାର, ରାଜଧାନୀ ପୁସ୍ତକମେଳା ପୁରସ୍କାର ଭଳି ୪୦ରୁ ଊର୍ଦ୍ଧ୍ୱ ପୁରସ୍କାର ଓ ସମ୍ମାନ ସେ ପାଇଛନ୍ତି। ଏଥିସହ ୨୦ରୁ ଊର୍ଦ୍ଧ୍ୱ ମୌଳିକ ପୁସ୍ତକ ରଚନା କରିଥିବା ବେଳେ ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟର ଭାରତୀୟ ଭାଷା ଓ କେନ୍ଦ୍ରୀୟ ସଂସ୍ଥାନ ମହୀଶୂରର ପ୍ରକଳ୍ପ ଅଧୀନରେ ୨୫୦ରୁ ଊର୍ଦ୍ଧ୍ୱ ଶିଶୁସାହିତ୍ୟ ଗଳ୍ପ ପୁସ୍ତକ ଇଂଲିଶରୁ ଓଡ଼ିଆ ଭାଷାରେ ଅନୁବାଦ କରିଛନ୍ତି।

ସେହିପରି କେନ୍ଦ୍ର ସାହିତ୍ୟ ଏକାଡେମୀ ଯୁବ ପୁରସ୍କାର ପାଇଁ ମନୋନୀତ ହେବା ପରେ ସଞ୍ଜୟ କହିଛନ୍ତି, ମୁଁ ନବମ ଶ୍ରେଣୀରେ ପଢୁଥିବାବେଳେ ପ୍ରଥମ ଗଳ୍ପ ଲେଖିଥିଲି, ଯାହାକୁ ସାଇତି ରଖିପାରି ନ ଥିଲି । ତା'ପରେ ଅନେକ ଗଳ୍ପ ଲେଖିଥିଲେ ବି ପ୍ରଥମ ଗଳ୍ପର କାହାଣୀଟି ମୋର ଭଲଭାବରେ ମନେ ରହିଯାଇଥିଲା। ସ୍ନାତକ ପ୍ରଥମ ବର୍ଷରେ ପଢ଼ିବା ବେଳେ କଲେଜ ଗଳ୍ପ ଲିଖନ ପ୍ରତିଯୋଗିତାରେ ସମାନ କାହାଣୀରେ ଗଳ୍ପଟିଏ ଲେଖି ପ୍ରଥମ ହୋଇଥିଲି ଓ ଅନେକ ପ୍ରଶଂସା ପାଇଥିଲି। ଶୀର୍ଷକ ଥିଲା 'ସନ୍ଦେହ ଜଙ୍ଗଲରେ ପ୍ରବାସୀ ମଣିଷ'। ଏହି ଭଲପାଇବାରେ ଉତ୍ସାହିତ ହୋଇ ମୁଁ ଲେଖାଲେଖି ପ୍ରତି ମନ ବଳାଇଲି। ମୋର ନିଜ ଆତ୍ମବିଶ୍ୱାସ ହିଁ ଅଧିକରୁ ଅଧିକ ପ୍ରେରଣା ଯୋଗାଇଲା। ଯେହେତୁ ଗଳ୍ପ ମାଧ୍ୟମରେ ନିଜ ଭାବାବେଗକୁ ଭଲଭାବରେ ବ୍ୟକ୍ତ କରିପାରୁଥିଲି, ତେଣୁ ବିଶେଷ କରି ଗଳ୍ପ ଦୁନିଆରେ ପାଦଦେଲି। ବାଲେଶ୍ୱର ଜିଲା କୁରୁଡ଼ାରେ ଜନ୍ମିତ ସଞ୍ଜୟ ବୃତ୍ତିରେ ଜଣେ ଶିକ୍ଷକ। ସେ ଟାଇମ୍‌ପାସ୍ ଉଦୟରାଗ ସମ୍ମାନ, କଥା ନବପ୍ରତିଭା ପୁରସ୍କାର, କାଦମ୍ବିନୀ ନବଉନ୍ମେଷ ପୁରସ୍କାର, ଫକୀରମୋହନ ବିଶ୍ୱବିଦ୍ୟାଳୟ ଯୁବ ଗାଳ୍ପିକ ପୁରସ୍କାର ଭଳି ଅନେକ ପୁରସ୍କାର ପାଇଛନ୍ତି। ୨୦୨୧ରେ 'ହୁ ବାଇଆ' ପୁସ୍ତକ ପ୍ରକାଶ ପାଇଥିଲା।

### ଜୁନ୍ ୧୮ରୁ ସ୍କୁଲ, ...

ସୋୟାବଡ଼ି ସମେତ ମଧ୍ୟାହ୍ନ ଭୋଜନରେ ବ୍ୟବହୃତ ଅନ୍ୟାନ୍ୟ ସାମଗ୍ରୀ ଠିକ୍ ଅଛି କି ନାହିଁ ଯାଞ୍ଚ କରିବାକୁ କୁହାଯାଇଛି। ରୋଷେୟା କିମ୍ବା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ରାନ୍ଧିବାକୁ ଦେବା ପୂର୍ବରୁ ଭଲ ଭାବେ ଚାଖିବେ। ସାମଗ୍ରୀଗୁଡ଼ିକ ଖାଇବା ଯୋଗ୍ୟ ନ ଥିଲେ ପ୍ରଧାନଶିକ୍ଷକ ନଷ୍ଟ କରିବା ଦିଗରେ ପଦକ୍ଷେପ ନେବେ। ସିଆର୍‌ସିସି ଓ ବିଇଓମାନେ ତାହାକୁ ଯାଞ୍ଚ କରିବା ସହ ସୁନିଶ୍ଚିତ କରାଇବେ। ପ୍ରଥମ ଦିନର ମଧ୍ୟାହ୍ନ ଭୋଜନରେ ଯେପରି କୌଣସି ପ୍ରକାର ଅବ୍ୟବସ୍ଥା ନ ହୁଏ ସେ ଦିଗରେ ଜିଲା ଓ ବ୍ଲକ ଶିକ୍ଷାଧିକାରୀ ଏବଂ ସିଆର୍‌ସିସିମାନେ ଗୁରୁତ୍ୱ ଦେବେ। ରୋଷେଇ ହେଉଥିବା ସ୍ଥାନର ସ୍ୱଚ୍ଛତା ବଜାୟ ରଖିବା ଉପରେ ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ ରହିଛି।

### ମୁଖ୍ୟମନ୍ତ୍ରୀଙ୍କ ହାତରେ ...

ଆଇନ, ପୂର୍ତ୍ତ ଏବଂ ଅବକାରୀ ବିଭାଗ ଦାୟିତ୍ୱ ମିଳିଥିବାବେଳେ ମୁକେଶ ମହାଲିଙ୍ଗଙ୍କୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି, ବିଭୂତି ଭୂଷଣ ଜେନାଙ୍କୁ ବାଣିଜ୍ୟ ଓ ପରିବହନ, ଇସ୍ପାତ ଓ ଖଣି ବିଭାଗ, କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ଏବଂ ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଦାୟିତ୍ୱ ମିଳିଛି।

ସେହିପରି ରାଷ୍ଟ୍ରପାହ୍ୟା(ସ୍ୱାଧୀନ) ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆଙ୍କୁ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ସହିତ ଶ୍ରମ ଓ କର୍ମଚାରୀ ରାଜ୍ୟବୀମା ବିଭାଗ ପ୍ରଦାନ କରାଯାଇଥିବାବେଳେ ସୂର୍ଯ୍ୟବଂଶୀ ସୁରଜଙ୍କୁ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା, ଓଡ଼ିଆ ଭାଷା ସାହିତ୍ୟ ଏବଂ ସଂସ୍କୃତି ବିଭାଗ, ପ୍ରଦୀପ ବଳସାମନ୍ତଙ୍କୁ ସମବାୟ, ହସ୍ତତନ୍ତ, ବୟନ ଶିଳ୍ପ ଓ ହସ୍ତଶିଳ୍ପ ବିଭାଗ, ଗୋକୁଳାନନ୍ଦ ମଲ୍ଲିକଙ୍କୁ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ ଏବଂ ସୂକ୍ଷ୍ମ, ଅଣୁ ଓ ମଧ୍ୟମ ଉଦ୍ୟୋଗ ବିଭାଗ ଏବଂ ସମ୍ପଦ ଚରଣ ସ୍ୱାଇଁଙ୍କୁ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ଦାୟିତ୍ୱ ମିଳିଛି।

ନୂଆ ମନ୍ତ୍ରିମଣ୍ଡଳରେ କେବଳ କନକବର୍ଦ୍ଧନ ସିଂଦେଓଙ୍କ ବ୍ୟତୀତ ଅନ୍ୟ ସମସ୍ତ ମନ୍ତ୍ରୀ ନୂଆକରି ଦାୟିତ୍ୱ ନେଇଛନ୍ତି। କନକବର୍ଦ୍ଧନ ୨୦୦୯ରେ ବିଜେଡି–ଭାଜପା ମିଳିତ ସରକାରରେ ନଗର ଉନ୍ନୟନ ମନ୍ତ୍ରୀ ଥିଲେ। ବିଧାନସଭାରେ ମୁଖ୍ୟମନ୍ତ୍ରୀଙ୍କୁ ମିଶାଇ ମୋଟ ୨୨ଜଣ (ବିଧାନସଭା ସଦସ୍ୟଙ୍କ ୧୫ ପ୍ରତିଶତ) ମନ୍ତ୍ରୀ ରହିବା ବ୍ୟବସ୍ଥା ରହିଛି। ମୁଖ୍ୟମନ୍ତ୍ରୀ ଏବଂ ୨ ଉପମୁଖ୍ୟମନ୍ତ୍ରୀଙ୍କୁ ମିଶାଇ ନୂଆ ମନ୍ତ୍ରିମଣ୍ଡଳର ସଦସ୍ୟଙ୍କ ସଂଖ୍ୟା ୧୬ରେ ସୀମିତ ରହିଛି। ପରବର୍ତ୍ତୀ ସମୟରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ହେବାର ସମ୍ଭାବନା ରହିଛି।

## ଆହୁରି ୩ଦିନ ଗୁଳୁଗୁଳି

ଭୁବନେଶ୍ୱର, ୧୫।୬(ଅସମାପିକା ସାହୁ)

ରାଜ୍ୟରେ ଏବେ ତାତି ସାଙ୍ଗକୁ ଅସହ୍ୟ ଗୁଳୁଗୁଳି ଜାରି ରହିଛି। ପଶ୍ଚିମ ଓଡ଼ିଶାରେ ହିଟ୍‌ୱେଭ୍ ଓ ଉପକୂଳରେ ଗୁଳୁଗୁଳି କଲବଲ କରୁଛି। ଆସନ୍ତା ୧୮ତାରିଖ ପର୍ଯ୍ୟନ୍ତ ଏହିଭଳି ଗୁଳୁଗୁଳି ଲାଗି ରହିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପଣିପାଗ ବିଜ୍ଞାନ କେନ୍ଦ୍ର ନିର୍ଦ୍ଦେଶିକା ମନୋନରମା ମହାନ୍ତି ଶନିବାର ସୂଚନା ଦେଇଛନ୍ତି। ଆସନ୍ତା ୩ଦିନ ପର୍ଯ୍ୟନ୍ତ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତି ଆଦି ୧୧ଜିଲାକୁ ଗୁଳୁଗୁଳି ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି।

ସେପଟେ ଶନିବାର ବାରିପଦାରେ ସର୍ବାଧିକ ୪୩.୮ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ସେହିଭଳି ଝାରସୁଗୁଡ଼ାରେ ୪୩.୬, ନୂଆପଡ଼ା ୪୩, ସମ୍ବଲପୁର ୪୨.୮, ସୁନ୍ଦରଗଡ଼ ୪୨, ହୀରାକୁଦ ୪୨.୫, ତାଳଚେର ୪୨.୬, ରାଉରକେଲା ୪୨.୬, ଭବାନୀପାଟଣା ୪୧.୬, ବଲାଙ୍ଗୀର ୪୨.୨, ଟିଟିଲାଗଡ଼ ୪୨, ସୋନପୁର ୪୨.୩, ନୟାଗଡ଼ ୪୧, ବୌଦ୍ଧ ୪୧.୮, ପାରାଳାଖେମୁଣ୍ଡି ୪୦.୬, ଢେଙ୍କାନାଳ ୪୦.୫ ଓ ବାଲେଶ୍ୱରରେ ଦିନ ତାପମାତ୍ରା ୪୦ଡିଗ୍ରୀ ରହିଥିଲା। ତେବେ ଶନିବାର ପାରଳାଖେମୁଣ୍ଡିରେ ୩୨ ମିମି ବର୍ଷା ହୋଇଥିବା ପାଣିପାଗ କେନ୍ଦ୍ର ସୂଚନା ଦେଇଛି।




# ସିକିମ୍‌ରେ ଫସିଛନ୍ତି ଓଡ଼ିଆ ପର୍ଯ୍ୟଟକ

କେନ୍ଦୁଝର,୧୫।୬
(ନରେଶ ଚନ୍ଦ୍ର ପଟ୍ଟନାୟକ)

ଉତ୍ତର ପୂର୍ବ ସିକିମ ରାଜ୍ୟକୁ ବୁଲିବାକୁ ଯାଇଥିବା ମୟୂରଭଞ୍ଜ ଜିଲାର ୫ ଜଣଙ୍କ ସମେତ ଓଡ଼ିଶାର ୧୨ରୁ ଊର୍ଦ୍ଧ୍ୱ ପର୍ଯ୍ୟଟକ ୫ ଦିନ ହେଲା ରାସ୍ତା ଅବରୋଧ ପାଇଁ ଫସି ରହିଛନ୍ତି। ସିକିମର ରାଜଧାନୀ ଗ୍ୟାଙ୍ଗଟକରୁ ଚାଇନା ସୀମା (ଆଇସ ପଏଣ୍ଟ ବା ଜିରୋ ପଏଣ୍ଟ) ମଧ୍ୟରେ ବିଭିନ୍ନ ସ୍ଥାନରେ ଭୂ-ସ୍ଖଳନ ହୋଇ ରାସ୍ତା ଓ ପୋଲ ଭାଙ୍ଗିଯାଇଥିବାରୁ ଏଭଳି ସମସ୍ୟା ସୃଷ୍ଟି ହୋଇଥିବା ଜଣାପଡ଼ିଛି।

ଶନିବାର ନେଟ୍‌ୱର୍କ ସାମାନ୍ୟ ହେବା ପରେ ମୟୂରଭଞ୍ଜ ଜିଲାର ବିଶୋଇ ଅଞ୍ଚଳର ତାପସ ବେହେରା ଗଣମାଧ୍ୟମ ଜରିଆରେ ରାଜ୍ୟ ସରକାରଙ୍କ ସହାୟତା ଲୋଡ଼ିଛନ୍ତି। ତାଙ୍କ ଭଳି ଓଡ଼ିଶାର ୧୨ରୁ ଊର୍ଦ୍ଧ୍ୱଙ୍କୁ ମିଶାଇ ପାଖାପାଖି ୧୫ ଶହ ପର୍ଯ୍ୟଟକ ଫସିଥିବା ସେ


ଫସିଥିବା ଓଡ଼ିଆ ପର୍ଯ୍ୟଟକ।

ସୂଚନା ଦେଇଛନ୍ତି। ଦୀର୍ଘ ୫ଦିନଧରି ରାସ୍ତା ବନ୍ଦ ଯୋଗୁ ଖାଦ୍ୟ ସମସ୍ୟା ଦେଖାଦେଇଥିବା ବେଳେ ୧୦ଟଙ୍କାର ସାମଗ୍ରୀ ୫୦ ଟଙ୍କାରେ କିଣିବାକୁ ପଡୁଥିବା ସେ କହିଛନ୍ତି। ଏଣୁ ପଇସା ଅଭାବ ସହ କିଭଳି ଫେରିବେ ସେ ଚିନ୍ତାରେ ରହିଛନ୍ତି। ସେ ତାଙ୍କ ସ୍ତ୍ରୀ ମୋନାଲିସା ସେଠୀ, ପୁଅ ଅଭିଜ୍ଞାନ ବେହେରା, ସାଙ୍ଗ ଯଶୀପୁର ଅଞ୍ଚଳର ମାୟାଧର ମହାନ୍ତ ଓ ତାଙ୍କ ସ୍ତ୍ରୀ ଧାର୍ମିକା ମହାନ୍ତ ଖରାଦିନ ଛୁଟି କଟାଇବାକୁ ସିକିମ ରାଜ୍ୟକୁ ଯାଇଥିଲେ। ସେଠାରୁ ଫେରିବା ସମୟରେ ପାଗ ଖରାପ ହେବାରୁ ବିଭିନ୍ନ ସ୍ଥାନରେ ଭୂ-ସ୍ଖଳନ ହେବା ଫଳରେ ଫେରି ନ ପାରି ଏକ ହୋଟେଲରେ ୫ଦିନ ହେଲା ରହିବାକୁ ବାଧ ହୋଇଥିବା କହିଛନ୍ତି। ଗ୍ୟାଙ୍ଗଟକରୁ ଚାଇନା ସୀମା ପ୍ରାୟ ୧୨୦ କି.ମି. ବାଟ ହେବ। ସେମାନେ ସମୁଦ୍ର ପତ୍ତନଠାରୁ ପ୍ରାୟ ୫ହଜାର ଫୁଟ ଉଚ୍ଚରେ ରହୁଛନ୍ତି। ଏବେ ମଧ୍ୟ ପ୍ରବଳ ଶୀତ ହେଉଥିବାରୁ କମ୍ବଳ ଘୋଡ଼େଇ ଶୋଇବାକୁ ପଡୁଛି ବୋଲି କହିଛନ୍ତି। ସିକିମ ସରକାର ରାସ୍ତା ସଫେଇ ତୁରନ୍ତ କରିପାରୁ ନ ଥିବାରୁ ସେମାନେ ଆସିପାରୁନାହାନ୍ତି। ସମସ୍ତଙ୍କୁ ହେଲିକପ୍ଟର ଜରିଆରେ ଗ୍ୟାଙ୍ଗଟକ ପର୍ଯ୍ୟନ୍ତ ଏୟାରଲିଫ୍ଟ କରିବେ ବୋଲି କୁହାଯାଉଥିବା ବେଳେ ବିଳମ୍ବ ହେତୁ ଚିନ୍ତାରେ ରହୁଥିବା କହିଥିଲେ। ତାଙ୍କ ସ୍ତ୍ରୀ ଓ ସାଙ୍ଗଙ୍କ ସ୍ତ୍ରୀ ଶିକ୍ଷକତା କରନ୍ତି। ଜୁନ ୧୮ ତାରିଖରେ ସ୍କୁଲ ଖୋଲୁଥିବାରୁ କିପରି ପହଞ୍ଚିବେ ସେ ଚିନ୍ତାରେ ରହିଛନ୍ତି। ଓଡ଼ିଶା ସରକାର ଏ ନେଇ ବିହିତ ପଦକ୍ଷେପ ନେଇ ଉଦ୍ଧାର କରିବାକୁ ସେମାନେ ନିବେଦନ କରିଛନ୍ତି। ତାପସ ଭାଜପାର ସକ୍ରିୟ କର୍ମୀ ଏବଂ ସେ ବିଶୋଇ ବିଧାୟକଙ୍କ ଅତ୍ୟନ୍ତ ଅନୁଗତ ବୋଲି ଜଣାପଡ଼ିଛି।

## ଅନ୍ୟ ଜାତିରେ ବିବାହ କରିଥିବାରୁ ବାସନ୍ଦ

# ହସ୍ପିଟାଲରେ ୧୦ଘଣ୍ଟା ମୃତଦେହ

ବଲାଙ୍ଗୀର,୧୫।୬
(ବୀରେନ୍ଦ୍ର କୁମାର ଝାଙ୍କର)

ଅନ୍ୟଜାତିରେ ବିବାହ କରିଥିବାରୁ ମୃତ୍ୟୁ ପରେ ବି ଜଣେ ବ୍ୟକ୍ତି ଓ ତାଙ୍କ ପରିବାରକୁ ଦହଗଞ୍ଜ ହେବାକୁ ପଡ଼ିଛି। ସମ୍ପର୍କୀୟ ମୃତଦେହ ଛୁଇଁବାକୁ ମନା କରିଦେବାରୁ ଶେଷରେ ବଲାଙ୍ଗୀର ସ୍ୱେଚ୍ଛାସେବୀ ସଙ୍ଗଠନ ସଦସ୍ୟ ମୃତକଙ୍କ ଶେଷକୃତ୍ୟ ସମ୍ପନ୍ନ କରିଛନ୍ତି। ବଲାଙ୍ଗୀର ଜିଲା ସଇଁତଳା ଥାନା ଅନ୍ତର୍ଗତ ବରାହମାଲ ଗାଁର ଉପେନ୍ଦ୍ର ବର୍ଗର୍ତ୍ତି (୪୧) ଅନ୍ୟ ଜାତିର ଜଣେ ଝିଅଙ୍କୁ ବିବାହ କରି ସମ୍ବଲପୁରରେ ବସବାସ କରୁଥିଲେ। ରାଜମିସ୍ତ୍ରି ଭାବରେ ସେ କାମ କରି ସେଠାରେ ସ୍ତ୍ରୀ, ପୁଅଝିଅ ସହ ରହୁଥିଲେ। ହଠାତ ସେ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କ ସ୍ତ୍ରୀ ପ୍ରଥମେ ସମ୍ବଲପୁର ଏବଂ ପରେ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ତାଙ୍କୁ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ବିଳମ୍ବିତ ରାତିରେ ଉପେନ୍ଦ୍ରଙ୍କ ମୃତ୍ୟୁ ଘଟିଥିଲା। ସ୍ୱାମୀଙ୍କ ମୃତଦେହ କେଉଁଠିକୁ ନେବେ ସେନେଇ ଉପେନ୍ଦ୍ରଙ୍କ ସ୍ତ୍ରୀ ଅଡୁଆରେ ପଡ଼ିଥିଲେ। ଅନ୍ୟ ଜାତିରେ ବିବାହ କରିଥିବାରୁ ତାଙ୍କୁ ସାମାଜିକ ବାସନ୍ଦ କରାଯାଇଥିଲା। ଏଣୁ ସେ ଗାଁକୁ ନେଇ ଶେଷକୃତ୍ୟ ସମ୍ପନ୍ନ କରିବାକୁ ସାହସ ଜୁଟାଇପାରି ନ ଥିଲେ। ଫଳରେ ଦୀର୍ଘ ୧୦ ଘଣ୍ଟା ଧରି ହସ୍ପିଟାଲରେ ମୃତଦେହ ପଡିରହିଥିଲା। ଘଟଣା ସମ୍ପର୍କରେ ଜାଣିବା ପରେ ବଲାଙ୍ଗୀର ସ୍ୱେଚ୍ଛାସେବୀ ସଙ୍ଗଠନ ସଦସ୍ୟମାନେ ହସ୍ପିଟାଲରେ ପହଞ୍ଚିଥିଲେ। ମୃତକଙ୍କ ସ୍ତ୍ରୀଙ୍କୁ ଆଶ୍ୱାସନା ଜଣାଇବା ସହ ପ୍ରଥମେ ମୃତ ଉପେନ୍ଦ୍ରଙ୍କ ବରାହମାଲସ୍ଥିତ ପରିବାରବର୍ଗଙ୍କୁ ଘଟଣା ବିଷୟରେ ଅବଗତ କରାଇଥିଲେ। ମୃତକଙ୍କ ଭାଇଙ୍କୁ ହସ୍ପିଟାଲ ଆସିବା ପାଇଁ ଅନୁରୋଧ କରିଥିଲେ। ଉପେନ୍ଦ୍ରଙ୍କ ଭାଇ ହସ୍ପିଟାଲରେ ପହଞ୍ଚିବା ପରେ ମୃତଦେହକୁ ତାଙ୍କ ଜନ୍ମମାଟିକୁ ନେଇ ସତ୍କାର କରିବା ପାଇଁ ଅନୁରୋଧ କରାଯାଇଥିଲା। ହେଲେ ମୃତକଙ୍କ ଭାଇ ଫୋନ ଯୋଗେ ପ୍ରଥମେ ନିଜ ଗାଁର ଜାତି ସମାଜକୁ ଯୋଗାଯୋଗ କରି ଅନୁମତି ଭିକ୍ଷା କରିଥିଲେ। କିନ୍ତୁ ଉପେନ୍ଦ୍ର ଅନ୍ୟ ଜାତିରେ ବିବାହ କରିଥିବାରୁ ଗାଁରେ ତାଙ୍କ ମୃତଦେହ ପୂରାଇ ଦିଆଯିବ ନାହିଁ ବୋଲି ଜାତି ସମାଜ ସଦସ୍ୟମାନେ କହିବା ପରେ ମୃତକଙ୍କ ସ୍ତ୍ରୀ ଓ ଭାଇ ନିରୁପାୟ ହୋଇଯାଇଥିଲେ। ଏହାପରେ ମୃତକଙ୍କ ସ୍ତ୍ରୀ ଓ ଭାଇ ବଲାଙ୍ଗୀରରେ ମୃତଦେହ ସତ୍କାର କରିବା ପାଇଁ ସ୍ୱେଚ୍ଛାସେବୀ ସଙ୍ଗଠନ ସଦସ୍ୟଙ୍କୁ ଅନୁରୋଧ କରିଥିଲେ। ସ୍ୱେଚ୍ଛାସେବୀମାନେ ଏକ ଗାଡିରେ ମୃତଦେହକୁ ବଲାଙ୍ଗୀର-ଟିଟିଲାଗଡ ରାସ୍ତାକଡ ମୁକ୍ତିଧାମ ଶ୍ମଶାନକୁ ନେଇ ପରିବାରବର୍ଗଙ୍କ ଉପସ୍ଥିତିରେ ଶେଷକୃତ୍ୟ ସମ୍ପନ୍ନ କରିଥିଲେ। ରୋଗାକ୍ରାନ୍ତ ଯୋଗୁ ଏବଂ ୧୦ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ମୃତଦେହ ପଡ଼ିରହିବା ଫଳରେ ମୃତଦେହକୁ ମାଟିରେ ପୋତି ସତ୍କାର କରାଯାଇଥିଲା। ସ୍ୱେଚ୍ଛାସେବୀ ଗୋବିନ୍ଦ ଚନ୍ଦ୍ର ଶତପଥୀ, ରବୀନ୍ଦ୍ର ପ୍ରଧାନ ଓ ସୁମିତ ମିଶ୍ର ଓ ଅନ୍ୟମାନେ ବିଶେଷ ସହଯୋଗ କରିଥିଲେ। ଏଆଇ ଯୁଗରେ ଅନ୍ଧବିଶ୍ୱାସ ଏବଂ ସାମାଜିକ ବାସନ୍ଦ ମୃତ ବ୍ୟକ୍ତିଙ୍କ ସତ୍କାର କରିବାକୁ ଅମଙ୍ଗ ଜାତିଭାଇଙ୍କ ଏଭଳି ଚିନ୍ତନ ଚର୍ଚ୍ଚାର ବିଷୟ ହୋଇଛି।


ବଲାଙ୍ଗୀର ସ୍ୱେଚ୍ଛାସେବୀ ସଙ୍ଗଠନ ସଦସ୍ୟମାନେ ମୃତଦେହ ସତ୍କାର କରିବାକୁ ନେଉଛନ୍ତି।

# ୨ ଧର୍ମଯାଜକଙ୍କ ହାତଗୋଡ଼ ବାନ୍ଧି ୧୦ ଲକ୍ଷ ଲୁଟ

ରାଉରକେଲା/ବେଦବ୍ୟାସ, ୧୫।୬
(ସଙ୍ଗୀତା ଜେନା/ଆଲୋକ ସ୍ୱାଇଁ)

ରାଉରକେଲା ବ୍ରାହ୍ମଣୀତରଙ୍ଗ ଥାନା ଅଞ୍ଚଳରେ ଶୁକ୍ରବାର ବିଳମ୍ବିତ ରାତିରେ କେତେକ ଦୁର୍ବୃତ୍ତ ୨ ଧର୍ମଯାଜକ (ଫାଦର)ଙ୍କ ହାତଗୋଡ଼ ବାନ୍ଧି ମାଡମାରି ତାଙ୍କଠାରୁ ୧୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଲୁଟି ନେଇଛନ୍ତି। ଏ ନେଇ ବ୍ରାହ୍ମଣୀତରଙ୍ଗ ଥାନାରେ ମାମଲା ରୁଜୁ ହୋଇଛି। ପୋଲିସ ମାମଲା ନଂ. ୧୫୬/୨୪ ରୁଜୁ କରି ଘଟଣାର ତଦନ୍ତ କରୁଛି। ପୋଲିସ ସାଇଣ୍ଟିଫିକ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରୁଛନ୍ତି। ୨ ଧର୍ମଯାଜକ ଗୁରୁତର ଅବସ୍ଥାରେ ରାଉରକେଲା ସରକାରୀ ଡାକ୍ତରଖାନା(ଆର୍‌ଜିଏଚ୍)ରେ ଚିକିତ୍ସାଧୀନ ଅଛନ୍ତି। ଡିଆଇଜି ବ୍ରିଜେଶ ରାୟ ଗୁରୁତର ଦ୍ୱୟଙ୍କୁ ଶନିବାର ଭେଟିଥିଲେ। ସୂଚନା ଅନୁଯାୟୀ, ୨ ଧର୍ମଯାଜକ (ଫାଦର) ଆଲଭିସ୍ ଖାଲଖୋ(୭୦) ଓ ନିରିଏଲ୍ ବିଲୁଙ୍ଗ(୫୮) ଜଡ଼ାକୁଦର ପଞ୍ଚାୟତ ଅର୍ବା ଝରାବାହାଲ ନିକଟରେ ଥିବା ଇଂଲିଶ ମିଡିୟମ୍ ସ୍କୁଲ ସେଣ୍ଟ ଜୋନ୍ସର ଦାୟିତ୍ୱରେ ଥିଲେ। ଶୁକ୍ରବାର ବିଳମ୍ବିତ ରାତିରେ ୧୨ରୁ ୧୫ ଜଣ ମୁଖା ପିନ୍ଧା ଦୁର୍ବୃତ୍ତ ମାରଣାସ୍ତ୍ର ଧରି ସ୍କୁଲ ପରିସରକୁ ପଶି ଆଲଭିସ ଓ ନିରିଏଲଙ୍କୁ ମାଡ ମାରିଥିଲେ। ପରେ ତାଙ୍କ ହାତଗୋଡ ବାନ୍ଧି ଟଙ୍କା ନେଇ ଫେରାର ହୋଇଯାଇଥିଲେ। ଶନିବାର ସକାଳେ ସ୍କୁଲକୁ ବିଶପ୍ ଓ କାର୍ଯ୍ୟରତ ସିଷ୍ଟର ଆସିବା ପରେ ଥାନାକୁ ସୂଚନା ଦେଇଥିଲେ।

# ଚାଲାଣ ବେଳେ ୧୭୬ କଇଁଛ ଉଦ୍ଧାର, ୪ ଗିରଫ



କୋକସରା,୧୫।୬
(ଦୁଷ୍ମନ୍ତ କୁମାର ପାଟଯୋଷୀ)

କଳାହାଣ୍ଡି ଜିଲା ଝରିଗାଁ ବନ ବିଭାଗ ଚୋରା ଚାଲାଣ ବେଳେ ୧୭୬ କଇଁଛ ଉଦ୍ଧାର କରିଛି। ଏଥିରେ ସମ୍ପୃକ୍ତ ୪ଜଣଙ୍କୁ ବିଭାଗ ପକ୍ଷରୁ ଗିରଫ ସହ ଦୁଇଟି ମୋଟରସାଇକେଲ ଜବତ ହୋଇଛି। ନବରଙ୍ଗପୁର ଜିଲାକୁ ଏହି କଇଁଛ ଚୋରା ଚାଲାଣ ହେଉଥିଲା।

ସୂଚନା ଅନୁସାରେ, କଳାହାଣ୍ଡି ଜିଲା ସୀମାନ୍ତରେ ରହିଥିବା ଝରିଗାଁ ବନବିଭାଗର କଂଗ୍ରା ଫରେଷ୍ଟ ଅଞ୍ଚଳରେ କଇଁଛ ଚୋରା ଚାଲାଣକାରୀଙ୍କ ଗତିବିଧିକୁ ଦୃଷ୍ଟିରେ ରଖି ବନ କର୍ମଚାରୀ ପାଟ୍ରୋଲିଂ ଚଳାଇଥିଲେ। ଶୁକ୍ରବାର ରାତି ପ୍ରାୟ ସାଢେ ୮ଟା ସମୟରେ ଦୁଇଟି ମୋଟର ସାଇକେଲ (ସିଜି୦୪ଡିପି-୬୨୪୧ ଓ ଓଡ଼ି୦୮ଆର୍- ୩୨୬୫) ଯୋଗେ ୪ଜଣ ଯୁବକ ବସ୍ତାରେ ବାନ୍ଧି କିଛି ସାମଗ୍ରୀ ନେଉଥିବା ଦେଖି ବନ କର୍ମଚାରୀ ସେମାନଙ୍କୁ ଅଟକାଇଥିଲେ। ଯାଞ୍ଚ ବେଳେ ଉକ୍ତ ବସ୍ତାରୁ ୧୭୬ଟି ଜୀବନ୍ତ କଇଁଛ ଉଦ୍ଧାର ହୋଇଥିଲା। ଖବର ପାଇ ରେଞ୍ଜର ଶ୍ରୀ ନାୟକ, ୱାଇଲ୍ଡ ଲାଇଫ ଟିମ, ପାରା ଷ୍ଟାଫ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି କଇଁଛ ସହ ସମ୍ପୃକ୍ତ ୪ ଯୁବକ, ଦୁଇ ବାଇକ୍‌କୁ ଧରି ଝରିଗାଁ ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଆଣିଥିଲେ। କଇଁଛ ଚୋରା ଚାଲାଣ ଅଭିଯୋଗରେ ବିଭାଗ ପକ୍ଷରୁ ନଂ.୭୪/୨୦୨୪ରେ ମାମଲା ରୁଜୁ କରାଯାଇ ୪ ଜଣଙ୍କୁ ଗିରଫ କରି ବନ୍ୟପ୍ରାଣୀ ଆଇନ ଆଧାରରେ କୋର୍ଟ ଚାଲାଣ କରାଯାଇଛି। ଗିରଫ ଯୁବକମାନେ ହେଲେ କଳାହାଣ୍ଡି ଜିଲା ଆମପାଣି ଥାନା ଗୋତମୁଣ୍ଡା ଗ୍ରାମର ଦିଗମ୍ବର ଗୋପାଳ (୨୯), ଜୟପାଟଣା ଥାନା ସର୍ଗିଗୁଡ଼ା ଗ୍ରାମର ଧରମ ଚଲାନ (୪୦), ତ୍ରିଲୋଚନ ଚଲାନ (୩୮) ଓ ଗଗନେଶ୍ୱର ନାୟକ (୩୬)। ଏହି ରାକେଟର ଚେର କେଉଁ ପର୍ଯ୍ୟନ୍ତ ଲମ୍ବିଛି ସେ ନେଇ ତଦନ୍ତ ଜାରି ରହିଛି ବୋଲି ଝରିଗାଁ ବନ୍ୟପ୍ରାଣୀ ରେଞ୍ଜର ଗୋବିନ୍ଦ ଚନ୍ଦ୍ର ନାୟକ କହିଛନ୍ତି।

# ସ୍ତ୍ରୀଙ୍କୁ ମାରି ପୋତିଥିଲେ, ୫ ଦିନ ପରେ ମୃତଦେହ ଖୋଳାଗଲା

ରାଉରକେଲା/ବେଦବ୍ୟାସ, ୧୫।୬
(ସଙ୍ଗୀତା ଜେନା/ଆଲୋକ ସ୍ୱାଇଁ)

ରାଉରକେଲା ବ୍ରାହ୍ମଣୀତରଙ୍ଗ ଥାନା ବଡ଼ଦଲକି ମୂଷାପାଲି ଅଞ୍ଚଳରେ ଜଣେ ସ୍ୱାମୀ ତାଙ୍କ ସ୍ତ୍ରୀଙ୍କୁ ତଣ୍ଟି ଚିପି ହତ୍ୟା କରିବା ପରେ ଗ୍ରାମ ମଶାଣିରେ ପୋତିଦେଇଥିବା ଅଭିଯୋଗ ହୋଇଛି। ଶନିବାର ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଗାତ ଖୋଳାଯାଇ ମୃତଦେହ ଜବତ ପରେ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ଅଭିଯୁକ୍ତ ସ୍ୱାମୀଙ୍କୁ ଥାନାରେ ଅଟକ ରଖାଯାଇଛି। ପୋଲିସ ଏ ନେଇ ମାମଲା(ନଂ ୧୫୫/୨୪) ରୁଜୁକରିଛି। ଘଟଣା ସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ଓ ଅନୁସନ୍ଧାନୀ କୁକୁର ଯାଞ୍ଚ କରୁଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ବଡ଼ଦଲକି ମୂଷାପାଲି ଗିରିଜାଟୋଲି ଅଞ୍ଚଳରେ ଅଶୋକ କେର୍କେଟା(୩୨) ଓ ସ୍ତ୍ରୀ ଫୁଲମଣି(୩୦) ରହୁଥିଲେ। ଗତ ୧୦ ତାରିଖ ବିଳମ୍ବିତ ରାତିରେ ଉଭୟଙ୍କ ମଧ୍ୟରେ କୌଣସି କଥାକୁ ନେଇ ଗଣ୍ଡଗୋଳ ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଅଶୋକ ତାଙ୍କ ସ୍ତ୍ରୀଙ୍କ ତଣ୍ଟି ଚିପି ହତ୍ୟା କରିଥିଲେ। ପରେ ଗ୍ରାମବାସୀଙ୍କୁ ଫୁଲମଣିଙ୍କ ଦେହ ଖରାପ ଥିବା ଯୋଗୁ ମୃତ୍ୟୁ ହୋଇଥିବା କହିଥିଲେ। ଗ୍ରାମବାସୀ ଓ ଅଶୋକ ମିଶି ଫୁଲମଣିଙ୍କୁ ଗ୍ରାମ ମଶାଣିରେ ପୋତି ଦେଇଥିଲେ। ଏ ସମ୍ପର୍କରେ ବେଦବ୍ୟାସ ନଦୀଟୋଲାରେ ରହୁଥିବା ମୃତା ଫୁଲମଣିଙ୍କ ଭାଇ ସୁଶୀଳ କେର୍କେଟା ଜାଣିବା ପରେ ଥାନାରେ ଅଭିଯୋଗ କରିଥିଲେ। ପ୍ରାଥମିକ ତଦନ୍ତରେ ଫୁଲମଣିଙ୍କ ତଣ୍ଟି ଚିପି ଅଶୋକ ହତ୍ୟା କରିଥିବା ଜଣାପଡ଼ିଛି।

# ମାଓବାଦୀ ବ୍ୟବହାର କରୁଥିବା ୩ ସ୍ନାଇପର ଜାକେଟ ଜବତ

ମାଲକାନଗିରି,୧୫।୬(ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ରେ ମାଓବାଦୀଙ୍କ ପ୍ରାଦୁର୍ଭାବ ଦିନକୁଦିନ ବଢ଼ିବାରେ ଲାଗିଛି। ସୁକ୍‌ମା ଜିଲା କଂଗାଲତୋଙ୍ଗ ଜଙ୍ଗଲରେ ଡିଆର୍‌ଜି, ବସ୍ତର ଫାଇଟର୍ସ ଓ କୋବ୍ରା ବାହିନୀର ଯବାନମାନେ ଶନିବାର କୋମ୍ବିଂ ସମୟରେ ମାଓବାଦୀଙ୍କ ସହ ମୁହାଁମୁହିଁ ହେବା ସହ ଗୁଳି ବିନିମୟ ଘଟିଥିଲା। ଏଥିରେ ଯବାନମାନଙ୍କ ଆକ୍ରମଣକୁ ସାମ୍ନା କରି ନ ପାରି ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। ପରେ ଯବାନମାନେ ଉକ୍ତ ଅଞ୍ଚଳରେ ସର୍ଚ୍ଚ ଅପରେଶନ କରୁଥିବା ସମୟରେ ମାଟିତଳୁ ମାଓବାଦୀଙ୍କ ଡମ୍ପ ଠାବ କରିଥିଲେ। ଡମ୍ପରୁ ବିପୁଳ ପରିମାଣର ବିସ୍ଫୋରକ, ଗୁଳିଗୋଳା ଓ ସାମଗ୍ରୀ ସମେତ ୩ ହାଇଟେକ୍ ସ୍ନାଇପର ଜାକେଟକୁ ଠାବ କରିଛନ୍ତି। ମାଓବାଦୀମାନେ ବିଭିନ୍ନ ଉପାୟରେ ପୋଲିସ ଓ ଯବାନମାନଙ୍କ ଉପରେ ଆକ୍ରମଣ କରୁଥିବା ବେଳେ ସେମାନେ ବିଭିନ୍ନ ନୂଆ ପନ୍ଥା ଅବଲମ୍ବନ କରୁଛନ୍ତି। ଇତିମଧ୍ୟରେ ମାଓବାଦୀମାନେ ନିର୍ମାଣ କରିଥିବା ଏକ କଣ୍ଟା ବିଛା ଗର୍ତ୍ତକୁ ଯବାନମାନେ ଠାବ କରିଥିଲେ।



# କୋଲାବ ଡ୍ୟାମ କୂଳରେ ମାଟିଅତଡ଼ା ଧସି ୩ ମହିଳା ମୃତ

କୋରାପୁଟ,୧୫।୬
(ଅମିତାଭ ବେହେରା)

କୋଲାବ ଡ୍ୟାମ କୂଳରେ ମୋରମ ଖୋଳୁଥିବାବେଳେ ମାଟି ଅତଡ଼ା ଖସି ତା' ତଳେ ଚାପି ହୋଇ ୩ ମହିଳାଙ୍କ ମୃତ୍ୟୁ ହୋଇଥିଲା। ଶନିବାର ବ୍ୟବଚ୍ଛେଦ ଲାଗି ସେମାନଙ୍କ ମୃତଦେହ କୋରାପୁଟ ମେଡିକାଲକୁ ଅଣାଯାଇଥିଲା। କୋରାପୁଟ ବ୍ଲକ ଅନ୍ତର୍ଗତ କେରଙ୍ଗା ପଞ୍ଚାୟତର କୋଲାବ ଡ୍ୟାମ ନିକଟ ମଙ୍ଗଳାମନ୍ଦିର ସମ୍ମୁଖରେ ଥିବା ଏକ ଉଚ୍ଚସ୍ଥାନରୁ ଏହି ମହିଳାମାନେ ମୋରମ ଖୋଳୁଥିବା ବେଳେ ହଠାତ ଏକ ମାଟି ଅତଡ଼ା ଖସି ପଡିଥିଲା। ଏଥିରେ ୩ ମହିଳାଙ୍କ ଚାପି ହୋଇ ରହିଯିବାରୁ ସେମାନଙ୍କ ମୃତ୍ୟୁ ଘଟିଥିଲା। ଏହି ୩ ମହିଳାଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ଶନିବାର କୋରାପୁଟ ମେଡିକାଲକୁ ଅଣାଯାଇଛି। ଘଟଣା ସ୍ଥଳରେ କୋରାପୁଟ ସଦର ଥାନା ପୋଲିସ, ଅଗ୍ନିଶମବାହିନୀ ସହ ଓଏସ୍‌ଏପି ଓଡ୍ରାଫ ଟିମ ଉଦ୍ଧାର କାର୍ଯ୍ୟ କରିଥିଲେ। ଓଡ୍ରାଫ ଟିମ୍ ପକ୍ଷରୁ ହାବିଲଦାର ନାଗଭୂଷଣ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ୧୯ ଜଣିଆ ଟିମ ମୃତଦେହ ଉଦ୍ଧାର କରି କୋରାପୁଟ ମେଡିକାଲ କଲେଜକୁ ପଠାଇଥିଲେ। ପ୍ରତି ମୃତକଙ୍କ ପରିବାରକୁ ରେଡକ୍ରସ ପାଣ୍ଠିରୁ ୨୦ ହଜାର ଲେଖାଏ ଟଙ୍କା ସହାୟତା ପ୍ରଦାନ କରାଯାଇଛି ବୋଲି ଉପଜିଲାପାଳ ବେଣୁଧର ଶବର କହିଛନ୍ତି।


ପ୍ରଶାସନିକ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରିବା ସହ ମୃତକଙ୍କ ପରିବାର ସହ ଆଲୋଚନା କରୁଛନ୍ତି।

# ୫୦ ଲକ୍ଷ କ୍ଷତିପୂରଣ ପାଇଁ ଓଏଚ୍‌ଆର୍‌ସିରେ ମାମଲା

## ବାଣ ବିସ୍ଫୋରଣରେ ହାବିଲଦାରଙ୍କ ମୃତ୍ୟୁ ଘଟଣା

କଟକ,୧୫।୬(କାର୍ତ୍ତିକ ସାହୁ)

ବାଣ ବିସ୍ଫୋରଣରେ ହାବିଲଦାର ପ୍ରଦୀପ ମଲ୍ଲିକଙ୍କ ମୃତ୍ୟୁ ଘଟଣାକୁ ନେଇ ଶନିବାର ଓଡ଼ିଶା ମାନବ ଅଧିକାର କମିଶନ(ଓଏଚ୍‌ଆର୍‌ସି)ରେ ମାମଲା ରୁଜୁ ହୋଇଛି। ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଓ ପ୍ରଦୀପଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ନିମନ୍ତେ ନ୍ୟାୟ ପାଇଁ ଲଢେଇ ପରିବାର ଅନୁଷ୍ଠାନର ରାଜ୍ୟ ସଭାପତି ସୁବ୍ରତ କୁମାର ଦାଶ ଏହି ମାମଲା(ନଂ.୨୫୩/୨୪) ଦାଏର କରିଛନ୍ତି। ଏହି ମାମଲାରେ ଡିଜିପି, କଟକ ଡିସିପି ଓ ଗୃହ ସଚିବଙ୍କୁ ପକ୍ଷଭୁକ୍ତ କରାଯାଇଛି।

ସୂଚନାଯୋଗ୍ୟ, ଗତବର୍ଷ ଦୀପାବଳି ସମୟରେ କଟକ ଜିଲା ସଦର ଥାନା ଅଞ୍ଚଳରୁ ବେଆଇନ ବାଣ ଜବତ କରାଯାଇଥିଲା। ପରେ ତାହାକୁ ଥାନାର ମାଲ୍‌ଖାନାରେ ରଖାଯାଇଥିଲା। ଆବଶ୍ୟକ ବିଭାଗୀୟ ଅନୁମତି ପରେ ସେହି ବାଣଗୁଡ଼ିକୁ ନଷ୍ଟ କରିବା ପାଇଁ ଶୁକ୍ରବାର କଟକ ରିଜର୍ଭ ପୋଲିସ୍‌ର ବୋମା ନିଷ୍କ୍ରିୟ ଦଳର ତିନିଜଣିଆ ଟିମ୍ ଆସିଥିଲା। ପ୍ରଦୀପ ଏହି ଟିମ୍‌ର ନେତୃତ୍ୱ ନେଇଥିଲେ। କଟକ ସଦର ଥାନା ଅନ୍ତର୍ଗତ ଗୋପାଳପୁରସ୍ଥିତ କାଠଯୋଡ଼ି ନଦୀପଠାରେ ଶୁକ୍ରବାର ବାଣ ନିଷ୍କ୍ରିୟ କଲାବେଳେ ଫୁଟିଯିବାରୁ ପ୍ରଦୀପଙ୍କ ମୃତ୍ୟୁ ଘଟିଥିଲା। ଏହି କାର୍ଯ୍ୟରେ ସାମିଲ ଥିବା ଅନ୍ୟ ୨ ଜଣ କନ୍‌ଷ୍ଟେବଲ୍ ସୌଭାଗ୍ୟକ୍ରମେ ବର୍ତ୍ତି ଯାଇଛନ୍ତି।

# ଛାତିରେ ରଡ୍ ପଶି ବ୍ୟବସାୟୀ ମୃତ

ଖଇରା,୧୫।୬(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବଜାର ସଂଲଗ୍ନ ତେରାଣିପଦା ଛକରେ ଅସମ୍ପୂର୍ଣ୍ଣ ପାଚେରିରୁ ଉଠିଥିବା ରଡ୍ ଛାତିରେ ପଶିଯିବାରୁ ଜଣେ ବ୍ୟବସାୟୀଙ୍କ ମୃତ୍ୟୁ ହୋଇଛି। ଏନେଇ ଖଇରା ବଜାରର ସମସ୍ତ ବ୍ୟବସାୟୀ ମହଲରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

ଗଣ୍ଡିବେଡ ଗ୍ରାମର ନରୋତ୍ତମ ପାତ୍ର(୩୭) ତୋରାଣିପଦା ଛକରେ ଭଡାରେ ଦୋକାନ ନେଇ ଫ୍ଲେକ୍ସ ପ୍ରିଣ୍ଟ କାମ କରନ୍ତି। ପ୍ରତ୍ୟେକ ଦିନ ଭଳି ଶନିବାର ସେ ଦୋକାନ ସଂଲଗ୍ନ ନଳକୂପକୁ ପାଣି ଆଣିବାକୁ ଯାଇଥିବା ବେଳେ ଗୋଡ ଖସିଯିବାରୁ ନିକଟରେ ଅସମ୍ପୂର୍ଣ୍ଣ ପାଚେରିରୁ ଉଠିଥିବା ରଡ୍ ଉପରେ ପଡିଯାଇଥିଲେ। ଫଳରେ ବାହାରିଥିବା ରଡ୍ ତାଙ୍କ ଛାତିରେ ଗଳି ଯାଇଥିଲା। ଭଦ୍ରକ ନିଆଯିବା ପରେ ଡାକ୍ତର ନରୋତ୍ତମଙ୍କୁ ମୃତ ଘୋଷଣା କରିଥିଲେ।

IIIT Bhubaneswar
Imagine. Innovate. Inspire.
(A University established by Government of Odisha)

Admission Announcement
B. Tech. Programme

Applications are invited for admission to B.Tech. Programme under **Odisha Category** in the following disciplines.

- Computer Science & Engineering
- Electronics & Telecommunication Engineering
- Electrical & Electronics Engineering
- Information Technology
- Computer Engineering

Admission shall be strictly restricted to JEE (Main) 2024 Rank holders.
IIIT Bhubaneswar reserves 50% seats for Odisha category candidates and the counseling for admission shall be done by the Institute directly. The admission for the rest of the seats shall be done by JoSAA2024.
For Admission Bulletin and more details visit our website : https://www.iiit-bh.ac.in/admission

> ଆମ ନାକ ଆଗରେ ଯାହା ଯେତିକି ଘଟୁଛି-ତା'ଛଡା ଯେହେତୁ ଆମେ ଆଉ କିଛି ଦେଖିପାରୁନାହୁଁ- ସେଥିପାଇଁ ଆମେ ଏଇସବୁ କୋଳାହଳ ଓ ଦୁର୍ଗନ୍ଧମୟ ବିଷୟ ଭିତରେ ମାତିଯାଇଛୁ। ଆରେ ନିର୍ବୋଧ ହୃଦୟର ମଣିଷମାନେ ! ନୀରବ ରୁହ। ନିଜର କ୍ଷୁଦ୍ର ଅହଂକାରକୁ ବିନାଶକର। ଏବଂ ଉଦାର ଭାବେ, ବିସ୍ତୃତ ଭାବେ ଓ ସାର୍ବଜନୀନ ଭାବେ ସବୁ କଥା ଦେଖିବାକୁ ଶିକ୍ଷାକର। -ଶ୍ରୀଅରବିନ୍ଦ

# ନୂଆ କ୍ୟାବିନେଟ୍



ଆକାର ପଟେଲ

ଭାରତର ନୂତନ ସରକାରର ନୂଆ କ୍ୟାବିନେଟ୍ ଏକ ପୁରୁଣା କ୍ୟାବିନେଟ୍। ଏଥିରେ ସ୍ୱରାଷ୍ଟ୍ର, ଅର୍ଥ, ବୈଦେଶିକ ଏବଂ ପ୍ରତିରକ୍ଷା ମନ୍ତ୍ରୀମାନେ ପୂର୍ବଭଳି ରହିଛନ୍ତି। ଏହି ୪ଜଣଙ୍କୁ ସରକାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ମନେକରନ୍ତି ଏବଂ ସରକାର ସେମାନଙ୍କୁ ସୁରକ୍ଷା କମିଟିର ସଦସ୍ୟ ଭାବେ ବର୍ଗୀଭୁକ୍ତ କରିଛନ୍ତି। ପୁନର୍ବାର ଏହି କମିଟି ଅମିତ ଶାହା, ନିର୍ମଳା ସୀତାରାମନ, ଏସ୍. ଜୟଶଙ୍କର ଏବଂ ରାଜନାଥ ସିଂଙ୍କୁ ନେଇ ଗଠନ ହେବ। ପ୍ରଭୁ ଏବଂ ରେଳ ରାଜପଥ ପୁନର୍ବାର ନୀତିନ ଗଡ଼କରୀଙ୍କ ଦ୍ୱାରା, ରେଳଓ୍ୱେ ଅଶ୍ୱିନୀ ବୈଷ୍ଣବ, ବାଣିଜ୍ୟ ଏବଂ ଶିଳ୍ପ ପୁନର୍ବାର ପୀୟୁଷ ଗୋୟଲଙ୍କ ଦ୍ୱାରା ଏବଂ ଆଇନ ଅର୍ଜୁନ ରାମ ମେଘୱାଲଙ୍କ ଦ୍ୱାରା ପରିଚାଳିତ ହେବ। ଯେଉଁଠାରେ ଦାୟିତ୍ୱ ପରିବର୍ତ୍ତନ କରାଯାଇଥିଲେ ବି କିରେନ ରିଜିଜୁ, ଜ୍ୟୋତିରାଦିତ୍ୟ ସିନ୍ଧିଆ, ଗିରିରାଜ ସିଂ ପ୍ରମୁଖଙ୍କୁ ମନ୍ତ୍ରୀ ରଖାଯାଇଛି। ତେବେ ସ୍ମୃତି ଇରାନୀ ଏବଂ ରାଜୀବ ଚନ୍ଦ୍ରଶେଖରଙ୍କ ପରି କେତେକ ଜଣାଶୁଣା ନାମ ଅନ୍ତତଃପକ୍ଷେ ଏବେ ବାଦ୍ ପଡ଼ିଛି। କାରଣ ସେମାନେ ହାଇ ପ୍ରୋଫାଇଲ ପ୍ରତିଦ୍ୱନ୍ଦିତାରେ ହାରିଯାଇଛନ୍ତି। କିନ୍ତୁ ଯେଉଁ ମନ୍ତ୍ରୀମାନଙ୍କୁ ରଖାଯାଇଛି ଓ ବିଭାଗ ପରିବର୍ତ୍ତନ କରାଯାଇଛି, ସେମାନଙ୍କ ସମ୍ପର୍କରେ କୌଣସି କାରଣ ଦର୍ଶାଯାଇ ନାହିଁ। ସମ୍ଭବତଃ ଲେଜୁଡ଼ ଦେଶମ ପାର୍ଟି (ବେସାମରିକ ବିମାନ ଚଳାଚଳ), ଧର୍ମନିରପେକ୍ଷ ଜନତା ଦଳ(ଇସ୍ପାତ), ଜନତା ଦଳ ୟୁନାଇଟେଡ୍ (ଅଣ୍ଡ଼, ମତ୍ସ୍ୟ ଓ କ୍ଷୁଦ୍ରଶିଳ୍ପ), ଏଲ୍‌ଜେପି(ଖାଦ୍ୟ ପ୍ରକ୍ରିୟାକରଣ) ଏବଂ ଶିବସେନା (ଆୟୁର୍ବେଦ ଏବଂ ଯୋଗ) ଭଳି ସହଯୋଗୀଙ୍କୁ ଅଥଳାନ କରିବାକୁ ଏଭଳି କରାଯାଇଛି କିମ୍ବା ମଧ୍ୟପ୍ରଦେଶର ଶିବରାଜ ସିଂ ଚୌହାନ(କୃଷି) ଏବଂ ହରିୟାଣାର ମନୋହର ଲାଲ ଖଟ୍ଟରଙ୍କ ଭଳି ପୂର୍ବତନ ଭାଜପା ମୁଖ୍ୟମନ୍ତ୍ରୀଙ୍କୁ ଆଣିବା ପାଇଁ ଏଭଳି କରାଯାଇଥାଇପାରେ। ମୋଟାମୋଟି ଭାବେ ଏକ ନୂତନ କ୍ୟାବିନେଟ୍ ଯେଭଳି ହେବା କଥା ସେଭଳି ହୋଇନାହିଁ, ଏଥିରେ ସାମାନ୍ୟ ପରିବର୍ତ୍ତନ ହୋଇଛି। ପ୍ରଶ୍ନ ହେଉଛି, କାହିଁକି କେନ୍ଦ୍ରର ୩.୦ ସରକାର ୨.୦ ଭଳି ଦେଖାଯାଉଛି। ଏହାର କାରଣ ସ୍ପଷ୍ଟ,ସବୁକିଛି ଠିକ୍ ଚାଲିଥିବାରୁ ପରିବର୍ତ୍ତନ ଦରକାର ପଡ଼ିନାହିଁ। ବାସ୍ତବରେ ଧାରା ବା ଦିଶା ସଜାଡ଼ିବାର ଆବଶ୍ୟକତା ଥିଲେ ହିଁ ପରିବର୍ତ୍ତନ ଦରକାର ଏବଂ ନିର୍ବାଚନରେ ଭାଜପା ଜିତିଥିବାରୁ ସେପରି କୌଣସି ପରିବର୍ତ୍ତନର ଆବଶ୍ୟକତା ନାହିଁ। ଆଉ କ'ଣ କାରଣ ହୋଇପାରେ? ଗୋଟିଏ ସମ୍ଭାବନା ହେଉଛି, ଦଳରେ ଥିବା ଦୁର୍ବଳ ଦକ୍ଷତା। ଦଳରେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦିଆଯିବା ପାଇଁ ପର୍ଯ୍ୟାପ୍ତ ଦକ୍ଷ ବ୍ୟକ୍ତି ନାହାନ୍ତି ଏବଂ ପ୍ରଧାନମନ୍ତ୍ରୀ ତାଙ୍କ ପାଖରେ ଥିବା ଛୋଟ ଗ୍ରୁପରେ ଅଟକି ରହିଯାଇଛନ୍ତି, ବଡ଼ ପରିବର୍ତ୍ତନ କରିନାହାନ୍ତି। ଏହା ସମ୍ଭବତଃ କାରଣ ନୁହେଁ, କାରଣ ପ୍ରଧାନମନ୍ତ୍ରୀଙ୍କ ଅଧୀନରେ ପିଏମ୍ଓ ଏକ ମିନି କ୍ୟାବିନେଟ୍ ଭାବରେ କାର୍ଯ୍ୟ କରିଥାଏ ଏବଂ ପ୍ରତିରକ୍ଷା, ଅର୍ଥ ଓ ବୈଦେଶିକ ମନ୍ତ୍ରଣାଳୟ ଅବଗତ ଥିବା ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ହସ୍ତକ୍ଷେପ କରିଥାଏ।

ଏକ ତୃତୀୟ ସମ୍ଭାବନା ହେଉଛି ଯାହାକୁ ବାସ୍ତବ ଭୁଲକୁ ସ୍ୱୀକାର କରିବାରେ ଅନିଚ୍ଛା। ଫେବୃଆରୀ ୫ରେ ପ୍ରଧାନମନ୍ତ୍ରୀ ଲୋକ ସଭାରେ ରଖିଥିବା ଏକ ବକ୍ତବ୍ୟ ତାଙ୍କ ୟୁଟ୍ୟୁବ୍ ଚ୍ୟାନେଲରେ ଅପଲୋଡ୍ ହୋଇଛି। ସେଥିରେ ସେ ଯାହା କହିଛନ୍ତି ତାହା ଏହିପରି- ''ବାଚସ୍ପତି ମହୋଦୟ, ପ୍ରସଙ୍ଗଗୁଡ଼ିକ ଉପରେ ମୁଁ ବିଶେଷକରି ଆଗ୍ରହୀ ନୁହେଁ। କିନ୍ତୁ ମୁଁ ଦେଶର ମାନସିକତାକୁ ଅନୁଭବ କରିଛି। ଏହା ନିଶ୍ଚିତ ଭାବରେ ଏନ୍‌ଡିଏକୁ ୪୦୦ରୁ ଅଧିକ ଆସନରେ ପହଞ୍ଚାଇବ, କିନ୍ତୁ ଏହା ନିଶ୍ଚିତ ଭାବରେ ଭାଜପାକୁ ୩୭୦ଟି ଆସନ ଦେବ। ଏହି ସମୟରେ ପାର୍ଲାମେଣ୍ଟରେ ବସିଥିବା ସଦସ୍ୟମାନେ ଡେସ୍କ ବାଡ଼େଇ ମୋଦି.. ମୋଦି ନାରା ଦେଉଥିଲେ। ପ୍ରଧାନମନ୍ତ୍ରୀ ପୁଣି କହିଛନ୍ତି- ଭାଜପା ପାଇଁ ୩୭୦ ଆସନ ଏବଂ ଏନ୍‌ଡିଏ ପାଇଁ ୪୦୦ରୁ ଅଧିକ ଆସନ।'' ଟେବୁଲ ବାଡ଼େଇବା ଓ ମୋଦି..ମୋଦି ଧ୍ୱନି ଜାରି ରହିଥିଲା। ଆମ ଜାଣିବାରେ ତାହା ହେଲା ନାହିଁ। ଭାଜପା ୩୭୦ ଆସନ ପାଇଲା ନାହିଁ, ଏପରିକି ୨୭୦ ମଧ୍ୟ ନୁହେଁ। ଭାଜପା କ୍ୟାରିୟରରେ ପ୍ରଥମ ଥର ପାଇଁ ପ୍ରଧାନମନ୍ତ୍ରୀ ଏକ ସଂଖ୍ୟାଗରିଷ୍ଠ ବିହୀନ ସରକାରର ନେତୃତ୍ୱ ନେଉଛନ୍ତି। ଏହା କ'ଣ ଏକ ପରାଜୟ? ଯଦି ଆପଣ ବିରୋଧୀ ଏବଂ ଏହାର ଭୋଟରଙ୍କୁ ଲକ୍ଷ୍ୟ କରିବେ, ତେବେ ସେମାନେ ଜିତିବା ଭଳି ପ୍ରଦର୍ଶନ କରୁଛନ୍ତି। ନୂତନ ସରକାର ଅସ୍ଥିର ଏବଂ ବାହ୍ୟ ସମର୍ଥନ ଉପରେ ନିର୍ଭରଶୀଳ। ଯୋଗେନ୍ଦ୍ର ଯାଦବ କହିଛନ୍ତି, ଗତ ଦଶନ୍ଧିରେ ଥିବା ଗ୍ରହଣୀୟତା ଏବଂ ସମ୍ମାନ ଦୂର ହୋଇଯାଇଛି। ବିଜୟର ଦକ୍ଷତା ସବୁଦିନ ପାଇଁ ଚାଲିଯାଇଛି। ଏହି କାରଣ ପାଇଁ ଭାଜପା ଅଧିକାଂଶ ସମର୍ଥକ ଏବଂ ବିଶେଷକରି ପ୍ରଧାନମନ୍ତ୍ରୀଙ୍କ ସହଯୋଗୀମାନଙ୍କ ମଧ୍ୟରେ ନୈରାଶ୍ୟ ଦେଖାଯାଉଛି। ବାହ୍ୟ ବିଷୟଗୁଡ଼ିକ ଭଳି ଅଛି। ଏକ ଦଶନ୍ଧିର ନୀରବତା ପରେ ସରକାରଙ୍କ କାର୍ଯ୍ୟକଳାପକୁ ନେଇ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପୁନର୍ବାର ମୁହଁ ଖୋଲିଛି। ଏନ୍‌ଡିଏ ସହଭାଗୀମାନେ ନିଜକୁ ଦୃଢ଼ କରୁଛନ୍ତି।

ଏହି ବିଷୟରେ ଆଖି ବୁଜିଦେବା ଏବଂ ଯେପରି କିଛି ଘଟିନାହିଁ ଛଳନା ଜାରି ରଖିବାର ସମ୍ଭାବନା ରହିଛି। କିନ୍ତୁ ତାହା ବାସ୍ତବତାକୁ ପରିବର୍ତ୍ତନ କରିପାରିବ ନାହିଁ। ଭୋଟର ପ୍ରଧାନମନ୍ତ୍ରୀଙ୍କୁ କହିଛନ୍ତି, ସେ ୨୦୧୯ ଏବଂ ୨୦୧୪ ତୁଳନାରେ କମ୍ ଲୋକପ୍ରିୟ। ଭୋଟରମାନେ ତାଙ୍କୁ ମଧ୍ୟ କହିଛନ୍ତି ଯେ, ସରକାର ଭାଜପାର ନୁହେଁ, ବରଂ ଏନ୍‌ଡିଏକୁ ନେଇ ଗଠିତ। ଛଳନା କରିବା ଅର୍ଥ ଆମେ ଏବେ ବି ଫେବୃଆରୀରେ ଅଛୁ ଓ ନିଜେ ମିଛ କହୁଛୁ। ଏହା ନିସନ୍ଦେହ ଯେ, ଅର୍ଥ ଏବଂ ବୋଧହୁଏ ସ୍ୱରାଷ୍ଟ୍ର ସମେତ ପ୍ରମୁଖ ମନ୍ତ୍ରଣାଳୟର ପ୍ରଦର୍ଶନ ପରାଜୟର କାରଣ ଥିଲା। ବିନା ପରିବର୍ତ୍ତନରେ ଚାଲିବା ଅର୍ଥ କ୍ଷତି ଜାରି ରଖିବା। କିନ୍ତୁ ପାର୍ଟିରେ କିଏ ତାଙ୍କୁ କହିପାରିବେ? ଯେଉଁମାନେ ତାଙ୍କୁ ଘେରି ରହି ନିଜ ପଦବୀକୁ ଫେରୁଛନ୍ତି ସେମାନେ କହିପାରିବେ ନାହିଁ। ଯେଉଁମାନେ ଜାଣନ୍ତି, ସେମାନେ ସତ କହିଲେ ଦଣ୍ଡ ପାଇବେ, ସେମାନେ ଏହା କହିପାରିବେ ନାହିଁ। ଯେଉଁମାନେ ଭାଜପାକୁ ବିରୋଧ କରୁଛନ୍ତି ସେମାନେ ଏହା ଅସ୍ୱୀକାର କରିବା ଖରାପ ବିଷୟ ନୁହେଁ, କାରଣ ଆଗକୁ କିଛି ଭଲ ଆସିବ ନାହିଁ, ଯାହା ଆସନ୍ତା ମାସରୁ ସ୍ପଷ୍ଟ ହୋଇଯିବ। ମନେ ରଖିବାକୁ ହେବ, ଜଣଙ୍କର ଭ୍ରାନ୍ତି ସହିତ ତାଳ ଦେଇ ଜଗତ ନିଜକୁ ପରିବର୍ତ୍ତନ କରେ ନାହିଁ।

Email:aakar.patel@gmail.com

# ପରିବେଶ ସୁରକ୍ଷାରେ ଗ୍ରହର ସୁରକ୍ଷା



ଇଂ. ପ୍ରକାଶ କୁମାର ମହାନ୍ତି

ପଞ୍ଚ ମହାଭୂତ- ପୃଥିବୀ, ଜଳ, ତେଜ, ବାୟୁ ଓ ଆକାଶକୁ ନେଇ ସମଗ୍ର ପ୍ରକୃତିର ସୃଷ୍ଟି। ଆଜି ପ୍ରକୃତିର ସମସ୍ତ ଉପାଦାନ ପ୍ରଦୂଷିତ। ବୈଜ୍ଞାନିକମାନଙ୍କ ଆକଳନ ଅନୁଯାୟୀ, ପରିବେଶ ପ୍ରଦୂଷଣ ପାଇଁ ଏହି ପୃଥିବୀରୁ ଦିନେ ସମସ୍ତ ପ୍ରାଣୀ ନିଶ୍ଚିହ୍ନ ହୋଇଯିବେ। ଅସଂଖ୍ୟ କଳକାରଖାନାରୁ ନିର୍ଗତ ବିଷାକ୍ତ ଗ୍ୟାସ୍ ଦ୍ୱାରା ବାୟୁମଣ୍ଡଳ ପ୍ରଦୂଷିତ ହେଉଥିବା ବେଳେ ସେଗୁଡ଼ିକରୁ ବାହାରୁଥିବା ବର୍ଜ୍ୟବସ୍ତୁ ଜଳାଧାରରେ ପ୍ରବେଶ କରି ଜଳକୁ ପ୍ରଦୂଷିତ କରୁଛି। ରାସାୟନିକ ସାରର ବହୁଳ ପ୍ରୟୋଗ ଏବଂ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ମାଟିକୁ ପ୍ରଦୂଷିତ କରୁଛି ଓ କୃତ୍ରିମ ଉଚ୍ଚ ଶବ୍ଦ ସୃଷ୍ଟି ଆକାଶକୁ ପ୍ରଭାବିତ କରୁଛି। ଏହସହ ସମ୍ପ୍ରତି ପୃଥିବୀର ତାପମାତ୍ରା ବଢ଼ିଚାଲିଛି। ମେରୁ ଅଞ୍ଚଳରେ ଗ୍ଲାସିୟର ତରଳିବା ଆରମ୍ଭ ହୋଇଛି ଓ ଏହାଦ୍ୱାରା ସମୁଦ୍ରର ଜଳପତ୍ତନ ବଢ଼ି ପ୍ରଳୟ ସୃଷ୍ଟି ହେବ ବୋଲି ବୈଜ୍ଞାନିକମାନେ ଚେତାବନୀ ଦେଲେଣି। ସମୁଦ୍ର ଉପକୂଳବର୍ତ୍ତୀ ସହରଗୁଡ଼ିକ ଜଳପ୍ଲାବିତ ହେବ ଓ ପୃଥିବୀ ଧ୍ୱଂସାଭିମୁଖୀ ହେବ ବୋଲି ଆଶଙ୍କା ପ୍ରକାଶ ପାଇଲାଣି। ଏହି ତାପମାତ୍ରା ବୃଦ୍ଧିର ଏକମାତ୍ର କାରଣ ହେଉଛି ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ବୃଦ୍ଧି। ବିକାଶ ନାମରେ ଶିଳ୍ପାୟନ ଓ କଳକାରଖାନାର ସଂଖ୍ୟା ବୃଦ୍ଧି ଏହାର ମୁଖ୍ୟ କାରଣ। ଗଛ ଅଙ୍ଗାରକାମ୍ଳ ଶୋଷିନିଏ ଏବଂ ପ୍ରତିଦାନରେ ଅମ୍ଳଜାନ ପ୍ରଦାନ କରେ। ମାତ୍ର ମଣିଷ ଶିଳ୍ପାୟନ ପାଇଁ ରାସ୍ତା ପ୍ରଶସ୍ତୀକରଣ ନିମନ୍ତେ ଲକ୍ଷ ଲକ୍ଷ ଗଛ କଟିବାରେ ଲାଗିଛି। ପ୍ରଚୁର ଗଛଥିଲେ ସେଗୁଡିକ ଅଙ୍ଗାରକାମ୍ଳକୁ ଶୋଷିନିଅନ୍ତି। ମାତ୍ର ଜଙ୍ଗଲ କମିବା ଦ୍ୱାରା ତାହା ସମ୍ଭବ ହେଉ ନାହିଁ। ଫଳରେ ପୃଥିବୀର ତାପମାତ୍ରା ବଢ଼ୁଛି। ନୂତନ ବନୀକରଣ ନାମରେ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି, ମାତ୍ର ସେହି ଅନୁପାତରେ ଜଙ୍ଗଲ ସୃଷ୍ଟି ହୋଇପାରୁ ନାହିଁ। ଗ୍ଲୋବାଲ ୱର୍ମିଂ (ବିଶ୍ୱତାପନ) କାରଣରୁ ଜଳବାୟୁ ପରିବର୍ତ୍ତନ, ଭୂତଳଜଳ ହ୍ରାସ, ମୃତ୍ତିକାକ୍ଷୟ ଆଦି ବିପର୍ଯ୍ୟୟ ସୃଷ୍ଟି ହେଉଛି। ଏହା ଦ୍ୱାରା କେବଳ ମଣିଷ ନୁହନ୍ତି ପଶୁ ପକ୍ଷୀ, ଜଳଚର ଜୀବ ଓ ଉଦ୍ଭିଦଜଗତ ମଧ୍ୟ ପ୍ରଭାବିତ ହେଉଛନ୍ତି। ସବୁଠୁ ଚିନ୍ତାଜନକ ବିଷୟ ହେଉଛି ବ୍ୟାପକ ବୃକ୍ଷଛେଦନ ଫଳରେ ଅମ୍ଳଜାନର ଅଭାବ ଅନୁଭୂତ ହେଲାଣି। ଫଳରେ ଦିଲ୍ଲୀ, ମୁମ୍ବାଇ ଆଦି ସହରରେ ଅମ୍ଳଜାନ ପାର୍ଲର ଖୋଲିଲାଣି। ଚାଇନାର ରାଜଧାନୀ ବେଜିଂରେ ୧୮ ଡଲାରରେ ଏକ ଲିଟର ଅମ୍ଳଜାନ ବିକ୍ରି ହେଉଛି। ଏଣୁ ଆଗାମୀ ଦିନରେ ବାହାରକୁ ଗଲେ ପାଣି ବୋତଲ ସହ ଅମ୍ଳଜାନ ଥଳି ଧରି ଯିବାକୁ ପଡ଼ିପାରେ। ପରିବେଶକୁ ପ୍ରଦୂଷଣମୁକ୍ତ କରିବା ପାଇଁ ଏକ ସଫଳ ବନୀକରଣ ଯୋଜନାର ଆବଶ୍ୟକତା ଅଛି। ଏଥିପାଇଁ ଗଛକୁ ଭଲ ପାଇବାକୁ ହେବ। ନିଜର ସନ୍ତାନସନ୍ତତି ଭଳି ଗଛଗୁଡ଼ିକୁ ଯତ୍ନ ନେବାକୁ ପଡ଼ିବ। ଶୀତତାପ ନିୟନ୍ତ୍ରିତ କୋଠରି ମଧ୍ୟରେ ବସି ଜଙ୍ଗଲ କ୍ଷୟ ରୋକିବା ପାଇଁ ନୀତି ନିର୍ଦ୍ଧାରଣ କଲେ ଜଙ୍ଗଲ କ୍ଷୟ ବନ୍ଦ ହୁଏ ନାହିଁ। ଏଥିପାଇଁ ଆବଶ୍ୟକ ଆନ୍ତରିକ ଉଦ୍ୟମ। ୧୭୩୦ ମସିହା କଥା। ଯୋଧପୁର ମହାରାଜ ଗୋଟିଏ ନୂତନ ମହଲ ନିର୍ମାଣ କରିବ ପାଇଁ ଯୋଜନା କଲେ। ଆବଶ୍ୟକ ହେଲା ଶକ୍ତକାଠ। କିନ୍ତୁ ସେତେବେଳେ ଯୋଧପୁର ସହରରେ ଗଛର ଅଭାବ ଥାଏ। ରାଜାଙ୍କ ଆଦେଶରେ ରାଜ କର୍ମଚାରୀମାନେ ପ୍ରଚୁର ବଡ଼ ଗଛ ଥିବା ଏକ ଗାଁରେ ପହଞ୍ଚିଲେ। ଯେତେବେଳେ ଜଣେ ରାଜକର୍ମଚାରୀ ଗୋଟିଏ ଗଛ ଉପରେ କୁରାଢ଼ି ଚୋଟ ପକାଇଲେ, ଛମକି ପଡ଼ିଲେ ନିକଟସ୍ଥ ଗୃହର ବାସିନ୍ଦା ଅମୃତା ଦେବୀ। ଘର ଭିତରେ ସେ ରାନ୍ଧୁଥିଲେ। ରାନ୍ଧିବା ଛାଡ଼ି ସେ ଦୌଡ଼ିଗଲେ ରାଜକର୍ମଚାରୀଙ୍କ ନିକଟକୁ ଓ କହିଲେ, ତୁମେ ଇଏ କ'ଣ କରୁଛ? ଆମ ଗାଁରେ ଗଛ କାଟିବା ଅଧର୍ମ। ଆମେ କେବେ ଗଛ କାଟୁନା କିମ୍ବା କାହାକୁ କାଟିବାକୁ ଦେଉନା। ମାତ୍ର ରାଜାଙ୍କ ଆଦେଶରେ ଏହି ଗଛକଟା ହେଉଛି କହି ରାଜକର୍ମଚାରୀ ପୁଣି କୁରାଢ଼ି ଉଠାଇଲେ। ଅମୃତା ଦେବୀ ଗଛଟିକୁ କୁଣ୍ଢାଇ ପକେଇଲେ। ତାଙ୍କ ବେକରେ କୁରାଢ଼ି ଚୋଟ ବସିଲା। ତାଙ୍କ ମୁଣ୍ଡ ତଳେ ଲୋଟିଲା। ଅମୃତାଦେବୀଙ୍କର ଥିଲେ ତିନି ଝିଅ। ଜଣକ ପରେ ଜଣେ ଆସି ଗଛକୁ କୁଣ୍ଢାଇ ଧରିଲେ ଓ ସମସ୍ତଙ୍କ ମୁଣ୍ଡ କାଟ ହେଲା। ଏ ଖବର ଚାରିଆଡ଼େ ବ୍ୟାପିଗଲା। ସମସ୍ତ ଗ୍ରାମବାସୀ ପହଞ୍ଚିଲେ ଓ ଗଛକୁ ଜାବୁଡ଼ି ଧରିଲେ। ତିନିଶହ ତେଷଠି ମୁଣ୍ଡ କଟିଲା। ଖବର ପହଞ୍ଚିଲା ରାଜାଙ୍କ ପାଖରେ। ରାଜା ଆସିଲେ ଓ ଲୋକଙ୍କ ପାଖରେ କ୍ଷମା ପ୍ରାର୍ଥନା କଲେ। ପରିବେଶ ସୁରକ୍ଷା ପାଇଁ ଅମୃତା ଦେବୀଙ୍କ ବଳିଦାନ ଇତିହାସରେ ଲିପିବଦ୍ଧ ହୋଇ ରହିଛି।



ସଂପ୍ରତି ଉଚ୍ଚପଦ ଓ ସୁଖ ସମ୍ଭୋଗର ଜୀବନକୁ ତୁଚ୍ଛ କରି ଗୋଟିଏ ଆଦିବାସୀ ଅଧ୍ୟୁଷିତ ଗାଁରେ ରହିଛନ୍ତି ଓ ପରିବେଶର ସୁରକ୍ଷା ପାଇଁ ବନୀକରଣ କାର୍ଯ୍ୟରେ ନିଜକୁ ଉତ୍ସର୍ଗ କରିଛନ୍ତି ଦିଲ୍ଲୀ ଆଇଆଇଟିର ପ୍ରାକ୍ତନ ପ୍ରଫେସର (ଇଲେକ୍ଟ୍ରିକାଲ ଇଂଜିନିୟରିଂ ବିଭାଗ) ଡ.ଆଲୋକ ସାଗର। ୧୯୮୨ ମସିହାରୁ ପ୍ରଫେସର ପଦ ତ୍ୟାଗ କରି ସେ ରହୁଛନ୍ତି ମଧ୍ୟପ୍ରଦେଶର ଏକ ଆଦିବାସୀ ଅଧ୍ୟୁଷିତ ଗାଁ କୋଚୁମାରେ। ସେଠି ଭଲ ରାସ୍ତା ନାହିଁ କି ବିଜୁଳି ଆଲୁଅର ସୁବିଧା ନାହିଁ। ସେଠି ସେ ବିତାଉଛନ୍ତି ଏକ ସରଳ ଜୀବନ। ଆଦିବାସୀ ଭାଇଭଉଣୀଙ୍କ ସହ ମିଶି ଆଜି ପର୍ଯ୍ୟନ୍ତ ସେ ୫୦ ହଜାରରୁ ଅଧିକ ଗଛ ଲଗାଇଲେଣି। ସେ ପିନ୍ଧନ୍ତି ଏକ କୁର୍ତ୍ତା, ଚଢ଼ନ୍ତି ସାଇକେଲ। ଦିନସାରା ସାଇକେଲରେ ବୁଲି ଆଦିବାସୀମାନଙ୍କ ଘରେ ପହଞ୍ଚନ୍ତି ଓ ଚାରା ବାଣ୍ଟନ୍ତି। ଆଲୋକ ସାଗରଙ୍କ ଭଳି ସମସ୍ତେ ବନୀକରଣ ପାଇଁ ଉତ୍ସର୍ଗୀକୃତ ହେଲେ ପରିବେଶ ପ୍ରଦୂଷଣ କମିବ ଓ ଜୀବଜଗତ ଅକାଳ ଧ୍ୱଂସରୁ ରକ୍ଷାପାଇବ। ଆଜିର ଆବଶ୍ୟକତା ପୂରଣ କରିବା ପାଇଁ ଆମେ ପ୍ରକୃତିକୁ ଶୋଷଣ କରୁଥିବାରୁ ପ୍ରକୃତି ଆମ ଉପରେ ପ୍ରତିହିଂସା ପରାୟଣ ହେଉଛି। ମହାତ୍ମା ଗାନ୍ଧୀ କହୁଥିଲେ:- the earth provides enough to satisfy man's need, but not every man's greed. ଏହି ବାଣୀକୁ ମନେରଖିଲେ ପରିବେଶକୁ ସ୍ୱଚ୍ଛ ଓ ନିର୍ମଳ ରହିବ। ଗାନ୍ଧିଜୀଙ୍କ ଏହି ବାଣୀ ଆମ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ ହେଉ। ପ୍ରାଚୀନ କାଳରେ ଲୋକେ ସ୍ୱତଃପ୍ରବୃତ୍ତ ଭାବରେ ବୃକ୍ଷରୋପଣ କରୁଥିଲେ।

ବୃକ୍ଷଲତାଗୁଡ଼ିକୁ ଧର୍ମ ସହ ସଂଯୁକ୍ତ କରାଯାଉଥିଲା। ଭଗବଦ୍‌ଗୀତାରେ ଭଗବାନ୍ କହିଛନ୍ତି: ବୃକ୍ଷମାନଙ୍କ ମଧ୍ୟରେ ଅଶ୍ୱତ୍ଥ, ତୁଳସୀ, ବିଲ୍ୱ, କଦମ୍ବ, ରୁଦ୍ରାକ୍ଷ, ଚମ୍ପା, ବକୁଳ ଆଦି ଗଛ ଓ ସେଗୁଡିକ୍‌ର ପତ୍ର ଏବଂ ଫୁଲ ସହ ଧାର୍ମିକ ଭାବନା ଜଡିତଥିବାରୁ ଜନସାଧାରଣ ସ୍ୱତଃପ୍ରବୃତ୍ତ ଭାବରେ ଗଛ ଲଗାଉଥିଲେ। ତଦ୍ଦ୍ୱାରା ପରିବେଶ ସୁରକ୍ଷା ରହୁଥିଲା। ଆଧୁନିକ ମଣିଷ ଏହି ଧର୍ମ ଭାବନାରୁ ମଧ୍ୟ ଦୂରେଇ ଗଲାଣି। ବସ୍ତୁବାଦୀ ଓ ଭୋଗବାଦୀ ହୋଇ ସେ ପ୍ରକୃତିକୁ ଲୁଣ୍ଠନ କରୁଛି ଓ ପରିଣତି ସ୍ୱରୂପ ଜଳବାୟୁ ପରିବର୍ତ୍ତନ ଦ୍ୱାରା ନିଜର ବିନାଶକୁ ଆମନ୍ତ୍ରଣ କରୁଛି। ଆସନ୍ତୁ, ସମସ୍ତେ ଏକ ସଂକଳ୍ପ ନେବା ଅଧିକରୁ ଅଧିକ ବୃକ୍ଷରୋପଣ କରି ପୃଥିବୀ ମାତା'ର ଉଷ୍ମତାକୁ ପ୍ରଶମିତ କରିବା ଏବଂ ପରିବେଶକୁ ସୁସ୍ଥ, ସୁନ୍ଦର ଓ ସବୁଜିମା କରିବା। ତତ୍‌ସହିତ ଏହି ବାସୋପଯୋଗୀ ଗ୍ରହର ସୁରକ୍ଷା ଦିଗରେ ଅଧିକ ଯତ୍ନଶୀଳ ହେବା।

– ରେଳଡବା କାରଖାନା, ମଞ୍ଚେଶ୍ୱର
ମୋ: ୮୪୫୫୮୮୮୪୬୮

# ବାପା: ଏକ ଶ୍ରଦ୍ଧାଶୀଳ ଉଚ୍ଚାରଣ



ସଂଗ୍ରାମ କେଶରୀ ପୃଷ୍ଟି

ଅସରା ଅସରା ଦୁଃଖକୁ ହୃଦୟରେ ଚାପି, ଛାତିକୁ ପଥରକରି ସନ୍ତାନକୁ ଏ ଦୁନିଆରେ ପରିଚିତ କରାଇବା ପାଇଁ ନିଜର ଲୁହ ଲହୁ ଢାଳି ଚାଲିଥିବା ଏକ ଶ୍ରଦ୍ଧାଶୀଳ ଉଚ୍ଚାରଣ ହେଉଛନ୍ତି- ବାପା। ଯାବତୀୟ ଝଡ଼ଝଞ୍ଜା ଭିତରେ ସେ ଘରକୁ ଆଣିଦେଇଥାନ୍ତି ଖୁସି। ଏଥିପାଇଁ ତାଙ୍କ ଦିନ ସରେନା କି ରାତି ବିତେନା। ନିର୍ଧୂମ ଖରାର ତାତି, ବାଦଲଫଟା ବର୍ଷାମାଡ଼, ମାଘ ମାସର ହାଡ଼ଭଙ୍ଗା ଜାଡ଼କୁ ଏକାକାର କରି ଜୀବନ ସହିତ ବାଜି ଖେଳନ୍ତି ସେ ନିଜ ପିଲାଙ୍କ ପାଇଁ। ଛୁଆଙ୍କୁ ଛାଇରେ ରଖି ଖରାରେ ଜଳିପାରନ୍ତି ବୋଲି ତ ସେ ବାପା। ସୁତରାଂ ଛୋଟ ଛୋଟ ବିପତ୍ତି କାଳରେ ମୁହଁରୁ ଆମର ଯେତେବେଳେ ବାହାରିଆସେ- 'ମରିଗଲି ଲୋ ମା', ବଡ଼ ବିପତ୍ତି ବେଳେ ସ୍ୱତଃ ଉଚ୍ଚାରିତ ହୋଇଥାଏ- 'ଆରେ ବାପରେ ବାପ'। ପ୍ରତ୍ୟେକ ସନ୍ତାନର ସାହସ, ଇଜ୍ଜତ, ସମ୍ମାନ, ଶକ୍ତି, ପୁଞ୍ଜି ଓ ପରିଚୟ ହେଉଛି- ବାପା। ସମ୍ଭବତଃ ସେଇଥିପାଇଁ କୁହାଯାଇଥାଏ, ବାପା ଥିଲା ପୁଅ ସଭାରେ ହାରେନା।

ତ୍ୟାଗ, ଶକ୍ତି ଓ ସାମର୍ଥ୍ୟର ପ୍ରତୀକ ହେଉଛନ୍ତି ବାପା। ଆଖିରେ ତାଙ୍କର ଥାଏ ଆଖିଏ ସ୍ୱପ୍ନ। ତେବେ ସ୍ୱପ୍ନ ଦେଖନ୍ତି ସନ୍ତାନମାନେ; ହେଲେ ସେସବୁ ସ୍ୱପ୍ନକୁ ସେମାନଙ୍କ ଅଜାଣତରେ ଲୁଚେଇ ପୂରଣ କରିଥାନ୍ତି ବାପା। ଏଥିରେ ନ ଥାଏ ସ୍ୱାର୍ଥପଣିଆ ନତୁବା ଅହଙ୍କାର। ନିଜର କର୍ତ୍ତବ୍ୟ ସମ୍ପାଦନ କରିବାକୁ ଯାଇ ଅକାତର ଚିତ୍ତରେ ନିଜକୁ ତିଳ ତିଳ କରି ଦଗ୍ଧୀଭୂତ କରିପାରୁଥିବା ଏ ମଣିଷ ଜଣକ ବାପାଙ୍କ ଛଡ଼ା ଆଉ କିଏ ହୋଇପାରେ! ମୁଣ୍ଡ ଝାଳ ତୁଣ୍ଡରେ ମାରି, ଆଖି ଲୁହ ଆଖିରେ ମାରି ପରିବାର ପାଇଁ ନିଜକୁ ସମର୍ପିତ କରିଥିବା ଏହି ମହାନ୍ ବ୍ୟକ୍ତିତ୍ୱ ଜଣକ ହିଁ ସନ୍ତାନସନ୍ତତିମାନଙ୍କ ଜୀବନର ପ୍ରଥମ ହିରୋ ପାଲଟି ଯାଇଥାନ୍ତି। ନିଜର ଦୁଃଖକୁ ଲୁଚେଇ ସନ୍ତାନ ପାଇଁ ମହଣ ମହଣ ଖୁସି ଆଣି ଦେଉଥିବା ବ୍ୟକ୍ତି ଜଣେ ଆଦର୍ଶର ପ୍ରତିମୂର୍ତ୍ତି, ଏହାକୁ ପ୍ରତ୍ୟେକଟି ସନ୍ତାନ ସ୍ୱୀକାର କରିବେ ନିଶ୍ଚିତ।

ପରିବାର ପାଇଁ ଶୀତଳ ଛାଇଟିଏ ସାଜି ବିରାଟ ବଟବୃକ୍ଷ ଭୂମିକାରେ ଅବତୀର୍ଣ୍ଣ ହୋଇପାରୁଥିବା ମଣିଷ ହେଉଛନ୍ତି- ବାପା। ଇଏ ସେହି ବାପା, ଯିଏ କି ଯେତେ ଝଡ଼ଝଞ୍ଜା ଆସିଲେ ମଧ୍ୟ ହାତ ଛାଡ଼ନ୍ତିନି ବରଂ ହାତକୁ ଆହୁରି ଦୃଢ଼କରି ଚାପି ଧରନ୍ତି। କେତେବେଳେ କ୍ରୋଧ ତ ପୁଣି କେତେବେଳେ ଭଲପାଇବା- ଏହା ହିଁ ବାପାଙ୍କ ପରିଚୟ। ସବୁଠୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି, ବାପା ହେଉଛନ୍ତି ଏକମାତ୍ର ମଣିଷ ଜଣେ, ଯିଏ ଆମକୁ ବହୁତ ଭଲ ପାଆନ୍ତି ଅଥଚ ଏହାକୁ କେବେ ପ୍ରଦର୍ଶନ କରନ୍ତି ନାହିଁ। ତାଙ୍କ ଗାଳି ମଧ୍ୟରେ ଥାଏ ନିଛକ ଭଲ ପାଇବା ଓ ଠିକ୍ ମାର୍ଗରେ ଯିବା ପାଇଁ ବିବେକର ଛାଟ।

ଜଣେ ସ୍ୱାମୀ ପାଇଁ ତା'ର ସ୍ତ୍ରୀ ରାଣୀ ହେଉ କି ନ ହେଉ କିନ୍ତୁ ଜଣେ ବାପା ପାଇଁ ତାଙ୍କ ଝିଅ ହୋଇଥାଏ ରାଜକୁମାରୀ। ଅଭାବ ଅନଟନ ଏଥିପାଇଁ ଅନ୍ତରାୟ ସାଜିପାରେନା। ବାପାଙ୍କ ପରୀ ଭୂମିକାରେ ଅବତୀର୍ଣ୍ଣ ହୋଇ ଝିଅଟି ନିଜକୁ ଭାଗ୍ୟବତୀ ମନେକରେ। ଏ ସଂସାରରେ ବାପା ଏପରି ଜଣେ ବ୍ୟକ୍ତି, ଯିଏ ସବୁବେଳେ ଚାହାନ୍ତି ଯେ ତାଙ୍କ ପିଲାମାନେ ତାଙ୍କଠାରୁ ବହୁତ ଆଗକୁ ଯାଆନ୍ତୁ। ଜୀବନରେ ଭଲ ମଣିଷ ହୁଅନ୍ତୁ। ଏ ସଂସାରରେ ସେମାନେ ଭାଗ୍ୟବାନ୍, ଯାହାଙ୍କ ମୁଣ୍ଡରେ ଅନବରତ ରହିଥାଏ ବାପାଙ୍କ ହାତ। ଜିଦ୍ ମଧ୍ୟ ପୂରଣ ହୋଇଯାଏ ଯଦିବାପାଙ୍କ ସାଥିଥାଏ। ପରିବାର ପ୍ରତି, ଈଶ୍ୱରଙ୍କ ପ୍ରତି ସମର୍ପିତ ତଥା ବିଶ୍ୱସ୍ତ ବ୍ୟକ୍ତି ହେଉଛନ୍ତି କେବଳ ବାପା।



ବିଶ୍ୱ ପିତୃ ଦିବସ ଉପଲକ୍ଷେ

ଏ ଦୁନିଆରେ ସ୍ୱର୍ଗ ଅଛି କି ନାହିଁ, ସେକଥା ଜଣା ନାହିଁ। କିନ୍ତୁ ଏକଥା ସତ ସ୍ୱର୍ଗ ବୋଲି ଯାହା ଆମେ ଅନୁଭବ କରୁ, ତାହା ହେଉଛି ମାଆବାପାଙ୍କ ପାଦତଳ। ସେମାନେ ହେଉଛନ୍ତି, ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ। ଜଣେ ଦେହ, ଆଉ ଜଣେ ଛାଇ। ମାଆଙ୍କ ବିନା ଘର ଲାଗେ ଅନ୍ଧାର ଆଉ ବାପାଙ୍କ ବିନା ଦୁନିଆଟା ଲାଗେ ଅନ୍ଧାର। ମାଆ ହାତଧରି ଦୁନିଆକୁ ଚିହ୍ନେଇ ଦିଅନ୍ତି, କିନ୍ତୁ ବାପା ନିଜ ସନ୍ତାନକୁ ଦୁନିଆରେ ପରିଚିତ କରାନ୍ତି। ଯିଏ ଆଖି ବନ୍ଦ ହେଲା ପର୍ଯ୍ୟନ୍ତ ଭଲ ପାଉଥାନ୍ତି ସେ ମାଆ, କିନ୍ତୁ ଯିଏ ଆଖିରେ ପ୍ରେମ ନ ଦେଖାଇ ମଧ୍ୟ ଭଲ ପାଆନ୍ତି ସେ ବାପା। ସେଇଥିପାଇଁ ତ କୁହାଯାଏ :

''ପିତା ଧର୍ମ ପିତା ସ୍ୱର୍ଗ ପିତାହୀ ପରମ ତପଃ
ପିତରେ ପ୍ରିତିମାପର୍ଣ୍ଣେ ପ୍ରିୟତୀ ସର୍ବ ଦେବତାଃ।''

ବାପାଙ୍କର ସ୍ନେହ- ପ୍ରେମ ସବୁବେଳେ ପାଉଥାଉ ବୋଲି ତ ପାଖରେ ଥାଇ ମଧ୍ୟ ଆମେ କେବେ କେବେ ତାଙ୍କୁ ଗୁରୁତ୍ୱ ଦେଇ ନ ଥାଉ। ବାପା ସବୁବେଳେ ପାଖରେ ଥିବା କାରଣରୁ ତାଙ୍କୁ ଅନୁଭବ ମଧ୍ୟ କରିପାରୁନା, କିନ୍ତୁ ସେତେବେଳେ ଅନୁଭବ କରୁ, ଯେତେବେଳେ ସେ ପାଖରେ ନ ଥାନ୍ତି। ଦୁଃଖ ଜର୍ଜରିତ ଜୀବନର ମରୁଭୂମିରେ ମନେପଡ଼ନ୍ତି ଆଶ୍ୱାସନାର ବାରିଧାରଟିଏ- ବାପା। ବିଷାଦଗ୍ରସ୍ତ ମନକୁ ଯେତେବେଳେ କେହି ବୁଝିପାରନ୍ତି ନାହିଁ, ବୁଝିବାକୁ ଚେଷ୍ଟା ମଧ୍ୟ କରନ୍ତି ନାହିଁ ସେତେବେଳେ ମନେପଡ଼ନ୍ତି- ବାପା। କେତେ ସମ୍ମୋହନ, କେତେ ଶିହରଣ, କେତେ ଆବେଗ ପୁଣି କେତେ ପୁଲକ ସତେ ଏ ଡାକରେ!

ବାପା ଥିଲେ ଦୁନିଆର ସବୁ ଖୁସି ଆସିଯାଏ ହାତମୁଠାକୁ। ତାଙ୍କ ହାତ ଧରିଥିଲେ ସାତ ସମୁଦ୍ର ତେର ନଈ ଲଙ୍ଘିବାକୁ ଭୟ ନ ଥାଏ। ତାଙ୍କ ଆଙ୍ଗୁଠି ଧରିଥିଲେ ଅବାଟ ବି ବାଟ ପାଲଟିଯାଏ। ବାଘ ବି ଫାଘ ବନିଯାଏ। ଛୁ ମାରେ ଭୟ। ସାରା ଦୁନିଆଟା ଲାଗେ ନିଜର ନିଜର। ସନ୍ତାନସନ୍ତତିମାନଙ୍କ ପାଇଁ ଏ ଦୁନିଆର ସବୁଠାରୁ ଧନୀ ହେଉଛନ୍ତି- ବାପା। ଯିଏକି ପକେଟ ଖାଲି ଥାଇ ମଧ୍ୟ କୌଣସି ଜିନିଷ ପାଇଁ କେବେ ମନା କରନ୍ତି ନାହିଁ। ବାପାଙ୍କ ବିନା ମୂଲ୍ୟହୀନ ଏ ଜୀବନ। ସେ ବସୁଧା, ସେ ପୁଣି ଆକାଶ।

ଶିକ୍ଷକ, କିଶୋରନଗର ଉଚ୍ଚ ବିଦ୍ୟାଳୟ
ରାଜକିଶୋରନଗର, ଅନୁଗୋଳ
ମୋ:୯୪୩୭୫୪୭୧୪୬

## ଏଇ ଭାରତରେ

ଅଦରକାରୀ ପୁରୁଣା ଜିନିଷର ପୁନଃବ୍ୟବହାର କରି ଏକ ସୁନ୍ଦର ବଗିଚା କରିଛନ୍ତି ଉତ୍ତରପ୍ରଦେଶ ମିରଟର ସୁରଭି ଯାଦବ। ସେ ଅଦରକାରୀ ବୋତଲ, ବାସନ ଏବଂ ଅନ୍ୟାନ୍ୟ ବର୍ଜ୍ୟକୁ ଉପଯୋଗ କରି ବଗିଚାରେ ୩୦୦ରୁ ଅଧିକ ଗଛ ଲଗାଇଛନ୍ତି। ଏହି ବଗିଚା ତାଙ୍କ ଶାଶୁଙ୍କ ସ୍ମୃତିରେ କରିଛନ୍ତି। ଶାଶୁଙ୍କର କୋଭିଡ୍-୧୯ରେ ମୃତ୍ୟୁ ହୋଇଥିଲା ଓ ଏହାର ମାତ୍ର ଦୁଇ ବର୍ଷ ପୂର୍ବରୁ ସୁରଭି ତାଙ୍କ ଘରକୁ ବୋହୂ ହୋଇ ଆସିଥିଲେ। ଶାଶୁଙ୍କ ସହିତ ସମ୍ପର୍କ ଏତେ ଭଲ ଥିଲା ଯେ ସୁରଭି ତାଙ୍କୁ ମନେରଖିବା ଲାଗି ଅଗଣାରେ ଏହି ବଗିଚା ଆରମ୍ଭ କରିଥିଲେ। ବିଶେଷକରି ତାଙ୍କ ସମୟରେ ଘରେ ବ୍ୟବହୃତ ହୋଇଥିବା ପୁରୁଣା ବୋତଲ, ଜାର୍, ବାସନ ଆଦିକୁ ବଗିଚାରେ ବ୍ୟବହାର କରାଯାଇଛି। ସେ ମଧ୍ୟ ୟୁଟ୍ୟୁବ୍ ଓ ଇନ୍‌ଷ୍ଟାଗ୍ରାମ୍‌ରେ ବଗିଚା ସମ୍ପର୍କରେ ମତ ରଖୁଛନ୍ତି। ବଗିଚାରେ ବିଭିନ୍ନ ପ୍ରକାର ସୌନ୍ଦର୍ଯ୍ୟବର୍ଦ୍ଧକ ଗଛ ସହିତ ଫୁଲଗଛ ଲଗାଇଛନ୍ତି। ଏହା ବ୍ୟତୀତ ସେଠାରେ ପରିବା ଚାଷ ମଧ୍ୟ କରୁଛନ୍ତି। ସେ ଟମାଟୋ, ବାଇଗଣ, ପୋଇ, ମେଥି, ବିନ୍ସ ଓ ଲଙ୍କା ଅମଳ କରୁଛନ୍ତି, ଯାହା ତାଙ୍କ ପରିବାରର ଆବଶ୍ୟକତା ପୂରଣ କରିପାରୁଛି।

## ଚିରନ୍ତନୀ

ଫୁଲେ ଫୁଲେ ଧରା ଉଠେ ଫୁଲି ଯେ
ଯୌବନ ଶିରୀ ଯାଏ ଭୁଲି
ଶିଶୁ ଯଥା ଭୁଲେ ନିଜ କାନ୍ତି
ଭୁବନେ ଜାଗିଛି ସେହି ଭ୍ରାନ୍ତି
କୋକିଳ ଭ୍ରମର ଆଜି ଗା'ନ୍ତି
ସେହି ଗୀତ ବନେ ବନେ ବୁଲି ହେ!
(ଫଗୁଣ ଜ୍ୟୋତ୍ସ୍ନା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 8 | | 1 | | | | |
| 4 | | | 8 | | 7 | | | |
| 3 | | 5 | | | | 1 | | |
| | | | | 6 | 9 | | | 8 |
| 2 | 9 | | | | 1 | | | |
| | | | 2 | | | | 7 | |
| | | | | | 4 | | | 3 |
| | | | 5 | | 3 | 4 | | |
| 5 | | | 6 | 7 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 7 | 9 | 4 | 1 | 6 | 5 | 2 | 3 |
| 6 | 4 | 3 | 9 | 2 | 5 | 8 | 7 | 1 |
| 1 | 2 | 5 | 3 | 7 | 8 | 6 | 9 | 4 |
| 4 | 3 | 8 | 7 | 5 | 2 | 9 | 1 | 6 |
| 9 | 5 | 1 | 8 | 6 | 4 | 2 | 3 | 7 |
| 7 | 6 | 2 | 1 | 3 | 9 | 4 | 5 | 8 |
| 3 | 8 | 6 | 2 | 9 | 1 | 7 | 4 | 5 |
| 2 | 1 | 4 | 5 | 8 | 7 | 3 | 6 | 9 |
| 5 | 9 | 7 | 6 | 4 | 3 | 1 | 8 | 2 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ଅର୍ଥ ଅପେକ୍ଷା ସେବା ଜରୁରୀ

ମହାଶୟ,
ନନା(ପିତା)ଙ୍କ ଆଗରେ ମୁଁ କେବେ ମୁହଁଟେକି ଠିଆହୋଇ ପାରୁ ନ ଥିଲି। ଯଦି କିଛି କହିବାକୁ ଥାଏ, ବୋଉ ହାତରେ କହେ। ଏଥିରେ ଭକ୍ତି ଓ ଭୟ ମିଶିଥିଲା। ପରେ ଯେତେବେଳେ ଆଇଏଡ୍ ଚାକିରି ପାଇ ଦିଲ୍ଲୀ ଅଭିମୁଖେ ଯିବା ପାଇଁ ପ୍ରସ୍ତୁତ ହେଲି, ତାଙ୍କ ରକ୍ତଚାପ ହଠାତ୍ ବଢ଼ିଗଲା ଓ ପକ୍ଷାଘାତ ରୋଗର ସେ ଶିକାର ହେଲେ। ତା'ପରେ ସେ ଚାରିବର୍ଷ ଶଯ୍ୟାଶାୟୀ ଥିବାବେଳେ ବୋଉ ଓ ମୋ ସ୍ତ୍ରୀ ତାଙ୍କର ନିରନ୍ତର ସେବା କଲେ। ମୁଁ କେବଳ ଯାହା ଅକୁଣ୍ଠିତ ଚିତ୍ତରେ ଆର୍ଥିକ ଖର୍ଚ୍ଚ ବହନ କରୁଥାଏ। କିନ୍ତୁ ଆଦୌ ସେବା କରି ନାହିଁ। ଏବେ ମୋ ବୟସ ବଢ଼ିବା କ୍ରମେ ମୁଁ ଜାଣିପାରୁଛି ଯେ ବୃଦ୍ଧ ମାତାପିତା ଟଙ୍କା ଅପେକ୍ଷା ସେବା ଅଧିକ ଚାହାନ୍ତି। ରାମାୟଣ ବର୍ଣ୍ଣିତ ଶାନ୍ତନୁଙ୍କ ପୁତ୍ର ଶ୍ରବଣ କୁମାର ଯୁଗେ ଯୁଗେ ଏକ ଆଦର୍ଶ ଓ ଅନୁକରଣୀୟ।

**– ଡ. ନିଖିଳାନନ୍ଦ ପାଣିଗ୍ରାହୀ, ଭୁବନେଶ୍ୱର**

## ମହାପ୍ରସାଦ ଦର ତାଲିକା ଟଙ୍ଗାଯାଉ

ଶ୍ରୀମନ୍ଦିର ଆନନ୍ଦବଜାରରେ ମହାପ୍ରସାଦର ଧାର୍ଯ୍ୟ ତାଲିକା ଟାଙ୍ଗିବା ପାଇଁ ପ୍ରଶାସନ ବହୁବାର ନିଷ୍ପତ୍ତି ନେଇଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହୋଇପାରୁନାହିଁ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମହାପ୍ରସାଦ ପାଇବା ପାଇଁ ସବୁ ଭକ୍ତଙ୍କ ମଧ୍ୟରେ ବ୍ୟାକୁଳତା ଥାଏ। କିନ୍ତୁ ମନଇଚ୍ଛା ଦର ନିଆଯାଏ। ଶହେ ଟଙ୍କାର ଅବଢ଼ା ନେଲେ ପେଟ ପୂରେ ନାହିଁ। ଦିନ ୨ଟାରେ କୈବଲ୍ୟ ବାହାରେ ଭକ୍ତ ଖାଇବାକୁ ବସେ। ଗରମ ନିର୍ମାଲ୍ୟ ସାଙ୍ଗରେ ବାସି ମହାପ୍ରସାଦ ପରସା ଯାଇଥାଏ। ତେଣୁ ଅନେକ ଭକ୍ତ ବିକ୍ରେତାଙ୍କ ସାଙ୍ଗରେ ଯୁକ୍ତିତର୍କ କରୁଥିବା ଦେଖିବାକୁ ମିଳେ। ସରକାର ଏଥିପ୍ରତି ଦୃଷ୍ଟି ଦେବାକୁ ଅନୁରୋଧ।

**– କହ୍ନେଇ ଚରଣ ନନ୍ଦୀ, କମଳାକାନ୍ତ ଭବନ, ସାଆନ୍ତା, ଶେରଗଡ଼, ବାଲେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ବୃଦ୍ଧା ମୃତ

ବାଙ୍ଗିରିପୋଷି,୧୫ା୬
(ସଞ୍ଜୟ କୁମାର ଅଗ୍ରୱାଲା)

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଥାନା ଚନ୍ଦରପୁର ପଞ୍ଚାୟତର ଯୋଗିବନ୍ଧ ଗ୍ରାମରେ ଶନିବାର ପୋଖରୀରେ ବୁଡ଼ି ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗ୍ରାମର ବୈଶାଖୀ ମହାନ୍ତ (୭୦)। ସୂଚନା ମୁତାବକ, ବୈଶାଖୀ ସକାଳ ସମୟରେ ଗ୍ରାମ ନିକଟରେ ଥିବା ବଣକୁ ଯାଇଥିଲେ। ନିକଟରେ ଥିବା ପୋଖରୀରେ ଶୌଚ ହେବା ସମୟରେ ପାଦ ଖସି ବୁଡ଼ିଯାଇଥିଲେ। ଘରକୁ ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ଖୋଜା ଖୋଜି କରିଥିଲେ। ପୋଖରୀରେ ଜଣେ ବୃଦ୍ଧାଙ୍କ ମୃତଦେହ ଭାସୁଥିବା ଖବର ପାଇ ତାଙ୍କ ପୁଅ ଓ ନାତୀ ପହଞ୍ଚି ଚିହ୍ନଟ କରିଥିଲେ। ଖବର ପାଇ ବାଙ୍ଗିରିପୋଷି ପୋଲିସ ଓ ଦମକଳବାହିନୀ ପହଞ୍ଚି ମୃତଦେହ ଜବତ କରିଥିଲା। ବାଙ୍ଗିରିପୋଷି ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ବାରିପଦା ପିଆରଏମ ମେଡିକାଲକୁ ପଠାଯାଇଥିବା ସୂଚନା ମିଳିଛି।

### ପାଇପ୍ ଚୋରି ଅଭିଯୋଗ

ଗୋପବନ୍ଧୁ ନଗର,୧୫ା୬
(ଶାନ୍ତନୁ କୁମାର ମଣ୍ଡୁଆଳ)

ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ତଥା ଗୋପବନ୍ଧୁ ନଗର ବ୍ଲକ୍ ଅନ୍ତର୍ଗତ ଆରପଟା ପଞ୍ଚାୟତ ଖିରିପଦାଠାରେ ପାଇପ ଲାଇନ କାର୍ଯ୍ୟ ଚାଲିଛି। କାମ କରୁଥିବା ସଂସ୍ଥା ଏକାଧିକ ସ୍ଥାନରେ ପାଇପ୍‌ଗୁଡ଼ିକୁ ଆଣି ଠୁଳ କରିଛି। ତେବେ ସେଥିରୁ ୪୫ଟି ପାଇପ ଗୁରୁବାର ଚୋରି ହୋଇଥିବା ସମ୍ପୃକ୍ତ ସଂସ୍ଥାର ଏମ୍‌ଡି ଜ୍ୟୋତି ପ୍ରକାଶ ପାଢୀ ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ଏକ ମାମଲା(ନଂ. ୨୦୮/୨୪) ହୋଇଛି।

### ବିଭିନ୍ନ ସ୍ଥାନରେ ଉଡ଼ାପର୍ବ

ବୈଶିଙ୍ଗା, ୧୫ା୬ (ରତନ ଦାଶ)

ରଜ ସଂକ୍ରାନ୍ତିରେ ଶନିବାର ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ଉଡ଼ାପର୍ବ ଅନୁଷ୍ଠିତ ହୋଇଯାଇଛି। ଜିଲାର ଅଧିକାଂଶ ସ୍ଥାନରେ ଉଡ଼ାଯାତ୍ରା ପ୍ରାୟତଃ ପଣା ସଂକ୍ରାନ୍ତି ସମୟରେ ଆୟୋଜିତ ହୋଇସାରିଥିବା ବେଳେ ଚଳିତ ରଜପର୍ବର ଦ୍ୱିତୀୟ ଦିନ ବୈଶିଙ୍ଗା ଥାନା ଅଧୀନ କଦଳିଆ, ପାଟଳିପୁରା ଓ ମାନଗୋବିନ୍ଦପୁର ଗ୍ରାମରେ ପାଳନ କରାଯାଇଛି। ସ୍ଥାନୀୟ ଏକାଧିକ ଭକ୍ତା ଗତ ପାଞ୍ଚଦିନ ହେଲା ଉପବାସ ରହିଥିଲେ ଓ ନିକଟସ୍ଥ ଶୈବପୀଠରେ ପୂଜାର୍ଚ୍ଚନା କରିଥିଲେ। ଶନିବାର ସେହି ଭକ୍ତାମାନେ ଗ୍ରାମ ପରିକ୍ରମା କରି ଉଡ଼ାପଡ଼ିଆ ମଧ୍ୟଭାଗରେ ପୋତା ଯାଇଥିବା ଉଡ଼ାଖୁଣ୍ଟ ପାଖରେ ପହଞ୍ଚିଥିଲେ। ପାରମ୍ପରିକ ନୀତି ଅନୁଯାୟୀ ଉଡ଼ିଥିଲେ। ବିଭିନ୍ନ ସ୍ଥାନରେ ଆୟୋଜିତ ଉଡ଼ାପର୍ବକୁ ଶାନ୍ତିଶୃଙ୍ଖଳାର ସହ ପାଳନ ନିମନ୍ତେ ବୈଶିଙ୍ଗା ପୋଲିସ ପକ୍ଷରୁ ବ୍ୟବସ୍ଥା କରାଯାଇଥିଲା।

# ସୁବର୍ଣ୍ଣରେଖା କେନାଲ କାର୍ଯ୍ୟକୁ ନେଇ ତେଜୁଛି ଅସନ୍ତୋଷ

ବାରିପଦା,୧୫ା୬
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ୍ ଅଞ୍ଚଳରେ ନିର୍ମାଣାଧୀନ ସୁବର୍ଣ୍ଣରେଖା କେନାଲର ନିର୍ମାଣ କାର୍ଯ୍ୟକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ନିର୍ଦ୍ଧାରିତ ଅଞ୍ଚଳକୁ କେନାଲ ନ ଯିବା ସହ ଅଙ୍କାବଙ୍କା ଭାବେ ନିର୍ମାଣକୁ ନେଇ ଚାଷୀଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି। ଏହାକୁ ନେଇ ଚାଷୀମାନେ ଜିଲାପାଳ ଓ ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ ବେତନଟୀ ଡିଭିଜନର ଅଧିକ୍ଷଣ ଯନ୍ତ୍ରୀଙ୍କୁ ଅବଗତ କରିଛନ୍ତି। ଏହାର ବିଧିବଦ୍ଧ ତଦନ୍ତ ପୂର୍ବକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଚାଷୀକୂଳ ଉପକୃତ ହେବା ବଦଳରେ କ୍ଷତି ସହିବେ ବୋଲି ଅଭିଯୋଗରେ ଦର୍ଶାଇଛନ୍ତି।

ସୂଚନାଯୋଗ୍ୟ, ବଡ଼ସାହି ବ୍ଲକ୍ ଶିଆଳୀଘାଟୀ ପଞ୍ଚାୟତ ଅଧୀନ ଭଞ୍ଜବାଟୀ ଓ ବାଘୁଆପାଳ ଗ୍ରାମରେ ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର କେନାଲ କାର୍ଯ୍ୟ ଚାଲୁ ରହିଛି । ଭଞ୍ଜବାଟୀରୁ ବାଘୁଆପାଳ ଗ୍ରାମ ଦେଇ ୧୫୦ମିଟରରୁ ୨ଶହ ମିଟର ପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ଶେଷ କରାଯାଇଛି। ମାତ୍ର ବିଭାଗୀୟ ଅଧିକାରୀଙ୍କ ମନମୁଖି କାର୍ଯ୍ୟ ପାଇଁ ଅଞ୍ଚଳବାସୀ ପ୍ରକୃତ ଲକ୍ଷ୍ୟ ଓ ଉଦ୍ଦେଶ୍ୟରୁ ଦୂରେଇ ଯିବାକୁ ବସିଛନ୍ତି। ପ୍ରକଳ୍ପ ନିର୍ମାଣ ପାଇଁ କରାଯାଇଥିବା ସର୍ଭେ ଅନୁଯାୟୀ ଜମି ଅଧିଗ୍ରହଣ କରାଯାଇଛି। ଉକ୍ତ ଜମିର ମାଲିକାନା ସତ୍ୱ ସରକାରଙ୍କ ପକ୍ଷରୁ ଅର୍ଥ ପ୍ରଦାନ କରାଯାଇ ସରକାରୀ ରେକର୍ଡରେ ସ୍ଥାନ ପାଇଛି। ମାତ୍ର ଆବଶ୍ୟକ ନ ଥାଇ ମଧ୍ୟ କେନାଲ କାର୍ଯ୍ୟକୁ



ନିର୍ମାଣାଧୀନ ସୁବର୍ଣ୍ଣରେଖା ଶାଖା କେନାଲ।

ସିଧାସଳଖ କରା ନ ଯାଇ ମନମୁଖୀ ଭାବେ ଅଙ୍କାବଙ୍କା ନିର୍ମାଣ କରାଯାଉଛି। ଫଳରେ କେନାଲ ଦେଇ ପ୍ରବାହିତ ଜଳର ସ୍ରୋତ କମିବା ସହ ଜଳଧାରଣ କ୍ଷମତା କମିବ ବୋଲି ୱାର୍ଡ ସଭ୍ୟ ସଞ୍ଜୟ କୁମାର ଗିରି, ଚାଷୀ ଶିରିଶ ଚନ୍ଦ୍ର ଗିରି ଓ ଆନନ୍ଦ ଶଙ୍କର ପାତ୍ର କହିଛନ୍ତି। ସେହିପରି ବୁଢାବଳଙ୍ଗ ନଦୀପଠାରୁ ମାତ୍ର ଶହେ ମିଟର ବ୍ୟବଧାନରେ ହେଉଥିବା କେନାଲଟି ବାଲି ଅଞ୍ଚଳ ହୋଇଥିବାରୁ ଅଙ୍କାବଙ୍କା ନିର୍ମାଣରେ ସ୍ଥାୟିତ୍ୱକୁ ନେଇ ଗ୍ରାମର ସୁମନ୍ତ ନାଏକ, ଅଶୋକ କୁମାର ପାତ୍ର ଓ ଜୁଳୁମଣି ଗିରି ପ୍ରମୁଖ ପ୍ରଶ୍ନ ଉଠାଇଛନ୍ତି । ତେବେ କୋଟି କୋଟି ଟଙ୍କାରେ ନିର୍ମାଣ ହେଉଥିବା କେନାଲ ମାଧ୍ୟମରେ ଚାଷୀ ଉପକୃତ ହେବା ପ୍ରତିବଦଳରେ କ୍ଷତି ସହିବେ ବୋଲି ସାଧାରଣରେ ଆଶଙ୍କା ପ୍ରକାଶ ପାଇଛି। ଏ ନେଇ ସୁବର୍ଣ୍ଣରେଖା କେନାଲ ବେତନଟୀ ଡିଭିଜନର ଅଧିକ୍ଷଣ ଯନ୍ତ୍ରୀଙ୍କ ସହ ଯୋଗାଯୋଗ ହୋଇପାରିନାହିଁ।

### ମା' ଶୀତଳାଙ୍କ ପୂଜୋତ୍ସବ

ବୈଶିଙ୍ଗା,୧୫ା୬ (ରତନ ଦାଶ)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ କେଜୁଆ ଗ୍ରାମର ମା' ଶୀତଳା ମଣ୍ଡପରେ ମା' ଶୀତଳାଙ୍କୁ ବିଶାଳ ଶୋଭାଯାତ୍ରାରେ ଅଣାଯାଇ ପୂଜାମଣ୍ଡପରେ ସ୍ଥାପନା କରାଯାଇଥିଲା। ବିଧି ଅନୁଯାୟୀ ଅଧିବାସ, ଘଟଉଠାଣ, ସ୍ଥାପନା, ପଞ୍ଚୋପଚାର ପୂଜା ସମେତ ଯଜ୍ଞାଦି କର୍ମ କରାଯାଇ ପ୍ରତିଷ୍ଠା କରାଯାଇଥିଲା। ଦୈନିକ ମହିଳା ଶ୍ରଦ୍ଧାଳୁମାନେ ପୂଜାମଣ୍ଡପକୁ ଆସି ପୂଜାର୍ଚ୍ଚନା କରୁଥିବା ବେଳେ ସନ୍ଧ୍ୟା ସମୟରେ ସଙ୍କୀର୍ତ୍ତନ ମଣ୍ଡଳୀଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଉଥିଲା। ଅନ୍ତିମ ଦିବସରେ ହଜାର ହଜାର ଶ୍ରଦ୍ଧାଳୁ ଯୋଗଦେଇ ଅନ୍ନଛତ୍ରରେ ପ୍ରସାଦ ସେବନ କରିଥିଲେ। ଏହି ଅବସରରେ ଆଞ୍ଚଳିକ କଳାକାରମାନେ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରିଥିଲେ। ମୁଖ୍ୟଅତିଥି ଭାବେ ବୈଶିଙ୍ଗା ଥାନାଧିକାରୀ ପ୍ରଜ୍ଞାଂଶୁ ଶେଖର ମିଶ୍ର ଯୋଗ ଦେଇଥିଲେ।

# ନବ ନିର୍ବାଚିତ ଏମ୍‌ପିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ଏମ୍‌ପି ନବଚରଣ ମାଝିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ମୋରଡ଼ା,୧୫ା୬ (ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲାର ନବ ନିର୍ବାଚିତ ଏମ୍‌ପି ନବଚରଣ ମାଝିଙ୍କୁ ମୋରଡ଼ା ବ୍ଲକ୍ ଅଧୀନ ଚିତ୍ରଡ଼ା ଶୀର୍ଷାପାଳ ଛକରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଶନିବାର ଶତାଧିକ ଭାଜପା କର୍ମୀ ସ୍ୱାଗତ ସ୍ଲୋଗାନ ଦେଇ ବାଣ ଫୁଟାଇ ଫୁଲ ତୋଡ଼ା ଓ ଫୁଲମାଳ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏମ୍‌ପିଙ୍କ ସହିତ ସାରସକଣା ବିଧାୟକ ଭାଦବ ହାଁସଦା, ସମିତି ସୁକୁଲ ମୁର୍ମୁ ଉପସ୍ଥିତ ଥିବା ବେଳେ ବରିଷ୍ଠ ଭାଜପା ନେତା ଅମୁଲ୍ୟ ଦାସ, ଜଗଦିଶ ସାହୁ, ଚିତ୍ରଡ଼ା ମଣ୍ଡଳ ସଭାପତି ପ୍ରକାଶ ଚନ୍ଦ୍ର ମହାନ୍ତ, ଜଗଦିଶ ସାହୁ, ଯୁବ ମୋର୍ଚ୍ଚା ମଣ୍ଡଳ ସଭାପତି ଛତିଶ ଚନ୍ଦ୍ର ମହାନ୍ତ, ବୁଧେଶର ବେହେରା, ରାୟବହାଦୁର ହେମ୍ବ୍ରମ ସହିତ ଅନ୍ୟ ଭାଜପା କର୍ମୀ ଉପସ୍ଥିତ ଥିଲେ।

### ବ୍ୟାଟେରି ଗାଡ଼ିରୁ ନିଆଁ ଲାଗି ଘର ପୋଡ଼ିଗଲା

ବାରିପଦା,୧୫ା୬(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ସଦର ଥାନା ଅଧୀନ ପୋଡ଼ାଅସ୍ତିଆ ଅଞ୍ଚଳରେ ବ୍ୟାଟେରୀ ଗାଡିରୁ ସର୍ଟସର୍କିଟ ହୋଇ ଘର ଜଳିଯାଇଛି। ଫଳରେ ଗାଡି ସମେତ ଘରେ ଥିବା ଗ୍ୟାସ ଟାଙ୍କିରେ ନିଆଁ ଲାଗି ଘରର କିଛି ଅଂଶ ଜଳି ପୋଡ଼ି ପାଉଁଶ ହୋଇଯାଇଛି। ଅଗ୍ନିଶମ ବିଭାଗ ପହଞ୍ଚି ନିଆଁକୁ ଆୟତ କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଛି। ସୂଚନାଯୋଗ୍ୟ, ପୋଡ଼ାଅସ୍ତିଆ ଅଞ୍ଚଳର ପରମେଶ୍ୱର ମହାନ୍ତିଙ୍କ ଘରେ ବ୍ୟାଟେରୀ ଗାଡ଼ି ଚାର୍ଜରେ ବସିଥିଲା। କୌଣସି କାରଣରୁ ଗାଡ଼ିରେ ସର୍ଟସର୍କିଟ ହୋଇ ପାଖରେ ଥିବା ଗ୍ୟାସ ଟାଙ୍କିରେ ନିଆଁ ଧରିଥିଲା। ଫଳରେ ଦୁଇଟି ମଟରସାଇକେଲ ଓ ଟାଙ୍କି ଜଳିବା ଦ୍ୱାରା ଘରଟି ଆଂଶିକ ଜଳିଯାଇଛି। ତେବେ ଗ୍ୟାସ ଟାଙ୍କି ଫାଟିବାରୁ ଘରର କବାଟ ଗୁଡିକ ନିଆଁ ଲାଗିଥିଲେ ହେଁ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ କରିଥିଲେ।

# ଓଡ଼ିଶୀ ନୃତ୍ୟରେ ସାଇ ସିଦ୍ଧିଙ୍କୁ କେନ୍ଦ୍ର ସରକାରଙ୍କ ବୃତ୍ତି

କରଞ୍ଜିଆ, ୧୫ା୬
(କବିତା ମହାନ୍ତ)




୨୦୨୨-୨୩ ବର୍ଷ ପାଇଁ ଓଡ଼ିଶୀ ନୃତ୍ୟ କନିଷ୍ଠ ବିଭାଗରେ ପାରଦର୍ଶିତା ଲାଭ କରିଥିବା ନୃତ୍ୟାଙ୍ଗନାମାନଙ୍କୁ ଭାରତ ସରକାରଙ୍କ ଦ୍ୱାରା ପ୍ରଦତ୍ତ ବୃତ୍ତି ପରୀକ୍ଷାରେ କରଞ୍ଜିଆର ଅଗ୍ରଣୀ ନୃତ୍ୟ ଅନୁଷ୍ଠାନ ନୃତ୍ୟଶ୍ରୀର ଛାତ୍ରୀ ସାଇ ସିଦ୍ଧି ମହାନ୍ତ କୃତିତ୍ୱ ହାସଲ କରି ବୃତ୍ତି ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। କେନ୍ଦ୍ର ସରକାରଙ୍କ ବୃତ୍ତି ପାଇବାରେ ସାଇସିଦ୍ଧି ମହାନ୍ତ ହେଉଛନ୍ତି ପ୍ରଥମ। ଏହି ଖବର ପାଇବା ପରେ ଶୁଭେଚ୍ଛୁମାନେ ସାଇସିଦ୍ଧିଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସାଇସିଦ୍ଧି ୧୫ ନମ୍ବର ୱାର୍ଡ ବାସିନ୍ଦା ଦେବାଶିଷ ମହାନ୍ତ ଏବଂ ତନୁଶ୍ରୀ ମହାନ୍ତଙ୍କ ଏକମାତ୍ର କନ୍ୟା। ସେ କରଞ୍ଜିଆ ଆଦର୍ଶ ବିଦ୍ୟାଳୟର ସପ୍ତମ ଶ୍ରେଣୀର ଜଣେ ମେଧାବୀ ଛାତ୍ରୀ। ସେ ଛୋଟବେଳୁ ଓଡ଼ିଶୀ ନୃତ୍ୟ ପ୍ରତି ଆକୃଷ୍ଟ ହୋଇ ନୃତ୍ୟଶ୍ରୀ ଅନୁଷ୍ଠାନର ଗୁରୁ ପ୍ରଫେସର ଡଃ ମନୋଜ କୁମାର ବେହେରା ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନୃତ୍ୟ ଶିକ୍ଷା ଗ୍ରହଣ କରି ରାଜ୍ୟ ତଥା ରାଜ୍ୟ ବାହାରେ ବିଭିନ୍ନ ପ୍ରତିଯୋଗିତା ଏବଂ ମହୋତ୍ସବରେ ନୃତ୍ୟ ପରିବେଷଣ କରି ପୁରସ୍କୃତ ହୋଇଛନ୍ତି। ତାଙ୍କର ଏହି ସଫଳତା ପଛରେ ଗୁରୁ ପ୍ରଫେସର ଡଃ ମନୋଜ କୁମାର ବେହେରା, ସଙ୍ଗୀତ ଶିକ୍ଷୟିତ୍ରୀ ସୁଶ୍ରୀ ଝରଣା ସାହୁ, ଭାଗ୍ୟଶ୍ରୀ ସୁମନା ଓତା ପତି ଏବଂ ନୃତ୍ୟଶ୍ରୀ ଅନୁଷ୍ଠାନ ସମ୍ପାଦକ ସମୀର ଓତାଙ୍କ ଅବଦାନ ଅତୁଳନୀୟ ବୋଲି କହିଛନ୍ତି। ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ସେ ଓଡ଼ିଶୀ ନୃତ୍ୟର ପ୍ରଚାର ପ୍ରସାର ଦିଗରେ କାର୍ଯ୍ୟ କରିବେ ବୋଲି କହିଛନ୍ତି।

# ମଦ ଦୋକାନ ସ୍ଥାନାନ୍ତର ଦାବି

ବାରିପଦା,୧୫ା୬
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦା ସହର କୃଷ୍ଣଚନ୍ଦ୍ର ଗୋଲେଇ ନିକଟସ୍ଥ ଆନନ୍ଦ ବଜାର ହୋଟେଲ ଗଳିରେ ଥିବା ବିଦେଶୀ ଠିପିବନ୍ଦ ମଦ ଦୋକାନକୁ ସ୍ଥାନାନ୍ତର ନେଇ ଅଞ୍ଚଳବାସୀ ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ମଦ ପିଇ ଅଶାଳୀନ ଭାଷା ପ୍ରୟୋଗ ଓ ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ ଲୋକେ ଅତିଷ୍ଠ ହୋଇପଡ଼ିଛନ୍ତି। ବାରମ୍ବାର ଅଭିଯୋଗ ପରେ ମଧ୍ୟ ଜିଲା ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନାହିଁ। ମଦୁଆଙ୍କ କବଳରୁ ସୁରକ୍ଷା ଯୋଗାଇଦେବା ସହ ମଦ କାଉଣ୍ଟର ସ୍ଥାନାନ୍ତର କରା ନ ଗଲେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

ବାରିପଦା ପୌର ପରିଷଦ ୱାର୍ଡ ନଂ.୯ ହୋଟେଲ ଗଳିରେ ଏକ ସରକାରୀ ଲାଇସେନ୍ସପ୍ରାପ୍ତ ଠିପିବନ୍ଦ ବିଦେଶୀ ମଦ ଦୋକାନ ଦୀର୍ଘଦିନ ଧରି ଖୋଲାଯାଇଛି। ଏହି ଦୋକାନରୁ ଖୋଲାଖୋଲି ମଦ କିଣି ରାସ୍ତାପାର୍ଶ୍ୱ ଓ ଘର ସମ୍ମୁଖରେ ଲୋକେ ନିର୍ଭୟରେ ମଦ ପିଇବାରେ ଲାଗିଛନ୍ତି। ଯାହାକି ସ୍ଥାୟୀ ବାସିନ୍ଦାଙ୍କ ପାଇଁ ଚିନ୍ତାର କାରଣ ସାଜିଛି। ଠିପିବନ୍ଦ ଦୋକାନରୁ ଠିପି ଖୋଲା କରି ମଦ ବିକ୍ରି ଯୋଗୁ ନିକଟରେ ଥିବା ଘରଗୁଡ଼ିକର ବାରଣ୍ଡା ଓ ପାର୍ଶ୍ୱରେ ବସି ମଦ ପିଉଛନ୍ତି। ଫଳରେ ଲୋକେ ଘରୁ ବାହାରିବା ସମ୍ଭବ ହୋଇପାରୁ ନାହିଁ। ଏପରିକି ନିଶାସକ୍ତ ବ୍ୟକ୍ତି ରାସ୍ତାରେ ଚଳପ୍ରଚଳ କରୁଥିବା ମହିଳାଙ୍କୁ କମେଣ୍ଟ ମାରିବା, ଘରକୁ ଟେକା ପଥର ଫିଙ୍ଗିବା, ଅଶ୍ରାବ୍ୟ ଭାଷା ପ୍ରୟୋଗ କରୁଥିବା ଅଭିଯୋଗ ହେଉଛି। ଏହାଦ୍ୱାରା ଲୋକେ ନିଜକୁ ଅସୁରକ୍ଷିତ ମଣୁଛନ୍ତି। ଏହାକୁ ବିରୋଧ କଲେ ନିଶାସକ୍ତ ବ୍ୟକ୍ତିମାନେ ନାଲି ଆଖି ଦେଖାଇ ଭୟଭୀତ କରିବା ସହ ଗଣ୍ଡଗୋଳ କରୁଛନ୍ତି।

ଅପରପକ୍ଷେ ନିଶାସକ୍ତ ହୋଇ ଲୋକଙ୍କଠାରୁ ଛିନ୍ତାଇ କରିବା ସହ ଅଞ୍ଚଳରେ ଚୋରି ବଢ଼ିବାରେ ଲାଗିଛି। ପ୍ରତିଦିନ ଏଭଳି ଘଟଣା ଯୋଗୁ ଅତିଷ୍ଠ ହୋଇ ସ୍ଥାନୀୟ ଲୋକଙ୍କୁ ପୋଲିସ ପାଟ୍ରୋଲିଂ ଭ୍ୟାନ୍‌କୁ ଡକାଇବାକୁ ପଡୁଛି। ପୋଲିସକୁ ଦେଖି ସେମାନେ ଛତ୍ରଭଙ୍ଗ ଦେଉଥିବା ବେଳେ ପରେ ପୁଣି ଉତ୍ପାତ ଚଳାଉଛନ୍ତି। ପ୍ରତିଦିନ ଏହି ରାସ୍ତାରେ ଦୂରଦୂରାନ୍ତରୁ ଆସୁଥିବା ଲୋକେ ଡାକ୍ତରଖାନା, ନର୍ସିଂହୋମକୁ ଯିବାଆସିବା କରୁଥିବାରୁ ନିଶାସକ୍ତ ଲୋକଙ୍କ ହାବୁଡ଼ରେ ପଡ଼ି ଅପ୍ରୀତିକର ପରିସ୍ଥିତି ଉପୁଜୁଥିବାର ପରିଲକ୍ଷିତ ହୋଇଛି। ଫଳରେ ସନ୍ଧ୍ୟା ହେଲେ ଏହି ରାସ୍ତାରେ ଯିବାଆସିବା କରିବାକୁ ଲୋକେ ସୁରକ୍ଷିତ ମଣୁ ନାହାନ୍ତି। ଜିଲାର କୋଣ ଅନୁକୋଣରୁ ରୋଗୀମାନେ ପିଆର୍‌ଏମ୍ ମେଡିକାଲକୁ ଆସୁଥିବା ବେଳେ ଆକ୍ରୋଶର ଶିକାର ହେବାକୁ ପଡୁଛି। ଏପରିକି ମଦ ଦୋକାନକୁ ଲାଗି ଏକ ସ୍କୁଲ ଓ ମନ୍ଦିର ମଧ୍ୟ ରହିଛି। ଉକ୍ତ ମଦ ଦୋକାନ ତୁରନ୍ତ ସ୍ଥାନାନ୍ତର କରାଯିବାକୁ ସୁଲେଖା ସାହୁ, ଲକ୍ଷ୍ମୀପ୍ରିୟା ମହାନ୍ତ, ଡା.ଦେବାଶିଷ ଗିରି, ମାନସ ପତି, ସୁଶାନ୍ତ କୁମାର ପୃଷ୍ଟି, ମୋନାଲି ପତି, କୁମୁଦ ରଞ୍ଜନ ଦାସ, ଉମାକାନ୍ତ ପଣ୍ଡା, ଅଶୋକ କୁମାର ନାୟକ ଓ ଲଳିତ କୁମାର ଅଗ୍ରୱାଲ ଜିଲାପାଳଙ୍କୁ ନିବେଦନ କରିଛନ୍ତି।

### ବାକି ଟଙ୍କା ମାଗିବାରୁ ମରଣାନ୍ତକ ଆକ୍ରମଣ

ବୈଶିଙ୍ଗା,୧୫ା୬ (ରତନ ଦାଶ)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅନ୍ତର୍ଗତ ବଡଛୁରୁଣୀ ଗ୍ରାମରେ ବାକି ଟଙ୍କାକୁ ନେଇ ମରଣାନ୍ତକ ଆକ୍ରମଣ ହୋଇଛି। ଘଟଣାରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ସୂଚନା ଅନୁଯାୟୀ, ବୁଧବାର ମଧ୍ୟାହ୍ନରେ ବଡଛୁରୁଣୀ ଗ୍ରାମର ପ୍ରଶାନ୍ତ ଦାସଙ୍କର ପୁଅ ଆକାଶ କ୍ରିକେଟ୍ ଖେଳି ଘରକୁ ଫେରୁଥିଲେ। ଛକରେ ଦୋକାନ କରିଥିବା ହେମନ୍ତ ଦାସ ତାଙ୍କୁ ଅଟକାଇ ବାକି ଟଙ୍କା ମାଗିଥିଲେ। ଏ ନେଇ ୨ ଜଣଙ୍କ ମଧ୍ୟରେ ବଚସା ହୋଇଥିଲା। ଏହି ସମୟରେ ହେମନ୍ତଙ୍କ ପୁଅ ମୁକେଶ ଏକ କଟୁରୀରେ ଆକାଶଙ୍କୁ ପଛପଟୁ ଆକ୍ରମଣ କରିଥିଲେ। ଆକାଶ ଘଟଣାସ୍ଥଳରେ ରକ୍ତାକ୍ତ ହୋଇ ପଡ଼ିଥିବାବେଳେ ପ୍ରଶାନ୍ତ ଓ ସ୍ଥାନୀୟ ଲୋକ ତାଙ୍କୁ ଉଦ୍ଧାର କରି ବେତନଟୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ବାରିପଦା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦିଆଯାଇଥିଲା। ପ୍ରଶାନ୍ତ ବୈଶିଙ୍ଗା ଥାନାରେ ଶନିବାର ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା(ନଂ. ୨୦୧/୨୪)ରୁଜୁ କରି ତଦନ୍ତ ଆରମ୍ଭ କରିଛି।


**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ.SDCM-KUR-HHT-311-24

କାର୍ଯ୍ୟର ନାମ : 02 ବର୍ଷ ଅବଧି ନିମନ୍ତେ 311 ଗୋଟି ହ୍ୟାଣ୍ଡ ହେଲ୍ଡ ଟର୍ମିନାଲ (Hand Held Terminals) ପାଇଁ ବ୍ୟାପକ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି ।

ବିଜ୍ଞାପିତ ମୂଲ୍ୟ(ଟଙ୍କାରେ): 5,90,893.78, EMD (ଟଙ୍କାରେ): 11,800/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 1,180/-, ଶେଷ ହେବା ଅବଧି: 24 ମାସ ।

ବିଡ୍ ଆରମ୍ଭ ହେବା ତାରିଖ: ତା.14.06.2024ରିଖ, ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.28.06.2024 ରିଖ 1530 ଘଟିକାରେ ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।

ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ, ଖୋର୍ଦ୍ଧା ରୋଡ୍

PR-213/P/24-25

**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**

**ସର୍ବେକ୍ଷଣ କାର୍ଯ୍ୟ ପାଇଁ ଟେଣ୍ଡର ବିଜ୍ଞପ୍ତି**

କ୍ର.ସଂ.(୧) ଇ-ଟେଣ୍ଡର ନଂ. ଡିଆରଏମ୍-ଇଏନ୍‌ଜିଜି-ବିଏସ୍‌ପି-ଟି-୫୯-୨୪-୨୫, ତାରିଖ: ୦୪।୦୬।୨୦୨୪। କାର୍ଯ୍ୟ: ବିଳାସପୁର ଡିଭିଜନର ବିଳାସପୁରରୁ ଅନୁପପୁର ସେକ୍ସନ ମଧ୍ୟରେ ବିଦ୍ୟମାନ ଟ୍ରାକ୍ ଏବଂ ୟାର୍ଡଗୁଡ଼ିକର ସର୍ବେକ୍ଷଣ, ଏଲ୍-ସେକ୍ସନ ଇଏସ୍‌ପି/ଯୋଜନା ପ୍ରସ୍ତୁତି, ଏଲ୍‌ଡବ୍ଲ୍ୟୁଆର୍/ସିଡବ୍ଲ୍ୟୁଆର୍ ଏବଂ ୱେଲ୍ଡ ଯୋଜନା ପ୍ରସ୍ତୁତି। ଟେଣ୍ଡର ମୂଲ୍ୟ (ଟଙ୍କାରେ): ₹୨୭,୦୨,୭୫୯.୬୭/-, ଇଏମ୍‌ଡି (ଟଙ୍କାରେ): ₹୫୪,୧୦୦.୦୦/-, ସମାପ୍ତି ଅବଧି: ୦୬ ମାସ। ଟେଣ୍ଡର ଦାଖଲର ଆରମ୍ଭ ତାରିଖ: ତା୨୪।୦୬।୨୦୨୪ରିଖ ୧୧.୦୦ ଘଟିକାରୁ। ଟେଣ୍ଡର ଦାଖଲର ଶେଷ ତାରିଖ: ତା୦୮।୦୭।୨୦୨୪ରିଖ ୧୧.୦୦ ଘଟିକା ପର୍ଯ୍ୟନ୍ତ। ଉପରୋକ୍ତ ଇ-ଟେଣ୍ଡରର ସମ୍ପୂର୍ଣ୍ଣ ସୂଚନା ୱେବ୍‌ସାଇଟ୍ https://www.ireps.gov.inରେ ଉପଲବ୍ଧ। ଉପରୋକ୍ତ ଟେଣ୍ଡରଗୁଡ଼ିକ ପାଇଁ ଇ-ବିଡ୍ ବ୍ୟତୀତ ଅନ୍ୟ କୌଣସି ବିଡ୍‌କୁ ଗ୍ରହଣ କରାଯିବ ନାହିଁ।

ଡିଭିଜନାଲ ରେଲ୍‌ୱେ ମ୍ୟାନେଜର (ଇଏନ୍‌ଜିଜି.)
CPR/10/88 ଦ.ପୂ.ମ. ରେଳପଥ, ବିଳାସପୁର
South East Central Railway @secrail


# ଜବତ କାଠ ବୋଝେଇ ଗାଡ଼ି ଛଡ଼ାଇନେବାକୁ ଉଦ୍ୟମ

ମୋରଡ଼ା,୧୫ା୬ (ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ୍ ତଥା ରାସଗୋବିନ୍ଦପୁର ରେଞ୍ଜରେ କାଠ ଚୋରାଚାଲାଣକାରୀଙ୍କ ଉତ୍ପାତ ବଢ଼ିବାରେ ଲାଗିଛି। ଶୁକ୍ରବାର ରାତିରେ ବନବିଭାଗ ପକ୍ଷରୁ ଚଢ଼ାଉ ହୋଇ ଏକ କାଠ ବୋଝେଇ ଗାଡ଼ି ଜବତ ହୋଇଥିଲା। ଚାଲାଣକାରୀ ବନ ବିଭାଗ ଗାଡ଼ି ଉପରକୁ ପଥର ମାଡ଼ କରି ଗାଡ଼ି ଛଡ଼ାଇ ନେବାକୁ ଉଦ୍ୟମ କରିଥିଲେ। ବେଆଇନ ଭାବେ କାଠ ବୋଝେଇ ପିକ୍‌ଅପ୍(ଓଆର-୦୫ଆର-



ଜବତ କାଠ ବୋଝେଇ ପିକ୍‌ଅପ୍।

୬୮୨୪) ପଶ୍ଚିମବଙ୍ଗ ଆଡକୁ ଯାଉଥିବା ରେଞ୍ଜର ଘନଶ୍ୟାମ ସିଂ ଖବର ପାଇ ଫରେଷ୍ଟର ଅଶୋକ ନାଏକ ଓ ବନବିଭାଗ କର୍ମଚାରୀଙ୍କୁ ପଠାଇଥିଲେ। ବନବିଭାଗ କର୍ମଚାରୀ ଚୁକପଳାଶିଆ ନିକଟରେ ପିକ୍‌ଅପ୍‌କୁ ଅଟକାଇଥିଲେ ମଧ୍ୟ ଡ୍ରାଇଭର ଫେରାର ହେବା ପରେ ଜଣେ କାଠ ମାଫିଆ ବନବିଭାଗ ଗାଡିକୁ ଢେଲାପଥର ମାଡ କରିଥିଲେ। ଏଥିସହ କର୍ମଚାରୀଙ୍କ ସହିତ ଧସ୍ତାଧସ୍ତି କରି ପିକ୍‌ଅପ୍‌କୁ ଛଡ଼ାଇ ନେବାକୁ ଚେଷ୍ଟା କରିଥିଲେ। ପରେ କର୍ମଚାରୀମାନେ ଉକ୍ତ ପିକ୍‌ଅପ୍ ସହିତ ବନବିଭାଗ ଗାଡ଼ିରେ ମୋରଡ଼ାସ୍ଥିତ ରେଞ୍ଜର କାର୍ଯ୍ୟାଳୟକୁ ଆସିବା ବାଟରେ ଛୋଟରାୟପୁର ଛକ ନିକଟରେ ଦୁଃଖିରାମ ମହାନ୍ତ ନାମକ ଯୁବକଙ୍କୁ ଧକ୍କା ଦେଇଥିଲେ। ଦୁଃଖିରାମଙ୍କୁ ପ୍ରଥମେ ବାରମାଇଲସ୍ଥିତ କିଷାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ପରେ ବାରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଥିଲା। ରେଞ୍ଜର ଘନଶ୍ୟାମ ସିଂ କହିଛନ୍ତି, ଫୋନ ଯୋଗେ ଗୁରୁତରଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝୁଛନ୍ତି। ସରକାରୀ କାଗଜପତ୍ର ହିସାବରେ ତାଙ୍କୁ ସହଯୋଗ କରାଯିବ। ପଥର ମାଡ଼ରେ ବନବିଭାଗ ଗାଡିର କାଚ ଭାଙ୍ଗିଛି। ଅଭିଯୁକ୍ତଙ୍କ ନାମରେ ଥାନାରେ ଅଭିଯୋଗ କରାଯିବ ବୋଲି କହିଥିଲେ।

### ମହିଳାଙ୍କ ଆତ୍ମହତ୍ୟା

ଗୋପବନ୍ଧୁନଗର, ୧୫ା୬
(ଶାନ୍ତନୁ କୁମାର ମଣ୍ଡୁଆଳ)

ଖୁଣ୍ଟା ଥାନା ଅଧୀନ ପଶୁଦା ଗ୍ରାମର ବିଜୟ ସିଂଙ୍କ ସ୍ତ୍ରୀ ଆରତୀ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ବିଜୟଙ୍କ ମଦ୍ୟପାନ ନେଇ ସବୁବେଳେ ସ୍ତ୍ରୀ ସ୍ୱାମୀଙ୍କ ମଧ୍ୟରେ ଗଣ୍ଡଗୋଳ ଲାଗି ରହୁଥିଲା। ଏଥିରେ ଅତିଷ୍ଠ ହୋଇ ଆରତୀ ଶନିବାର ଭୋର ସମୟରେ ବେକରେ ରଶି ଲଗାଇ ଦେଇଥିଲେ। ବିଜୟଙ୍କ ନିଦ ଭାଙ୍ଗିଯିବାରୁ ପଡୋଶୀଙ୍କୁ ଡାକିଥିଲେ। ପଡୋଶୀମାନେ ଆସି ଆରତୀଙ୍କୁ ଉଦ୍ଧାର କରିବା ପରେ ବଞ୍ଚିଥିବା ଜାଣି ୧୦୮ ଆମ୍ବୁଲାନ୍ସ ଯୋଗେ ଖୁଣ୍ଟା ଡାକ୍ତରଖାନାକୁ ନିଆ ଯାଇଥିଲା। ମାତ୍ର ଡାକ୍ତର ସେଠାରେ ଆରତୀଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୩୩/୨୪ ) ରୁଜୁ ହୋଇଛି।

# ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

ମୋରଡା, ୧୫ା୬ (ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ରାସଗୋବିନ୍ଦ ବ୍ଲକ ଅଧୀନ ଷ୍ଟାଡିୟମରେ ବିନୋଦ ବିହାରୀ ଆଥଲେଟିକ କ୍ଲବ ଆନୁକୂଲ୍ୟରେ ଚାଲିଥିବା ୬୭ତମ ବାର୍ଷିକ କ୍ରୀଡା ଉତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ମୟୂରଭଞ୍ଜ ଏମ୍‌ପି ନବଚରଣ ମାଝି, ସମ୍ମାନିତ ଅତିଥି ଭାବେ ସାରସକଣା ବିଧାୟକ ଭାଦବ ହାଁସଦା, ମୁଖ୍ୟବକ୍ତା ଭାବେ ଆଦିତ୍ୟ ପଟ୍ଟନାୟକ, ଜିଲାପରିଷଦ ସଭ୍ୟ ଶ୍ୟାମସୁନ୍ଦର ଡାକୁଆ, ସରପଞ୍ଚ ସୁଧାଂଶୁ ନାଏକ, କ୍ଲବ ସଭାପତି ଅଜୟ କୁମାର ମହାନ୍ତି, ସମ୍ପାଦକ ତପନ କୁମାର ଘୋଷ, ଅମରେନ୍ଦ୍ର ବାରିକ, ପୂର୍ବତନ ଅଧ୍ୟକ୍ଷ ବସନ୍ତ କୁମାର ମହାନ୍ତ, ବିନୋଦ ବିହାରୀ ଦାସ, ଅରୁଣ ମହାନ୍ତି, ପ୍ରବୀର ଘୋଷ, ଉତ୍ତମ ମହାନ୍ତି, ଭାଜପା ଜିଲା ଉପସଭାପତି ପ୍ରଦୀପ ମହାନ୍ତି, ପରେଶ ମହାନ୍ତ, ସଞ୍ଜୀବ କୁମାର ମହାନ୍ତି, ପୁରୁଷୋତ୍ତମ ଦେ, ନରୋତ୍ତମ ମହାନ୍ତି ପ୍ରମୁଖ ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ। ଉକ୍ତ କ୍ରୀଡା ପ୍ରତିଯୋଗିତାରେ କ୍ରିକେଟ ଟୁର୍ନାମେଣ୍ଟରେ ଚାମ୍ପିୟନ ହୋଇଥିବା ମୋରଡା ଷ୍ଟାର ଇଲେଭେନ ଟିମ୍, ସାଇକେଲ ରାଉଣ୍ଡ ରେସରେ ଚାମ୍ପିୟନ ହୋଇଥିବା ଝାଡଖଣ୍ଡର ଖେଳାଳି ନରେନ୍ଦ୍ର ହାଁସଦା, ସନ୍ତରଣ ପ୍ରତିଯୋଗିତାରେ ପ୍ରଥମ ହୋଇଥିବା ଡମାନ ହେମ୍ବ୍ରମ ଏବଂ ଅନ୍ୟ ବହୁ ବିଭାଗର ଖେଳ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଟିମ ଓ ଖେଳାଳିଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଖେଳକୁ ସୁରୁଖୁରୁରେ ପରିଚାଳନା କରିଥିଲେ ଇନ୍ଦ୍ରଜିତ ଦାସ, ରଘୁନାଥ ଦାସ, ଆକାଶ ମହାନ୍ତି, କ୍ଷେତ୍ରମୋହନ ସେଠୀ, ତପନ ଦାସ, ଅଶୋକ ମହାନ୍ତି ଏବଂ ଅନ୍ୟମାନେ ।


**ୟୁକୋ ବ୍ୟାଙ୍କ** | ଆଞ୍ଚଳିକ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ ବିଲ୍ଡିଂ, ୨ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯, ଫୋନ୍: ୦୬୭୪-୨୬୨୦୪୨୩ | **ଦଖଲ ନୋଟିସ୍** ସ୍ଥାବର ସମ୍ପତ୍ତି ନିମନ୍ତେ

(ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩ (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ)ରୁଲ୍ସ ୨୦୦୨ର ରୁଲ୍ ୮ ଅନୁଯାୟୀ ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ୟୁକୋ ବ୍ୟାଙ୍କ, କଲେକ୍ଟୋରେଟ୍ ଶାଖା**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ନଂ. ୫୪) ଏବଂ ଧାରା ୧୩ (୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮ ଅନୁସାରେ ନିମ୍ନଲିଖିତ ଋଣଗ୍ରହୀତାମାନଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ସହିତ ଚୁକ୍ତି ହାରରେ ସୁଧ ସହିତ ଆନୁସଙ୍ଗିକ ଖର୍ଚ୍ଚ ଏବଂ ଆଇନଗତ ଖର୍ଚ୍ଚ ନୋଟିସ୍ ପ୍ରାପ୍ତି ତାରିଖଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତାମାନେ ସେମାନଙ୍କର ଦେୟ ପଇଠ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପର ବର୍ଣ୍ଣିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ୍ ୮ ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିଗୁଡିକୁ **ଦଖଲ** ନେଇଛନ୍ତି। ତେଣୁ ବିଶେଷକରି ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଅନ୍ୟଥା ସମ୍ପତ୍ତିଗୁଡିକ ଉପରେ କୌଣସି ପ୍ରକାର କାରବାର ପାଇଁ **ୟୁକୋ ବ୍ୟାଙ୍କ, କଲେକ୍ଟୋରେଟ୍ ଶାଖା** ନିକଟରେ ସମସ୍ତ ଦେୟ ସହିତ ସେବାବଦ ସୁଧ, ଆନୁସଙ୍ଗିକ ଖର୍ଚ୍ଚ ଏବଂ ଦେୟ ପାଇଁ ଉତ୍ତରଦାୟୀ ରହିବେ।

| କଲେକ୍ଟୋରେଟ୍ ଶାଖା / ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା | ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ରାଶିର ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିଗୁଡିକର ବିବରଣୀ |
|---|---|---|---|
| ଋଣଗ୍ରହୀତାମାନେ: ୧) ଶ୍ରୀ ଗୌରାଙ୍ଗ ବେହେରା, ପିତା: ଶ୍ରୀ ଗୁମାନୀ ବେହେରା, ୨) ଶ୍ରୀ ଗୁମାନୀ ବେହେରା, ପିତା: ଶ୍ରୀ ଶ୍ୟାମ ସୁନ୍ଦର ବେହେରା, ଉଭୟଙ୍କ ଠିକଣା- ମଙ୍ଗଳା ଲେନ୍, ଛତ୍ର ବଜାର, କଟକ-୭୫୩୦୧୨ | ତା. ୨୯.୦୧.୨୦୨୪ରିଖ ସୁଦ୍ଧା ଟ.୭୪,୭୬,୯୫୬/- + ସେବାବଦ ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୨୧.୦୨.୨୦୨୪ / ୧୨.୦୬.୨୦୨୪ | ୧) ଶ୍ରୀ ଗୁମାନୀ ବେହେରା(ଦଲିଲ୍ ନଂ. ଟି.ଏସ୍ କେସ୍ ନଂ.: ୪୪୭/ ୧୯୯୪, ତାରିଖ: ୨୯.୦୩.୧୯୯୬)ଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୨୮୬, ଖାତା ନଂ.: ୩୭୨/୧୮୯, ସା: ମଙ୍ଗଳା ଲେନ୍, ଛତ୍ର ବଜାର ହାଇ ସ୍କୁଲ ନିକଟ, |

ମୌଜା: କଟକ ସହର ୟୁନିଟ୍ ନଂ.: ୩୪ ଦୋଳମୁଣ୍ଡାଇ, ପୋ: ଦୋଳମୁଣ୍ଡାଇ, ଥାନା: ମଧୁପାଟଣା, ତହସିଲ: କଟକ, ଜିଲ୍ଲା: କଟକ-୭୫୩୦୧୨, **ସମୁଦାୟ କ୍ଷେତ୍ର: ୨୮୭୦.୧୧ ବର୍ଗଫୁଟ**, ଏହାର ଚାରିପାର୍ଶ୍ୱରେ ଉତ୍ତର: ପର୍ଶୁ ପ୍ରଧାନ, ଦକ୍ଷିଣ: ଚଇନି ଜେନା, ପୂର୍ବ: ରାସ୍ତା, ପଶ୍ଚିମ: ପୂର୍ଣ୍ଣ ପ୍ରଧାନ, **୨) ଶ୍ରୀ ଗୁମାନୀ ବେହେରା**(ଦଲିଲ୍ ନଂ. ଟି.ଏସ୍ କେସ୍ ନଂ.: ୪୪୭/୧୯୯୪, ତାରିଖ: ୨୯.୦୩.୧୯୯୬)ଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୨୮୦/୫୦୦, ଖାତା ନଂ.: ୩୭୨/୧୮୯, ସା: ଛତ୍ର ବଜାର ମାର୍କେଟ, ମୌଜା: କଟକ ସହର ୟୁନିଟ୍ ନଂ.: ୩୪ ଦୋଳମୁଣ୍ଡାଇ, ପୋ: ଦୋଳମୁଣ୍ଡାଇ, ଥାନା: ମଧୁପାଟଣା, ତହସିଲ: କଟକ, ଜିଲ୍ଲା: କଟକ-୭୫୩୦୧୨, **ସମୁଦାୟ କ୍ଷେତ୍ର: ୬୦୯.୮୪ ବର୍ଗଫୁଟ**, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: ପୂର୍ଣ୍ଣ ପ୍ରଧାନ, ପୂର୍ବ: ଚଇନି ଜେନା, ପଶ୍ଚିମ: କୋକିଳା ବେଓ୍ୱା

ସ୍ଥାନ: ଭୁବନେଶ୍ୱର, ତାରିଖ : ୧୪.୦୬.୨୦୨୪ — କ୍ଷମତାପ୍ରାପ୍ତ ଅଧିକାରୀ, ୟୁକୋ ବ୍ୟାଙ୍କ

## ସଂକ୍ଷେପରେ

### ଟ୍ରକ୍-ବାଇକ୍ ଧକ୍କା: ଯୁବକ ମୃତ, ୨ ଗୁରୁତର

ଭଦ୍ରକ,୧୫।୬(ସନାତନ ରାଉତ)

୧୬ ନମ୍ବର ଜାତୀୟ ରାଜପଥର ସର୍ଭିସ୍ ରୋଡ୍ ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ତ୍ରିଶଳପୁର ନିକଟରେ ଶୁକ୍ରବାର ରାତିରେ ଏକ ବାଇକ୍ ଟ୍ରକ୍ ସହ ସାମ୍ନାପଟୁ ଧକ୍କା ହେବାରୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବାବେଳେ ୨ଜଣ ଗୁରୁତର ହୋଇଛନ୍ତି। ଗୁରୁତରଙ୍କୁ ପ୍ରଥମେ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପରେ କଟକ ସ୍ଥାନାନ୍ତର କରାଯାଇଛି। ସୂଚନା ଅନୁଯାୟୀ, ସିମୁଳିଆ ଥାନା ଅଧୀନ ବାଲିଖଣ୍ଡ କାଞ୍ଚପଡ଼ାର ୩ ଯୁବକ ପ୍ରଫୁଲ୍ଲ ଜେନା, ସଞ୍ଜୟ କାଣ୍ଡି ଓ ମନୋଜ କର ଏକ ବାଇକ୍‌ରେ ରାଣୀତାଲରୁ ଚରମ୍ପା ଆଡ଼କୁ ଯାଉଥିଲେ। ତ୍ରିଶଳପୁର ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ ଟ୍ରକ୍ ସହ ସାମ୍ନାପଟୁ ବାଇକ୍ ଧକ୍କା ହୋଇଥିଲା। ବାଇକ୍‌ଟି ଟ୍ରକ୍ ତଳକୁ ପଶି ଯାଇଥିବା ବେଳେ ୩ ବାଇକ୍ ଆରୋହୀ ଛିଟିକି ପଡ଼ିଥିଲେ। ପ୍ରଫୁଲ୍ଲଙ୍କ ମୃତ୍ୟୁ ଘଟିଥିବା ବେଳେ ସଞ୍ଜୟ ଓ ମନୋଜ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଯୁବକଙ୍କ ସହାୟତାରେ ଅଗ୍ନିଶମ ବାହିନୀ ଆମ୍ବୁଲାନ୍ସ ଯୋଗେ ସେମାନଙ୍କୁ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ଗ୍ରାମାଞ୍ଚଳ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା।

### ଗାଁ ପୋଖରୀରେ ବିଷ ପ୍ରୟୋଗ ଅଭିଯୋଗ

ଭଣ୍ଡାରିପୋଖରୀ,୧୫।୬(ରାଜେନ୍ଦ୍ର ଶତପଥୀ)

ମଞ୍ଜୁରୀରୋଡ୍ ଫାଣ୍ଡି ଅଧୀନ ସାନଶାସନ ଗାଁ ମୁଣ୍ଡରେ ଥିବା ସର୍ବସାଧାରଣ ପୋଖରୀରେ ବିଷ ପ୍ରୟୋଗ ନେଇ ଅଭିଯୋଗ ହୋଇଛି। ପଡ଼ୋଶୀ ଥଇଲା ଗ୍ରାମର ଜଣେ ବ୍ୟକ୍ତି ଏହି ପୋଖରୀକୁ ଲିଜ୍‌ରେ ନେଇ ମାଛ ଚାଷ କରୁଛନ୍ତି। ଗତ ୯ ତାରିଖ ରାତିରେ ଲିଜ୍‌ଧାରୀ ପୂର୍ବ ସୂଚନା ବିନା ମାଛ ଧରିବା ଉଦ୍ଦେଶ୍ୟରେ ବିଷ ପ୍ରୟୋଗ କରିଥିବା ଗ୍ରାମବାସୀଙ୍କ ସ୍ୱାକ୍ଷର ସମ୍ବଳିତ ଅଭିଯୋଗରେ ଦର୍ଶାଯାଇଛି। ଫଳରେ ମାଛ ମରି ପୋଖରୀ ପାଣିରେ ପଚିଯାଇ ଦୁର୍ଗନ୍ଧ ସୃଷ୍ଟି କରୁଥିବାରୁ ପାଣି ବ୍ୟବହାର ଅନୁପଯୋଗୀ ହୋଇଛି ବୋଲି ଅମୂଲ୍ୟ ଯେନା, ବଳିଆ ଯେନା, ଶରତ ଜେନା, ନିରୋଦ ଯେନା, ପଙ୍କଜ ଯେନା, ପ୍ରକାଶ ଯେନା, ବିଜୟ ଯେନା, ମାନସ ଯେନା ପ୍ରମୁଖ ଗ୍ରାମବାସୀ ଅଭିଯୋଗ କରିଛନ୍ତି।

### ପରକୀୟା ପ୍ରୀତିରୁ ମହିଳାଙ୍କୁ ହତ୍ୟା ଅଭିଯୋଗ

ଭଦ୍ରକ,୧୫।୬(ସନାତନ ରାଉତ)

ଭଦ୍ରକ ଜିଲା ଧାମନଗର ଥାନା ଅଧୀନ କରଞ୍ଜି ଗୁଣ୍ଡୁପୁର ଗ୍ରାମରେ ପରକୀୟା ପ୍ରୀତିରୁ ଜଣେ ବିଧବା ମହିଳାଙ୍କୁ ହତ୍ୟା କରାଯାଇଥିବା ଥାନାରେ ଅଭିଯୋଗ ହୋଇଛି। ମୃତ ମହିଳା ହେଲେ କୁନି ମୁଣ୍ଡା। ଏନେଇ ତାଙ୍କ ପୁଅ ଗୋବିନ୍ଦ ଧାମନଗର ଥାନାରେ ଏତଲା ଦେଇଛନ୍ତି। ଅଭିଯୋଗ ଅନୁଯାୟୀ, ସ୍ୱାମୀଙ୍କ ମୃତ୍ୟୁ ପରେ କୁନିଙ୍କର ଉକ୍ତ ଗ୍ରାମର ଜଣେ ବ୍ୟକ୍ତିଙ୍କ ସହ ସମ୍ପର୍କ ଗଢ଼ି ଉଠିଥିଲା। ତାଙ୍କର ଏହି ପରକୀୟା ପ୍ରୀତିକୁ ପିଲାମାନେ ବାରମ୍ବାର ବାରଣ କରିଥିଲେ ସୁଦ୍ଧା ସେ ଶୁଣି ନ ଥିଲେ। ଶୁକ୍ରବାର କୁନିଙ୍କୁ ତାଙ୍କ ପ୍ରେମିକ ଫୋନ୍ କଲ୍ କରି ଗାଁ ନିକଟସ୍ଥ ବଣକୁ ଡାକିଥିଲେ। ଦୀର୍ଘ ସମୟ ଧରି ସେ ଘରକୁ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ। ପାଖ ବଣରେ ଏକ ଗଛରେ ତାଙ୍କ ମୃତଦେହ ଝୁଲୁଥିବା ଦେଖିବାକୁ ପାଇଥିଲେ। ଆମ୍ବୁଲାନ୍ସ ଯୋଗେ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କୁନିଙ୍କୁ ତାଙ୍କ ପ୍ରେମିକ ହତ୍ୟା କରିଥିବା ଗୋବିନ୍ଦ ଦର୍ଶାଇଛନ୍ତି। ଏନେଇ ଥାନାରେ ଅପମୃତ୍ୟୁ ମାମଲା (ନଂ.୧୮/୨୪) ରୁଜୁ କରାଯାଇଛି।

### ଆଶିଷ ଧାମରା ବନ୍ଦର କର୍ପୋରେଟ ବ୍ୟାପାର ମୁଖ୍ୟ

ଭଦ୍ରକ,୧୫।୬ (ସନାତନ ରାଉତ)

ଧାମରା ବନ୍ଦରର କର୍ପୋରେଟ ବ୍ୟାପାର ମୁଖ୍ୟ ଭାବେ ଆଶିଷ ଦାଶ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏଠାରେ ଯୋଗଦେବା ପୂର୍ବରୁ ସେ ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ୍‌ରେ କାର୍ଯ୍ୟ କରୁଥିଲେ। ସେ ନିଜ କ୍ୟାରିୟର ଓଡ଼ିଶା ପ୍ରଶାସନିକ ଅଧିକାରୀ ଭାବେ ଆରମ୍ଭ କରି ୧୯୯୯ରେ ଭଦ୍ରକ ଜିଲାରେ ପ୍ରଥମ ନିଯୁକ୍ତି ପାଇଥିଲେ। ସେ ଦୁବାଇସ୍ଥିତ ଏସ୍‌ପିଜେଏନ୍ ଇଣ୍ଟରନ୍ୟାଶନାଲ ବିଜିନେସ୍ ସ୍କୁଲରୁ 'ପ୍ରକଳ୍ପ ପରିଚାଳନା ଏବଂ କର୍ପୋରେଟ ଫାଇନାନ୍ସ'ରେ ଏମ୍‌ବିଏ କରିଛନ୍ତି। ତାଙ୍କ ପୂର୍ବରୁ ଉକ୍ତ ସ୍ଥାନରେ ଥିବା ଜଗତ ପରିଜା ଗତ ଏପ୍ରିଲରେ ଅବସର ନେଇଛନ୍ତି।

# 'ଭଦ୍ରକର ପ୍ରତି ଲୋକଙ୍କ ମଧ୍ୟରେ ଭରିରହିଛି କଳା'

ବନ୍ତ,୧୫।୬(ହରିନାରାୟଣ ମହାନ୍ତି)

### ନିମପଡ଼ା ଜଗନ୍ନାଥ ଆଞ୍ଚଳିକ ରଜ ମହୋତ୍ସବର ୨ୟ ସନ୍ଧ୍ୟା



ମହୋତ୍ସବରେ ବିଧାୟକ ସଞ୍ଜୀବ ମଲ୍ଲିକ ଜଣେ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ଭଦ୍ରକ କଳା, ସଂସ୍କୃତି ଓ ଐତିହ୍ୟର ମାଟି। ଭଦ୍ରକର ପ୍ରତି ଲୋକଙ୍କ ମଧ୍ୟରେ କଳା ଭରି ରହିଛି, ଯାହାର ନିଦର୍ଶନ ବନ୍ତ ବ୍ଲକର ନିମପଡ଼ା ଜଗନ୍ନାଥ ଆଞ୍ଚଳିକ ରଜ ମହୋତ୍ସବରେ ଦେଖିବାକୁ ମିଳିଛି ବୋଲି ୨ୟ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ କହିଛନ୍ତି। ମହୋତ୍ସବ କମିଟିର ସଭାପତି ଶିକ୍ଷାବିତ୍ ଡ. ଶୁଭେନ୍ଦ୍ର କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଜେନା ଯୋଗଦେଇ ରଜ ପର୍ବରେ ସମସ୍ତ ଭେଦଭାବ ଭୁଲି ଲୋକେ ଏକତ୍ରିତ ହୋଇଥାନ୍ତି ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ଭାବେ ବନ୍ତ ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ, ଜିଲା ବିଜେଡି ଉପସଭାପତି ପ୍ରଶାନ୍ତ ଦାଶ, ବ୍ଲକ ବିଜେଡି ସଭାପତି ଲକ୍ଷ୍ମୀକାନ୍ତ ମହାନ୍ତି, ପୂର୍ବତନ ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ରାଉତ, ବନ୍ତ ସମିତିସଭ୍ୟ ପରମେଶ୍ୱର ବାରିକ, କମିଟି ଉପଦେଷ୍ଟା ସୂର୍ଯ୍ୟମଣି ରାଉଳ, ପ୍ରକାଶ ଚନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇଥିଲେ।

ଏହି ଅବସରରେ ଡାକ୍ତରୀ ଛାତ୍ର ପ୍ରତୀକ ବିଶ୍ୱାଳ, ସୂର୍ଯ୍ୟସ୍ନାତା ରାଉଳ, ମାଟି କଣ୍ଢେଇ କାରିଗର ଆନନ୍ଦ ନାୟକ, କବି ଦାଶରଥୀ ଜେନାଙ୍କ ସମେତ ବହୁ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମହୋତ୍ସବ କମିଟିର ସମ୍ପାଦକ ପ୍ରକାଶ କୁମାର ସାହୁ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ କବି ଦାଶରଥି ଜେନା ଓ ଶିକ୍ଷକ ରମାକାନ୍ତ ଜେନା ମଞ୍ଚ ପରିଚାଳନା କରିଥିଲେ। ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ନୃତ୍ୟ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରଫୁଲ୍ଲ ନାୟକ, ଉମାକାନ୍ତ ରାଉତ, ଅନନ୍ୟା ବିଶ୍ୱାଳ ଓ ସଙ୍ଗୀତା ସ୍ୱାଇଁ ବିଚାରକ ଥିଲେ। ଶେଷରେ ବାଲେଶ୍ୱର ରୟାଲ ଡ୍ୟାନ୍ସ ଗ୍ରୁପ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଗଣେଶ କରଶର୍ମା, ହୃଷୀକେଶ ମିଶ୍ର, ସନାତନ ସେଠୀ, ଶ୍ୟାମସୁନ୍ଦର ଜେନା, ସୁରେଶ ଦାସ, ଭାଗୀରଥି ସେଠୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ମହୋତ୍ସବରେ ବିଭିନ୍ନ ପ୍ରକାର ଦୋଳି, ମିନବଜାର, ଫାଷ୍ଟଫୁଡ୍ ଷ୍ଟଲ୍ ଖୋଲା ଯାଇଥିବା ବେଳେ ପଡ଼ିଆକୁ ଆକର୍ଷଣୀୟ ତୋରଣ ଓ ଆଲୋକମାଳାରେ ସୁସଜ୍ଜିତ କରାଯାଇଛି। ପ୍ରତି ସନ୍ଧ୍ୟାରେ ସ୍ଥାନୀୟ ଅଞ୍ଚଳରୁ ଲୋକଙ୍କ ଭିଡ଼ ଜମୁଛି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବନ୍ତ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି।

# ଆଗରପଡ଼ା ରଜ ମହୋତ୍ସବ



ମହୋତ୍ସବକୁ ଉଦ୍‌ଘାଟନ କରାଯାଉଛି।

ଆଗରପଡ଼ା,୧୫।୬(ସୁଶାନ୍ତ ଦାଶ)

ଆଗରପଡ଼ା ଥାନା ଅଧୀନ ପୁରୁଷଣ୍ଡ ପଞ୍ଚାୟତର ରାମଗଡ଼ ମେଳନ ପଡ଼ିଆରେ ୧୯ତମ ରଜ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ତିନିଦିନ ବ୍ୟାପୀ ଏହି ମହୋତ୍ସବରେ ପହିଲି ରଜ ଅବସରରେ କଳସ ଉତ୍ସବ ପରେ କମିଟିର ମୁଖ୍ୟ ଉପଦେଷ୍ଟା ଅର୍ଜୁନ କୁମାର ତିଆଡ଼ି ଉଦ୍‌ଘାଟନ କରିଥିଲେ। ଉପଦେଷ୍ଟା ପଦ୍ମନାଭ ସେଠୀ, କମିଟି ସଭାପତି ପରେଶ କୁମାର ନାୟକ, ସମ୍ପାଦକ ହିମାଂଶୁ ଶେଖର ସାହୁ, ଦିପୁ ଜେନା, ରମେଶ ବେହେରା, ବିଷ୍ଣୁ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ପରେ କୁନି ପିଲାମାନଙ୍କ ଦ୍ୱାରା ନୃତ ଗୀତ ପରିବେଷଣ କରାଯାଇଥିଲା। ଉପଦେଷ୍ଟା ପଦ୍ମନାଭଙ୍କ ଦ୍ୱାରା ପ୍ରସ୍ତୁତ ରଜ ଠାକୁରଙ୍କ ମୂର୍ତ୍ତି ଏବଂ ନିର୍ମିତ ତୋରଣ ମହୋତ୍ସବରେ ମୁଖ୍ୟ ଆକର୍ଷଣ ସାଜିଥିଲା। ବିଭିନ୍ନ ଷ୍ଟଲ ପଡ଼ିଥିବା ବେଳେ ଆଲୋକରେ ମେଳଣ ପଡ଼ିଆକୁ ସୁସଜ୍ଜିତ କରାଯାଇଛି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଆଗରପଡ଼ା ଥାନା ପକ୍ଷରୁ ପୋଲିସ ମୁତୟନ କରାଯାଇଥିଲା।

# ଏକତା ଡୋରିରେ ବାନ୍ଧି ରଖେ ରଜ



ଏମ୍‌ପି ଅଭିମନ୍ୟୁ ସେଠୀ, ବିଧାୟକ ଅଶୋକ ଦାସ ଓ ଅନ୍ୟମାନେ ରଜ ମହୋତ୍ସବରେ ଷ୍ଟଲ ବୁଲି ଦେଖୁଛନ୍ତି।

ବାସୁଦେବପୁର,୧୫।୬(ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ନୀଳମଣି ଟାଉନହଲ୍ ପରିସରରେ ପୌରପାଳିକା ଆନୁକୂଲ୍ୟରେ ୩ୟ ବାର୍ଷିକୀ ରଜ ମହୋତ୍ସବ ଶନିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଏମ୍‌ପି ଅଭିମନ୍ୟୁ ସେଠୀ ଯୋଗଦେଇ ଏହାକୁ ଉଦ୍‌ଘାଟନ କରି ରଜ ମହୋତ୍ସବ ସମସ୍ତଙ୍କୁ ଏକତା ଡୋରିରେ ବାନ୍ଧି ରଖିଥାଏ ଏବଂ ଓଡ଼ିଆ ଅସ୍ମିତାକୁ ନେଇ ପ୍ରତ୍ୟେକ ଓଡ଼ିଆ ଗର୍ବ ଅନୁଭବ କରିବା ଉଚିତ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ବିଧାୟକ ଅଶୋକ କୁମାର ଦାସ ଯୋଗଦେଇ କହିଥିଲେ, ରଜ ଏକ କୃଷିଭିତ୍ତିକ ପର୍ବ ତଥା ଗଣପର୍ବରେ ପରିଣତ ହୋଇଛି। ରଜକୁ ପ୍ରତ୍ୟେକ ବ୍ୟକ୍ତି ଆନନ୍ଦ ଉତ୍ସାହର ସହ ପାଳନ କରିଥାନ୍ତି। ଏହି ମହୋତ୍ସବ ଆମ ପାଇଁ ଗର୍ବ ଓ ଗୌରବର ବିଷୟ। ଅନ୍ୟତମ ଅତିଥି ଭାବେ ପୌରପାଳିକା ଭାଇସ୍ ଚେୟାରମ୍ୟାନ ଉତ୍ତମ ବାରିକ ଯୋଗ ଦେଇଥିଲେ। ପୌରାଧ୍ୟକ୍ଷା ନିବେଦିତା ବେହେରା ସଭାପତିତ୍ୱ କରିଥିଲେ। ପୌରନିର୍ବାହୀ ଅଧିକାରୀ ସମୀର ରଞ୍ଜନ ଦାସ ସ୍ୱାଗତ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ପୌରପାଳିକା ପକ୍ଷରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିସହ ପାନ, ମିଠା, ପିଠା ପ୍ରଦର୍ଶନୀ ହୋଇଥିଲା।

### ଲକ୍ଷ୍ମୀନାରାୟଣ ମନ୍ଦିରରେ ରଜ ମହୋତ୍ସବ

ଭଦ୍ରକ, ୧୫।୬(ରବିନାରାୟଣ ଖିଲାର)

ଭଦ୍ରକ କଦମବେଡ଼ାସ୍ଥିତ ଲକ୍ଷ୍ମୀନାରାୟଣ ଜୀଉ ମନ୍ଦିରରେ ୭ ଦିନ ବ୍ୟାପୀ ରଜ ମହୋତ୍ସବ ଆରମ୍ଭ ହୋଇଛି। ରଜ ସଂକ୍ରାନ୍ତିରେ ଲକ୍ଷ୍ମୀନାରାୟଣ ଜୀଉ ନିଧୁଚରଣ ବାରିକଙ୍କ ଘରୁ ମହାସମାରୋହରେ ଶୋଭାଯାତ୍ରାରେ ବିଜେ କରିଥାନ୍ତି। ସଂକ୍ରାନ୍ତି ଦିନ ଜୀବନ୍ୟାସ, ପୂଜାର୍ଚ୍ଚନା ସହ ୨୦ଜଣ ବ୍ରାହ୍ମଣ ନିମନ୍ତ୍ରିତ ହୋଇ ସମ୍ପୂର୍ଣ୍ଣ ଭାଗବତ ପାରାୟଣ ସେହିଦିନ ମଧ୍ୟରେ ସମ୍ପୂର୍ଣ୍ଣ ହୋଇଥାଏ। ତା' ପରଦିନଠାରୁ ୫ଦିନ ବ୍ୟାପୀ ସାଂସ୍କୃତିକ କାର୍ଯ୍ୟକ୍ରମ ରହିଛି। ଷଷ୍ଠଦିନରେ ଭକ୍ତମାନେ ଠାକୁରଙ୍କ ମହାପ୍ରସାଦ ସେବନ କରିବେ। ସପ୍ତମ ଦିବସରେ ଠାକୁର ଜଳାଶୟୀ ହୁଅନ୍ତି। କମିଟିର ସମ୍ପାଦକ ଶୈଳେନ୍ଦ୍ର ପ୍ରସାଦ ବାରିକ, ଉପଦେଷ୍ଟା ଚିଦାନନ୍ଦ ବାରିକ, ଭୀମ ମାହଲ, ବାବୁଲା ପୃଷ୍ଟି, କୋଷାଧ୍ୟକ୍ଷ ଅନନ୍ତ ବାରିକ, ଅମରେନ୍ଦ୍ର ବାରିକ, ରାଜେନ୍ଦ୍ର ପ୍ରସାଦ ବାରିକ, ଅନନ୍ତ ନାୟକ, ଦୈତାରୀ ବେହେରା, ବାବୁ ପୃଷ୍ଟି ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଉତ୍ସବ ସମ୍ପାଦିତ ହୋଇଛି।

# ଭାଜପା ପକ୍ଷରୁ ରଜ ମହୋତ୍ସବ

ଚାନ୍ଦବାଲି,୧୫।୬ (କିଷାନ ପାତ୍ର)

ଭଦ୍ରକ ଜିଲା ଚାନ୍ଦବାଲି ବିଜୁ ସ୍ମୃତି ଭବନଠାରେ ଶନିବାର ଭାଜପା ପକ୍ଷରୁ ରଜ ମହୋତ୍ସବ ଅନୁଷ୍ଠିତ ହୋଇଛି। ଜିଲା ଭାଜପା ସମ୍ପାଦକ କମଳାକାନ୍ତ ସୂତାରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ରାଜ୍ୟ ସଭାପତି ମନମୋହନ ସାମଲ ଯୋଗଦେଇ ରଜ ଶୁଭେଚ୍ଛା ଜଣାଇଥିଲେ। ଅନ୍ୟତମ ଅତିଥି ଭାବେ ବରିଷ୍ଠ ନେତା ଅଜୟ ନାୟକ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ କୁନି କଳାକାରମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ପିଠା, ମିଠା ଓ ଫଳ ବଣ୍ଟା ଯାଇଥିଲା। ଭାଜପା ରାଜ୍ୟ କୃଷକ ମୋର୍ଚ୍ଚା ସଦସ୍ୟ ଉପେନ୍ଦ୍ର ରାଉଳ, ଜିଲା କୃଷକ ମୋର୍ଚ୍ଚା ସଭାପତି ଅଶୋକ ରାଉଳ, ସରୋଜ ବଳ, କୃଷକ ନେତା ସନ୍ତୋଷ ବାରିକ, ପୂର୍ଣ୍ଣଚନ୍ଦ୍ର ପାଣି, କାହ୍ନୁଚରଣ ବେହେରା, ଜଗନ୍ନାଥ ରାଉତ, ବିକାଶ ବେହେରା, ଅଭୟ ବଳ, ମନୋଜ ଭଳ, ବିଶ୍ୱମୋହନ ଜେନା, ବିଜୟ ବେହେରା, ତ୍ରିଦେବେଶ ପ୍ରଧାନ, ପାରିଷଦ ଚନ୍ଦନ ରାଉତ ପ୍ରମୁଖଙ୍କ ସହ ନେତା ଓ କର୍ମୀମାନେ ଉପସ୍ଥିତ ଥିଲେ।

# ଚାକିରି ନିୟମିତ ପାଇଁ ଦାବି

### ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଜଣାଇଲେ ବିଷୟଗତ ବିଶେଷଜ୍ଞ



ସଙ୍ଗଠନ ସଭାପତି ଭଗବାନ ବାରିକ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଶୁଭେଚ୍ଛା ଜଣାଉଛନ୍ତି।

ଭଦ୍ରକ,୧୫।୬(ସନାତନ ରାଉତ)

ଯୋଜନା ଓ ସଂଯୋଜନା ବିଭାଗ ଅଧୀନ ୩୦ ଜିଲାର ଡିପିଏମ୍‌ୟୁରେ କାର୍ଯ୍ୟରତ ବିଧାୟକ ଏବଂ ଏମ୍‌ପିମାନଙ୍କ ଲୋକାଲ ଏରିଆ ଡେଭ୍‌ଲପମେଣ୍ଟ କାର୍ଯ୍ୟକୁ ତଦାରଖ କରୁଥିବା ବିଷୟଗତ ବିଶେଷଜ୍ଞ କର୍ମଚାରୀ ସଙ୍ଗଠନ ଶୁକ୍ରବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ଶୁଭେଚ୍ଛା ଜଣାଇଛି। ସଙ୍ଗଠନର ସଭାପତି ଭଦ୍ରକ ଜିଲାପାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଭଗବାନ ବାରିକ ଏବଂ ଅନ୍ୟ ପ୍ରତିନିଧିମାନେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଭେଟି ଶୁଭେଚ୍ଛା ଜଣାଇଥିଲେ। ବିକଶିତ ଭାରତ ତଥା ସମୃଦ୍ଧ ଓଡ଼ିଶା ଗଠନ ପାଇଁ ମିଳିତ ଭାବେ କାମ କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ। ଏହି ଅବସରରେ ସେମାନେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରି କହିଥିଲେ, ୩୦ ଜିଲାରେ ଡିପିଏମ୍‌ୟୁରେ କାର୍ଯ୍ୟରତ ୫୮ ବିଷୟଗତ ବିଶେଷଜ୍ଞ ୧୦ ବର୍ଷ ହେଲା ଅବହେଳିତ ହୋଇ ଆସିଛନ୍ତି। ସ୍ୱଳ୍ପ ଦରମାରେ କାମ କରୁଥିବା ବେଳେ ନିୟମିତ ହୋଇପାରି ନାହାନ୍ତି। ସେମାନଙ୍କୁ ଏହି ନୂତନ ସରକାରରେ ପ୍ରଥମେ ଥଇଥାନ କରାଯିବାକୁ ଦାବି ଜଣାଇଥିଲେ। ଦୀର୍ଘ ୧୦ ବର୍ଷର ଦାବି ତଥା ଚାକିରି ନିୟମିତ ପ୍ରସଙ୍ଗରେ ଖୁବ୍‌ଶୀଘ୍ର ପୂରଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିବା ସଙ୍ଗଠନ ସଭାପତି ବାରିକ କହିଛନ୍ତି।

# ଶ୍ୱଶୁରଘରୁ ମିଳିଲା ସ୍ୱାଇଁଙ୍କ ଝୁଲନ୍ତା ମୃତଦେହ

ଧାମନଗର,୧୫।୬(ସନ୍ତୋଷ କୁମାର ମହାପାତ୍ର)

### କାର୍ଯ୍ୟାନୁଷ୍ଠାନ ଦାବିରେ ରାସ୍ତାରୋକୋ



ଭଗବାନପୁର ବଜାରଠାରେ ମୃତଦେହ ରଖି ରାସ୍ତା ଅବରୋଧ କରାଯାଇଛି।

ଭଦ୍ରକ ଜିଲା ଧାମନଗର ଥାନା ଅଧୀନ ଇଛଡ଼ା ଗ୍ରାମରେ ଶ୍ୱଶୁର ଘରକୁ ଆସିଥିବା ସ୍ୱାଇଁଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତକ ହେଲେ କରଦା ପଞ୍ଚାୟତ ସ୍ୱଜନସିଂପୁର ଗ୍ରାମର ନୀଳମଣି ବେହେରା(୩୮)। ଶନିବାର ସକାଳୁ ଗୁହାଳ ଘରୁ ନୀଳମଣିଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି। ପୋଲିସ ତଦନ୍ତ କରିବା ସହ ଏକ ଅପମୃତ୍ୟୁ ମାମଲା (ନଂ.୧୯/୨୪) ରୁଜୁ କରି ତଦନ୍ତ ଚଳାଇଛି। ଏହା ଏକ ହତ୍ୟାକାଣ୍ଡ ବୋଲି ମୃତ ନୀଳମଣିଙ୍କ ପରିବାର ଲୋକେ ଅଭିଯୋଗ କରିବା ସହ ଶ୍ୱଶୁରଘର ଲୋକଙ୍କୁ ଗିରଫ ଦାବିରେ ଭଗବାନପୁର ବଜାରଠାରେ ମୃତଦେହ ରଖି ମୁଖ୍ୟରାସ୍ତା ଅବରୋଧ କରିଥିଲେ। ଏନେଇ ନୀଳମଣିଙ୍କ ବଡ଼ଭାଇ କୁଳମଣି ବେହେରା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ୧୨ ବର୍ଷ ତଳେ ନୀଳମଣିଙ୍କ ବୈଦିକ ରୀତିରେ ବିବାହ ହୋଇଥିଲା। ପରେ ସ୍ୱାମୀସ୍ତ୍ରୀଙ୍କ ମଧ୍ୟରେ ବାରମ୍ବାର ଝଗଡ଼ା ଲାଗି ରହିଥିଲା। ତେବେ ରଜ ଉପଲକ୍ଷେ ଶୁକ୍ରବାର ସନ୍ଧ୍ୟା ପ୍ରାୟ ୮ଟା ବେଳେ ନୀଳମଣି ଶ୍ୱଶୁରଘରକୁ ବୁଲିବାକୁ ଆସିଥିଲେ। ହେଲେ ଶନିବାର ସକାଳେ ଗୁହାଳ ଘରେ ବେକରେ ଫାଶି ଲାଗିଥିବା ଅବସ୍ଥାରେ ନୀଳମଣିଙ୍କ ମୃତଦେହ ଝୁଲୁଥିବା ଦେଖିବାକୁ ମିଳିଥିଲା। ଶ୍ୱଶୁର ଘର ଲୋକଙ୍କୁ ଗିରଫ ପାଇଁ ଦାବି କରି ମୃତ ନୀଳମଣିଙ୍କ ପରିବାର ଲୋକେ ରାସ୍ତାରୋକୋ କରିଥିଲେ। ଧାମନଗର ଥାନାଧିକାରୀ ଫନୀନ୍ଦ୍ର ଭୂଷଣ ନାୟକ ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ମୃତ ନୀଳମଣିଙ୍କ ସ୍ତ୍ରୀଙ୍କୁ ପୋଲିସ ଥାନାରେ ଅଟକ ରଖି ଘଟଣାର ତଦନ୍ତ ଜାରି ରଖିଛି।

# ତିହିଡ଼ିରେ ସପ୍ତାପୂଜା



ତିହିଡ଼ି,୧୫।୬(ସଞ୍ଜିତ ବଳ)

ପହିଲି ରଜଠାରୁ ତିହିଡ଼ିରେ ସପ୍ତାପୂଜା ଆରମ୍ଭ ହୋଇଛି। ଶ୍ରୀଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ମୂର୍ତ୍ତିକୁ ମଣ୍ଡପରେ ସ୍ଥାପନ କରାଯାଇ ପୂଜାର୍ଚ୍ଚନା କରାଯାଉଛି। ଏହି ଅବସରରେ ସକାଳେ ଗ୍ରାମର ମହିଳାମାନେ କଳସ ବୁଡ଼ାଇଥିଲେ। ୯ ଦିନ ବ୍ୟାପୀ ଏହି ପୂଜା ଅନୁଷ୍ଠିତ ହେବ। ପ୍ରତ୍ୟହ ଭାଗବତ ପାଠ ସହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ରହିଛି। ଗ୍ରାମରେ ଦୀର୍ଘ ୭୩ବର୍ଷ ହେଲା ଏହି ପୂଜା ଅନୁଷ୍ଠିତ ହେଉଛି। ଚଳିତବର୍ଷ କର୍ତ୍ତା ଭାବେ ନୃସିଂହ ଚରଣ ପତି ଓ ତାଙ୍କ ସ୍ତ୍ରୀ ଶାନ୍ତିଲତା ଦାୟିତ୍ୱ ତୁଲାଉଥିବା ବେଳେ ପୂଜକ ଭାବେ ଲକ୍ଷ୍ମୀଧର କର ଓ ମନୋଜ ପାଢ଼ୀ ପୂଜା କାର୍ଯ୍ୟ ସହ ଭାଗବତ ପାଠ କରୁଛନ୍ତି। ସପ୍ତା କମିଟିର କର୍ମକର୍ତ୍ତା ବାପୁଜୀ ନାୟକ, ସଚ୍ଚିକାନ୍ତ ନାୟକ, ରମାକାନ୍ତ ନାଥ, ପ୍ରଭାତ କୁମାର ରାଉଳ, ରଘୁନାଥ ପାତ୍ର, ବିଷ୍ଣୁଚନ୍ଦ୍ର ଦାସ, ମଧୁସୂଦନ ପାତ୍ର, ରତ୍ନାକର ଦାସ, କୈଳାସ ପାତ୍ର, ତପନ ନାୟକ, ସଞ୍ଜୀବ ପଣ୍ଡା ପ୍ରମୁଖ ପରିଚାଳନା କରୁଛନ୍ତି।

# ଆଖଣ୍ଡଳମଣିଙ୍କୁ ଦର୍ଶନ କଲେ ମନ୍ତ୍ରୀ ସୂର୍ଯ୍ୟବଂଶୀ

ଭଦ୍ରକ/ଧାମନଗର,୧୫।୬ (ସନାତନ ରାଉତ/ ସନ୍ତୋଷ କୁମାର ମହାପାତ୍ର/ଦେବେନ୍ଦ୍ର ଆଦିଆ)



ଆଖଣ୍ଡଳମଣି ପୀଠରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଭଦ୍ରକ ବିଧାୟକ ସିତାଂଶୁ ଶେଖର ମହାପାତ୍ର ଓ ଅନ୍ୟମାନେ।

ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ମନ୍ତ୍ରୀ ତଥା ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୂରଜ ଶନିବାର ଆରଡ଼ି ପୀଠକୁ ଯାଇ ବାବା ଆଖଣ୍ଡଳମଣିଙ୍କୁ ଦର୍ଶନ କରିଛନ୍ତି। ଆରଡ଼ି ଯିବା ବାଟରେ ବିଭିନ୍ନ ସ୍ଥାନରେ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ୧୬ ନଂ. ଜାତୀୟ ରାଜପଥର ଧାମନଗର ଛକଠାରେ ସକାଳେ ପହଞ୍ଚିବା ପରେ ହଜାର ହଜାର ସମର୍ଥକ ଓ ଭାଜପା କର୍ମୀ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ସେଠାରୁ ବିଶାଳ ବାଇକ୍ ଶୋଭାଯାତ୍ରାରେ ଏକ ସୁସଜ୍ଜିତ ଖୋଲା ଗାଡ଼ିରେ ଆରଡ଼ି ଅଭିମୁଖେ ବାହାରିଥିଲେ। ମୋହୁରା, ପଳିକିରି, ଭଗବାନପୁର, ଗୁହାଳଡିହି ଛକ ଓ ପ୍ରସିଦ୍ଧ ପୀଠ ଖାନକା ସରିଫ ଉର୍ସ କମିଟି ପକ୍ଷରୁ ମନ୍ତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଧାମନଗର ମୁଖ୍ୟ ବଜାର ପରିକ୍ରମା ସହ ବିଜୁ ପଟ୍ଟନାୟକ ଛକରୁ ବ୍ଲକ ବଜାର, ରାଧାବଲ୍ଲଭପୁର, କୋଠାର ଛକ, ଧୂଷୁରୀ ବଜାରଠାରେ ସ୍ୱାଗତ କରାଯାଇଥିଲା। ଆରଡ଼ି ପୀଠରେ ପହଞ୍ଚି ବାବା ଆଖଣ୍ଡଳମଣିଙ୍କୁ ଦର୍ଶନ କରି ସେ ଓଡ଼ିଶାବାସୀଙ୍କ ପାଇଁ ମଙ୍ଗଳ କାମନା କରିଥିଲେ। ତାଙ୍କ ସହ ଭଦ୍ରକ ବିଧାୟକ ସିତାଂଶୁ ଶେଖର ମହାପାତ୍ର ଓ ଜିଲା ସଭାପତି ହେମନ୍ତ ପାଢ଼ୀ ଉପସ୍ଥିତ ଥିଲେ। ଶୋଭାଯାତ୍ରାରେ ପୂର୍ବତନ ଜିଲା ପରିଷଦ ସଭ୍ୟ ମନୋରଞ୍ଜନ ମଲ୍ଲିକ, ଶରତ ଚନ୍ଦ୍ର ମହାନ୍ତି, ଅଶୋକ ପୁହାଣ, କାଉନସିଲର ସ୍ୱାଧୀନ ସମିତ ଦାସ, ଉତ୍ତମ ମହାନ୍ତି, ନଗର ସଭାପତି କୈଳାସ ଚନ୍ଦ୍ର ମହାପାତ୍ର, ରାଜ୍ୟ ସଂଖ୍ୟାଲଘୁ ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ଗୋଲାମ ଜିଲାନି ହବିବ, ନଗର ମହିଳା ସଭାନେତ୍ରୀ ପୁଷ୍ପାଞ୍ଜଳି ବେହେରା, ଭାଜପା ନେତା ଲକ୍ଷ୍ମୀଧର

### ବିଭିନ୍ନ ସ୍ଥାନରେ ସ୍ୱାଗତ ସମ୍ବର୍ଦ୍ଧନା

ବେହେରା, ରାଜେଶ କୁମାର ବେହେରା, ଶ୍ରୀଧର ବେହେରା, ପ୍ରହ୍ଲାଦ ମହାପାତ୍ର, ନାରାୟଣ ଚନ୍ଦ୍ର ମହାପାତ୍ର, ସେକ ହମିଦ, ସେକ ସାଦିକ ପ୍ରମୁଖ ସାମିଲ ଥିଲେ।

ଧାମନଗର ପ୍ରେସ କ୍ଲବ ପକ୍ଷରୁ ନୂତନ ମନ୍ତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଧାମନଗର ଏସ୍‌ଡିପିଓ ତ୍ରିଲୋଚନ ସେଠୀ, ଆଇଆଇସି ଫନୀନ୍ଦ୍ର ଭୂଷଣ ନାୟକ ଓ ଅନ୍ୟ ଅଧିକାରୀଙ୍କ ସହ ପୋଲିସ ଉପସ୍ଥିତ ଥିଲେ। ସେହିପରି ସନ୍ଧ୍ୟାରେ ଭଦ୍ରକ ଆରଡ଼ିଛକଠାରୁ ଶୋଭାଯାତ୍ରା ବାହାରି କୁଆଁସ ପର୍ଯ୍ୟନ୍ତ ଯାଇଥିଲା। ଶୋଭାଯାତ୍ରାରେ ମନ୍ତ୍ରୀଙ୍କ ସହ ଭଦ୍ରକ ବିଧାୟକ ମହାପାତ୍ର ଓ ଏମ୍‌ପି ଅଭିମନ୍ୟୁ ସେଠୀ ଉପସ୍ଥିତ ଥିଲେ। ବନ୍ତ ଛକ, ଅପର୍ତ୍ତିବିନ୍ଧା, ଟାଉନ ହଲ୍, ପୋଷ୍ଟ ଅଫିସ, ମେଡିକାଲ ଛକଠାରେ ବିଭିନ୍ନ ସଙ୍ଗଠନ, ରାଜନୈତିକ ଦଳ ପକ୍ଷରୁ ନୂତନ ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା।

## ସଂକ୍ଷେପରେ

### କରଜ ଟଙ୍କା ମାଗିବାରୁ ଆକ୍ରମଣ

ରାମଚନ୍ଦ୍ରପୁର,୧୫।୬(ଗଣେଶ୍ୱର ସା)

କେନ୍ଦୁଝର ଜିଲା ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ଜଳସୁଆଁ ଗ୍ରାମରେ ପହିଲି ରଜ ଦିନ ଅଘଟଣ ଘଟିଯାଇଛି। କରଜ ଟଙ୍କାକୁ ନେଇ ଯୁବକଙ୍କୁ ଆକ୍ରମଣ କରାଯାଇଛି। ଅଭିଯୋଗ ମୁତାବକ, ଜଳସୁଆଁ ଗ୍ରାମ ୪ ନଂ. ୱାର୍ଡର ମାର୍କଣ୍ଡ ସାଙ୍କ ପୁଅ ପ୍ରିୟାଂଶୁ ଶେଖର ସାଙ୍କଠାରୁ ତାଙ୍କ ସାଙ୍ଗ ଅନିଲ ରଣା ଏକ ମାସ ପୂର୍ବେ ୫୦୦ ଟଙ୍କା ନେଇଥିଲା। ଟଙ୍କା ଫେରସ୍ତ କରିବା ପାଇଁ ପ୍ରିୟାଂଶୁ ଶୁକ୍ରବାର ଫୋନ କରି ଅନିଲଙ୍କୁ କହିଥିଲେ। ଅନିଲ ଗ୍ରାମର ଗଳି ସାହି ଛକ ନିକଟକୁ ଆସି ନେଇ ଯା ବୋଲି କହିଥିଲେ। ପ୍ରିୟାଂଶୁ ପହଞ୍ଚି ଅନିଲ ନ ଥିବା ଦେଖି କଲ କରିଥିଲେ। ଅନିଲଙ୍କ ନିକଟରୁ ଗ୍ରାମର ସନାତନ ସା ଫୋନ ଛଡାଇ ନେଇ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ଆସି ପ୍ରିୟାଂଶୁଙ୍କୁ ଆକ୍ରମଣ କରିଥିଲେ। ପ୍ରିୟାଂଶୁଙ୍କ ବାପା ଘଟଣାକୁ ନେଇ ଅନିଲଙ୍କ ବାପା ଚତୁର୍ଭୁଜ ରଣାଙ୍କୁ ଯାଇ ଜଣାଇଥିଲେ। ଏହି ସମୟରେ ଘର ଭିତରୁ ଅନିଲ ବାହାରି ଆସି ଏକ ଇଟା ଫୋପାଡ଼ିଥିଲେ। ଏଥିସହ ନରହରି ସା ଓ ତାଙ୍କ ୨ ପୁଅ ସନାତନ ସା, ମଣ୍ଟୁ ସା ଠେଙ୍ଗାରେ ମାର୍କଣ୍ଡ ଓ ପ୍ରିୟାଂଶୁ, ପୁତୁରା ରଞ୍ଜନ ସା, ବାପି ସାଙ୍କୁ ଆକ୍ରମଣ କରି ମୁଣ୍ଡ ଫଟେଇ ଦେଇଥିଲେ। ପରିବାର ଲୋକେ ସମସ୍ତଙ୍କୁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ମାର୍କଣ୍ଡ ରାମଚନ୍ଦ୍ରପୁର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ମାମଲା (୨୭୦/୨୪) ରୁଜୁ କରି ତଦନ୍ତ କରୁଛି।

### ବାଇକ୍ ଦୁର୍ଘଟଣାରେ ୪ ଆହତ

ଯୋଡ଼ା,୧୫।୬(ମାନସ ମହାନ୍ତି): କେନ୍ଦୁଝର ଜିଲା ଯୋଡା-ଜୁରୁଡ଼ି ରାସ୍ତାର ବାଂଶପାଣି ଅଟାଚକିଠାରେ ୨ ବାଇକ୍ ଧକ୍କା ହେବାରୁ ଜଣେ ଗୁରୁତର ହୋଇଥିବା ବେଳେ ୩ ଆହତ ହୋଇଛନ୍ତି। ଝାଡ଼ଖଣ୍ଡ ରାଜ୍ୟ ମଝିଗାଁ ଅଞ୍ଚଳର ଆକାଶ ବାରିକ ଓ ଅଜୟ ବାଇକ ଯୋଗେ ଶୁକ୍ରବାର ରାତି ୮ଟା ୩୦ ସମୟରେ ଯାଉଥିବା ବେଳେ ଅପରପକ୍ଷରୁ ଆସୁଥିବା ସୁଶିଲ ମହାନ୍ତି ଓ କିଶୋର ମହାନ୍ତିଙ୍କ ବାଇକକୁ ଧକ୍କା ଦେଇଥିଲେ। ଫଳରେ ଦୁଇ ବାଇକ ଚୂରମାର ହେବା ସହିତ ବାଇକରେ ବସିଥିବା ୪ ଜଣ ପଡ଼ିଯାଇଥିଲେ। ସ୍ଥାନୀୟ ଯୁବକ ପୋଲିସକୁ ଖବର ଦେବା ସହିତ ୪ ଜଣଙ୍କୁ ଟାଟା ଷ୍ଟିଲ୍ ଡାକ୍ତରଖାନାକୁ ନେଇଥିଲେ। ସୁଶିଲଙ୍କୁ କେନ୍ଦୁଝର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ବାଇକ୍ ଜବତ କରି ତଦନ୍ତ କରୁଛି।

### ଖଣି ଅଞ୍ଚଳ ସମସ୍ୟା ଉପରେ ସିଭିଲ ସୋସାଇଟିର ବୈଠକ

ବଡ଼ବିଲ,୧୫।୬(ଦେବପ୍ରିୟ ରଣା)

କେନ୍ଦୁଝର ଜିଲା ବଡ଼ବିଲ ସିଭିଲ ସୋସାଇଟି ପକ୍ଷରୁ ଶନିବାର ଅପରାହ୍ନରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ସୋସାଇଟିର କେତେକ ସଦସ୍ୟଙ୍କୁ ନେଇ ଯୋଡ଼ା ବଡ଼ବିଲ ଖଣି ଅଞ୍ଚଳରେ ସ୍ୱାସ୍ଥ୍ୟ, ଶିକ୍ଷା, ନିଯୁକ୍ତି, ଗମନାଗମନ ଭିତ୍ତିଭୂମି, ପ୍ରଦୂଷଣ ନିୟନ୍ତ୍ରଣ ବିଷୟରେ ଆଲୋଚନା ହୋଇଥିବା ଜଣାପଡିଛି। ଆଗାମୀ ଦିନରେ ସ୍ଥାନୀୟ ସର୍ବସାଧାରଣଙ୍କୁ ନେଇ ଏକ ବୈଠକ କରି ମୁଖ୍ୟମନ୍ତ୍ରୀ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ଜଣାପଡିଛି।

# ଭାଙ୍ଗିଗଲାଣି ବ୍ୟାୟାମ ଉପକରଣ, ଜଳୁନି ଲାଇଟ୍

## ସମସ୍ୟାଘେରରେ ବିଜୁ ପଟ୍ଟନାୟକ ସ୍ମାର୍ଟ ପାର୍କ

କେନ୍ଦୁଝର, ୧୫।୬ (ନରେଶ ଚନ୍ଦ୍ର ପଟ୍ଟନାୟକ)




କେନ୍ଦୁଝର ପୌରପାଳିକା ଅଧୀନରେ ଥିବା ବିଜୁ ପଟ୍ଟନାୟକ ସ୍ମାର୍ଟ ପାର୍କ ଅସୁରକ୍ଷିତ ହୋଇପଡ଼ିଛି। ବହୁ ଲକ୍ଷ ଟଙ୍କା ବ୍ୟୟରେ ପୌରପାଳିକା ପକ୍ଷରୁ ନବୀକରଣ କରାଯାଇ ଆମୋଦପ୍ରମୋଦ, ପ୍ରାତଃ ଓ ସାନ୍ଧ୍ୟ ଭ୍ରମଣ ସହ ଲୋକଙ୍କ ମୁକ୍ତାକାଶ ବ୍ୟାୟାମଶାଳା( ଓପନ୍ ଜିମ୍) ବ୍ୟବସ୍ଥା କରାଯାଇଥିଲା। ମରାମତି, ରକ୍ଷଣାବେକ୍ଷଣ ଅଭାବରୁ ସାମଗ୍ରୀ ନଷ୍ଟ ହେବା ସହ ଅନେକ ସମସ୍ୟା ଦେଇ ପାର୍କ ଗତି କରୁଛି। ଫଳରେ ପିଲାଠୁ ବୃଦ୍ଧ ସମସ୍ତେ ଅସୁରକ୍ଷିତ ଭାବେ ଭଙ୍ଗା ସାମଗ୍ରୀ ବ୍ୟବହାର କରୁଛନ୍ତି। କେନ୍ଦୁଝର ସହରର ମୁଖ୍ୟ ସ୍ଥାନ ଜିଲାପାଳଙ୍କ ବାସଭବନ ସମ୍ମୁଖରେ ବିଜୁ ପଟ୍ଟନାୟକ ସ୍ମାର୍ଟ ପାର୍କ ଏପରି ଅବସ୍ଥାରେ ଥିଲେ ମଧ୍ୟ ଏଥିପ୍ରତି କାହାର ନଜର ପଡୁ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି।

କେନ୍ଦୁଝର ପୌରପାଳିକା ଅଧୀନରେ ଥିବା ଶିଶୁ ଉଦ୍ୟାନର ଗୋଟିଏ ପାର୍ଶ୍ୱରେ ବିଜୁ ପଟ୍ଟନାୟକ ସ୍ମାର୍ଟ ପାର୍କ ନିର୍ମାଣ କରାଯାଇଛି। ୨୦୦୭ରେ ଶିଶୁ ଉଦ୍ୟାନର ଉଦ୍‌ଘାଟନ ହେବା ପରେ ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ କେନ୍ଦୁଝରଗଡ଼ ପୌରପାଳିକାକୁ ହସ୍ତାନ୍ତର କରାଯାଇଥିଲା। ପାର୍କ ଭିତରେ ମୁକ୍ତାକାଶ ବ୍ୟାୟାମଶାଳା କରାଯାଇ ବିଭିନ୍ନ ବ୍ୟାୟାମ ଉପକରଣ ଲଗାଯାଇଛି। ମାତ୍ର ନିମ୍ନମାନର ଉପକରଣ ଯୋଗୁ ଅନେକ ଭାଙ୍ଗି ଗଲାଣି। ଯୋଗାଣକାରୀ ସଂସ୍ଥା ଏହାର ମରାମତି କରୁ ନ ଥିବାରୁ ଆସୁଥିବା ପିଲା, ବୟସ୍କ ଓ ବୃଦ୍ଧାବୃଦ୍ଧ ଅସୁରକ୍ଷିତ ଭାବରେ ବ୍ୟାୟାମ କରୁଛନ୍ତି। ଅନେକ ସମୟରେ ଦୁର୍ଘଟଣାର ଶିକାର ମଧ୍ୟ ହେଉଛନ୍ତି। ଲୋକଙ୍କ ସୁରକ୍ଷା ଦୃଷ୍ଟିରୁ ସେସବୁର ମରାମତି କରିବାକୁ ଦାବି ହୋଇଛି। ସେହିପରି ପାଣି ନ ଥିବାରୁ ବହୁ ଅର୍ଥ ବ୍ୟୟରେ ଲଗାଯାଇଥିବା ଫାଉଣ୍ଟେନ ସ୍ପ୍ରେ କାମରେ ଲାଗୁନାହିଁ। ନିର୍ମାଣ ହୋଇଥିବା କୃତ୍ରିମ ପାହାଡ଼ରେ ଛୋଟ ଛୋଟ ପିଲା ବିପଦପୂର୍ଣ୍ଣ ଅବସ୍ଥାରେ ଚଢ଼ି ଖେଳୁଥିବା ଦେଖିବାକୁ ମିଳୁଛି। ପାର୍କ ମଧ୍ୟରେ ଥିବା ୱାକିଂ ପାଥ ପାର୍ଶ୍ୱ ପାଇଁ ସୌନ୍ଦର୍ଯ୍ୟକରଣ ଲାଇଟ୍ ଖୁଣ୍ଟ ଲଗା ନ ଯାଇ ପଡ଼ିରହିଛି। ପୂର୍ବରୁ ଲାଗିଥିବା ମୂଲ୍ୟବାନ ଲାଇଟ୍‌ଗୁଡିକ ରକ୍ଷଣାବେକ୍ଷଣ ଅଭାବରୁ ସବୁ ଭାଙ୍ଗିଗଲାଣି। ଫଳରେ ରାତିରେ ପାର୍କ ଅନ୍ଧାର ରହୁଥିବାରୁ ପାର୍କକୁ ଆସୁଥିବା ମହିଳା ଓ ଯୁବତୀ ଅସୁରକ୍ଷିତ ମଣୁଛନ୍ତି। ଚତୁର୍ଦ୍ଦଶ ଫାଇନାନ୍ସ କମିଶନ (ଏଫସି) ଅନୁଦାନରେ ୨୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ୪୫ଟି ବିଦ୍ୟୁତ୍ ଖୁଣ୍ଟ ପାର୍କର ବିଭିନ୍ନ ସ୍ଥାନରେ ଲଗାଇବାକୁ କେନ୍ଦୁଝରଗଡ଼ ପୌରପାଳିକା ପକ୍ଷରୁ ଅଟକଳ ହୋଇଥିଲା। ଜୟ ହନୁମାନ ଏଣ୍ଟରପ୍ରାଇଜେସ ନାମକ ସଂସ୍ଥା କାମ ନେଇଥିବାବେଳେ ୬ ମେ ୨୦୨୪ରେ କାର୍ଯ୍ୟ ଶେଷ ହୋଇଥିବା ଦର୍ଶାଯାଇଛି। ବାସ୍ତବରେ ଇଲେକ୍ଟ୍ରିକାଲ କାମ ଶେଷ ହୋଇନାହିଁ। ମାତ୍ର କାମ ସମ୍ପୂର୍ଣ୍ଣ ହୋଇଥିବା ସୂଚନାଫଳକରେ ଉଲ୍ଲେଖ ରହିଛି। ଏହାର ତଦାରଖ ନ ହୋଇ କେନ୍ଦୁଝରଗଡ଼ ପୌରପାଳିକା କିଭଳି କାମ ସରିଥିବା ନେଇ ସୂଚନା ଫଳକ ମାରିଲେ ତାହାକୁ ନେଇ ଦୁର୍ନୀତିର ଗନ୍ଧ ବାରି ହେଉଛି। ଏଥିସହ ଲାଗିଥିବା ଗଛ ଓ ଘାସକୁ ପାଣି ଦେବା ପାଇଁ ଉଦ୍ଦିଷ୍ଟ ଟ୍ୟାପଗୁଡ଼ିକ ନଷ୍ଟ ହେଉଥିଲେ ହେଁ ଏହାର ମରାମତି ହେଉନାହିଁ। ଅନେକ ଦୋଳି ଭାଙ୍ଗିରୁଜି ଯାଇଥିବାବେଳେ ଦୈନନ୍ଦିନ ଆସୁଥିବା ଶିଶୁ ଖେଳି ନ ପାରି ମୁହଁ ଫେରାଉଛନ୍ତି। ପାର୍କକୁ ଆସୁଥିବା ଲୋକମାନେ ଏବେ ବିମୁଖ ହେଉଥିବା ଦେଖିବାକୁ ମିଳୁଛି। କେନ୍ଦୁଝରଗଡ଼ ପୌରପାଳିକା ଏହାର ଦାୟିତ୍ୱରେ ଥିଲେ ମଧ୍ୟ ରକ୍ଷଣାବେକ୍ଷଣ ପ୍ରତି ଗୁରୁତ୍ୱ ଦେଉ ନ ଥିବା ସହରବାସୀ ଅଭିଯୋଗ କରିଛନ୍ତି। କେନ୍ଦୁଝରଗଡ଼ ପୌରପାଳିକା ପାର୍କର ରହିଥିବା ବିଭିନ୍ନ ସମସ୍ୟାର ସମାଧାନ କରିବାକୁ ସାଧାରଣରେ ଦାବି ହୋଇଛି। ପୌରପାଳିକାର ଇଲେକ୍ଟ୍ରିକାଲ ଯନ୍ତ୍ରୀ ହରେକୃଷ୍ଣ ସାବତ କହିଛନ୍ତି, ଠିକାଦାର କାମ ଶେଷ କରି ନ ଥିବାରୁ ନୋଟିସ୍ କରାଯାଇଛି। ବିଲ୍ ପଇଠ କରାଯାଇନାହିଁ। ପୌରପାଳିକା ନିର୍ବାହୀ ଅଧିକାରୀ ବସନ୍ତ ସେଠୀ କହିଛନ୍ତି, ସାମଗ୍ରୀ ଯୋଗାଇଥିବା ସଂସ୍ଥାକୁ ମରାମତି କରିବାକୁ କୁହାଯିବ। ଅନ୍ୟାନ୍ୟ ସମସ୍ୟା ସମାଧାନ ପାଇଁ ପଦକ୍ଷେପ ନିଆଯାଉଛି।

### ସାପ କାମୁଡ଼ାରେ ଶ୍ରମିକଙ୍କ ମୃତ୍ୟୁ

ପାଟଣା,୧୫।୬(ବୀର କିଶୋର ଦାଶ): କେନ୍ଦୁଝର ଜିଲା ସାହାରପଡ଼ା ବ୍ଲକ୍ ପଇତାମଜାଠାରେ ଥିବା ପାୱାର ଏଗ୍ରୋ ଅଣ୍ଡା ଉତ୍ପନ୍ନ ଫାର୍ମରେ ସାପ କାମୁଡାରେ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଉଛନ୍ତି ସଦର ଥାନା କୁସୁମୂଳା ଗ୍ରାମର ମଙ୍ଗଳ ନାଏକଙ୍କ ପୁଅ ନବ ଦୀପ( ୩୨)। ସୂଚନା ଅନୁଯାୟୀ, ଶୁକ୍ରବାର ବିଳମ୍ବିତ ରାତିରେ ସେ ଅନ୍ୟ ସାଥିଙ୍କ ସହ ଫାର୍ମ ଭିତରେ ଥିବା କ୍ୱାର୍ଟର୍ସରେ ଶୋଇଥିବା ସମୟରେ ଏକ ସାପ ତାଙ୍କୁ କାମୁଡ଼ି ଦେଇଥିଲା। ସହକର୍ମୀମାନେ ଗୁରୁତର ଅବସ୍ଥାରେ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ଡାକ୍ତରଖାନା ପକ୍ଷରୁ ସୂଚନା ମିଳିଛି।

### ଟ୍ରକ୍ ଧକ୍କାରେ ରାସ୍ତା କଡ଼କୁ ଖସିଲା ବସ୍

ଢେଙ୍କିକୋଟ୍,୧୫।୬(ନୀଳମଣି ମଣ୍ଡଳ): କେନ୍ଦୁଝର ଜିଲା ଢେଙ୍କିକୋଟ୍ ପୋଲିସ ବିଟ୍ ହାଉସ ଅନ୍ତର୍ଗତ ଜାତୀୟ ରାଜପଥ ୨୦ ନଂ. ପିପିଳିଆ ଲକ୍ଷ୍ମୀ ନାରାୟଣ ଉଚ୍ଚ ବିଦ୍ୟାଳୟ ନିକଟରେ ଏକ ଯାତ୍ରୀବାହୀ ବସ୍‌କୁ ପଛ ପଟୁ ଏକ ଟ୍ରକ୍ ଧକ୍କା ଦେଇଛି। ବସ୍‌ଟି ରାସ୍ତା କଡ଼ ପୋଖରୀରେ ପଶିଯାଇଥିଲା। ଢେଙ୍କିକୋଟ ପୋଲିସ ପହଞ୍ଚି ଜାତୀୟ ରାଜପଥ ଆମ୍ବୁଲାନ୍ସ ଯୋଗେ ଆହତ ଯାତ୍ରୀଙ୍କୁ କେନ୍ଦୁଝର ଡାକ୍ତରଖାନାକୁ ପଠାଇଥିଲା। ଡ୍ରାଇଭରଙ୍କୁ ଗୁରୁତର ଅବସ୍ଥାରେ କଟର ସାହାଯ୍ୟରେ କାଟି ବାହାର କରାଯାଇଥିଲା। ଘଟଗାଁ ଥାନାରେ ଦୁର୍ଘଟଣା ଜନିତ ମାମଲା ରୁଜୁ ହୋଇଛି।

# ବଡ଼ ଧନୁର୍ଜୟପୁରବାସୀଙ୍କୁ ନାଳପାଣି ଭରସା

## ନଳକୂପ ଅଚଳ, ବସୁଧା ଯୋଜନା ଫେଲ୍

ପାଟଣା,୧୫।୬(ବୀର କିଶୋର ଦାଶ)



ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ପାନୀୟ ଜଳ ପାଇଁ ରାଜ କୋଷରୁ ସିଂହ ଭାଗ ଅର୍ଥ ଖର୍ଚ୍ଚ କରୁଛନ୍ତି। ମାତ୍ର ଯୋଜନା ତୃଣମୂଳସ୍ତରରେ ସରକାରୀ କର୍ମଚାରୀ ଓ ଲୋକ ପ୍ରତିନିଧିଙ୍କ ଆନ୍ତରିକତା ଅଭାବରୁ ଯୋଜନାର ସଫଳ ରୂପାୟନ ହୋଇ ପାରୁନାହିଁ। ଫଳରେ ଆଜିର ଦିନରେ ବି ଲୋକେ ନାଳପାଣି ଭରସାରେ ରହୁଥିବା ଦେଖିବାକୁ ମିଳିଛି। ଏଭଳି ଚିତ୍ର କେନ୍ଦୁଝର ଜିଲା ପାଟଣା ବ୍ଲକ୍ ମୂଷାଖୋରୀ ପଞ୍ଚାୟତ ଅନ୍ତର୍ଗତ ବଡ଼ ଧନୁର୍ଜୟପୁରୁ ତଳସାହି ୭ ନମ୍ବର ଓ ୮ ନମ୍ବର ୱାର୍ଡରେ ଦେଖିବାକୁ ମିଳିଛି।

ସୂଚନା ଅନୁଯାୟୀ, ଉଭୟ ୱାର୍ଡରେ ୮ଶହରୁ ଊର୍ଦ୍ଧ୍ୱ ଲୋକ ବସବାସ କରୁଛନ୍ତି। ଲୋକଙ୍କ ପାନୀୟଜଳ ସୁବିଧା ନିମନ୍ତେ ୨ଟି ନଳକୂପ ଓ ବସୁଧା ଯୋଜନାରେ ଏକ ବୋରୱେଲ ଖୋଳାଯାଇଛି। ଗୋଟେ ନଳକୂପରୁ ଲୁହାଯୁକ୍ତ ପାଣି ବାହାରୁଥିବା ବେଳେ ଆଉ ଗୋଟେ ନଳକୂପ ୬ ମାସ ହେବ ଖରାପ ହୋଇପଡ଼ିଛି। ବସୁଧା ଯୋଜନାର ବୋରୱେଲ ଓ ଓଭର ହେଡ୍ ପାଣିଟାଙ୍କି ହୋଇଥିଲେ ମଧ୍ୟ ୮ ମାସରୁ ଊର୍ଦ୍ଧ୍ୱ ସମୟ ହେବ ଅଚଳ ରହିଛି। ବେଳେ ବେଳେ ସୋଲାର ସିଷ୍ଟମ କାମ କଲେ ବୋରୱେଲରୁ ପାଣି ଝରୁଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। କମ କ୍ଷମତା ସମ୍ପର୍ଣ୍ଣ ଟ୍ରାନ୍ସଫର୍ମର ଲାଗିଥିବାରୁ ପମ୍ପ ଚାଲୁ ନ ଥିବାରୁ ପାଣି ଉଠାଇ ପାରୁନାହିଁ। ପଞ୍ଚାୟତ ତରଫରୁ ଟ୍ୟାଙ୍କର ଯୋଗେ ପିଇବା ପାଣି ଯୋଗାଇ ଦିଆଯାଉଥିବା ବେଳେ ଏହା ସମୁଦ୍ରକୁ ସଙ୍କେ ବୋଲି ଗ୍ରାମର ଚନ୍ଦ୍ର ମହାନ୍ତ କହିଛନ୍ତି। ଅନ୍ୟପଟେ ଜୁନ୍ ୧୩ ପର୍ଯ୍ୟନ୍ତ ଟ୍ୟାଙ୍କର ଯୋଗେ ପାଣି ଯୋଗାଣ ନିୟମ ଥିବାରୁ ୧୪ ତାରିଖରୁ ପଞ୍ଚାୟତ ତରଫରୁ ଟ୍ୟାଙ୍କର ଯୋଗେ ଜଳଯୋଗାଣ ବନ୍ଦ ରହିଛି। ଏଣେ ଗାଁରେ ଥିବା ୨ଟି କୁଅ ଶୁଖି ଯାଇଛି। ଫଳରେ ଲୋକେ ଶନିବାର ଗାଁଠାରୁ ୫ କି.ମି. ଦୂରରେ ଥିବା କାଶିଆ ନାଳରୁ ଦୂଷିତ ପାଣି ସଂଗ୍ରହ କରି ଆବଶ୍ୟକତା ମେଣ୍ଟାଉଛନ୍ତି। ଏ ନେଇ ମୁଶାଖୋରୀ ସରପଞ୍ଚ ଭାମା ମଣି ଦାସଙ୍କୁ ପଚାରିବାରୁ ଟ୍ରାନ୍ସଫର୍ମର କାର୍ଯ୍ୟ କରୁନାହିଁ। ଢେଙ୍କିକୋଟ୍ ବିଦ୍ୟୁତ୍ ବିଭାଗ ଯନ୍ତ୍ରୀଙ୍କୁ ଉଚ୍ଚ କ୍ଷମତା ସମ୍ପନ୍ନ ଟ୍ରାନ୍ସଫର୍ମର ଲଗାଇବାକୁ କୁହାଯାଇଛି। ପ୍ରତି ପଞ୍ଚାୟତରେ ପୂର୍ବରୁ ନଳକୂପ ମରାମତି ସାମଗ୍ରୀ ରହୁଥିଲା। ଏବେ ଏହା ବ୍ଲକ୍‌ରେ ରହୁଥିବାରୁ ଯନ୍ତ୍ରାଂଶ ଠିକ୍ ସମୟରେ ଯୋଗାଣ ହୋଇ ପାରୁ ନ ଥିବାରୁ ନଳକୂପଗୁଡ଼ିକ ଯଥା ସମୟରେ ମରାମତି କରାଯାଇପାରୁନାହିଁ। ଆରଡବ୍ଲୁଏସଏଣ୍ଡଏସ ସହକାରୀ ଯନ୍ତ୍ରୀ ସସ୍ମିତା ସାହୁଙ୍କୁ ଫୋନ କରିଥିଲେ ହେଁ ସେ ଫୋନ ଉଠାଇ ନ ଥିଲେ।

# ଅନ୍ଧାରରେ ବଡ଼ଡୁମୁରିଆ ପଞ୍ଚାୟତ

କେନ୍ଦୁଝର,୧୫।୬(ନରେଶ ଚନ୍ଦ୍ର ପଟ୍ଟନାୟକ)

ଗତକିଛି ଦିନ ହେଲା କେନ୍ଦୁଝର ସହର ସମେତ ଜିଲାର ଅନ୍ୟାନ୍ୟ ଅଞ୍ଚଳରେ ବିଦ୍ୟୁତ କାଟ୍‌କୁ ନେଇ ଅସନ୍ତୋଷ ଦେଖାଦେଇଛି। ତାପମାତ୍ରା ୪୦ ଡିଗ୍ରୀ ପାଖାପାଖି ରହୁଥିବା ବେଳେ ଏଭଳି ବିଦ୍ୟୁତ୍ କାଟ ସମସ୍ତଙ୍କୁ ଅସ୍ତବ୍ୟସ୍ତ କରିଦେଉଛି। ଏଭଳି ଝୁମ୍ପୁରା ବ୍ଲକ୍ ବଡ଼ଡୁମୁରିଆ ପଞ୍ଚାୟତରେ ୩ ଦିନ ହେଲା ବିଦ୍ୟୁତ୍ ଯୋଗାଣ ବନ୍ଦ ଥିବାରୁ ଅସନ୍ତୋଷ ଦେଖାଦେଉଛି। କାଳବୈଶାଖୀ ପାଇଁ ଡାଳ ପଡି ବିଦ୍ୟୁତ୍ ତାର ଛିଣ୍ଡିଥିଲା। ତେବେ ସ୍ଥାନୀୟ ଲୋକଙ୍କ ସହଯୋଗରେ ଡାଳ କାଟି ଠିକ୍ କରି ଦିଆଯାଇଛି। କିନ୍ତୁ ଆଜି ସୁଦ୍ଧା ବିଦ୍ୟୁତ୍ ସଂଯୋଗ ହୋଇପାରୁ ନ ଥିବା ସ୍ଥାନୀୟ ବଡଡୁମୁରିଆନିବାସୀ ଉପେନ୍ଦ୍ର ବେହେରା କହିଛନ୍ତି। ବଡଡୁମୁରିଆ, ସୀତାରାମପୁର, ଗୋବିନ୍ଦପୁର, ଚକୁଳିଆ, ବାଲିପଶି, ବାରିଆ, କେନ୍ଦୁଆ ଆଦି ଗ୍ରାମ ଅନ୍ଧାରରେ ରହିଥିଲେ ହେଁ ସମାଧାନ ହେଉନାହିଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଟାଟାପୱାର ଅଧୀକ୍ଷଣ ଯନ୍ତ୍ରୀ ରଶ୍ମିକାନ୍ତ ବେହେରା କହିଛନ୍ତି, ବଡ଼ଡୁମୁରିଆ ପଞ୍ଚାୟତର ସମସ୍ୟା ଦୂର କରାଯାଇଛି । ବିଶେଷ କରି ପ୍ରବଳ ଖରା ଯୋଗୁ ଆର୍ଥିଂ ସମସ୍ୟା ଦେଖାଦେଉଛି। ସେହିପରି କାଳବୈଶାଖୀ ପାଇଁ ଯେଉଁଠି ଗଛଡାଳ ପଡି ଛିଣ୍ଡୁଛି ସେଠାରେ ତୁରନ୍ତ ସଜଡ଼ାଯାଉଛି।

# ବିଦ୍ୟୁତ୍ ଯୋଗାଣ ଦାବିରେ ରାଜପଥ ଅବରୋଧ

ଢେଙ୍କିକୋଟ,୧୫।୬(ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ଢେଙ୍କିକୋଟ ପୋଲିସ ବିଟ ହାଉସ୍ ଅନ୍ତର୍ଗତ ପିପିଳିଆ ବିଦ୍ୟୁତ୍ ସେକ୍ସନ କାର୍ଯ୍ୟାଳୟ ଅନ୍ତର୍ଗତ ଯମୁନାପଶି ଗ୍ରାମରେ ଗତ ଗୁରୁବାରଠାରୁ ବିଦ୍ୟୁତ୍ ବିଚ୍ଛିନ୍ନ ହୋଇଛି। କାଳବୈଶାଖୀ ପବନ ବର୍ଷାରେ ଖୁଣ୍ଟ ଭାଙ୍ଗି ବିଦ୍ୟୁତ୍ ସରବରାହ ବନ୍ଦ ହୋଇଯାଇଥିଲା। ଦୀର୍ଘ ୨୪ ଘଣ୍ଟା ବିତିଯାଇଥିଲେ ମଧ୍ୟ ଟାଟା ପାୱାର କର୍ମଚାରୀମାନେ ବିଦ୍ୟୁତ୍ ଯୋଗାଇବାରେ ବିଫଳ ହେବାରୁ ଉପଭୋକ୍ତା ବିଦ୍ୟୁତ୍ କାର୍ଯ୍ୟାଳୟ ସମ୍ମୁଖ ଜାତୀୟ ରାଜପଥ ୨୦ ନଂକୁ ଅବରୋଧ କରିଥିଲେ। ଜାତୀୟ ରାଜପଥ ଉଭୟ ପାଖ ରୁଟ୍ ବଡ଼ ଯାନ ବହୁ ସଂଖ୍ୟାରେ ଅଟକ ରହିଥିଲା। ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧା ଭୋଗିଥିଲେ। ଖବର ପାଇ ଘଟଗାଁ ଥାନା ଆଇଆଇସି ଶୁଭ୍ରାନ୍ତ ଜେନା, ଘଟଗାଁ ପୋଲିସ ସର୍କଲ ଏସ୍‌ଡିପିଓ ଏବଂ ପୋଲିସ ଫୋର୍ସ ଘଟଣା ସ୍ଥଳରେ ପହଞ୍ଚି ବୁଝାସୁଝା କରି ଦୀର୍ଘ ୪ ଘଣ୍ଟା ପରେ ରାସ୍ତା ଅବରୋଧ ହଟାଇଥିଲେ।

# ଲୋକଙ୍କ ସହ ଦୋଳି ଖେଳିଲେ କେନ୍ଦୁଝର ଏମ୍‌ପି

ରାମଚନ୍ଦ୍ରପୁର,୧୫।୬(ଗଣେଶର ସା)

କେନ୍ଦୁଝର ଜିଲା ରାମଚନ୍ଦ୍ରପୁର ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ରଜ ବେଶ ଧୁମ୍‌ଧାମରେ ପାଳନ ହେଉଛି। ସାଇଁକୁଳ ଗ୍ରାମରେ ଅନୁଷ୍ଠିତ ରଜ ମହୋତ୍ସବରେ କେନ୍ଦୁଝର ଏମ୍‌ପି ଅନନ୍ତ ଚରଣ ନାଏକ ଯୋଗଦେଇ ଲୋକଙ୍କ ସହ ଦୋଳି ଖେଳିଥିଲେ। ସାଇଁକୁଳ ଗ୍ରାମର ବରିଷ୍ଠ ଓ ବଦାନ୍ୟ ବ୍ୟକ୍ତି ଅନନ୍ତ ଚରଣ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ରଜ ଉତ୍ସବ ପାଳନ ହେଉଥିବା ବେଳେ ମହୋତ୍ସବକୁ ଆଶିଷ ଚକ୍ର, ଅଜୟ ଚକ୍ର, ଦୁଃଖ ପରିଡ଼ା, ବ୍ରହ୍ମାନନ୍ଦ ପଟ୍ଟନାୟକ, ଅଭୟ ଚକ୍ର, ବ୍ରହ୍ମାନନ୍ଦ ସାମଲ, ବିଷ୍ଣୁ ଚରଣ ସାମଲ, ବୈକୁଣ୍ଠ ପଟ୍ଟନାୟକ, ଜଗବନ୍ଧୁ ମହାନ୍ତି, ଗୌରଙ୍ଗ ଚରଣ ବେହେରା, ଅଶୋକ ଘଡ଼େଇ ପରିଚାଳନାରେ ସହଯୋଗ କରିଥିଲେ।



କେନ୍ଦୁଝର ଏମ୍‌ପି ଅନନ୍ତ ଚରଣ ନାୟକ ଦୋଳି ଖେଳୁଛନ୍ତି।

# 'ରଜ ଉତ୍କଳୀୟ ସଂସ୍କୃତିରେ ଅନ୍ତର୍ନିହିତ ରହିଛି'

ପାଟଣା,୧୫।୬(ବୀର କିଶୋର ଦାଶ)

ମକେନ୍ଦୁଝର ଜିଲା ପାଟଣା ବ୍ଲକ୍ କେନ୍ଦେଇପଶି ପଞ୍ଚାୟତ ମୁଖ୍ୟାଳୟସ୍ଥିତ ଖେଳପଡ଼ିଆରେ ଡ୍ରିମ୍ କ୍ଲବ୍ ଆନୁକୂଲ୍ୟରେ ରଜ ମହୋତ୍ସବ ୨୦୨୪ ଆରମ୍ଭ ହୋଇଛି। ପହିଲି ରଜରେ ଆୟୋଜିତ ସଭାରେ ଡ୍ରିମ୍ କ୍ଲବ ସଭାପତି ଅଶୋକ ସାହୁଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ ଯୋଗଦେଇ ରଜ ପର୍ବରେ ଉତ୍କଳୀୟ ସଂସ୍କୃତି ଓ ପରମ୍ପରା ଅନ୍ତର୍ନିହିତ ହୋଇଛି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ କେନ୍ଦୁଝର ରାଣୀ ସୁନନ୍ଦିନୀ ଭଞ୍ଜଦେଓ, ଅନ୍ୟତମ ଅତିଥିଭାବେ ସାମାଜିକ କର୍ମୀ ରଜନୀକାନ୍ତ ମିଶ୍ର, ଇଂ.ରାଜେଶ ବାରିକ, ଦିବ୍ୟ ଲୋଚନ ସାହୁ, ମିତ୍ରଭାନୁ ନାଏକ, ପ୍ରମୁଖ ଯୋଗଦେଇଥିଲେ। ପୂର୍ବାହ୍ନରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ସରପଞ୍ଚ ମୀନାକ୍ଷୀ ନାୟକ, ସମ୍ମାନିତ ଅତିଥିଭାବେ ପ୍ରଦୀପ ନାଏକ, ମିତ୍ରଭାନୁ ମହାନ୍ତ, ଅଶୋକ ସାହୁ, ଶୁଭଶ୍ରୀ ନାୟକ ଓ କୋଷାଧକ୍ଷ ସରୋଜ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

# ମା' ସୀତାଙ୍କୁ ଦର୍ଶନକଲେ ୧ ଲକ୍ଷରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ

ଢେଙ୍କିକୋଟ,୧୫।୬(ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲାର ପୌରାଣିକ ଶକ୍ତି ପୀଠ ମା'ସୀତା ଠାକୁରାଣୀ ଅବସ୍ଥିତ ସୀତାବିଞ୍ଜିରେ ଅନୁଷ୍ଠିତ ରଜ ଉତ୍ସବର ଦ୍ୱିତୀୟ ଦିନରେ ମା' ସୀତା ଠାକୁରାଣୀଙ୍କୁ ରାଜ୍ୟ ତଥା ରାଜ୍ୟ ବାହାରୁ ଲକ୍ଷାଧିକ ଭକ୍ତ ଦର୍ଶନ କରି ଆଶୀର୍ବାଦ ନେଇଛନ୍ତି। ଅପରାହ୍ନ ୩ଟାରୁ ୪ ଟା ପର୍ଯ୍ୟନ୍ତ ମେଳା ଭିଡ଼ ଜମିଥିବା ବେଳେ ସାଢେ ୫ ଟା ବେଳେ ବର୍ଷା ପବନ ଆସିବାରୁ ମେଳା ଫିକା ପଡିଥିଲା। ଆଦିବାସୀ ସାନ୍ତାଳୀଙ୍କ ମାଦଳର ତାଳେ ତାଳେ ସୁନ୍ଦର ନାଚ ଗୀତ ଭକ୍ତଙ୍କୁ ଆକୃଷ୍ଟ କରିଛି। ମା'ସୀତା ଠାକୁରାଣୀ ଟ୍ରଷ୍ଟର ସମସ୍ତ ସଦସ୍ୟ ଶାନ୍ତି ଶୃଙ୍ଖଳା ଦାୟିତ୍ୱରେ ସହଯୋଗ କରିଛନ୍ତି। ଢେଙ୍କିକୋଟ ପୋଲିସ ଓ ଘଟଗାଁ ପୋଲିସ ସମେତ ଜିଲା ହେଡ଼ କ୍ୱାର୍ଟରରୁ ଆସିଥିବା ପୋଲିସ ଫୋର୍ସ ଜନ ସମୁଦ୍ରକୁ ନିୟନ୍ତ୍ରଣ କରିବାରେ ନାକେଦମ ହୋଇଛନ୍ତି।

# ଯୁବତୀଙ୍କ ମଧ୍ୟରେ ଦୋଳିଗୀତ ପ୍ରତିଯୋଗିତା



ଯୁବତୀମାନେ ଦଉଡ଼ି ଟଣା ପ୍ରତିଯୋଗିତାରେ ଭାଗ ନେଇଛନ୍ତି।



ମହିଳା , ଯୁବତୀ ଦୋଳିର ମଜା ନେଉଛନ୍ତି।

କେନ୍ଦୁଝର,୧୫।୬(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସଦର ବ୍ଲକ୍ ଅନ୍ତର୍ଗତ ଗୋବର୍ଦ୍ଧନ ପଞ୍ଚାୟତ ସେଣ୍ଡକାପ ଗ୍ରାମ ପୋଇତୋଟାରେ ଆରମ୍ଭ ହୋଇଥିବା ରଜ ପର୍ବ ଶନିବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ଦ୍ୱିତୀୟ ଦିନ ଦୋଳି ଗୀତ ପ୍ରତିଯୋଗିତାରେ ଆଖପାଖ ଗାଁର ଯୁବତୀ, ମହିଳା ଦୋଳିଗୀତ ପ୍ରେମୀ ଲୋକମାନେ ଯୋଗଦେଇ ଦୋଳିଗୀତ ପରିବେଷଣ କରିଥିଲେ। ଏଥି ସହିତ ମ୍ୟୁଜିକ ଚେୟାର, ହାଣ୍ଡି ପିଟା, ଦୌଡିଟଣା, ଆଳୁ ଚାମଚ ପ୍ରଭୃତି ଖେଳ କଳ୍ପନା ଦେଓ ଓ ପ୍ରିୟମ୍ବଦା ମହାନ୍ତଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଅତିଥିରୂପେ ଋଷି ନାଥ ମହାନ୍ତ, ଗାଲମାଧବ ପଲେଇ, ରସାନନ୍ଦ ଘଣା, ଭୀମସେନ ନାଏକ, ଶରତ ମହାନ୍ତ, ବରେନ୍ଦ୍ର ପରିଡ଼ା ପ୍ରମୁଖ ଯୋଗ ଦେଇଥିଲେ। କେନ୍ଦୁଝର ଜିଲା ତଥା ପଡ଼ୋଶୀ ଜିଲା ସୁନ୍ଦରଗଡ଼, ମୟୂରଭଞ୍ଜ ଓ ପଡ଼ୋଶୀ ରାଜ୍ୟ ଝାଡ଼ଖଣ୍ଡ ଅଞ୍ଚଳରୁ ବହୁ ସଂଖ୍ୟାରେ ଲୋକଙ୍କ ସମାଗମ ହୋଇଥିଲା। ରଜ ମହୋତ୍ସବ କମିଟି ଓ ସାର୍ବଜନୀନ ଦୁର୍ଗା ପୂଜା କମିଟି ସଦସ୍ୟା ସଦସ୍ୟ ସୁମିତ୍ରା ଦଣ୍ଡପାଟ, ସରୋଜିନୀ ନାଏକ, ପୁଷ୍ପାଞ୍ଜଳି ବେହେରା, ଶୈଳବାଳା ପରିଡ଼ା, ରଣଜିତ ନାଏକ(ରାନୁ), ହାଡିବନ୍ଧୁ ନାଏକ, ଶମ୍ଭୁନାଥ ନାଏକ, ମୋହନ ପାତ୍ର, ନବୀନ ପଲେଇ, ରଞ୍ଜନ ବେହେରା, ପ୍ରଦୀପ ବେହେରା, କେଶବ ନାଏକ, ଜୀବନ ନାଏକ, ରଞ୍ଜନ ମହାନ୍ତ, ସହଦେବ ମହାନ୍ତ ପ୍ରମୁଖ ସହଯୋଗ କରୁଛନ୍ତି।

# କେଉଟପଲ୍ଲୀରେ ଜମୁଛି ରଜ ଉତ୍ସବ

ଆନନ୍ଦପୁର,୧୫।୬ (ସୁଶାନ୍ତ କୁମାର ସାହୁ)

କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ୍ ଅନ୍ତର୍ଗତ ବାଉଁଶଗଡ ପଞ୍ଚାୟତ ବାଉଁଶଗଡ଼ କେଉଟପଲ୍ଲୀରେ ରଜ ମହୋତ୍ସବ ଜମୁଛି। ଉତ୍ସବକୁ କଟକ ଟାଙ୍ଗୀ ଅତିରିକ୍ତ ଶିକ୍ଷା ଅଧିକାରୀ ମହେନ୍ଦ୍ର କୁମାର ଦେହୁରୀ ଯୋଗେ ଦେଇ ଶୁଭାରମ୍ଭ କରିଥିଲେ। ପ୍ରଥମେ ଗ୍ରାମର ମା' ଭଉଣୀମାନେ ଦୋଳି ପୂଜା କରି ବନ୍ଦାପନା କରିବା ପରେ ଫିତା କାଟି ଦୋଳି ଖେଳ ଆରମ୍ଭ କରାଯାଇଥିଲା। ଏଠାରେ ଚେୟାର ଦୋଳି, ଗଛ ଦୋଳି, ଚକିରି ଦୋଳି ବନ୍ଧା ଯାଇଛି। ଏଥିସହ ସେଲ୍ଫି ପଏଣ୍ଟ ଲୋକଙ୍କୁ ଆକର୍ଷିତ କରୁଛି। ଏହି ଅବସରରେ ପୁଚି ଖେଳ, ମିଉଜିକ ଚେୟାର, ଅନ୍ଧ ପୁଚୁଳି ଖେଳ ସହ ସନ୍ଧ୍ୟାରେ ମେଲୋଡି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆଖ ପାଖରୁ ବହୁ ସଂଖ୍ୟାରେ ଲୋକଙ୍କ ସମାଗମ ହେଉଛି। ରଜ ମହୋତ୍ସବ କମିଟିର ସଭାପତି ବିକାଶ ଦାସ, ସମ୍ପାଦକ ରାଜେନ୍ଦ୍ର ଦେହୁରୀଙ୍କ ସହ ସୁବାଷ ନାଏକ, ସୋରେନ ଦେହୁରୀ, ବାବୁଲି ଦେହୁରୀ, ଚନ୍ଦନ ନାଏକ, ସୁଜାତା ଦେହୁରୀ, ସାନଭି ନାଏକ, ପୂଜା ଦେହୁରୀ, ବର୍ଷା ଦେହୁରୀ, ମାମୁନି ନାଏକ, ବୁଦ୍ଧିଆ ନାଏକ, କେଦା ଦାସ ପ୍ରମୁଖ ସହଯୋଗ କରୁଛନ୍ତି।



## ସଂକ୍ଷେପରେ

### ଝରକା ତାଡ଼ି କଳାକନା ବୁଲାଇଲେ ଦୁର୍ବୃତ୍ତ

ବାହାନଗା, ୧୫।୬(ଅରୂପ୍ କୁମାର ଦାସ)

ବାହାନଗା ବ୍ଲକ ପଣ୍ଡାଶୁଣି ପଞ୍ଚାୟତ ନୀଳକଣ୍ଠପୁର ଗ୍ରାମର ଜଣେ ବ୍ୟକ୍ତିଙ୍କ ଘର ଝରକା ତାଡି କଳାକନା ବୁଲାଇଛନ୍ତି ଦୁର୍ବୃତ୍ତ। ଏନେଇ ଗୋପାଳପୁର ଥାନାରେ ମାମଲା(ନଂ.୧୨୧/୨୪ ) ରୁଜୁ କରାଯାଇଛି । ଗ୍ରାମରେ ରଜ ଉପଲକ୍ଷେ ଯାତ୍ରା ପରିବେଷଣ ହେଉଥିଲା। ଭଗବାନ ନାୟକଙ୍କ ଘର ଲୋକ ମଧ୍ୟ ଯାତ୍ରା ଦେଖିବାକୁ ଯାଇଥିଲେ। ଭଗବାନ ଘରେ ଏକା ଶୋଇଥିଲେ। ରାତି ପ୍ରାୟ ସାଢେ ୨ଟା ବେଳେ ଭଗବାନଙ୍କ ବଡପୁଅ ଶରତ ଯାତ୍ରା ଅଧାରୁ ଘରକୁ ପଳାଇ ଆସିଥିଲେ। ବାପା କବାଟ ଖୋଲିବା ପରେ ନିଜର ଶୋଇବା ଘର ଭିତରକୁ ପଶିବା ବେଳେ ଭିତରପଟୁ କବାଟ ବନ୍ଦ ଥିବା ଶରତ ଜାଣିବା ପରେ ବାପ ପୁଅ ମିଶି ଜୋରରେ କବାଟ ଠେଲିବାପରେ କବାଟ ଖୋଲିଥିଲା । ଘର ଭିତରକୁ ଯାଇ ନିଜର ପଲଙ୍କ ଉପରେ ଗହଣାର ଡବା ସବୁ ଖୋଲା ହୋଇପଡିଛି ଓ ଆଲମାରୀ ଖୋଲା ଥିବା ଦେଖିଥିଲେ। ଏସବୁ ଦେଖି ସନ୍ଦେହ ହେବାରୁ ଝରକା ତଡାଯାଇଥିବା ଦେଖିବାକୁ ପାଇଥିଲେ। ତାହା ଦେଖି ସେ ନିଜ ସ୍ତ୍ରୀ ଓ ଗ୍ରାମବାସୀଙ୍କୁ ଡାକିଥିଲେ। ଏହାପରେ ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଭଗବାନ ନାୟକଙ୍କ ଘରୁ ଚୋରି ହୋଇଥିବା ଅଳଙ୍କାର ମଧ୍ୟରୁ ୭ଭରି ହାର, ମୁଦି, ଚୂଡ଼, ପଲା ଆଦି ମୋଟ୍ ୭ଭରି ଅଳଙ୍କାର ଚୋରି ହୋଇଛି। ଉଲ୍ଲେଖଯୋଗ୍ୟ, ଗତ ୨ମାସ ତଳେ ଗ୍ରାମର ଦାମୋଦର କରଙ୍କ ଝରକା ତାଡି ଗହଣା ଲୁଟି ହୋଇଥିଲା।

### ଭଉଁ ଆଣିବାକୁ ଯାଇ ଫେରିଲେନି ନାଗେନ୍ଦ୍ର

ଖଇରା, ୧୫।୬(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ଗୋବିନ୍ଦପୁର ପଞ୍ଚାୟତ ଅଧୀନ ବଳଭଦ୍ରପୁର ଗ୍ରାମର ନାଗେନ୍ଦ୍ର ମୁଦୁଲି(୬୫) ୨ଦିନ ଧରି ନିଖୋଜ ଥିବା ବେଳେ ତାଙ୍କ ମୃତଦେହ ଶୁକ୍ରବାର କଣ୍ଟାବଣିଆ କେନାଲ ପାଖରୁ ଉଦ୍ଧାର କରାଯାଇଛି। ମୃତ୍ୟୁର କାରଣ ଜଣାପଡିନାହିଁ। ସେ ୨ଦିନ ତଳେ ଭଉଁ ଆଣିବାକୁ ଯାଇ ଆଉ ଫେରି ନ ଥିଲେ ବୋଲି ଗ୍ରାମବାସୀ କହିଛନ୍ତି।

### ଅସହ୍ୟ ଗୁଳୁଗୁଳି ସାଙ୍ଗକୁ ବିଜୁଳିକାଟ୍

ବସ୍ତା, ୧୫।୬(ହରିଶଙ୍କର ପାଢୀ)

ଅସହ୍ୟ ଗୁଳୁଗୁଳି ସମଗ୍ର ଉପକୂଳ ଓଡ଼ିଶାରେ ଲାଗି ରହିଛି। ବାଲେଶ୍ୱର ଜିଲା ବସ୍ତା ତଥା ଏହାର ଆଖପାଖ ଅଞ୍ଚଳରେ ପ୍ରବଳ ଗରମ ଯୋଗୁ ରଜ ପର୍ବ ଫିକା ପଡିଛି। ବିଦ୍ୟୁତ୍‌କାଟ ସାଙ୍ଗକୁ ଲୋ ଭୋଲଟେଜ୍ ସମସ୍ୟା ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଇଛି। ଏ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ପଚାରିବାରେ ଅଧିକାଂଶ ଗ୍ରାହକ ଏସି ବ୍ୟବହାର କରୁଥିବା ବେଳେ ନିଜ ଲୋଡ ଭେରିଫିକେସନ କରୁନାହାନ୍ତି। ତେଣୁ ବିଭାଗ ପାଖରେ ବିଦ୍ୟୁତ ଆବଶ୍ୟକତା ସମ୍ପର୍କରେ ଠିକ୍ ଖବର ରହୁନାହିଁ। ତେଣୁ ଉପଭୋକ୍ତାମାନେ ଏଭଳି ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

# ପିଠା, ମିଠା ଖାଇ ରଜ ପାଳିଲେ

ରୂପସା, ୧୫।୬(ବାଞ୍ଛାନିଧି ଦେ)


ଆମ ପରିବାର ତରଫରୁ ଆୟୋଜିତ କାର୍ଯ୍ୟକ୍ରମ।

ରୂପସା ଆଞ୍ଚଳିକ ଆମ ପରିବାର ସ୍ୱେଚ୍ଛାସେବୀ ସଙ୍ଗଠନ ଆନୁକୂଲ୍ୟରେ ଭଗବାନପୁର ଫାର୍ମହାଉସ୍ ପରିସରରେ ୧୫ତମ ବାର୍ଷିକ ରଜ ମହୋତ୍ସବ ପାଳିତ ହୋଇଛି। ସଙ୍ଗଠନ ପ୍ରତିଷ୍ଠାତା ଭଗବାନ ମହାପାତ୍ର ଏହି ଉତ୍ସବରେ ସଭାପତିତ୍ୱ କରି ରଜ ପର୍ବ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଆମ୍ବଗଡିଆ ବିକାଶ ପରିଷଦ ସଭାପତି ଅନ୍ତର୍ଯ୍ୟାମୀ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଛାତ୍ରୀ ନିବେଦିତା ମହାପାତ୍ର କାର୍ଯ୍ୟକ୍ରମର ବିବରଣୀ ପାଠ କରିଥିଲେ । ବରିଷ୍ଠ ନାଗରିକ ସୁଧାକର ଗିରି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ବିଶିଷ୍ଟ ପ୍ରବଚକ ସଞ୍ଜୟ କୁମାର ଚାନ୍ଦ ଓ ମୁଖ୍ୟବକ୍ତା ପିଞ୍ଛାବଣିଆ ବୈଦିକ ଗୁରୁକୁଳ ଆଶ୍ରମ ସଂଚାଳକ ଆଚାର୍ଯ୍ୟ ବିଜୟ ଜୀ ଯୋଗଦେଇ ରଜ ପର୍ବ ପାଳନର ଆଧ୍ୟାତ୍ମିକ ଦିଗ ଓ ଜଗନ୍ନାଥ ସଂସ୍କୃତି ସହ ରଜପର୍ବ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଅଧ୍ୟାପକ ଗୌରାଙ୍ଗ ପଣ୍ଡା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅନନ୍ତ କୁମାର ସାହୁ, ସାମାଜିକ କର୍ମୀ ରତିରଞ୍ଜନ ମହାପାତ୍ର, ପୂର୍ବତନ ସରପଞ୍ଚ ମନୋରଞ୍ଜନ ମହାପାତ୍ର, ଓଡ଼ିଶା ରକ୍ତଦାତା ସଙ୍ଗଠନର ସମ୍ପାଦକ ଗୋପାଳ ଚନ୍ଦ୍ର ସାହୁ, ଯୋଗୀ ପରମାନନ୍ଦ ବାରିକ ଓ ପ୍ରାକ୍ତନ ଜନସ୍ୱାସ୍ଥ୍ୟ ଅଧିକାରୀ ପ୍ରଫୁଲ୍ଲ କୁମାର ଜେନା ପ୍ରମୁଖ ରଜ ପର୍ବ ଓ ସଂସ୍କୃତି ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଗୌରହରି ମହାପାତ୍ର, ରସିକାନନ୍ଦ ମଲ୍ଲିକ, ହେମନ୍ତ ଦାସ, ଜୟନ୍ତ ମହାପାତ୍ର, ଚକ୍ରଧର ମହାପାତ୍ର ଓ ବିଧାନ ରାୟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉତ୍ସବରେ ଭଗବାନପୁର ଗ୍ରାମବାସୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଏହି ଅବସରରେ ରଜ ପିଠା, ରଜ ମିଠା ଓ ରଜ ପାନ ଖାଇ ସମସ୍ତେ ଖୁସି ମନାଇଥିଲେ। ପ୍ରଧାନ ଶିକ୍ଷକ ବିଶ୍ୱନାଥ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# କଥା ଓ କବିତାରେ ରଜ


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଗଣ।

ରସାଲପୁର, ୧୫।୬(ଶରତ ସାମଲ)

ବାଲେଶ୍ୱର ସଦର ବ୍ଲକ ଖାନନଗରର ପଞ୍ଚାୟତ ଖାନନଗର ଗ୍ରାମରେ ଶାନ୍ତି ଫାଉଣ୍ଡେସନ ସୌଜନ୍ୟରେ ରଜ ମହୋତ୍ସବ ପାଳିତ ହୋଇଛି। ମାନବାଧିକାର କର୍ମୀ ସୁଧାକର ସେଠୀଙ୍କ ସଂଯୋଜନାରେ ଆୟୋଜିତ 'କଥା ଓ କବିତାରେ ରଜ' କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ ତଥା ପୂର୍ବତନ ସାହିତ୍ୟ ଏକାଡେମୀ ସଦସ୍ୟ କବି କାଳିପଦ ପଣ୍ଡା, ମୁଖ୍ୟବକ୍ତା ଭାବେ ଫ୍ୟୁଚର ବାଲେଶ୍ୱରର ମୁଖ୍ୟ ବରିଷ୍ଠ ଆଇନଜୀବୀ ବିଜୟ କୁମାର ପାଣିଗ୍ରାହୀ, ପୂର୍ବତନ ଜିଲା ପରିଷଦ ସଦସ୍ୟା ଉର୍ମିଳତା ଦାସ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ରାଜେନ୍ଦ୍ର ରାଉତ ଫାଉଣ୍ଡେଶନ ମୁଖ୍ୟ ବିରୋଜ କୁମାର ରାଉତ, ପରିବେଶବିତ୍ ଉପାସନା ପଟ୍ଟନାୟକ, ସାମାଜିକ କର୍ମୀ ଗଙ୍ଗାଧର ବାରିକ, ଗୋପାଳ ପଡ଼ିଆରୀଙ୍କ ସହିତ ୧୦ରୁ ଅଧିକ ସ୍ଥାନୀୟ କବି କଥା ଓ କବିତା ରଖିଥିଲେ।

ପ୍ରଣବ ପ୍ରକାଶ ଦାସ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲା ବେଳେ ଅବସରପ୍ରାପ୍ତ ଶିକ୍ଷକ ଶଶୀରଞ୍ଜନ ବାରିକ ଧନ୍ୟବାଦ ଦେଇଥିଲେ। ଶାନ୍ତି ଫାଉଣ୍ଡେଶନ ମୁଖ୍ୟ ସଞ୍ଜୟ ଦାସ, ପ୍ରଣବ ପ୍ରକାଶ ଦାସ ଓ ସହଯୋଗୀମାନଙ୍କ ଦ୍ୱାରା ଖେଳପଡ଼ିଆ ନିକଟରେ ଥିବା ବିଶାଳ ବରଗଛରେ ପାରମ୍ପରିକ ଦୋଳି ତାର ଛାଇରେ ସାଙ୍କେତିକ ଭାବରେ ବିଭିନ୍ନ ପିଠା, ଆମ୍ବ, ପଣସ, ରଜ ପାନ ପ୍ରଦର୍ଶିତ ହୋଇଥିଲା। ଝିଅ ଓ ବୋହୂମାନେ ଉପସ୍ଥିତ ରହି ତାସ୍, ଲଡୁ, ଦୌଡ଼ି ଡିଆଁ ଓ ପୁଚି ଆଦି ପାରମ୍ପରିକ ଖେଳରେ ଭାଗ ନେଇଥିଲେ। ଗ୍ରାମର ବିଭିନ୍ନ ବର୍ଗର ଜନସାଧାରଣ ବାଗୁଡି, ଦାଣ୍ଡିଆ, ତାସ, ପଶା ଖେଳି ପୁରୁଣା ଖେଳର ମଜା ଉଠାଇଥିଲେ। ସଙ୍ଗଠନ ପକ୍ଷରୁ ଅଜୟ କୁମାର ଦାସ, ବନମାଳୀ ଦାସ, ତ୍ରିଲୋଚନ ଦଳେଇ, ବାବୁଲି ଦଳେଇ, ପ୍ରଦୀପ କୁମାର ବେହେରା, ପ୍ରଫୁଲ୍ଲ ମଲ୍ଲିକ, ଧନେଶ୍ୱର ସେଠୀ, ଦୀପକ କୁମାର ଜେନା, ଭାଗିରଥି ପାତ୍ର, ବସନ୍ତ କୁମାର ଦାସ, ଉଷାରାଣୀ ଦାସ, ସନ୍ନ୍ୟାସୀ କୁମାର ବାରିକ, ଜିତେନ୍ଦ୍ର ବାରିକ, ଆମ୍ରେଶା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ। ଆସନ୍ତା ଦିନରେ ପରିବେଶର ଅସନ୍ତୁଳନକୁ ଲକ୍ଷ୍ୟ କରି ବର୍ଷା ଋତୁରେ ଜଣେ ୪ଟି ଲେଖାଏଁ ଚାରାରୋପଣ କରିବାକୁ ଶପଥ ନେଇଥିଲେ।

# ରଜର ମଜା ନେଲେ ଅନ୍ତେବାସୀ


ସେବାଶ୍ରମ ପରିସରରେ ରଜ ପାଳନ ଅବସରରେ ଅନ୍ତେବାସୀ ଦୋଳି ଝୁଲୁଛନ୍ତି।

ଜଳେଶ୍ୱର, ୧୫।୬(ନବୀନ ସାହୁ/ରବିନାରାୟଣ ପାତ୍ର)

ଓଡ଼ିଶାର କୃଷି ଭିତ୍ତିକ ଗଣ ପର୍ବ ରଜ ଉପଲକ୍ଷେ ଗାନ୍ଧୀ ସେବାଶ୍ରମ ଈଶ୍ୱରଲାଲ ଶିଶୁ ଭବନ ପରିସରରେ ଆଶ୍ରମର କୁନି କୁନି ପିଲାମାନଙ୍କୁ ନେଇ ରଜ ଉତ୍ସବ ଆନନ୍ଦଉଲ୍ଲାସରେ ପାଳିତ ହୋଇଛି। ଏହି ଅବସରରେ ପିଲାମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ପୁରସ୍କୃତ କରାଯାଇଥିଲା। ପାରମ୍ପରିକ ରୀତିରେ ମାଟି, ନାରୀ ଓ ମେଘକୁ ସମ୍ମାନ ଜଣାଇ ମିଠା, ପିଠା, ପାନ ଓ ଦୋଳି ଖେଳ ମାଧ୍ୟମରେ ଆଶ୍ରମର ଅନ୍ତେବାସୀ ହର୍ଷୋଲ୍ଲାସରେ ରଜ ପର୍ବର ମଜା ନେବା ସହ ମନଭରି ଉପଭୋଗ କରିଥିଲେ। କୁନି କୁନି ପିଲାମାନଙ୍କ ସହ ଏହି ଉତ୍ସବରେ ପରିଚାଳନା କମିଟି ସଭାପତି ସୀତାଂଶୁ ସେନାପତି, ସମ୍ପାଦକ ଅଶୋକ କୁମାର ଜେନା, ବରିଷ୍ଠ ସଦସ୍ୟ ତଥା ଅତିଥି ଶ୍ୟାମାଚରଣ ଦାସ, ଦିଲୀପ କୁମାର ଗିରି, ଡକ୍ଟର ଲଳିତ ରଞ୍ଜନ ସେନାପତି, ଅଶ୍ୱିନୀ କୁମାର ନାଥ, କର୍ମଚାରୀ ମାନିକ ସାହୁ, ଦେବକୃଷ୍ଣ ଦେ, ରତ୍ନାକର ଗିରି, ଜ୍ୟୋତିଷ ଚନ୍ଦ୍ର କର, ଅମିତା ଜେନା, ମମତା ଦାସ ଓ ପ୍ରମିଳା ସିଂ ପ୍ରମୁଖ ଏଥିରେ ଅଂଶଗ୍ରହଣ କରିଥିଲେ।

### ମା' ଭୂଧାରଚଣ୍ଡୀଙ୍କଠାରେ ଉଡ଼ାପର୍ବ ପାଳିତ

ନୀଳଗିରି, ୧୫।୬(ପ୍ରଶାନ୍ତ କୁମାର ବିଶ୍ୱାଳ)

ଉତ୍ତରଓଡ଼ିଶାର ପ୍ରସିଦ୍ଧ ଦେବୀପୀଠ ସଜନାଗଡସ୍ଥିତ ମା' ଭୂଧାରଚଣ୍ଡୀଙ୍କ ସମ୍ମୁଖରେ ରଜପର୍ବ ଉପଲକ୍ଷେ ଶନିବାର ରାତିରେ ଉଡାପର୍ବ ପର୍ବ ଅନୁଷ୍ଠିତ ହୋଇଛି। ଏହି ଉଡ଼ା ପର୍ବ ଲାଗି ଚଳିତବର୍ଷ ଗତ ୯ ତାରିଖରୁ ପ୍ରସ୍ତୁତି ଆରମ୍ଭ ହୋଇଥିଲା। ଗଡ଼ବାସୁଳି ଓ ଭୂଧାରଚଣ୍ଡୀଙ୍କ ଦାସି (କାଳିସି) ସହିତ ପାଟଭକ୍ତା, ଦେଶଭକ୍ତାମାନେ ସଜନାଗଡ ଚଣ୍ଡୀ ପୋଖରୀରେ ଗାଧୋଇ ପୂଜାର୍ଚ୍ଚନା କରିବା ପରେ ଚଣ୍ଡୀ ମା'ଙ୍କ ସର୍ଦ୍ଦାର ଚକ୍ରଧର ଦାସବାବୁ ଓ ମନ୍ଦିର ମୁଖ୍ୟ ପୂଜାରୀ ବିଜୟ ପଣ୍ଡା ଘରେ ପ୍ରସ୍ତୁତ ହୋଇଥିବା ପଣା ସେବନ କରି ମନ୍ଦିରକୁ ଆସି ମା'ଙ୍କ ଦର୍ଶନ ସାରିବା ପରେ ପିଠିରେ କଣ୍ଟା ଫୁଡେଇ ଉଡା ଖୁଣ୍ଟରେ ଝୁଲି ଆରମ୍ଭ ହୋଇଥିଲା ଉଡାପର୍ବ। ୫୦ରୁ ଉର୍ଦ୍ଧ୍ୱ ଭକ୍ତା ନିଜର ମନସ୍କାମନା ପୂରଣ ପାଇଁ ମା'ଙ୍କ ନାମ ସ୍ମରଣ କରି ଏହି ଉଡାପର୍ବରେ ସାମିଲ ହୋଇଥାନ୍ତି। ଏହି ପର୍ବରେ ନୀଳଗିରି ସମେତ ପଡୋଶୀ ମୟୂରଭଞ୍ଜ ଅଞ୍ଚଳରୁ ମଧ୍ୟ ହଜାର ହଜାର ଭକ୍ତ ମା' ଭୂଧାରଚଣ୍ଡୀଙ୍କ ପୀଠକୁ ବୁଲିବା ସହ ମା'ଙ୍କ ସମ୍ମୁଖ ପଡ଼ିଆରେ ଚାଲିଥିବା ମେଳା ଦେଖିବାକୁ ଭିଡ଼ ଜମାଇଥିଲେ।

# ରଜ ମହୋତ୍ସବରେ ବିଧାୟକଙ୍କୁ ସମ୍ବର୍ଦ୍ଧନା


ନୂତନ ବିଧାୟକ ମାନସ ଦତ୍ତଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ରୂପସା, ୧୫।୬(ବାଞ୍ଛାନିଧି ଦେ)

ସଦର ବ୍ଲକ କସିପଦା ପଞ୍ଚାୟତ ମିରିଗିମୁଣ୍ଡିସ୍ଥିତ ବାଣିଶ୍ରୀ ଯୁବକ ସଂଘ ପକ୍ଷରୁ ଶୁକ୍ରବାର ଆୟୋଜିତ ରଜ ମହୋତ୍ସବରେ ନୂତନ ବିଧାୟକ ମାନସ ଦତ୍ତଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ସଂଘ ପକ୍ଷରୁ ଆୟୋଜିତ ମହୋତ୍ସବରେ ବିଧାୟକ ଦତ୍ତ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ପୂର୍ବ ପ୍ରତିଶ୍ରୁତି ଅନୁଯାୟୀ ରାଜ୍ୟରେ ଓଡ଼ିଆ ସଂସ୍କୃତି ଓ ପରମ୍ପରା ସହିତ ଅସ୍ମିତା ରକ୍ଷା ପାଇଁ ଭାଜପା ସରକାର ଗଠନ କରିଛି। ନିର୍ବାଚନ ସମୟରେ ପ୍ରସ୍ତୁତ ସଂକଳ୍ପ ପତ୍ରରେ ଉଲ୍ଲେଖ ଥିବା ସମସ୍ତ କାର୍ଯ୍ୟ ଯୋଜନା ମୁତାବକ କାର୍ଯ୍ୟକାରୀ ହେବ ବୋଲି ବିଧାୟକ ଦତ୍ତ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାଜପା ନେତା ଗଙ୍ଗାଧର ରାଉତ, ହରେନ୍ଦ୍ର ପ୍ରଧାନ, ରାଜେନ୍ଦ୍ର ଚାଟାର୍ଜୀ, ତପନ ଗିରି, ଶ୍ରୀଧର ବେହେରା, ଅନ୍ତର୍ଯ୍ୟାମୀ ବେହେରା, ଶୁଭେଶ ନାୟକ ଓ ସୃଷ୍ଟିଧର ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।

# 'ସଂସ୍କୃତି ଓ ସମ୍ପର୍କକୁ ସୁଦୃଢ଼ କରେ ମହୋତ୍ସବ'

## ରାଇକୁଳା ରଜ ମହୋତ୍ସବ ଉଦ୍‌ଘାଟିତ

ଖଇରା, ୧୫।୬(ଉତ୍କଳବନ୍ଧୁ ପଣ୍ଡା)


ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥି।

ବାଲେଶ୍ୱର ଜିଲା ଖଇରା ବ୍ଲକ କୁରୁଣ୍ଟା ପଞ୍ଚାୟତ ଅଧୀନ ରାଇକୁଳାଠାରେ ୧୧ତମ ରଜ ମହୋତ୍ସବ ହଜାର ହଜାର ଦର୍ଶକଙ୍କ ଗହଣରେ ଉଦ୍‌ଘାଟିତ ହୋଇଯାଇଛି। ମହୋତ୍ସବ କମିଟି ସଭାପତି ଲକ୍ଷ୍ମଣ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ସଭାରେ ବରିଷ୍ଠ ବିଜେଡି ନେତା ଶଶି କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇ ମହୋତ୍ସବ ନିଜ ଅଞ୍ଚଳର ସଂସ୍କୃତି ଓ ସମ୍ପର୍କକୁ ସୁଦୃଢ଼ କରେ ବୋଲି କହିବା ସହ ସେ ମହୋତ୍ସବ ମଣିଷ ଭାବେ ୨୦୧୨ରୁ ଖଇରା ସିମୁଳିଆର ପ୍ରତ୍ୟେକ ଉତ୍ସବରେ ଯୋଗଦେଇ ଆସିଛନ୍ତି। ତାଙ୍କ ପାଇଁ ହାର୍ ଜିତ୍ କୌଣସି ଫରକ ପଡିବନି। ଆଗକୁ ମଧ୍ୟ ସେ ତାଙ୍କର ସହଯୋଗ ଜାରି ରଖିବେ ବୋଲି ଉଲ୍ଲେଖ କରିଥିଲେ। ଜିଲା ପରିଷଦ ମାନସ କୁମାର ଦାଶ, ଯୁବନେତା ଗଦାଧର ଜେନା, ତପୋଧନ ବାରିକ, ମହୋତ୍ସବ କମିଟି ସମ୍ପାଦକ ମୃତ୍ୟୁଞ୍ଜୟ ଶଙ୍ଖୁଆ, ଉପସଭାପତି ଘନଶ୍ୟାମ ମାଝି ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ବିଶିଷ୍ଟ ଚଳଚ୍ଚିତ୍ର ଅଭିନେତ୍ରୀ ଅର୍ଚ୍ଚିତା ଦର୍ଶକଙ୍କ ମନୋରଞ୍ଜନ କରିଥିବା ବେଳେ ସୁନାମଧନ୍ୟ କଣ୍ଠଶିଳ୍ପୀଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ କରାଯାଇଥିଲା। ରାଇକୁଳା-କୁରୁଣ୍ଟା ଗ୍ରାମବାସୀ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

# ରଜ ପାଇଁ ଚଳଚଞ୍ଚଳ ଗାଁ ଦାଣ୍ଡ

କାଳିପଦା, ୧୫।୬(ରାଜଶ୍ରୀ ପାଣିଗ୍ରାହୀ)

ଗଣପର୍ବ ରଜ ଲାଗି ଗାଁଠୁ ସହର ସବୁଠି ଆନନ୍ଦ ଉଲ୍ଲାସ। ପୋଡ଼ପିଠା ସହିତ ରଜଦୋଳିର ଆସର। ଶୁକ୍ରବାର ପହିଲିରଜ ଅବସରରେ ଗ୍ରାମାଞ୍ଚଳରେ ସ୍ଥାନେ ସ୍ଥାନେ ଦୋଳି ବନ୍ଧାଯାଇ କୁଆଁରୀ ଝିଅମାନେ ନିଜକୁ ସଜାଇ ହୋଇ ଦୋଳି ଖେଳିଥିଲେ। ଝିଅମାନେ ପିଠା ଖାଇ ଗୁରୁଜନଙ୍କ ଆଶୀର୍ବାଦ ନେବା ସହ ଦୋଳି ଝୁଲିଥିଲେ। ଘରେ ଘରେ ଆମ୍ବ, ପଣସ, ପୋଡ଼ପିଠାର ଆସର ଜମିଥିବା ଦେଖାଯାଇଛି। ସକାଳେ ମହିଳା ଓ କୁଆଁରୀ ଯୁବତୀମାନେ ନୂଆବସ୍ତ୍ର ପିନ୍ଧି ସଜବାଜ ହୋଇ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରିବା ସହିତ ଠାକୁରଙ୍କ ଦର୍ଶନ କରିଥିଲେ। ବାଲିଆପାଳ ଜଗନ୍ନାଥ ମନ୍ଦିର ଓ ଲଙ୍ଗଳେଶ୍ୱର ଶୈବପୀଠରେ ଅନେକ ଶ୍ରଦ୍ଧାଳୁଙ୍କ ଭିଡ ଦେଖିବାକୁ ମିଳିଥିଲା।

# ବଡ଼କାଳିଆ ଏଫ୍‌ସି ଦଳ ଚାମ୍ପିୟନ

## ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

ନୀଳଗିରି, ୧୫।୬(ପ୍ରଶାନ୍ତ ବିଶ୍ୱାଳ)

ନୀଳଗିରି ବ୍ଲକ ତେଲିପାଳ ପଞ୍ଚାୟତ ତେଲିପାଳଠାରେ 'ସାନ୍ତାଳ ବ୍ରଦର୍ସ ସ୍ପୋର୍ଟିଂ କ୍ଲବ' ଆନୁକୂଲ୍ୟରେ ୧୨ଦିନ ଧରି ଚାଲିଥିବା ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ପହିଲି ରଜରେ ଶୁକ୍ରବାର ଶେଷ ହୋଇଯାଇଛି।

ଜୁନ ୩ରେ ଆରମ୍ଭ ହୋଇଥିବା ଏହି ଟୁର୍ଣ୍ଣାମେଣ୍ଟରେ ୮ଟି ଦଳ ଭାଗନେଇ ଉଚ୍ଚକୋଟୀର ଖେଳ ପ୍ରଦର୍ଶନ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟ ଆୟୋଜନରେ କ୍ଲବ ସଭାପତି ଅକ୍ଷୟ ହେମ୍ବ୍ରମ୍, ସମ୍ପାଦକ ସୂର୍ଯ୍ୟାନନ୍ଦ ମାଝି ଓ କ୍ଲବର ଅନ୍ୟ ସଦସ୍ୟ ସହଯୋଗ କରିଥିଲେ। ଫାଇନାଲ ମ୍ୟାଚ୍ ନଟାପଡ଼ା ଏଫ୍‌ସି ଓ ବଡ଼କାଳିଆ ଏଫ୍‌ସି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟୁର୍ଣ୍ଣାମେଣ୍ଟରେ ବଡ଼କାଳିଆ ଏଫ୍‌ସି ଦଳ ଚାମ୍ପିୟନ ହୋଇଥିବା ବେଳେ ନଟାପଡା ଏଫ୍‌ସି ଦଳ ଉପବିଜେତା ହୋଇଥିଲା। ଉଦ୍‌ଯାପନୀ ମ୍ୟାଚରେ ମୁଖ୍ୟଅତିଥି ଭାବେ ନୀଳଗିରି ବ୍ଲକ ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝି ଓ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ମଦନମୋହନ ମାଝି ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି ଉଭୟ ଟିମ୍‌ର ଖେଳାଳିଙ୍କ ସହିତ କରମର୍ଦ୍ଦନ କରି ଖେଳ ଶୁଭାରମ୍ଭ କରିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ତେଲିପାଳ ସରପଞ୍ଚ ବାହାମଣି ମାର୍ଣ୍ଡି, ପୂର୍ବତନ ସରପଞ୍ଚ ସେରାଲ୍ ବାସ୍କେ, ସାମାଜିକ କର୍ମୀ ଭୀମ ମୁର୍ମୁ, ୯ନଂ. ୱାର୍ଡ ସଭ୍ୟ ବ୍ରଜକିଶୋର ମାଝି ଓ ରଘୁନାଥ ମାଝି ଉପସ୍ଥିତ ଥିଲେ। ଅତିଥିମାନଙ୍କ ଦ୍ୱାରା ଉଭୟ ଦଳକୁ ପୁରସ୍କୃତ କରାଯାଇଥିଲା।


ଅତିଥିଙ୍କ ଗହଣରେ ଦୁଇ ଦଳର ଖେଳାଳି।

# 'ଲକ୍ଷ୍ୟ ପାଇଁ ସାଧନାକଲେ ସଫଳତା ନିଶ୍ଚିତ'

## ଶ୍ୟାମସୁନ୍ଦର ସଂସ୍କୃତ ମହାବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ

ଭୋଗରାଇ, ୧୫।୬( ପ୍ରଦୀପ ଦାସ)

ଛାତ୍ରୀଛାତ୍ରମାନେ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ପାଇଁ ସାଧନା ମନ୍ଦିରରେ ଆପ୍ରାଣ ଉଦ୍ୟମ ଜାରି ରଖିଲେ ସଫଳତା ନିଶ୍ଚିତ ବୋଲି ଶ୍ୟାମସୁନ୍ଦର ସଂସ୍କୃତ ମହାବିଦ୍ୟାଳୟର ସୁବର୍ଣ୍ଣଜୟନ୍ତୀ ସମାରୋହର ଉଦ୍‌ଯାପନୀ ସନ୍ଧ୍ୟାରେ ବୁଧବାର ବିଶିଷ୍ଟ ଅତିଥିମାନେ ମତପ୍ରକାଶ କରିଛନ୍ତି। ମହାବିଦ୍ୟାଳୟ ଅଧ୍ୟାପକ ସୁଶାନ୍ତ କୁମାର ମିଶ୍ରଙ୍କ ପୌରୋହିତ୍ୟରେ ପରିଚାଳିତ ମଞ୍ଚରେ ଛାତ୍ରୀମାନେ ବନ୍ଦେ ଉତ୍କଳ ଜନନୀ ଗାନ ପରେ ଅଧ୍ୟକ୍ଷ ଡ଼ଃ ସତୀଶ ଚନ୍ଦ୍ର ପଣ୍ଡା ବିବରଣୀ ପାଠ କରିଥିଲେ। ପ୍ରାକ୍ତନ ଛାତ୍ର ପଣ୍ଡିତ ଅଲେଖ ଚନ୍ଦ୍ର ପାଢ଼ୀ ଲକ୍ଷ୍ୟ ସମ୍ପର୍କରେ ମତ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ସାରସ୍ୱତ ଅତିଥି ପ୍ରାକ୍ତନ କୁଳପତି ଡ଼ଃ ନୀଳକଣ୍ଠ ପତି, ମୁଖ୍ୟବକ୍ତା ଭାବେ ବିଶ୍ୱବିଦ୍ୟାଳୟ ପ୍ରଫେସର ଡ଼ଃ ତନ୍ମୟ କୁମାର ଭଟ୍ଟାଚାର୍ଯ୍ୟ, ପୂର୍ବତନ ବିଧାୟକ ସୁଶାନ୍ତ ଚାନ୍ଦ, ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରବୀର କୁମାର ଗିରି ବକ୍ତବ୍ୟ ଦେଇଥିଲେ।


ଉଦ୍‌ଯାପନୀ ସମାରୋହରେ ବିଶିଷ୍ଟ ବ୍ୟକ୍ତିତ୍ୱଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଅପରପକ୍ଷରେ ପ୍ରାତଃ ଅଧିବେଶନରେ ଅବସରପ୍ରାପ୍ତ ଶିକ୍ଷକ ଶମ୍ଭୁନାଥ ସାହୁ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଶ୍ରୀଜଗନ୍ନାଥ ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ବସନ୍ତ କୁମାର ମିଶ୍ର, ମୁଖ୍ୟବକ୍ତା ଭାବେ ସାରସ୍ୱତ ସାଧକ ସତ୍ୟଶିବ ଦାସ, ସମ୍ମାନିତ ଅତିଥି ଭାବେ ଜିଲାପରିଷଦ ସଦସ୍ୟା ଦମୟନ୍ତୀ ସାହୁ, ସମିତି ସଦସ୍ୟା ସସ୍ମିତା ଜେନା ପ୍ରମୁଖ ବକ୍ତବ୍ୟ ଦେଇଥିଲେ। ଏହି ଅବସରରେ ଜୟନ୍ତୀ ସମାରୋହ କମିଟି ପକ୍ଷରୁ ପ୍ରଫେସର ପଣ୍ଡିତ ପ୍ରବର ଡ଼ଃ ନୀଳକଣ୍ଠ ପତି, ପ୍ରଫେସର ଡ଼ଃ ତନ୍ମୟ କୁମାର ଭଟ୍ଟାଚାର୍ଯ୍ୟଙ୍କୁ ସୁରଭାରତୀ ଶିରୋମଣି ସମ୍ମାନ, ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରବୀର କୁମାର ଗିରିଙ୍କୁ ଶ୍ୟାମବନ୍ଧୁ ସମ୍ମାନ ଓ ସାରସ୍ୱତ ସାଧକ ସ୍ୱର୍ଗତ ଡ଼ଃ କାର୍ତ୍ତିକେଶ୍ୱର ପାତ୍ରଙ୍କୁ ଶ୍ୟାମ ସାରଥୀ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ମନମୁଗ୍ଧ କରିଥିଲା।



# ବାପାଙ୍କ ପାଇଁ ପଦେ..

ଯିଏ ନିଜଠୁ ଅଧିକ ସନ୍ତାନର ସଫଳତା ଚାହାନ୍ତି ଆଉ ଯିଏ ନିଜ କଷ୍ଟକୁ ଭିତରେ ଲୁଚାଇ ସନ୍ତାନ ମୁହଁରେ ହସ ଫୁଟାନ୍ତି ସିଏ ବାପା। ଆଜି ଫାଦର୍ସ ଡ଼େ'(ଜୁନ୍ ୩ୟ ସପ୍ତାହ) ଅବସରରେ ବାପାଙ୍କ ପାଇଁ ଉତ୍ସର୍ଗିକୃତ କେତୋଟି କବିତା...



ଗୌରପ୍ରିୟା



ରୂପାଲୀ



କଳ୍ପନା

## ବାପା ଥିଲେ ଡର କାହାକୁ

ଆକାଶର ବିଜୁଳିକୁ
ସମୁଦ୍ରର ଗର୍ଜନକୁ
ଡରିବା ଲୋକ ନୁହନ୍ତି ବାପା।

ବାପା ତ
ନିଜେ ହିଁ ଆକାଶ
ନିଜେ ହିଁ ସମୁଦ୍ର।

ତାଙ୍କ ଉଦାର ଛାତିରେ
ସବୁକିଛି ଅମିଯାଏ
ସେ ଆକାଶର ବିଜୁଳି ହେଉ କି
ସମୁଦ୍ରର ଗର୍ଜନ ।
*- ପବିତ୍ର ବ୍ରହ୍ମପୁତ୍ର ନାୟକ,*
*ରାଜନଗର, କେନ୍ଦ୍ରାପଡ଼ା*

## ସୁରକ୍ଷା କବଚ

ତଳେ ପଡ଼ିଗଲେ ନ ଉଠାଇଯିଏ
ଉଠିକି ଚାଲ କହନ୍ତି,
କାନ୍ଧରେ ବସାଇ ଉଚ୍ଚକୁ ଦେଖାଇ
ଲକ୍ଷ୍ୟ ସ୍ଥିର କର କହନ୍ତି
ସନ୍ତାନର ଚିନ୍ତା ଯା' ଶିର ଶିରପା,
ସେହି ସିନା ଆମ ବାପା।
ବାପା ଆମ ବାପା।
ବାପା ମଥା ଉପରେ ଛାତ,
ବାପା ସାହାରା ପାଇଁ କାନ୍ଥ
ସେ ରକ୍ଷାର କବଚ ଢାଲ,
ତାଙ୍କ ତ୍ୟାଗଟି ଅମୂଲ ମୂଲ।
ନାହିଁ ନାହିଁରେ ଯେ ହଁ ର ସପନ,
ମହାପ୍ରସାଦଠୁ ଯା' ନାମ ମହାନ,
ନିଃଶ୍ୱାସ ବିଶ୍ୱାସ ଆଶ୍ୱାସର ଯିଏ ଚିହ୍ନ,
ଅନୁଶାସନର ଯେ ମୁଖ୍ୟ ଅଙ୍ଗନ।
ଅନୁଧାବନଶ୍‌ରେ ଯା' ଜପ ଅଜପା,
ସନ୍ତାନର ମନ ଯା' ପାଶେ ଅଛପା,
ସିଏ ବାପା ଆମ ବାପା।
ବାପା ଆମ ବାପା।
*- କଳ୍ପନା ବିଶ୍ୱାଳ*
*ଚଷାପଡ଼ା, ଜଗତ୍‌ସିଂହପୁର*

## ବାପା

ନିରବରେ ଜଳି ସଳିତାଟେ ପରି
ଆଲୁଅ ଦିଅନ୍ତି ଢାଳି,
ଭରିବାକୁ ଖୁସି ଆମ ଜୀବନରେ
ନିଜକୁ ଦେଇଛନ୍ତି ଜଳାଞ୍ଜଳି।
ଚିନ୍ତା ଆସି ତାଙ୍କ ମୁହେଁ ଲେଖିଦିଏ
ନିଶ୍ଚଳ ଅକୁହା କଥା,
ଚେଷ୍ଟା କରେ ମୁଁ ଯେ ପଢ଼ିବାକୁ ନିତି
ସେ ଆଖିର ନିରବତା।
ବାପା ବୋଲି ସିନା ସହିଯାଆନ୍ତି ସିନା
ହୃଦୟର ସବୁ ବ୍ୟଥା,
ଅନେକ କାହାଣୀ

ମୋ' ହୃଦୟେ ଲେଖେ
ତାଙ୍କର ସେ ନିରବତା।
ଆମର ଅଝଟ ଆମର ପସନ୍ଦ ତାଙ୍କୁ
କିବା ଥାଏ ଅଛପା,
ସେଥିପାଇଁ ପରା ଈଶ୍ୱରଙ୍କର
ଅବତାର ଆମ ବାପା।
- ରୂପାଲୀ ପ୍ରିୟଦର୍ଶିନୀ ସାମନ୍ତରାୟ
ଲକ୍ଷ୍ମୀନାରାୟଣପୁର, ପିପିଲି, ପୁରୀ

## ସମ୍ରାଟ୍

ବାପା ଆକାଶ ମାପନ୍ତି ଆଖିରେ
ବାପା ପୃଥିବୀ ବୁହନ୍ତି ମୁଣ୍ଡରେ
ସମୁଦ୍ର ଝାଳ ହୋଇ ଝରେ ବାପାଙ୍କ
ଦେହରେ
ବାପାଙ୍କ ସ୍ୱପ୍ନ ଛାଇ ଭଳି ବଡ଼ ହୁଏ, ଛୋଟ
ହୁଏ ଅନ୍ଧାରେ,
ବାପା ଗଢ଼ନ୍ତି ଘର, ସଜାନ୍ତି ସଂସାର
ବାପା ଭରନ୍ତି ଜମାଖାତା ଖାଲି କରି
ପକେଟ
ବାପା କାନ୍ଧେଇ ବୁଲାନ୍ତି ମଉଛବ
ଚଢ଼ନ୍ତି ସାଇକେଲ,
ମୋ' ପାଇଁ ମେଳାରୁ କିଣିଦେଇ
ରକେଟ।
ମୁଁ କେବେ ଦେଖିନି କାନ୍ଦୁଥିବା ବାପାଙ୍କୁ
କେବେ ଭେଟିନି ଛକ ମୁଣ୍ଡ ବେଞ୍ଚରେ
ଜିଲାପି, ତେଲଭାଜି ଖାଉଥିବା ବାପାଙ୍କୁ,
ବାପାଙ୍କ ଛାତିରେ ଆଉଜିବା ଦିନୁ
ମୁଁ ଭୋଗିନି ଦୁଃଖ, ଶୋକ
ମୁଁ ବୁଝିନି ରୋଗ, ଭୋକ
ବାପା, ନିଇତି ଜିତି ଜିତି ହାରୁଥିବା ଜଣେ
ମଣିଷର ନାଁ
ବାପା, ହାରି ହାରି ଜୀବନକୁ ଜିତିଥିବା
ସମ୍ରାଟ୍‌ର ନାଁ|

*- ଶ୍ରୀସିକ୍ତା ଶୁଭଦର୍ଶିନୀ ନାୟକ*
*ଉତ୍କଳ ବିଶ୍ୱବିଦ୍ୟାଳୟ*

## ମୋ ଜୀବନର ପ୍ରଥମ ପୁରୁଷ

ଯେବେଠୁ ତୁମକୁ ଜାଣିଛି,
କେବଳ ତୁମଠୁ ପାଇଛି!
ନ କହିଲେ ବି ତୁମେ ମୋ ମନ ବୁଝିଲ,
ଯାହା ମାଗିଲି ତାହା ଦେଲ,
ସାହସର ସହ ଆଗକୁ ଚାଲିବା
ଶିଖାଇଲ।
ଭୁଲ କଲେ ସଜାଡ଼ିଦେଲ,
ଭାଙ୍ଗି ପଡ଼ିଲେ ବି ହସିହସି ଜୀବନକୁ ଭଲ
ପାଇବାକୁ ହୁଏ ବୋଲି ବୁଝେଇଲ!
ନିଜେ ଭିଜି ମୋ' ପାଇଁ ଛତାଟିଏ ହେଲ,
ଭରସାର ଚାଦରଟିଏ ହୋଇ ଜୀବନେ
ମୋ ଉଷ୍ମତା ଆଣିଲ!
ଛାତଟିଏ ପରି, ଘର ପାଇଁ ପିଠି ଦେଖାଇ
ଖରା, ବର୍ଷା, ଶୀତ ସହି,
ତ୍ୟାଗ, ଭଲପାଇବା, ସହିଷ୍ଣୁତାର
ଉଦାହରଣ ହେଲ!
ତୁମେ ଦେଇଛ,
କେବଳ ଦେଇଛ!
ଜୀବନ, ଆଲୋକ,
ପ୍ରେମ... ସବୁ, ସବୁକିଛି!
ତୁମେ,
ମୋ' ଜୀବନର ପ୍ରଥମ ପୁରୁଷ,
ମୋ ମନର ରାଜା,
ମୁଁ ରାଜକନ୍ୟା,
ଆଉ ତୁମେ,
ମୋ ବାପା, ମୋ ବାପା, ମୋ ବାପା।
*-ଅନସୂୟା ପଣ୍ଡା*

## ସେ ବାପା

ମୁଁ ଯେବେ ଖେଳୁଥିଲି ମା'ର ଗର୍ଭରେ
ନଦେଖି ନଛୁଇଁ ମୋତେ
ଯିଏ ରଖିଥିଲେ ତାଙ୍କ ହୃଦୟରେ,
ସେ ବାପା...
ମାଆ ଯେବେ ଭୋଗିଥିଲା ପ୍ରସବ ବେଦନା
ଦିଅଁଙ୍କ ଦୁଆରେ ନଡ଼ିଆ ମନାସି
ଯିଏ ବାଢ଼ିଦେଇଥିଲେ ଆକୁଳ ପ୍ରାର୍ଥନା,
ସେ ବାପା...

ମାଆର ପଣତ ମୋ' ଅଭୟର ଛାୟା,
ଆଶିଷର ହାତ କିନ୍ତୁ
ମଥା ପରେ ଥିଲେ ଯା'ର
କେହି କେବେ ଯୁଦ୍ଧରେ ହାରେନା,
ସେ ବାପା...
ସବୁଦିନେ ସବୁବେଳେ ଏକ ମୂକ ବରଗଛ
ଅଭଙ୍ଗା ଦେଉଳ,
ବାପା... ମୋ' ପାଇଁ ଏକ ସୂର୍ଯ୍ୟୋଦୟ
ବେଳ।
*- ଗୌରପ୍ରିୟା ଦାଶ, ସତ୍ୟବିହାର,*
*ଭୁବନେଶ୍ୱର*

## ବାପା ଓ ପଥର

ଝାଳ ଗମ ଗମ ଗାମୁଛା
ଅଧୁଆ ଅସଫା ପୋଷାକରେ
ଅହରହ ଯାହା କାମରେ ବିରାମ ନ ଥାଏ,
ସିଏ ବାପା ।
ଯେଉଁ ପଦବୀରେ ଅବସର ନ ଥାଏ
ବିନା ଥକାରେ ଯିଏ ବାଟ ଚାଲୁଥାଏ
ସମୟ ଆଗରୁ ଯିଏ ଶୀଘ୍ର ପହଞ୍ଚେ,
ସିଏ ବାପା।
ଯାହାଙ୍କ ପାଞ୍ଚଣ
ଯାହାଙ୍କ ଅନୁଶାସନ
ଅନ୍ଧାରରୁ ଆଣି ଆଲୋକ ଦିଏ
ଭଲ ମଣିଷର ପରିଚୟ ଦିଏ
ଆମ ସବୁ ଅଳି
ଆମ ସବୁ ଅର୍ଦ୍ଦଳି,
ଯିଏ ମୁଣ୍ଡପାତି ସହେ
ଦୁଃଖ କଷ୍ଟରେ ବି ଯିଏ ହସି ହସି କହେ
ସିଏ ବାପା ॥
ସେଥିପାଇଁ ତ,
ପଥର ଓ ବାପା
ଦୁହିଁଙ୍କ ଭିତରେ ବଡ଼ ଦୋସ୍ତି।
ବାପା ପଥର ଭଳି ଭାଙ୍ଗନ୍ତିନି
କି ପଥର ବାପାଙ୍କ ଭଳି କାନ୍ଦେନି ॥
**- ଶିବରାମ ମହାପାତ୍ର**
ମହୀତମା,ନୟାଗଡ଼



ଶ୍ରୀସିକ୍ତା



ଶିବରାମ



ପବିତ୍ର



ଅନସୂୟା



## ଏ ସପ୍ତାହର ପ୍ରଶ୍ନ

୧- ରୋମିଓ ଆଣ୍ଡ ଜୁଲିଏଟ୍ ପୁସ୍ତକର ଲେଖକ ................ ?
୨- ଅରିକ୍ଟୋଲାଗସ୍ କ୍ୟୁନିକୁଲସ୍ ............ର ବୈଜ୍ଞାନିକ ନାମ ?
୩- ମୋଙ୍ଗ୍ଲା ପୋର୍ଟ ..............ରେ ଅବସ୍ଥିତ ?
୪- ନ୍ୟାଶନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ନ୍ୟୁଟ୍ରିଶନ ............ ଠାରେ ଅବସ୍ଥିତ ?
୫- .............ର ଜାତୀୟ ପଶୁ ଦି ସାଇବେରିଆନ୍ ଟାଇଗର୍ ?

## ଗତ ଥରର ଉତ୍ତର

୧ ମେକ୍ସିକୋ
୨ ନିକଟରେ ନ୍ୟାଶନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଣ୍ଟାଲ ହେଲ୍‌ଥ ଆଣ୍ଡ ନ୍ୟୁରୋ ସାଇନ୍ସ, ବେଙ୍ଗାଲୁରୁ
୩ ନୂଆଦିଲ୍ଲୀ
୪ ଅଗ୍ନିକୁଳ କସ୍‌ମସ୍
୫ ଶିକ୍ଷା ମନ୍ତ୍ରଣାଳୟ

## ଉତ୍ତରଦାତା



ମାନସ ରଞ୍ଜନ ପଟ୍ଟନାୟକ,
ଭୁବନେଶ୍ୱର



ନିର୍ବିକଳ୍ପ ନାଥ
ଘଣ୍ଟେଶ୍ୱର

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ-ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ଲୋକପ୍ରିୟ କିଡ୍ସ କ୍ଲଥ୍ ବ୍ରାଣ୍ଡ-୨୦୨୪

୧........................................ ମ୍ୟାକ୍ଲୀ
୨........................................ ଫାଷ୍ଟକ୍ରାଏ
୩........................................ ଜିନି ଆଣ୍ଡ ଜନୀ
୪........................................ ହପ୍‌ସ୍କଚ୍
୫........................................ ଇଡ୍ ଏ ମାମ୍ମା
୬........................................ ଲିଲିପୁଟ୍
୭........................................ ନିନୋ ବାମ୍ବିନୋ
୮........................................ ଲିଟିଲ୍ କଙ୍ଗାରୁଜ୍
୯........................................ ମଦର୍‌କେୟାର୍
୧୦........................................ କୁକୁମ୍ବର

## ଅଭୁଲା ଅନୁଭୂତି

# ରଜ ଦୋଳି କଟମଟ



ସ୍ଥିରା ଦାସ

ମୋତେ ବୟସ ୧୧ କି ୧୨ ବର୍ଷ ହେବ । ଗାଆଁରେ ମହାଦେବ ପୋଖରୀ କୂଳରେ ବାଉଁଶ ଦୋଳି ବନ୍ଧା ଯାଇଥାଏ । ଉପରେ ନିମ୍ବ ଡାଳରେ ସାଇକେଲ ଟାୟାର ଛନ୍ଦରେ ବନ୍ଧା ଯାଇଥିବା ଦୁଇଟା ବାଉଁଶକୁ ତଳେ ଗୋଟେ କାଠପଟାର ଦୁଇଟା କଣାରେ ପୂରେଇ ଦୋଳି ତିଆରି ହୋଇଥାଏ । କାଠପଟାକୁ ବାଉଁଶ ସହିତ ଅଟକି ରଖିବା ଲାଗି ବାଉଁଶର ଦୁଇଟା କଣାରେ ଦୁଇଟା ସରୁ ସରୁ ଖିଲ ପଟାତଳେ ରହିଥାଏ । ଯଦି ଖିଲ ଖସିଲା କି ଭାଙ୍ଗିଲା, ତେବେ ପଟା ଉପରେ ବସି ଝୁଲୁଥିବା ଲୋକ ତଳକୁ ଖସିପଡିବ । ମୁଁ ମୋ ସାଙ୍ଗ ସହିତ ପଟା ଉପରେ ଠିଆ ହୋଇ କାତ ମାରି ଝୁଲୁଥାଏ । ବଡ଼ ପାଟିରେ ଗୀତ ବି ଗାଉଥାଏ, 'ରଜ ଦୋଳି କଟମଟ ଲୋ ଫୁଲ ବଉଳବେଣୀ, କୁଆଁରୀ ମନର ଗୋପନ କଥାକୁ କହିଦେବା ମନ ଖୋଲି ଲୋ ଫୁଲ ବଉଳବେଣୀ ।' ହଠାତ୍ ପଟା ଟିକିଏ ହଲିଗଲା । 'କଟ୍' 'କଟ୍' ଶବ୍ଦ ବି ଶୁଣାଗଲା । ଛାନିଆରେ ମୋ ଗୀତ ବନ୍ଦ ହୋଇଗଲା । ସାଙ୍ଗକୁ ପଚାରିଲି, 'ପଟା ଭାଙ୍ଗିଗଲା କି? କଟ୍-କଟ୍ କାହିଁକି ଶୁଣାଗଲା ?' ସେ ଗାଳିଦେଇ କହିଲା, 'ରଜ ଦୋଳିଟା କଟ୍-ମଟ୍ ହୁଅନ୍ତାନି କି? ନିଜେ ଗୀତ ପା ଗାଉଛୁ । ଏତେ ଡର କ'ଣ ?' ବିଚରା ସାଙ୍ଗର କଥା ସରି ନାହିଁ, ହଠାତ୍ କାଠପଟାର ଗୋଟିଏ ପାଖ ତଳକୁ ଝୁଲିପଡିଲା। ସେଇ ପାଖ କଣାରେ ପୂରିଥିବା ବାଉଁଶଟା ବାହାରିଗଲା । କ'ଣ ହେଲା ବୁଝିବା ଆଗରୁ ପଟା ସହିତ ଲାଗିଥିବା ବାଉଁଶକୁ ଧରି ମୁଁ ଭୂଇଁରେ ଘୋଷାରି ହୋଇଗଲି । ଆଉ ମୋ ସାଙ୍ଗ ଯାଇ ପୋଖରୀ କଡ଼ରେ ଦଳ ଉପରେ ପଡ଼ିଲା । ପାଖରେ ଥିବା ପିଲାମାନେ ଆସି ଆମକୁ ଉଠେଇଲେ । ପଟା ଧାରରେ ଘଷି ହୋଇ ମୋ ପିଠି ରାଂଚୁଡ଼ି ଯାଇଥିଲା । ସାଙ୍ଗଟା ପାଣି କାଦୁଅରେ ସର ସର ହୋଇ କାନ୍ଦୁଥିଲା, କିନ୍ତୁ ତା'ର କିଛି ଖଣ୍ଡିଆ ଖାବରା ହୋଇ ନ ଥିଲା। ଏତେ ବର୍ଷ ପରେ ଗତ ବର୍ଷ ସେହି ସାଙ୍ଗ ସହିତ ଦେଖାହେଲା । ମୁଁ ପଚାରିଲି, 'କ'ଣ ଖବର ? ଆଜିକାଲି ରଜ ଦୋଳି କଟମଟ ହଉଛି କି ନାହିଁ? 'ସେ ମୋ କଥା ଶୁଣି ବହେ ହସିଲା । କହିଲା, 'ତୋର ମନେ ଅଛି କି ଲୋ ? କହନା କହନା, ପୋଖରୀ ମଝିରେ ମୁଁ ପଡିଥିଲେ କି ଅବସ୍ଥା ହେଇଥାନ୍ତା ଭାବିଲୁ ? ସେଇ ଦିନଠୁ ମୋର ଦୋଳିକୁ ଜୁହାର ।' ଏବେ ଦୋଳି ଦେଖିଲେ ଗୀତ ତ ମନେପଡେ, ଆମ ମହାଦେବ ପୋଖରୀ କଥା ବେଶି ମନେପଡ଼େ । 'ତା' କଥା ଶୁଣି ମୁଁ ହସି ହସି ବେଦମ୍ ହେଲି ।

*- ଅଧ୍ୟାପିକା(ଦର୍ଶନଶାସ୍ତ୍ର), ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ*



# ବାପାଙ୍କ ପରେ ପୁଅଙ୍କୁ ମିଳିଲା ଆଇନ ବିଭାଗ

ଭୁବନେଶ୍ୱର,୧୫।୬(ଅନିଲ ଦାସ)

ରାଜ୍ୟରେ ପ୍ରଥମ ଥର ପାଇଁ ଭାଜପା ସରକାର ଗଠନ ହୋଇଛି। ମନ୍ତ୍ରିମଣ୍ଡଳରେ ଚିଲିକା ବିଧାୟକ ପୃଥ୍ୱୀରାଜ ହରିଚନ୍ଦନଙ୍କୁ କ୍ୟାବିନେଟ ମନ୍ତ୍ରୀ ପାହ୍ୟା ମିଳିଛି। ତାଙ୍କୁ ଆଇନ, ପୂର୍ତ୍ତ ଓ ଅବକାରୀ ବିଭାଗ ଦାୟିତ୍ୱ ମିଳିଛି। ତାଙ୍କ ବାପା ତଥା ଛତିଶଗଡ଼ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ମଧ୍ୟ ୨୦୦୪ରେ ବିଜେଡି–ଭାଜପା ମେଣ୍ଟ ସରକାର ସମୟରେ ଆଇନ, ରାଜସ୍ୱ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗ ମନ୍ତ୍ରୀ ଦାୟିତ୍ୱ ତୁଲାଇଥିଲେ। ତାଙ୍କ ପୁଅ ପୃଥ୍ୱୀରାଜଙ୍କୁ ମଧ୍ୟ କିଛି ବର୍ଷ ପରେ ମୋହନ ମାଝୀ ସରକାରରେ ଆଇନ ବିଭାଗ ମିଳିଛି। ପୃଥ୍ୱୀରାଜ ପ୍ରଥମ ଥର ଖୋର୍ଦ୍ଧା ଜିଲାର ଚିଲିକା ବିଧାନସଭା ନିର୍ବାଚନମଣ୍ଡଳୀରୁ ବିଜୟୀ ହୋଇ ମନ୍ତ୍ରୀ ପଦ ପାଇବାରେ ସକ୍ଷମ ହୋଇଛନ୍ତି। ପୂର୍ବରୁ ତାଙ୍କ ବାପା ଓ ଦାଦା ବିଭୂତି ଭୂଷଣ ହରିଚନ୍ଦନ ମଧ୍ୟ ଏହି ଆସନରୁ ବିଧାନସଭାକୁ ନିର୍ବାଚିତ ହୋଇଛନ୍ତି। ବାପାଙ୍କ ପରେ ପୁଅଙ୍କୁ ଆଇନ ବିଭାଗ ମିଳିବା ଏକ ସଂଯୋଗ ବୋଲି ରାଜନୈତିକ ବିଶାରଦ କହିଛନ୍ତି।

# ପିସି ନେଲେ କି ଦେଲେ ଦଳରୁ ବିଦା: ମନମୋହନ



ଚାନ୍ଦବାଲି ବିଜୁ ସ୍ମୃତି ଭବନଠାରେ ଭାଜପା ପକ୍ଷରୁ ଆୟୋଜିତ ରଜ ମହୋତ୍ସବ ଅବସରରେ ରାଜ୍ୟ ସଭାପତି ମନମୋହନ ସାମଲଙ୍କ ସହ କାର୍ଯ୍ୟକର୍ତ୍ତା।

ଚାନ୍ଦବାଲି,୧୫।୬
(କିଷାନ ପାତ୍ର)

ଓଡ଼ିଶାରେ ଏବେ ଭାଜପା ସରକାର ଗଠନ କରିଛି। ଭାଜପା ସରକାର ହେଉଛି ସାଧାରଣ ଲୋକଙ୍କ ସରକାର। ଲୋକଙ୍କ କାମ ସୁବିଧାରେ ଓ ମାଗଣାରେ ହେବ। ଭାଜପା ଦେଇଥିବା ସବୁ ପ୍ରତିଶ୍ରୁତି ପୂରଣ କରାଯିବ। ଶ୍ରୀଜଗନ୍ନାଥଙ୍କ ମନ୍ଦିରର ଚାରି ଦ୍ୱାର ଖୋଲାଗଲା, ଚାଷୀ ଧାନ ଏବେ ୩୧୦୦ ଟଙ୍କାରେ ବିକିବେ ଏବଂ ସୁଭଦ୍ରା ଯୋଜନାରେ ମହିଳାମାନେ ଲାଭ ପାଇବାକୁ ଯାଉଛନ୍ତି। ସରକାରୀ ଯୋଜନାରେ ପିସି ଦେବା ଓ ନେବା ଉଭୟ ଲୋକ ଦଳରୁ ବିଦା ହେବେ ବୋଲି ଭାଜପା ପକ୍ଷରୁ ରଜ ମହୋତ୍ସବ ଅବସରରେ ଯୋଗଦେଇ ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି। ଶନିବାର ଚାନ୍ଦବାଲି ବିଜୁ ସ୍ମୃତି ଭବନଠାରେ ଅନୁଷ୍ଠିତ ଏହି ମହୋତ୍ସବରେ ଭାଜପାର ବରିଷ୍ଠ ନେତା ଅଜୟ ନାୟକ ଯୋଗଦେଇ କହିଥିଲେ, ବିଜେଡି ଶାସନ କାଳରେ ହୋଇଥିବା ବିଭିନ୍ନ ଦୁର୍ନୀତିର ତଦନ୍ତ କରାଯିବ। ଚାନ୍ଦବାଲି ବ୍ଲକ ନାନ୍ଦପୁର ପଞ୍ଚାୟତ ନୃସିଂହନାଥ ହାଇସ୍କୁଲରେ ୧ କୋଟି ୧୯ ଲକ୍ଷ ଟଙ୍କା ଖାଲି ରଙ୍ଗ ମରାଯାଇ ଚଳୁ କରାଯାଇଛି। ଆରଡ଼ି ପୀଠରେ ଶିବଗଙ୍ଗା ପୋଖରୀ ଆଦି ଦୁର୍ନୀତିର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ।

# ସନ୍ନ୍ୟାସ ନୁହେଁ, ଜେଲରେ ଚକି ପେଷିବେ

## ପାଣ୍ଡିଆନଙ୍କୁ ଟାର୍ଗେଟ୍ କଲେ ପ୍ରଦୀପ

ବରଗଡ଼,୧୫।୬
(ପ୍ରେମାନନ୍ଦ ଖମାରୀ)

ଯେଉଁମାନେ ବିଜେଡି ସରକାରଙ୍କ ୫–ଟି ଯୋଜନା ଜରିଆରେ ରାଜ୍ୟର ଖଣି, ଖାଦାନର ଶହଶହ କୋଟି ଟଙ୍କାର ସମ୍ପତ୍ତି ହରିଲୁଟ୍ କରିଛନ୍ତି, ରାଜକୋଷରେ ରହିଥିବା ପଇସା ଲୁଟିଛନ୍ତି। ଭାଜପା ସରକାର ସେସବୁର ଗୋଟିଗୋଟି କରି ହିସାବ କରିବ। ଏଥିରେ ଯିଏ ବି ସମ୍ପୃକ୍ତ ଥାଆନ୍ତୁନା କାହିଁକି, ସେମାନେ ଜେଲରେ ଚକି ପେଷିବେ ବୋଲି ଶନିବାର ବରଗଡ଼ ଜିଲା ଅତାବିରାରେ ଅନୁଷ୍ଠିତ ଏକ ସମ୍ବର୍ଦ୍ଧନା ସମାରୋହରେ ଯୋଗଦେଇ ନବନିର୍ବାଚିତ ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ କହିଛନ୍ତି।

ପୂର୍ବତନ ୫–ଟି ଅଧ୍ୟକ୍ଷ ତଥା ବିଜେଡିର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନଙ୍କୁ ସିଧାସଳଖ ଏଭଳି ଇଙ୍ଗିତ କରି ପ୍ରଦୀପ ଆହୁରି କହିଥିଲେ, ଦୀର୍ଘ ୨୪ବର୍ଷ ଏକ ଲମ୍ବା ସମୟ ଧରି ବିଜେଡି ସରକାର ଚାଲିଥିଲା। ପରିବର୍ତ୍ତନର ନିଶାନା ଦିଶୁ ନ ଥିଲା। ଏଥର ମଧ୍ୟ ପରିବର୍ତ୍ତନ ହେବ ନାହିଁ ବୋଲି ବହୁତ ଲୋକ କହୁଥିଲେ। ପୁଣି ଥରେ ରାଜ୍ୟରେ ସରକାର ଗଠନ କରିବୁ ବୋଲି ବିଜେଡି ଲୋକେ କହୁଥିଲେ। ଏହି କ୍ରମରେ ସେତେବେଳେ ରାଜ୍ୟ ସରକାରକୁ ଚଳାଉଥିବା କାର୍ତ୍ତିକ ପାଣ୍ଡିଆନ ମାଇକ୍ ଧରି ବିଜେଡି ପୁଣି ସରକାରକୁ ନ ଫେରିଲେ ଏବଂ ନବୀନ ପଟ୍ଟନାୟକ ଷଷ୍ଠଥର ମୁଖ୍ୟମନ୍ତ୍ରୀ ନ ହେଲେ ରାଜନୀତିରୁ ସନ୍ନ୍ୟାସ ନେବେ ବୋଲି ପୂରାଦମ୍‌ରେ କହୁଥିଲେ। ପାଣ୍ଡିଆନଙ୍କ ସେଭଳି ବୟାନକୁ ନେଇ ଭେଡ଼େନ ବ୍ଲକରେ ନିର୍ବାଚନୀ ସଭାରେ ସେତେବେଳେ ମଧ୍ୟ ପ୍ରଦୀପ କହିଥିଲେ, ପାଣ୍ଡିଆନ କେବେ ମଧ୍ୟ ସନ୍ନ୍ୟାସ ନେଇ ପାରିବେ ନାହିଁ। ଭାଜପା ରାଜ୍ୟରେ ସରକାର ଗଠନ କରିବ ଏବଂ ଭାଜପା ରାଜ୍ୟରେ ଶାସନଭାର ନେଲେ ୫–ଟି ନାଁରେ ହୋଇଥିବା କୋଟିକୋଟି ଟଙ୍କା ଲୁଟ୍‌ର ହିସାବ ମାଗିବ। ସେତେବେଳେ ଯେଉଁ କଥା କହିଥିଲି ଏବେ ପୁଣି ସେ କଥା କହୁଛି, ପାଣ୍ଡିଆନ ସନ୍ନ୍ୟାସ ନୁହେଁ, ଜେଲରେ ଚକି ପେଷିବେ ବୋଲି ପ୍ରଦୀପ କହିଥିଲେ। ଆଜି ଲୋକଙ୍କ ଆଶୀର୍ବାଦରେ ଭାଜପା ରାଜ୍ୟରେ ସରକାର ଗଠନ କରିଛି। ଏଣିକି କାର୍ତ୍ତିକ ପାଣ୍ଡିଆନଙ୍କ ମାଲିକାନାରେ ଯେଉଁ ୫–ଟି ଚାଲୁଥିଲା ଏବଂ ଯେଉଁ ଯୋଜନାରେ ରାଜ୍ୟର ଗରିବ ଲୋକଙ୍କ ଟଙ୍କା ଥିବା ରାଜକୋଷରୁ ଲୁଟ୍ ହୋଇଛି, ତା'ର ହିସାବ ନିକାଶ କରାଯିବ। ସେଥିରେ ପାଣ୍ଡିଆନ ହୁଅନ୍ତୁ ଅବା ଅନ୍ୟ କୌଣସି ଆଇଏଏସ୍ ଅଧିକାରୀ, ମନ୍ତ୍ରୀଙ୍କ ସମ୍ପୃକ୍ତି ଜଣାପଡ଼ିବ ସେମାନଙ୍କୁ ଜେଲରେ ଚକି ପେଷିବାକୁ ପଡ଼ିବ ବୋଲି ପ୍ରଦୀପ କହିଛନ୍ତି। ପ୍ରଦୀପଙ୍କ ଏଭଳି ବିସ୍ଫୋରକ ବୟାନ ଏବେ ରାଜ୍ୟବ୍ୟାପୀ ଚର୍ଚ୍ଚାର ବିଷୟ ହୋଇଛି।



ପ୍ରଦୀପ ପୁରୋହିତ

# ୫- ଟି, ନବୀନ ଓଡ଼ିଶା ବ୍ୟାଗ୍ ପୋଡ଼ିଲେ ଭାଜପା କର୍ମୀ



ବାଉଁଶୁଣୀ,୧୫।୬
(ଦେବାଶିଷ ନେପାକ)

ବୌଦ୍ଧ ଜିଲା ବାଉଁଶୁଣୀ ଛକ ନିକଟରେ ଶନିବାର ୫- ଟି ଆମ ଓ ନବୀନ ଓଡ଼ିଶା ବ୍ୟାଗ୍‌କୁ ଭାଜପା କର୍ମୀ ପୋଡୁଥିବା ଦେଖିବାକୁ ମିଳିଛି। ସ୍ଥାନୀୟ ଅଞ୍ଚଳର ଭାଜପା ନେତା ପୁରନ୍ଦର ବକ୍ସିଙ୍କ ନେତୃତ୍ୱରେ ପୂର୍ଣ୍ଣଚନ୍ଦ୍ର ମେହେର, କିଶୋର ମେହେର, ଚୈତନ୍ୟ ମେହେର, ଗୋପାଳ ମେହେର ପ୍ରମୁଖଙ୍କ ଉପସ୍ଥିତିରେ ବାଉଁଶୁଣୀ ଛକ ଜାତୀୟ ରାଜପଥ ଉପରେ ବ୍ୟାଗ୍ ପୋଡିଥିଲେ ।

# ଓଡ଼ିଶାର ଯୋଜନାବଦ୍ଧ ବିକାଶ କରାଯିବ: ଧର୍ମେନ୍ଦ୍ର

## ସମ୍ବଲପୁରରେ କେନ୍ଦ୍ରମନ୍ତ୍ରୀ

ସମ୍ବଲପୁର,୧୫।୬ (ଭବାନୀ ଶଙ୍କର ଭୋଇ)

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନିର୍ବାଚନରେ ବିଜୟୀ ହେବା ପରେ ଶନିବାର ପ୍ରଥମ ଥର ସମ୍ବଲପୁର ଗସ୍ତରେ ଆସିଛନ୍ତି। ଝାରସୁଗୁଡ଼ା ବିମାନ ବନ୍ଦରରୁ ଓହ୍ଲାଇ ସମ୍ବଲପୁର ପହଞ୍ଚିବା ପରେ ମା' ସମଲେଇଙ୍କ ଦର୍ଶନ କରି ଆଶୀର୍ବାଦ ନେଇଥିଲେ। ଧର୍ମେନ୍ଦ୍ର ସମଲେଇ ମନ୍ଦିର ସମ୍ମୁଖରେ ପହଞ୍ଚିବା ପରେ ଭାଜପା କର୍ମକର୍ତ୍ତା ଏବଂ ବିଭିନ୍ନ ସଙ୍ଗଠନର ସଦସ୍ୟମାନେ ପୁଷ୍ପଗୁଚ୍ଛ, ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଦୁଲଦୁଲି ବାଜାର ତାଳେତାଳେ କେନ୍ଦ୍ରମନ୍ତ୍ରୀଙ୍କୁ ମନ୍ଦିର ପରିସରକୁ ସ୍ୱାଗତ କରାଯାଇଥିଲା। ମା' ସମଲେଇଙ୍କ ଦର୍ଶନ କରିବା ସହ ସେ ମହାଆଳତିରେ ଯୋଗ ଦେଇଥିଲେ। ମା'ଙ୍କ ଦର୍ଶନ ପରେ ସମ୍ବଲପୁରର ଜନସାଧାରଣଙ୍କୁ କେନ୍ଦ୍ରମନ୍ତ୍ରୀ ଧନ୍ୟବାଦ ଜଣାଇଥିଲେ। ଏହି ଅବସରରେ ଧର୍ମନ୍ଦ୍ର କହିଥିଲେ, ମା'ଙ୍କ ଆଶୀର୍ବାଦରେ ସମ୍ବଲପୁର ତଥା ଓଡ଼ିଶାର ଯୋଜନାବଦ୍ଧ ବିକାଶ କରାଯିବ। ବିକାଶରେ ସହଭାଗୀ ହେବା ପାଇଁ ସେ କାର୍ଯ୍ୟ କରିବେ ବୋଲି କହିଥିଲେ। ଏହାପରେ ସର୍କିଟ ହାଉସରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରବିବାର କେନ୍ଦ୍ରମନ୍ତ୍ରୀଙ୍କର ଦାନୀପାଲି ସ୍ଥିତ ରଣେଶ୍ୱର ରାମଚଣ୍ଡୀ ମନ୍ଦିର, ମାନେଶ୍ୱରର ମାନଧାତା ମନ୍ଦିର, ବ୍ରହ୍ମପୁରା ଜଗନ୍ନାଥ ମନ୍ଦିର, ବୁଦ୍ଧହିଲ ସ୍ଥିତ ହନୁମାନ ମନ୍ଦିର, ମନ୍ଦଲିଆ ସ୍ଥିତ ଅନୋଖା ଶ୍ରୀ ଶ୍ୟାମ ମନ୍ଦିର ପରିଦର୍ଶନ କାର୍ଯ୍ୟକ୍ରମ ରହିଛି ।



ସମଲେଇ ମନ୍ଦିରରେ ଶନିବାର ମହିଳାକର୍ମୀଙ୍କ ସହ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଭୋଦୁଅ ଖରା, ଭୃତ୍ୟ ମଗରା**
**ନିର୍ମୁଣ୍ଡି ନାରୀ, ଦାନ୍ତୁରୀ ଦାରୀ**
**ଏମାନଙ୍କ ତେଜ ସହି ନ ପାରି ।**

ଭାଦ୍ରବ ମାସରେ ଯେଉଁ ଖରା ହୁଏ, ତାହା ଦେହକୁ କାଟିଥାଏ। ଭୃତ୍ୟ ମଗରା ପ୍ରକୃତିର ହେବା ମାଲିକ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଥାଏ। ସେହିପରି ନିର୍ମୁଣ୍ଡି ନାରୀ ଓ ଦାନ୍ତୁରୀ ଦାରୀଙ୍କ ଗୁଣଗ୍ରାମ ଅତି ଅସହ୍ୟ ହେଉଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଭଉଣୀ ଘରେ ଭାଇ**
**ଶ୍ୱଶୁର ଘରେ ଜୋଇଁ,**
**ମାଇପୀ ଅଇଁଠା ଖାଇ ।**

ବିବାହିତା ଭଉଣୀ ଘରେ ଭାଇ ଓ ଶ୍ୱଶୁରଘରେ ରହୁଥିବା ଜୋଇଁଙ୍କୁ କେବେ ଉପଯୁକ୍ତ ସମ୍ମାନ ମିଳି ନ ଥାଏ। ଆମ ସମାଜରେ ଏପରି ବ୍ୟକ୍ତିଙ୍କୁ ଅନ୍ୟମାନେ ଅତ୍ୟନ୍ତ ନ୍ୟୂନ ଦୃଷ୍ଟିରେ ଦେଖୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ




ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

ରାଜ୍ୟ ଖବର

# କୁଏଟ୍ ଅଗ୍ନିକାଣ୍ଡ: ଜନ୍ମମାଟିରେ ୨ ଓଡ଼ିଆଙ୍କ ପାର୍ଥିବ ଶରୀର

## ବିମାନବନ୍ଦରରେ ଶ୍ରଦ୍ଧାଞ୍ଜଳି ଦେଲେ ଉପମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୫।୬(ଅସମାପିକା ସାହୁ)

କୁଏଟ୍‌ରେ ଗତ ବୁଧବାର ଘଟିଥିବା ଭୟାବହ ଅଗ୍ନିକାଣ୍ଡରେ ପ୍ରାଣ ହରାଇଥିବା ୨ ଓଡ଼ିଆ ମହମ୍ମଦ ଜହୁର ଓ ସନ୍ତୋଷ ଗୌଡ଼ଙ୍କ ପାର୍ଥିବ ଶରୀର ଶନିବାର ଓଡ଼ିଶା ଫେରିଛି। ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବା ପରେ ଦୁଇ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଏବଂ ପ୍ରଭାତୀ ପରିଡ଼ା ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସେହିପରି କାମଚଳା ବାଚସ୍ପତି ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଆସିକା ଏମ୍‌ପି ଅନୀତା ଶୁଭଦର୍ଶିନୀ, ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ସମେତ ପ୍ରଶାସନିକ ଅଧିକାରୀମାନେ ମଧ୍ୟ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ସମୟରେ ମୃତକଙ୍କ ପରିବାର ଲୋକେ ମଧ୍ୟ ବିମାନବନ୍ଦରରେ ଉପସ୍ଥିତ ଥିଲେ। ସେଠାରୁ ଉଭୟଙ୍କ ପାର୍ଥିବ ଶରୀରକୁ ସେମାନଙ୍କ ଜନ୍ମମାଟିକୁ ନିଆଯାଇଥିଲା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୋକ ପ୍ରକାଶ କରିବା ସହ ଦୁଇ ମୃତକଙ୍କ ଶୋକସନ୍ତପ୍ତ ପରିବାର ପ୍ରତି ସମବେଦନା ଜଣାଇଛନ୍ତି। ମୃତ ଜହୁର (୩୩)ଙ୍କ ଘର କଟକ ତିଗିରିଆ ଥାନା କରଡ଼ାପଲ୍ଲୀ ଗାଁରେ ହୋଇଥିବାବେଳେ ସନ୍ତୋଷଙ୍କ ଘର ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ବ୍ଲକ ରଣଝାଲି ଗାଁରେ। ଜହୁର କୁଏଟ୍‌ରେ ୨୦୧୭ରୁ ଲାବରେଟୋରି ଟେକ୍ନିସିଆନ ଭାବେ କାର୍ଯ୍ୟ କରୁଥିଲେ। ସ୍ତ୍ରୀ ଗର୍ଭବତୀ ଥିବାବେଳେ ତାଙ୍କର ଅକାଳ ମୃତ୍ୟୁରେ ଭାଙ୍ଗିପଡ଼ିଛି ପୂରା ପରିବାର। ସେହିପରି ସନ୍ତୋଷ ଦୁଇ ବର୍ଷ ତଳେ କୁଏଟ୍ ଯାଇଥିଲେ। ଗତ ମାର୍ଚ୍ଚରେ ବାପାଙ୍କ ହାର୍ଟ ଅପରେଶନ ପାଇଁ ଘରକୁ ଆସି ଏପ୍ରିଲରେ ପୁଣି କୁଏଟ୍ ଫେରିଯାଇଥିଲେ। ସେମାନେ ରହୁଥିବା କୋଠାରେ ଗତ ବୁଧବାର ଭୋର୍ ସମୟରେ ଘଟିଥିବା ଏହି ଅଗ୍ନିକାଣ୍ଡରେ ୪୬ ଭାରତୀୟଙ୍କ ସହ ମୋଟ ୫୦ ଅମୂଲ୍ୟ ଜୀବନ ଯାଇଥିଲା। ମୃତ ଭାରତୀୟଙ୍କ ମଧ୍ୟରୁ ଅଧିକାଂଶ କେରଳର ହୋଇଥିବାରୁ ମୃତଦେହ ଧରି ଭାରତ ଫେରିଥିବା ବାୟୁସେନାର ସ୍ୱତନ୍ତ୍ର ବିମାନ ପ୍ରଥମେ କୋଚିନ ବିମାନବନ୍ଦରରେ ପହଞ୍ଚିଥିଲା। ସେଠାରେ କେରଳ ମୁଖ୍ୟମନ୍ତ୍ରୀ ଶ୍ରଦ୍ଧାଞ୍ଜଳି ଜଣାଇବା ପରେ ଅନ୍ୟ ମୃତଦେହସବୁକୁ ସେମାନଙ୍କ ରାଜ୍ୟକୁ ପଠାଯାଇଥିଲା।



ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚି ଥିବା ୨ ଓଡ଼ିଆଙ୍କ ପ୍ରାର୍ଥିବ ଶରୀର।

# ପୋଖରୀରେ ବୁଡ଼ି ୨ଶିଶୁ ମୃତ

ରେଢାଖୋଲ, ୧୫।୬
(ଅଚ୍ୟୁତାନନ୍ଦ ପୁରୋହିତ)

ସମ୍ବଲପୁର ଜିଲା ରେଢ଼ାଖୋଲ ସହର ୱାର୍ଡ ନଂ. ୯ କଳିନ୍ଦର ଗ୍ରାମରେ ଶନିବାର ଘଟିଛି ଏକ ଦୁଃଖଦ ଘଟଣା। ଗାଁରେ ଥିବା କୁକୁଡ଼ା ଫାର୍ମ ନିକଟ ଏକ ପୋଖରୀରେ ମଧ୍ୟାହ୍ନ ପ୍ରାୟ ୧୨ଟା ବେଳେ ବୁଡି ୨ଶିଶୁଙ୍କ ଜୀବନ ଯାଇଛି। ସେମାନେ ହେଲେ ଟିକୁନା ସେଠଙ୍କ ଦୁଇ ପୁଅ ସାଢେ ୩ ବର୍ଷର ଶ୍ରୀୟାଂଶୁ ଓ ୨ବର୍ଷ ୮ ମାସର ପ୍ରିୟାଂଶୁ। ଅନୁଗୋଳ ଜିଲା ଟିକରପଡା ଥାନା ପୁରୁଣାକୋଟ ଗ୍ରାମର ମୂଳବାସିନ୍ଦା ଟିକୁନା ସେଠ ଓ ତାଙ୍କ ସ୍ତ୍ରୀ ତିଲୋତ୍ତମା କିଛିବର୍ଷ ହେବ କଳିନ୍ଦର ଗ୍ରାମରେ ମୂଲମଜୁରି କରି ରହୁଥିଲେ। ଉଭୟେ ଶନିବାର କୁକୁଡ଼ା ଫାର୍ମରେ କାମ କରୁଥିବା ବେଳେ ୨ପୁଅ ପାଖରେ ଖେଳୁଥିଲେ। ତେବେ ଖେଳିବା ସମୟରେ ଦୁଇଶିଶୁ ପୋଖରୀ ଆଡକୁ ଚାଲିଯାଇଥିଲେ। କାର୍ଯ୍ୟରେ ବ୍ୟସ୍ତ ମା'ବାପା କିଛି ସମୟପରେ ପିଲାଙ୍କୁ ନ ପାଇ ଖୋଜାଖୋଜି କରିଥିଲେ। ଦୁଇପିଲାଙ୍କ ମୃତଦେହ ପାଣିରେ ଭାସୁଥିବା ଦେଖି ସେମାନେ ଉଦ୍ଧାର କରି ରେଢ଼ାଖୋଲ ଡାକ୍ତରଖାନା ଆଣିଥିଲେ। ହେଲେ ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ବ୍ୟବଚ୍ଛେଦ ପରେ ମୃତଦେହ ମା'ବାପାଙ୍କୁ ହସ୍ତାନ୍ତର କରାଯାଇଛି। ରଜ ସଂକ୍ରାନ୍ତିରେ ଚାରିଆଡ଼େ ଆନନ୍ଦ ଉଲ୍ଲାସ ଲାଗିରହିଥିବା ବେଳେ ଏଭଳି ଘଟଣା ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି। ୨ ଶିଶୁପୁତ୍ରଙ୍କ ଅକାଳ ବିୟୋଗରେ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ ଶୋକପ୍ରକାଶ କରିବା ସହ ତୁରନ୍ତ ଅନୁକମ୍ପାମୂଳକ ସହାୟତା ରାଶି ଯୋଗାଇବାକୁ ଦାବି କରିଛନ୍ତି।

# ବଜ୍ରପାତରେ ଶାଶୁ ମୃତ, ଜ୍ୱାଇଁ ଗୁରୁତର

ଦିଗପହଣ୍ଡି,୧୫।୬
(ଅଶେଷ ନାଥ ମିଶ୍ର)

ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ କଇଠଡ଼ା ପଞ୍ଚାୟତ ଝାଟିପିଟିଆ ଗ୍ରାମ ଦଳିତ ସାହିରେ ବଜ୍ରପାତ ଘଟି ଶାଶୁଙ୍କର ମୃତ୍ୟୁ ଘଟିଥିବା ବେଳେ ଜ୍ୱାଇଁ ଗୁରୁତର ଆହତ ହୋଇଛନ୍ତି। ଶନିବାର ଅପରାହ୍ନ ପ୍ରାୟ ୪ଟାରେ ଶାଶୁ ଜାନକୀ ନାଇକ ଏବଂ ଜ୍ୱାଇଁ ଟୁକୁନା ନାଇକ ଘର ବାରଣ୍ଡାରେ ବସି କଥାବାର୍ତ୍ତା ହେଉଥିଲେ। ଏହି ସମୟରେ ପବନ ସାଙ୍ଗକୁ ବର୍ଷା ହୋଇଥିଲା। ପରେ ବଜ୍ରପାତ ଘଟିବାରୁ ଉଭୟେ ଚେତାଶୂନ୍ୟ ହୋଇ ତଳେ ପଡିଯାଇଥିଲେ। ଗ୍ରାମବାସୀ ଉଭୟଙ୍କୁ ସଙ୍ଗେ ସଙ୍ଗେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଡାକ୍ତର ଜାନକୀଙ୍କୁ ମୃତ ଘୋଷଣା କରିଥିଲେ। ଟୁକୁନା ଏବେ ଚିକିତ୍ସାଧୀନ ଅଛନ୍ତି। ଖବରପାଇ ଦିଗପହଣ୍ଡି ପୋଲିସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଜାନକୀଙ୍କ ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ରବିବାର ସକାଳେ ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ କହିଛି।

# ବସ୍ ଓଲଟି ୪ ଗୁରୁତର

ବେଗୁନିଆ,୧୫।୬(ହରପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)

ଖୋର୍ଦ୍ଧା–ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ବେଗୁନିଆ ପେଟ୍ରୋଲ ପମ୍ପ୍ ନିକଟରେ ଶନିବାର ଭୋରୁ ଏକ ଯାତ୍ରୀବାହୀ ବସ୍ ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱକୁ ଓଲଟି ପଡ଼ିଥିଲା। ଫଳରେ ବସ୍ ଚାଳକ ଓ ୩ଜଣ ଯାତ୍ରୀ ଗୁରୁତର ଆହତ ହୋଇଛନ୍ତି। ଏମାନଙ୍କର ପରିଚୟ ମିଳିପାରି ନ ଥିବା ବେଳେ ଚିକିତ୍ସା ପାଇଁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ବସ୍‌ର ସମ୍ମୁଖଭାଗ ଭାଙ୍ଗି ଚୂରମାର ହୋଇଯାଇଛି। ବେଗୁନିଆ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅନୁଧ୍ୟାନ କରିବା ସହ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ସୂଚନା ମୁତାବକ, ଫୁଲବାଣୀରୁ 'ରାଜା କିଙ୍ଗ ସଫାରି' ନାମକ ଏକ ଘରୋଇ ବସ୍ (ଓଆର୍ ୦୫ଏପି ୦୬୯୯)ଯାତ୍ରୀଙ୍କୁ ନେଇ ଭୁବନେଶ୍ୱର ଅଭିମୁଖେ ଆସୁଥିଲା। ବସ୍‌ରେ ୩୫ରୁ ଊର୍ଦ୍ଧ୍ୱ ଯାତ୍ରୀ ଥିଲେ। ଶନିବାର ଭୋର୍ ପ୍ରାୟ ସାଢ଼େ ୩ଟାରେ ଜାତୀୟ ରାଜପଥର ବେଗୁନିଆ ପେଟ୍ରୋଲ ପମ୍ପ୍ ନିକଟରେ କୌଣସି କାରଣରୁ ଚାଳକ ଭାରସାମ୍ୟ ହରାଇବାରୁ ବସ୍‌ଟି ରାସ୍ତାପାର୍ଶ୍ୱକୁ ଓଲଟି ପଡ଼ିଥିଲା। ଫଳରେ ଡ୍ରାଇଭରଙ୍କ ସମେତ ୪ଜଣ ଗୁରୁତର ହୋଇଥିବା ବେଳେ ଅନ୍ୟ ଯାତ୍ରୀମାନେ ସାମାନ୍ୟ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ବସ୍‌ର କାଚ ଭାଙ୍ଗି ଯାତ୍ରୀମାନଙ୍କୁ ଉଦ୍ଧାର କରିଥିଲେ। ପରେ ଗୁରୁତରମାନଙ୍କୁ ଆମ୍ବୁଲାନ୍ସରେ ଖୋର୍ଦ୍ଧା ମେଡିକାଲ ପଠାଯାଇଥିଲା। ଖବରପାଇ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଡ୍ରାଇଭରଙ୍କ ଆଖି ଲାଗିଯିବାରୁ ଏହି ଦୁର୍ଘଟଣା ଘଟିଥିବା କୁହାଯାଉଛି।



## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବାପାଙ୍କ ପାଇଁ ୩୫% ପିଲା କରିଛନ୍ତି ସ୍ୱାସ୍ଥ୍ୟବୀମା

ଭୁବନେଶ୍ୱର,୧୫।୬(ଅନୁରାଧା ମହାରଣା)

ବାପାମାନେ ପରିବାରର ମୂଳଦୁଆ ହୋଇଥିବାବେଳେ ପିଲାଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ସେମାନେ ଯଥା ସମ୍ଭବ ପ୍ରଚେଷ୍ଟା କରିଥା'ନ୍ତି। ପିଲାମାନେ ବର୍ତ୍ତମାନ ବାପାଙ୍କ ପ୍ରତି ନିଜର ଦାୟିତ୍ୱବୋଧ ପ୍ରଦର୍ଶନର ନୂଆ ପନ୍ଥା ଆପଣାଉଛନ୍ତି। ବାପାଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ଏଡ଼ାଇବା ପାଇଁ ପିଲାମାନେ ବାପାଙ୍କ ନିମନ୍ତେ ହେଲ୍‌ଥ ଇନ୍‌ସ୍ୟୁରାନ୍ସ କରିଛନ୍ତି। ପଲିସି ବଜାରର ଏକ ରିପୋର୍ଟ ଅନୁଯାୟୀ, ସମସ୍ତ ସ୍ୱାସ୍ଥ୍ୟବୀମା ଯୋଜନାର ୨୫% ବର୍ତ୍ତମାନ ବରିଷ୍ଠ ନାଗରିକଙ୍କ ପାଇଁ କିଣାଯାଉଛି। ଉଲ୍ଲେଖଯୋଗ୍ୟ, ଏହି ସ୍ୱାସ୍ଥ୍ୟ ଯୋଜନାଗୁଡ଼ିକର ୩୫% ପିଲାମାନେ ସେମାନଙ୍କ ପିତାଙ୍କ ପାଇଁ କିଣନ୍ତି। ପଲିସି ବଜାର ଡଟ୍ କମ୍‌ର ବ୍ୟବସାୟ ମୁଖ୍ୟ ସିଦ୍ଧାର୍ଥ ସିଙ୍ଗଲ କହିଛନ୍ତି, ଏହା ବୃଦ୍ଧାବୃଦ୍ଧଙ୍କ ସ୍ୱାସ୍ଥ୍ୟସେବା ଆବଶ୍ୟକତା ପାଇଁ ବଢୁଥିବା ସଚେତନତା ଏବଂ ଚିନ୍ତାକୁ ସୂଚାଉଛି। ଏହା ସହ ୬୦% ଏନ୍‌ଆର୍‌ଆଇ ଗ୍ରାହକମାନେ ସେମାନଙ୍କ ପିତାମାତାଙ୍କ ପାଇଁ ଭାରତରୁ ସ୍ୱାସ୍ଥ୍ୟବୀମା ଯୋଜନା କ୍ରୟ କରୁଛନ୍ତି। ଏହାଦ୍ୱାରା ପ୍ରି-ଇକ୍ସିଟିଂ ଡିଜିଜ୍ ହ୍ରାସ ପାଉଥିବାବେଳେ ସିଦ୍ଧାର୍ଥ ବ୍ୟାଖ୍ୟା କରିଛନ୍ତି, ଏହି ଆଡ୍-ଅନ୍ ଗୁରୁତ୍ୱପୂର୍ଣ୍ଣ କାରଣ ଏହା ପୂର୍ବ ସ୍ଥିତିର କଭରେଜ ପାଇଁ ଅପେକ୍ଷା ସମୟକୁ ହ୍ରାସ କରିଥାଏ, ଆବଶ୍ୟକ ଚିକିତ୍ସା ପାଇଁ ଶୀଘ୍ର ସୁବିଧା ଯୋଗାଇଥାଏ।



ଡାକ୍ତରୀ ମୁଦ୍ରାସ୍ଫୀତି ସମେତ ମୁଦ୍ରାସ୍ଫୀତି ହେତୁ ସ୍ୱାସ୍ଥ୍ୟ ବଜାୟ ରଖିବା ଖର୍ଚ୍ଚ ବଢ଼ିବା ସହ ପର୍ଯ୍ୟାପ୍ତ ସ୍ୱାସ୍ଥ୍ୟ କଭରେଜ ନିଶ୍ଚିତ କରିବା ଏହା ପୂର୍ବାପେକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇପାରିଛି। ବିଶେଷକରି ବରିଷ୍ଠ ନାଗରିକଙ୍କ ପାଇଁ ସମ୍ଭାବ୍ୟ ଆର୍ଥିକ ଚାପ ସୃଷ୍ଟି କରି ଚିକିତ୍ସା ଖର୍ଚ୍ଚ ବଢୁଛି। ଏଫ୍‌ପିଏସ୍‌ବି ଇଣ୍ଡିଆର ସିଇଓ କୃଷ୍ଣ ମିଶ୍ର ପିତାଙ୍କ ଦିବସକୁ ଯତ୍ନ, ପ୍ରେମ ଏବଂ କୃତଜ୍ଞତା ପ୍ରଦର୍ଶନ କରିବାର ସୁଯୋଗ ଭାବରେ ବ୍ୟବହାର କରିବାକୁ ପରାମର୍ଶ ଦେଇଛନ୍ତି। ଆର୍ଥିକ ଯୋଜନା ଉପରେ ପାଠ୍ୟକ୍ରମ କିମ୍ବା ପୁସ୍ତକ ପରି ଉପହାରଗୁଡିକ ଉପସ୍ଥାପନ କରିବା, ଇଷ୍ଟେଟ ଏବଂ ଆର୍ଥିକ ଯୋଜନା ପାଇଁ ଏକ ଆର୍ଥିକ ଯୋଜନାକାରୀ ସହ ଏକ ପରାମର୍ଶ ସ୍ଥିର କରିବା, ଆର୍ଥିକ ଚାପ ହ୍ରାସ କରିବା ପାଇଁ ଋଣ ପରିଶୋଧରେ ଭୂମିକା, ଅପ୍ରତ୍ୟାଶିତ ପରିସ୍ଥିତି ପାଇଁ ଏକ ଜରୁରିକାଳୀନ ପାଣ୍ଠି ସ୍ଥାପନ କରିବାରେ ସାହାଯ୍ୟ କରିବା ଆଦି ଦିଗରେ ମିଶ୍ର ମତ ରଖିଛନ୍ତି। ହେଲ୍‌ଥ ଇନ୍‌ସ୍ୟୁରାନ୍ସ କ୍ରୟ କରିବା କେବଳ ଏବଂ ଯତ୍ନ ପ୍ରତିଫଳିତ କରେ ନାହିଁ ବରଂ ଭବିଷ୍ୟତର ସୁରକ୍ଷା ଏବଂ ସମୃଦ୍ଧତା ପାଇଁ ଏକ ମୂଳଦୁଆ ସୃଷ୍ଟି କରେ, ଯାହାଦ୍ୱାରା ଜଣେ ବାପାଙ୍କର ଆର୍ଥିକ ସୁସ୍ଥତା ନିଶ୍ଚିତ ହୁଏ ବୋଲି ମିଶ୍ର କହିଛନ୍ତି।

## ସାଓମିର ନୂତନ ଉତ୍ପାଦ

ଭୁବନେଶ୍ୱର,୧୫।୬

ଦେଶର ପ୍ରମୁଖ ସ୍ମାର୍ଟଫୋନ୍ ବ୍ରାଣ୍ଡ 'ସାଓମି'ର ନୂତନ ଉତ୍ପାଦ ତଥା ସାଓମି ୧୪ ସିରିଜ 'ସାଓମି ୧୪ ସିଭି'ର ସର୍ବଭାରତୀୟ ଉନ୍ମୋଚନ ନିକଟରେ ହୋଇଯାଇଛି। ଏପରିକି ଲେଇକା ସହ ପ୍ରସ୍ତୁତ ସାଓମି ୧୪ ସିଭି ମୋବାଇଲ ଇମେଜିଂ ଏବଂ ସ୍ମାର୍ଟଫୋନ୍ ଫଟୋଗ୍ରାଫି କ୍ଷେତ୍ରରେ ସାଓମିର ବିରାସତକୁ ଆଗକୁ ବଢ଼ାଇଛି। ଏ ସମ୍ପର୍କରେ ସାଓମି ଇଣ୍ଡିଆର ମୁଖ୍ୟ ମାର୍କେଟିଂ ଅଫିସର ଅନୁଜ ଶର୍ମା କହିଛନ୍ତି, ଲେଇକା ସହ ମିଳିତ ଭାବେ ପ୍ରସ୍ତୁତ ସାଓମି ୧୪ ସିରିଜର ଅଭୂତପୂର୍ବ ସଫଳତାକୁ ଆଧାରକରି ଏହି ଶୃଙ୍ଖଳରେ ଆମେ ସାଓମି ୧୪ସିଭିର ସଦ୍ୟତମ ଉତ୍ପାଦ ଉନ୍ମୋଚନ କରି ବେଶ୍ ଉତ୍ସାହିତ ଅଛୁ। ଏପରିକି ସାଓମି ୧୪ ସିରିଜ୍ ସ୍ମାର୍ଟଫୋନ୍ ଫଟୋଗ୍ରାଫି, ଅଭିନବ ଡିଜାଇନ୍ ଏବଂ ଅତୁଳନୀୟ ପ୍ରଦର୍ଶନର ସୀମାରୁ ଆଗକୁ ବଢ଼ିଛି। ଏହାର ଚମତ୍କାର ଡିଜାଇନଠାରୁ ଆରମ୍ଭକରି ଏହାର ଦୈନନ୍ଦିନ କାର୍ଯ୍ୟଦକ୍ଷତା ପର୍ଯ୍ୟନ୍ତ ଏହା ଏକ ସମ୍ପୂର୍ଣ୍ଣ ଫ୍ଲାଗଶିପ୍ ଅନୁଭୂତି ପ୍ରଦାନ କରୁଛି।

## ଗ୍ଲୋବାଲ ଜେନେରେଟିଭ୍ ଏଆଇ ଆକ୍ସିଲରେଟରର ସମ୍ପ୍ରସାରଣ

ଭୁବନେଶ୍ୱର,୧୫।୬

ବିଶ୍ୱସ୍ତରରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ)ର ବ୍ୟବହାର ବୃଦ୍ଧି ପାଇଁ ବ୍ୟାପକ କାର୍ଯ୍ୟକ୍ରମ କରାଯାଉଛି। ଏପରିକି ନିକଟରେ ଆମାଜନ ୱେବ୍ ସର୍ଭିସେସ୍ ଇନ୍ କର୍ପୋରେଟେଡ୍ (ଏଡବ୍ଲ୍ୟୁଏସ୍) ଜେନେରେଟିଭ୍ ଏଆଇ ଷ୍ଟାର୍ଟଅପ୍ ଏବଂ ଗ୍ଲୋବାଲ ଜେନେରେଟିଭ୍ ଏଆଇ ଆକ୍ସିଲରେଟରର ସମ୍ପ୍ରସାରଣ ପାଇଁ ୨୩୦ ନିୟୁତ ଆମେରିକୀୟ ଡଲାର ପ୍ରତିଶ୍ରୁତି ଘୋଷଣା କରିଛି। ଏହାର ଉଦ୍ଦେଶ୍ୟ ହେଉଛି ୮୦ ପ୍ରତିଷ୍ଠାତା ଏବଂ ଉଦ୍ଭାବକ (ଏସିଆ-ପ୍ରଶାନ୍ତ ମହାସାଗର ଏବଂ ଜାପାନ (ଏପିଜେ) ର ୨୦ଜଣ ଏହି କ୍ଷେତ୍ରରେ ଷ୍ଟାର୍ଟଅପ୍‌ଗୁଡ଼ିକ ପାଇଁ ପ୍ରସ୍ତୁତ ଉଭୟ ବୈଷୟିକ ଏବଂ ବ୍ୟବସାୟିକ ପ୍ରୋଗ୍ରାମିଂ ସହ ସେମାନଙ୍କର ଅଭିବୃଦ୍ଧିକୁ ଆଗକୁ ବଢ଼ାଇବାରେ ସାହାଯ୍ୟ କରିବା। ଅପରପକ୍ଷରେ ଏଡବ୍ଲ୍ୟୁଏସ୍ ଜେନେରେଟିଭ୍ ଏଆଇ ଆକ୍ସିଲରେଟର ପାଇଁ ଆବେଦନ ଆରମ୍ଭ ହୋଇଯାଇଥିଲାବେଳେ ୨୦୨୪ ଜୁଲାଇ ୧୯ପର୍ଯ୍ୟନ୍ତ ଆବେଦନ ଗ୍ରହଣ କରାଯିବ। ସେହିଭଳି ଏସିଆ ପ୍ରଶାନ୍ତ ମହାସାଗର ଏବଂ ଜାପାନରେ ୧୨୦ଟି ପ୍ରାରମ୍ଭିକ ପର୍ଯ୍ୟାୟ ଜେନେରେଟିଭ୍ ଏଆଇ ଷ୍ଟାର୍ଟଅପ୍ (ଏପିଜେ)କୁ ସମର୍ଥନ କରିବା ପାଇଁ ଏଡବ୍ଲ୍ୟୁଏସ୍ ପକ୍ଷରୁ ଏଡବ୍ଲ୍ୟୁଏସ୍ ଜେନେରେଟିଭ୍ ଏଆଇ ସ୍ପଟ୍‌ଲାଇଟ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଏଥିରେ ଭାରତୀୟ ଷ୍ଟାର୍ଟଅପ୍‌ଗୁଡ଼ିକ ପାଇଁ ୪୦ଟି ସ୍ଥାନ ରହିଛି।

ସେହିପରି ୨୦୨୪ ଅକ୍ଟୋବର୧ରୁ ଆରମ୍ଭ ହେବାକୁ ଥିବା ୧୦ ସପ୍ତାହର ଗ୍ଲୋବାଲ ପ୍ରୋଗ୍ରାମରେ ଚୟନ ହେବାକୁ ଥିବା ଜେନେରେଟିଭ ଏଆଇ ଷ୍ଟାର୍ଟଅପର ପ୍ରତିଷ୍ଠାତାମାନେ ଅନେକ ସୁବିଧା ପାଇବେ; ଯେଉଁଥିରେ ମେଶିନ୍ ଲର୍ଣ୍ଣିଂ,ଷ୍ଟେକ୍‌ଅପ୍ଟିମାଇଜେଶନ୍ ଏବଂ ଗୋ-ଟୁ-ମାର୍କେଟ୍ ରଣନୀତି ସମ୍ବନ୍ଧୀୟ ଦକ୍ଷତା ବିକାଶ ଉପରେ ଗୁରୁତ୍ୱାରୋପ କରୁଥିବା ଅଧିବେଶନ ରହିଛି। ଏଡବ୍ଲ୍ୟୁଏସ୍‌ର କମ୍ପ୍ୟୁଟ,ଷ୍ଟୋରେଜ୍ ଓ ଡାଟାବେସ୍ ଏବଂ ସର୍ବୋତ୍ତମ ମୂଲ୍ୟ-କାର୍ଯ୍ୟଦକ୍ଷତା ଏମ୍‌ଏଲ୍ ଆକ୍ସିଲରେଟର ଏଡବ୍ଲ୍ୟୁଏସ୍ ଟ୍ରେନିୟମ ଏବଂ ଇନ୍‌ଫରେଣ୍ଟିଆ୨ର ଲାଭ ଉଠାଇବା ପାଇଁ ଏଡବ୍ଲ୍ୟୁଏସ୍ କ୍ରେଡିଟ୍‌ରେ ୧ନିୟୁତ ଡଲାର ପର୍ଯ୍ୟନ୍ତ ପ୍ରାପ୍ତ କରିବାର ସୁଯୋଗ ଓ ଅନ୍ୟାନ୍ୟ ଏଡବ୍ଲ୍ୟୁଏସ୍ ସେବା ପାଇପାରିବେ। ପ୍ରତିଷ୍ଠାତାଙ୍କ ଶିଳ୍ପ ମଧ୍ୟରେ ବ୍ୟବସାୟ ଏବଂ ବୈଷୟିକ ପରାମର୍ଶ ଏବଂ ଶିଳ୍ପ ବିଶେଷଜ୍ଞଙ୍କ ସହ ନେଟ୍‌ୱର୍କିଂ ସୁଯୋଗ ପାଇପାରିବେ।

## ଏଲ୍‌ବିଆର୍‌ରେ ଭାରତୀୟ ରେଳପଥ

ଭୁବନେଶ୍ୱର, ୧୫।୬ (ଅନୁରାଧା ମହାରଣା)

ଏକାଧିକ ସ୍ଥାନରେ ଆୟୋଜିତ ଜନସେବା କାର୍ଯ୍ୟକ୍ରମରେ ସବୁଠୁ ଅଧିକ ଲୋକଙ୍କୁ ଏକତ୍ରିତ କରିବା ଲାଗି ଭାରତୀୟ ରେଳପଥ ଲିମ୍‌କା ବୁକ୍ ଅଫ୍ ରେକର୍ଡ୍ସ(ଏଲ୍‌ବିଆର୍)ରେ ସ୍ଥାନ ପାଇଛି। ରେଳ ମନ୍ତ୍ରଣାଳୟ ୨୦୨୪ ଫେବୃୟାରୀ ୨୬ରେ ଏକ କାର୍ଯ୍ୟକ୍ରମ ଆୟୋଜନ କରିଥିଲା, ଯେଉଁଥିରେ ୨,୧୪୦ଟି ସ୍ଥାନରେ ୪୦,୧୯,୫୧୬ ଜଣ ଲୋକ



ଯୋଗଦେଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ସଡ଼କ ଉପରେ ରେଳ ଓଭରବ୍ରିଜ୍ ଓ ସଡ଼କ ତଳେ ରେଳପଥ ଅଣ୍ଡରବ୍ରିଜ୍ ଉଦ୍‌ଘାଟନ ଏବଂ ରେଳ ଷ୍ଟେଶନର ଶିଳାନ୍ୟାସ ପାଇଁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଭାରତୀୟ ରେଳପଥର ଏହି ବ୍ୟାପକ ପ୍ରୟାସ ଓ ଏକତ୍ରୀକରଣକୁ ମାନ୍ୟତା ମିଳିଛି ଏବଂ ଏହାକୁ ସମ୍ମାନଜନକ ଲିମ୍‌କା ବୁକ୍ ଅଫ୍ ବିଶ୍ୱ ରେକର୍ଡ୍ସରେ ସାମିଲ କରାଯାଇଛି ।

# ବଜାରରେ ଅମୂଲର ନୂତନ ଉତ୍ପାଦ ସମ୍ଭାର

### ଜୁନ୍ ୧୭ରୁ ରାଉରକେଲା ବଜାରରେ ଉପଲବ୍ଧ

ଭୁବନେଶ୍ୱର,୧୫।୬ (ଅଭୟ ଦାଶ)



ଦେଶର ପ୍ରମୁଖ ଦୁଗ୍ଧ ଉତ୍ପାଦକ ତଥା ଗୁଜରାଟ କୋ-ଅପରେଟିଭ ମିଲ୍କ ମାର୍କେଟିଂ ଫେଡେରେଶନ ଲିମିଟେଡ୍ (ଜିସିଏମ୍‌ଏମ୍‌ଏଫ୍ ଲିମିଟେଡ୍) ର ଅଗ୍ରଣୀ ବ୍ରାଣ୍ଡ 'ଅମୂଲ'ର ନୂତନ ଉତ୍ପାଦ ସମ୍ଭାରକୁ ଓଡ଼ିଶା ବଜାରରେ ଶୁଭାରମ୍ଭ ସହ ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ବଜାରରେ ବ୍ରାଣ୍ଡର ଅମୂଲ୍ ଗୋଲ୍ଡ, ଅମୂଲ୍ ଶକ୍ତି, ଅମୂଲ୍ ତାଜା ଏବଂ ଅମୂଲ୍ ଗାଇ କ୍ଷୀର ସହ ଅମୂଲ୍ ମସ୍ତି ଦହି ପାଉଚ୍ ଏବଂ କପ୍ ସମେତ ମିଠା ଲସି ଓ ପ୍ରୋବାୟୋଟିକ ମସଲା ତଡ଼କା ଘୋଳଦହି ଆଦି ଉପଲବ୍ଧ।

ଏହି ପରିପ୍ରେକ୍ଷୀରେ ଜିସିଏମ୍‌ଏମ୍‌ଏଫ୍ ଲିମିଟେଡ୍ ବା ଅମୂଲ ପକ୍ଷରୁ ରାଉରକେଲାଠାରେ ଏକ ସ୍ୱତନ୍ତ୍ର ଅନାବରଣ ଉତ୍ସବର ଆୟୋଜନ କରାଯାଇଥିଲା। ଏହି ଅବସରରେ କମ୍ପାନୀର ବରିଷ୍ଠ ଅଧିକାରୀ ବ୍ରାଣ୍ଡର ନୂତନ ଉତ୍ପାଦ ସହ ରାଉରକେଲାରେ ଅମୂଲର ଫ୍ରେସ୍ ଉତ୍ପାଦ ସମ୍ଭାର ବିକ୍ରି ଆରମ୍ଭ ସମ୍ପର୍କରେ ଘୋଷଣା କରିଥିଲେ। ଏପରିକି ଏହା ପୂର୍ବରୁ ୨୦୨୪ ଏପ୍ରିଲରେ ଅମୂଲର ତାଜା କ୍ଷୀର ଶ୍ରେଣୀର ଉତ୍ପାଦ (ଅମୂଲ୍ ବ୍ରାଣ୍ଡ) ଓଡ଼ିଶାର ସମ୍ବଲପୁର ସହରରୁ ବିକ୍ରି ଆରମ୍ଭ ସହିତ ଗ୍ରାହକମାନଙ୍କର ଭଲ ପ୍ରତିକ୍ରିୟା ମଧ୍ୟ ପାଇଛି।

ଉଲ୍ଲେଖଯୋଗ୍ୟ, ୨୦୨୪ ଜୁନ୍ ୧୭ରୁ ରାଉରକେଲା ବଜାରରେ ଅମୂଲର ସମସ୍ତ ପ୍ରକାର ତାଜା କ୍ଷୀର ଏବଂ ଉତ୍ପାଦ ଉପଲବ୍ଧ ହେବ ବୋଲି ବ୍ରାଣ୍ଡ ପକ୍ଷରୁ ବିସ୍ତୃତ ସୂଚନା ଦିଆଯାଇଛି। ଏ ସମ୍ପର୍କରେ ଜିସିଏମ୍‌ଏମ୍‌ଏଫ୍ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ଜୟେନ୍ ମେହେଟ୍ଟା କହିଛନ୍ତି, ଅମୂଲର ତାଜା ଉତ୍ପାଦ ବିକ୍ରି ପାଇଁ ଓଡ଼ିଶାର ରାଉରକେଲା ସହରକୁ ଆମେ ଯୋଗ୍ୟ ମାର୍କେଟ ଭାବେ ଚିହ୍ନଟ କରିଛୁ। ଏପରିକି ବ୍ରାଣ୍ଡର ତାଜା ଉତ୍ପାଦ ଶ୍ରେଣୀରେ ଆମେ ଅମୂଲ ପାଉଚ୍ କ୍ଷୀର, ଦହି, ଘୋଳଦହି, ଲସି, ପନିର ଆଦି ରାଉରକେଲାର ଗ୍ରାହକମାନଙ୍କୁ ବିକ୍ରି କରିବୁ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

## ଅଗ୍ରିମ ଟଙ୍କା ଉଠାଇପାରିବେନି ଇପିଏଫ୍‌ଓ ଉପଭୋକ୍ତା

ଭୁବନେଶ୍ୱର,୧୫।୬(ଅନୁରାଧା ମହାରଣା)

କର୍ମଚାରୀ ଭବିଷ୍ୟନିଧି ସଙ୍ଗଠନ (ଇପିଏଫ୍‌ଓ) ନିୟମରେ ଏକ ବଡ଼ ପରିବର୍ତ୍ତନ କରିଛି। ଇପିଏଫ୍‌ଓ ପିଏଫ୍ ଆକାଉଣ୍ଟରୁ ଅଗ୍ରିମ ଟଙ୍କା ଉଠାଣ ସମ୍ପର୍କିତ ଉଦ୍ଦିଷ୍ଟ ନିୟମରେ ଏହି ପରିବର୍ତ୍ତନ ହୋଇଛି। ଇପିଏଫ୍‌ଓ ଘୋଷଣା କରିଛି ଯେ ବର୍ତ୍ତମାନ କୋଭିଡ୍-୧୯ ସମୟରେ ଲାଗୁ କରାଯାଇଥିବା ଅଗ୍ରିମ ଉଠାଣ ସେବା ପ୍ରଦାନ କରାଯାଇଛି। କରୋନା ମହାମାରୀ ସମୟରେ ଇପିଏଫ୍‌ଓ ଏହାର ଆକାଉଣ୍ଟଧାରୀମାନଙ୍କ ପାଇଁ ଏକ ଅଗ୍ରିମ ସୁବିଧା ଆରମ୍ଭ କରିଥିଲା। କୋଭିଡ୍ ମହାମାରୀ କାଳରେ ୨୦୨୧ ମେ ୩୧ଠାରୁ ଏହି ସୁବିଧା ଉପଲବ୍ଧ କରାଯାଇଥିଲା।





ନିକଟରେ ଇପିଏଫ୍‌ଓ ଏକ ବିଜ୍ଞପ୍ତି ଜାରିକରି କହିଛି, ବର୍ତ୍ତମାନ କୋଭିଡ୍ -୧୯ ମହାମାରୀ ବିପଦ ଟଳିଯାଇଛି। ତେଣୁ ଅଗ୍ରିମ ଉଠାଣ ସୁବିଧା ବନ୍ଦ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏଣିକି ଗ୍ରାହକମାନେ ଆଉ ଏହି ସୁବିଧା ପାଇବେ ନାହିଁ। କରୋନା ମହାମାରୀ ସମୟରେ ଲୋକଙ୍କୁ ଆର୍ଥିକ ସହାୟତା ଯୋଗାଇବା ପାଇଁ ଏହି ସୁବିଧା ଆରମ୍ଭ ହୋଇଥିଲା, ଯାହା ବର୍ତ୍ତମାନ ବନ୍ଦ କରିବାକୁ ନିଷ୍ପତ୍ତି ନିଆଯାଇଛି। ୨୦୨୦ ମାର୍ଚ୍ଚରେ ପ୍ରଥମଥର ପାଇଁ ଟଙ୍କା ଉଠାଣ ପାଇଁ ଇପିଏଫ୍‌ଓ ଆକାଉଣ୍ଟଧାରୀମାନେ ସୁବିଧା ପାଇଥିଲେ। ଜୁନ୍ ୨୦୨୧ରେ କରୋନା ପରିସ୍ଥିତିକୁ ଦୃଷ୍ଟିରେ ରଖି ଶ୍ରମ ମନ୍ତ୍ରଣାଳୟ ଆକାଉଣ୍ଟଧାରୀଙ୍କ ପାଇଁ ଦ୍ୱିତୀୟ ଥର ଉଠାଣ ହୋଇ ନ ଥିବା ଅଗ୍ରିମ ଲାଭ ପାଇବା ପାଇଁ ସୁବିଧା ଆରମ୍ଭ କରିଥିଲା। ବର୍ତ୍ତମାନ ଏହି ସୁବିଧା ୨୦୨୪ ଜୁନ୍ ୧୨ରୁ ବନ୍ଦ ହୋଇଯାଇଛି। ତେବେ ଘର ନିର୍ମାଣ, ଅସୁସ୍ଥତା, କମ୍ପାନୀ ବନ୍ଦ, ବିବାହ, ପିଲାମାନଙ୍କର ଶିକ୍ଷା ଆଦି କ୍ଷେତ୍ରରେ ଉପଭୋକ୍ତା ସଙ୍ଗଠନରୁ ଟଙ୍କା ଉଠାଇପାରିବେ।

# ଆଇଏନ୍‌ଡବ୍ଲ୍ୟୁଇସି ପକ୍ଷରୁ କର୍ମଶାଳା

ଭୁବନେଶ୍ୱର,୧୫।୬

ଦେଶର ପ୍ରମୁଖ ଶିଳ୍ପ ସଙ୍ଗଠନ ତଥା ଇଣ୍ଡିଆନ ଚାମ୍ବର ଅଫ୍ କମର୍ସ (ଆଇସିସି)ର ସହଯୋଗୀ ଆଇସିସି ଜାତୀୟ ମହିଳା ଉଦ୍ୟୋଗୀ ପରିଷଦ ବା ଆଇଏନ୍‌ଡବ୍ଲ୍ୟୁସି ପକ୍ଷରୁ ଆୟୋଜିତ ଏକ ଦିନିକିଆ କର୍ମଶାଳା ଶନିବାର ହୋଟେଲ ଲାଇଫ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କନେକ୍ଟିଂ ଦି ଡଟ୍ସ କନ୍‌ସଲଟାନ୍ସିର ପ୍ରତିଷ୍ଠାତା ତଥା ସିଇଓ ଭାରତ ଆଭାଲାନୀଙ୍କ ନେତୃତ୍ୱରେ ଏକ ସଶକ୍ତୀକରଣ ଏବଂ ପ୍ରେରଣାଦାୟକ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। ଏହି ଅବସରରେ ପ୍ରାୟ ୫୦ ମହିଳା ଉଦ୍ୟୋଗୀ ଏକାଠି ହୋଇଥିଲେ। ସେହିଭଳି ଏହି କର୍ମଶାଳାର ମୂଳ ଉଦ୍ଦେଶ୍ୟ ଥିଲା ମହିଳା ଉଦ୍ୟୋଗୀମାନଙ୍କର କାହାଣୀ କୌଶଳକୁ ଠିକ୍ ଭାବେ ବତାଇବାଓ ସେମାନଙ୍କୁ ସେମାନଙ୍କର ଧାରଣାକୁ ସ୍ୱଚ୍ଛତା,ସଂକ୍ଷିପ୍ତତା ଏବଂ ରିଜୋନାନ୍ସ ସହ୍ ପହଞ୍ଚାଇବାରେ ସକ୍ଷମ କରିବା। ଏପରିକି ଆଭାଲାନୀଙ୍କ ପାରଦର୍ଶିତା ଦର୍ଶକଙ୍କୁ ଆକର୍ଷିତ କରୁଥିବା ବାଧ୍ୟତାମୂଳକ କାହାଣୀ ଶିଳ୍ପ କରିବାର





ପ୍ରକ୍ରିୟା ମାଧ୍ୟମରେ ଉପସ୍ଥିତ ଲୋକଙ୍କୁ ମାର୍ଗଦର୍ଶନ କରିଥିଲା। ସେହିପରି ସେମାନଙ୍କର କାହାଣୀ ପ୍ରବୃତ୍ତିକୁ ସମ୍ମାନିତକରି ଅଂଶଗ୍ରହଣକାରୀମାନେ ପ୍ରତିବନ୍ଧକ ଏବଂ ପକ୍ଷପାତକୁ ଅଧିକ ପ୍ରଭାବଶାଳୀ ଭାବେ ନେଭିଗେଟ୍ କରିବା ପାଇଁ ସଜ୍ଜିତ ହୋଇଥିଲେ। ଏହି କର୍ମଶାଳାରେ ପ୍ରାମାଣିକତା ଏବଂ ବିଶ୍ୱସନୀୟତା, ବିଶ୍ୱାସ ବଢ଼ାଇବାରେ ଗୁରୁତ୍ୱପୂର୍ଣ୍ଣ ଗୁଣ ଏବଂ ହିତାଧିକାରୀମାନଙ୍କ ସହ ସମ୍ପର୍କ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଯେହେତୁ ମହିଳା ଉଦ୍ୟୋଗୀମାନେ କାହାଣୀର ଶକ୍ତି ବ୍ୟବହାର କରନ୍ତି,ସେମାନେ ସେମାନଙ୍କର ବ୍ୟବସାୟ ତଥା ବାହାରେ ଅଭିବୃଦ୍ଧି, ନବସୃଜନ ଏବଂ ପ୍ରଭାବ ପାଇଁ ନୂତନ ଉପାୟ ଖୋଲନ୍ତି, ଉପସ୍ଥିତ ବ୍ୟକ୍ତିଙ୍କ ମତାମତ ସେମାନଙ୍କ ଆତ୍ମବିଶ୍ୱାସ ଏବଂ ସେମାନଙ୍କର ଦର୍ଶନକୁ ଅଧିକ ପ୍ରଭାବଶାଳୀ ଭାବେ ବର୍ଣ୍ଣନା କରିବାର କ୍ଷମତା ଉପରେ କର୍ମଶାଳାର ପ୍ରଭାବକୁ ଆଲୋକିତ କରିଥିଲା।

ପରିଶେଷରେ ଏହି କାର୍ଯ୍ୟକ୍ରମ ମହିଳା ଉଦ୍ୟୋଗୀମାନଙ୍କୁ କେବଳ ସେମାନଙ୍କ ଉଦ୍ୟମରେ ଉନ୍ନତି କରିବାକୁ ନୁହେଁ, ବରଂ ନିଜ ନିଜ ଶିଳ୍ପରେ ପ୍ରଭାବ ସହ ପ୍ରେରଣା ଏବଂ ନେତୃତ୍ୱ ନେବାକୁ ସଶକ୍ତ କରିଥିଲା।

ଆଇଏନ୍‌ଡବ୍ଲ୍ୟୁଇସି ଏହିପରି ପରିବର୍ତ୍ତନଶୀଳ ପଦକ୍ଷେପ ମାଧ୍ୟମରେ ମହିଳା ଉଦ୍ୟୋଗୀଙ୍କୁ ସମର୍ଥନ କରିବାକୁ, ଅଭିନବ ଏବଂ ପରିବର୍ତ୍ତନ ଆଣୁଥିବା ନେତାଙ୍କ ସମ୍ପ୍ରଦାୟକୁ ପ୍ରତିପାଦିତ କରିବାକୁ ପ୍ରତିବଦ୍ଧ ରହିଥାଏ।


# Classified Everyday

0674-2580101, 2549949



MATRIMONIAL

BRIDE WANTED

Wanted Brahmin bride for advocate, 30 years, 6 feet, only son of retired parents settled in Bhubaneswar. 9777252572. D-506



REAL ESTATE

SALE

3BHK flat for sale at Jharpada 80 feet road side. Contact- 9437307086, 7008789347. D-504

Flat for sale 2BHK, 3BHK near Rasulgarh, Bhubaneswar with modern facilities & affordable price. Call- 9439856856, 7008982279, 6371097442, 9040116788. D-417

(1) Commercial plot, facing to NH Road Nakhara to Niali NH 10000sqft. 3 sides road, (2) Residential plot near Petal English Medium School 850/-sft. with boundarywall at Brahmanjharilo, Cuttack, 11 K.M. to BBSR. Personal plots, No builders. 7809525452. D-75751

New independent duplex for sale Raghunathpur near Chilika Fresh, Patia Infront of 'Z' one, 5 bed room, Puja room, Servant room, Large Portico, Lift & Lawn facilities. Mob- 9861041133. D-491

Plot for sale near Trisulia, CISF Campus CDA, RERA Approved. (RP/07/2023/01069), (www.rera.odisha.gov.in). Contact- 7008513309. D-472

Duplex sale at Bhubaneswar @ 57,00,000/-. Only contact- 9777433701, 9090545126. D-75964

ଭୁବନେଶ୍ୱର ନଖରା, Synergy College ନିକଟବର୍ତ୍ତୀ 30 feet road ଥାଇ Boundarywall, Electricity ଥାଇ plot ମିଳୁଅଛି। 6370354458, 8018242542. D-503

Developed Gharabari, Electric, Boundary ପ୍ଲଟ୍ ବାଲକାଟି ଏବଂ ଗୁଡ଼ିଆପୋଖରୀରେ କିଣନ୍ତୁ। 7008492511. D-484

Ready to move 2/3BHK flat for sale at Jayadevvihar Chhak. Contact- 9437307086, 7008789347. D-505

Sale 3BHK Duplex, Bhubaneswar @50 Lakhs, 100% Bank Loan available. No down payment. 9827152441. D-515

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



CONSTRUCTION

Construct your dream home @460/-, 850/-, 1325/- with branded material along with 3years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856. D-418





Relax, refresh your body, mind by expert therapist. Contact- 9938843929. D-76127

Fully relaxed body massage trained therapist. Central SPA. 9556483961. D-75752

Full body massage experience, good looking therapist @999 (Bhubaneswar). 9078484455. D-426

Piles Clinic, BBSR.: ଅର୍ଶ, ମଳକଣ୍ଟକ, ଭଗନ୍ଦର ଚିକିତ୍ସା କରାଯାଏ। 9861146916, 9078463148. D-75337

Newly open Jyoti SPA positively health benefits (Expert therapist). 8458067955. D-76125

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75752

Newly open health benefits spa special offer @999, Bapujinagar. 8018429809. D-76128

## ମନେ ପଡ଼ନ୍ତି



ଆଜିକି ୧୨ ଦିନ ହେଲା ଆମକୁ ଛାଡି ସ୍ୱର୍ଗଦ୍ୱାରରେ ଚିର ନିଦ୍ରାରେ ଶୋଇପଡିଲୁ । ତୋର ଆତ୍ମାର ସଦଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥ ଓ ଶ୍ରୀ ଲିଙ୍ଗରାଜଙ୍କ ନିକଟରେ ବିନମ୍ର ପ୍ରାର୍ଥନା।

ନନା, ବୋଉ, ସ୍ତ୍ରୀ (ରିନୁ) ଝିଅ (ରାନୀ, ଖୁସି ) ଭଉଣୀ ( ଦେବୀ, ରୁବି, ଲିପି , ପିପି ) ଭଣଜା (ରୁଦ୍ର, ସିଲୁ, ସାଇ) ଭାଣିଜୀ (ରିଚି ଓ ସମସ୍ତ ଭିଣେଇ ଏବଂ ସମସ୍ତ ଭାଇ

ଧ-୫୧୩

ଧରିତ୍ରୀ DHARITRI
Scan & Pay

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।

BHIM UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।




# ଦକ୍ଷିଣ ଆଫ୍ରିକାର ସଂଘର୍ଷପୂର୍ଣ୍ଣ ବିଜୟ

ସେଣ୍ଟ ଭିନସେଣ୍ଟ,୧୫।୬(ପି.ଟି.)

ଟି୨୦ ବିଶ୍ୱକପ୍‌ରେ ଶନିବାର ନେପାଳକୁ ସଂଘର୍ଷପୂର୍ଣ୍ଣ ୧ ରନ୍‌ରେ ପରାସ୍ତ କରିଛି ଦକ୍ଷିଣ ଆଫ୍ରିକା। ପ୍ରଥମେ ବ୍ୟାଟିଂ କରି ଦକ୍ଷିଣ ଆଫ୍ରିକା ୨୦ ଓଭରରେ

## ଟି୨୦ ବିଶ୍ୱକପ୍

୭ ଉଇକେଟରେ ୧୧୫ ରନ୍ କରିଥିଲା। ଜବାବରେ ନେପାଳ ୨୦ ଓଭରରେ ୭ ଉଇକେଟ ହରାଇ ୧୧୪ ରନ୍ କରିଥିଲା। ଅନ୍ତିମ ଓଭରରେ ନେପାଳକୁ ଜିତିବା ପାଇଁ ମାତ୍ର ୮ ରନ୍ ଆବଶ୍ୟକ ଥିଲା। ଓଟ୍‌ନିଲ ବାର୍ଟମ୍ୟାନ୍ ବୋଲିଂ କରିଥିବା ଓଭରର ପ୍ରଥମ ୫ ବଲରୁ ୬ ରନ୍ ସଂଗୃହୀତ ହୋଇଥିଲା। ଅନ୍ତିମ ବଲ୍‌ରେ ବିଜୟ ପାଇଁ ୨ ଓ ଟାଇ ପାଇଁ ୧ ରନ୍ ଆବଶ୍ୟକ ଥିଲା। ତେବେ ୧ ରନ୍ ନେବା ପ୍ରୟାସରେ ଗୁଲଶନ ଝା ରନ୍ ଆଉଟ ହେବାରୁ ଦକ୍ଷିଣ ଆଫ୍ରିକା ବିଜୟୀ ହୋଇଥିଲା। ଏହି ବିଜୟ ସହ ଦକ୍ଷିଣ ଆଫ୍ରିକା ଅପରାଜେୟ ଭାବେ ସୁପର୍‌-୮କୁ ଯାଉଛି। ନେପାଳ ଟସ୍ ଜିତି ଦକ୍ଷିଣ ଆଫ୍ରିକାକୁ ବ୍ୟାଟିଂ ଆମନ୍ତ୍ରଣ ଦେଇଥିଲା। ସେଣ୍ଟ ଭିନସେଣ୍ଟର ଧିମା ଟ୍ରାକ୍‌ରେ ଦକ୍ଷିଣ ଆଫ୍ରିକାର ଖେଳାଳି ଦ୍ରୁତ ରନ୍ ସଂଗ୍ରହ କରିବାରେ ବିଫଳ ହୋଇଥିଲେ। ଓପନର ରିଜା ହେଣ୍ଡ୍ରିକ୍ସ ସର୍ବାଧିକ ୪୩ ରନ୍ କରିଥିଲେ। ୪୯ ବଲ୍‌ର ଏହି ଇନିଂସରେ ସେ ୫ ଚୌକା ଓ ୧ ଛକା ମାରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ୱିଣ୍ଟନ ଡି କକ୍ ୧୦ ଓ ଏଡେନ୍ ମାରକ୍ରମ ୧୫ ରନ୍ କରିଥିଲେ। ଶେଷ ଆଡକୁ ଟ୍ରିଷ୍ଟାନ ଷ୍ଟବ୍ସ ଦ୍ରୁତ ୨୭ ରନ୍ କରିବାରୁ ଦକ୍ଷିଣ ଆଫ୍ରିକା ୧୧୫ ରନ୍‌ରେ ପହଞ୍ଚିଥିଲା। ନେପାଳ ପକ୍ଷରୁ କୁଶଲ ଭୁର୍ତ୍ତେଲ ୪, ଦୀପେନ୍ଦ୍ର ସିଂ ଐରୀ ୩ ଉଇକେଟ ନେଇଥିଲେ।

୧୧୬ ରନ୍ ବିଜୟ ଲକ୍ଷ୍ୟର ପିଛା କରୁଥିବା ନେପାଳ ପକ୍ଷରୁ ଆସିଫ୍ ଶେଖ୍ ୪୨ ଓ କୁଶଲ ଭୁର୍ତ୍ତେଲ ୧୩ ରନ୍ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନିଲ ସା’ ୨୭ରନ୍‌ର ଇନିଂସ ଖେଳିଥିଲେ। ୧୭ ଓଭରରେ ଟାବରେଜ୍ ସାମ୍ସି ବିପଜ୍ଜନକ ଦୀପେନ୍ଦ୍ର ସିଂ ଐରୀ ଓ ଆସିଫ୍ ଶେଖ୍‌ଙ୍କୁ ଆଉଟ କରିଥିଲେ। ଅନ୍ତିମ ଓଭରରେ ୮ ରନ୍ ଆବଶ୍ୟକ ଥିବା ବେଳେ ଓଟ୍‌ନିଲ ବାର୍ଟମ୍ୟାନ ଚମତ୍କାର ବୋଲିଂ କରିଥିଲେ। ଦକ୍ଷିଣ ଆଫ୍ରିକା ପକ୍ଷରୁ ପ୍ଲେୟର ଅଫ ଦ ମ୍ୟାଚ୍ ଟାବରେଜ୍ ସାମ୍ସି ସର୍ବାଧିକ ୪ ଉଇକେଟ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଡେନ୍ ମାରକ୍ରମ ଓ ଆନରିଚ୍ ନର୍ଜେ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଦକ୍ଷିଣ ଆଫ୍ରିକା ୨୦ ଓଭରରେ ୧୧୫/୭ (ରିଜା ହେଣ୍ଡ୍ରିକ୍ସ-୪୩, ଟ୍ରିଷ୍ଟାନ ଷ୍ଟବ୍ସ-୨୭, ଏଡେନ୍ ମାରକ୍ରମ-୧୫, କୁଶଲ ଭୁର୍ତ୍ତେଲ-୪/୧୯, ଦୀପେନ୍ଦ୍ର ସିଂ ଐରୀ-୩/୨୧)। ନେପାଳ ୨୦ ଓଭରରେ ୧୧୪/୭(ଆସିଫ୍ ଶେଖ୍-୪୨, ଅନିଲ ସା’-୨୭, ଟାବରେଜ୍ ସାମ୍ସି-୪/୧୯, ଏଡେନ୍ ମାରକ୍ରମ-୧/୮, ଆନରିଚ୍ ନର୍ଜେ-୧/୨୭)।


ଉଇକେଟ ନେବା ପରେ ଉଲ୍ଲସିତ ଟାବରେଜ୍ ସାମ୍ସି।


କାନାଡ଼ା ବିପକ୍ଷ ମ୍ୟାଚ୍ ପୂର୍ବରୁ ବିଶ୍ୱକପ୍ ମାସ୍କଟ୍ ସହ ବିରାଟ କୋହଲି।

# ଭାରତ ଗ୍ରୁପ୍-ଏ ଟପ୍ପର

## ବର୍ଷା ଧୋଇନେଲା ଅନ୍ତିମ ମ୍ୟାଚ୍

ଫ୍ଲୋରିଡା,୧୫।୬(ପି.ଟି.)

ବର୍ଷା କାରଣରୁ ଫ୍ଲୋରିଡାରେ ଖେଳା ଯିବାକୁ ଥିବା କାନାଡା ବିପକ୍ଷ ମ୍ୟାଚ୍ ଧୋଇଯାଇଛି। ଫଳରେ ଗ୍ରୁପ୍ ଏ ରେ ସ୍ଥାନ ପାଇଥିବା ଭାରତ ଟେବୁଲ ଟପ୍ପର ରହିଛି। ଭାରତୀୟ ଦଳ ୪ ମ୍ୟାଚ୍‌ରୁ ୩ ବିଜୟ ସହ ୭ ପଏଣ୍ଟ ଅର୍ଜନ କରିଛି। ଫ୍ଲୋରିଡାରେ ବିଗତ କିଛି ଦିନ ହେବ ବର୍ଷା କାରଣରୁ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଫଳରେ ଶନିବାର ଖେଳା ଯିବାକୁ ଥିବା ମ୍ୟାଚ୍‌ରେ ଟସ୍ ମଧ୍ୟ ସମ୍ଭବ ହୋଇ ନ ଥିଲା। ଓଦା ଆଉଟଫିଲ୍ଡକୁ ଶୁଖାଇବା ପାଇଁ ଗ୍ରାଉଣ୍ଡ ଷ୍ଟାଫ ଅକ୍ଲାନ୍ତ ପରିଶ୍ରମ କରିଥିଲେ। ଭାରତ ଏହାର ପ୍ରଥମ ମ୍ୟାଚ୍‌ରେ ଆୟର୍ଲାଣ୍ଡକୁ ୮ ଉଇକେଟରେ ପରାସ୍ତ କରିଥିଲା। ଦ୍ୱିତୀୟ ମ୍ୟାଚରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ସଂଘର୍ଷପୂର୍ଣ୍ଣ ୬ ରନ୍‌ରେ ଓ ତୃତୀୟ ମ୍ୟାଚରେ ଆୟୋଜକ ଆମେରିକାକୁ ୭ ଉଇକେଟରେ ହରାଇଥିଲା ଭାରତ। ଆମେରିକାର ନାସାଉ ଷ୍ଟାଡିୟମର ଡ୍ରପ ଇନ୍ ପିଚ୍‌ର କଷ୍ଟସାଧ ପରିସ୍ଥିତିରେ ଭାରତ ଅପରାଜେୟ ରହିଥିବା ବେଳେ ବର୍ତ୍ତମାନ ୱେଷ୍ଟଇଣ୍ଡିଜରେ ସୁପର୍-୮ ଖେଳିବ। ଗ୍ରୁପ୍ ଏରୁ ଅନ୍ୟତମ ଦଳ ଭାବରେ ଆମେରିକା ସୁପର-୮କୁ ଯୋଗ୍ୟତା ହାସଲ କରିଛି।


ଭାରତୀୟ ଖେଳାଳିଙ୍କ ସହ କୋଚ୍ ରାହୁଲ ଦ୍ରାବିଡ ଆଲୋଚନା କରୁଛନ୍ତି।

# ୧୪ ରୁଷୀୟ, ୧୧ ବେଲାରୁଷିଆନଙ୍କୁ ନିରପେକ୍ଷ ମାନ୍ୟତା

ଲାଉସାନେ, ୧୫।୬(ଏପି)

ପ୍ୟାରିସ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବା ପାଇଁ ଅନ୍ତର୍ଜାତୀୟ ଅଲିମ୍ପିକ କମିଟି(ଆଇଓସି) ତରଫରୁ ପ୍ରଥମ ପର୍ଯ୍ୟାୟରେ ପ୍ରକାଶ କରାଯାଇଥିବା ତାଲିକାରେ ରୁଷିଆର ୧୪ ଆଥ୍‌ଲେଟ ଏବଂ ବେଲାରୁଷର ୧୧ଜଣଙ୍କୁ ନିରପେକ୍ଷ ଆଥ୍‌ଲେଟ ମାନ୍ୟତା ପ୍ରଦାନ କରାଯାଇଛି। ଆଇଓସି ପକ୍ଷରୁ ଯଦିଓ ୫ଟି କ୍ରୀଡ଼ାକୁ ନେଇ ଏହି ତାଲିକା ପ୍ରସ୍ତୁତ କରାଯାଇଛି, ଟେନିସ, ସୁଇମିଂ ଓ ଜୁଡୋରେ ମୂଲ୍ୟାଙ୍କନ କରାଯାଇ ନାହିଁ। ଯେଉଁ ଖେଳଗୁଡ଼ିକୁ ନେଇ ତାଲିକା ପ୍ରସ୍ତୁତ କରାଯାଇଛି, ସେଗୁଡ଼ିକ ହେଲା ସାଇକ୍ଲିଂ, ଜିମ୍ନାଷ୍ଟିକ୍ସ, ଟାଏକୋଣ୍ଡୋ, ୱେଟଲିଫ୍ଟିଂ ଓ ରେସ୍‌ଲିଂ। ଆଉ କିଛିଦିନ ମଧ୍ୟରେ ଅନ୍ୟ କ୍ରୀଡ଼ାଗୁଡ଼ିକ ଲାଗି ଆଥ୍‌ଲେଟ ତାଲିକା ପ୍ରସ୍ତୁତ କରାଯିବ। ଶନିବାର ଅନୁମୋଦ ଲାଭ କରିଥିବା ଆଥ୍‌ଲେଟମାନଙ୍କ ମଧ୍ୟରେ ରହିଛନ୍ତି ଗତଥରର ପୁରୁଷ ଟ୍ରାମ୍ପୋଲିନ୍ ଚାମ୍ପିୟନ ବେଲାରୁଷର ଇଭାନ ଲିଟ୍‌ଭିନୋଭିଚ୍। ଟାଏକୋଣ୍ଡୋରେ କୌଣସି ଖେଳାଳିଙ୍କୁ ମନୋନୀତ କରାଯାଇ ନାହିଁ। ୟୁକ୍ରେନ ବିରୋଧରେ ଆକ୍ରମଣ ପାଇଁ ପ୍ୟାରିସ ଅଲିମ୍ପିକ୍ସର ଟିମ୍ ସ୍ପୋର୍ଟ୍ସରୁ ରୁଷିଆ ଓ ବେଲାରୁଷକୁ ବାଦ୍ ଦିଆଯାଇଛି। ରୁଷିଆ ଓ ବେଲାରୁଷର ବ୍ୟକ୍ତିଗତ ଆଥ୍‌ଲେଟମାନଙ୍କୁ ପାସ୍‌ପୋର୍ଟ ସହିତ ଅଧିକାଂଶ କ୍ରୀଡ଼ାରେ ନିରପେକ୍ଷ ଆଥ୍‌ଲେଟ ଭାବେ ଅଧିକାଂଶ କ୍ରୀଡ଼ାରେ ଅଂଶଗ୍ରହଣ ପାଇଁ ଅନୁମତି ଦିଆଯାଇଛି। ପରେ ସେମାନେ ଅଲିମ୍ପିକ୍ସରେ ଭାଗ ନେବା ପାଇଁ ଆବେଦନ କରିପାରିବେ। ରୁଷିଆର ସମସ୍ତ ଆଥ୍‌ଲେଟଙ୍କୁ ଦୌଡ଼କୁଦ ପ୍ରତିଯୋଗିତାରୁ ବାସନ୍ଦ କରିବା ଲାଗି ୟୁକ୍ରେନ ଆଥ୍‌ଲେଟ ଓ ଅଫିସିଆଲମାନେ ଆଇଓସି ଓ କ୍ରୀଡ଼ା ନେତୃମଣ୍ଡଳକୁ ନିବେଦନ କରିଥିଲେ।

# ଟ୍ରେଣ୍ଟ ବୋଲ୍ଟଙ୍କ ଅନ୍ତିମ ଟି୨୦ ବିଶ୍ୱକପ୍



ଟରୋବା(ତ୍ରିନିଦାଦ୍), ୧୫।୬ (ପି.ଟି.)

ଭେଟେରାନ ପେସ୍ ବୋଲର ଟ୍ରେଣ୍ଟ ବୋଲ୍ଟ ନ୍ୟୁଜିଲାଣ୍ଡ ତରଫରୁ ତାଙ୍କର ଶେଷ ଟି୨୦ କ୍ରିକେଟ ବିଶ୍ୱକପ୍ ଖେଳୁଥିବା ସ୍ପଷ୍ଟ କରିଛନ୍ତି। ୨୦୧୧ରେ ଅନ୍ତର୍ଜାତୀୟ ପଦାର୍ପଣ କରିବା ପରଠାରୁ ବୋଲ୍ଟ ନ୍ୟୁଜିଲାଣ୍ଡ କ୍ରିକେଟର ସୁବର୍ଣ୍ଣ ଯୁଗରେ ଜାତୀୟ ଦଳର ଜଣେ ସଦସ୍ୟ ଭାବେ ସମସ୍ତ ୩ଟି ଫର୍ମାଟରେ ଏକାଧିକ ଫାଇନାଲ ଖେଳିଛନ୍ତି। ଏହାଛଡ଼ା ଏହି ବାମହାତୀ ପେସ୍ ବୋଲର ୨୦୧୪ ପରଠାରୁ ଟି୨୦ ବିଶ୍ୱକପ୍‌ର ୪ଟି ସଂସ୍କରଣ ଖେଳିଛନ୍ତି। ଉଗାଣ୍ଡା ବିପକ୍ଷରେ ନ୍ୟୁଜିଲାଣ୍ଡର ୯ଉଇକେଟରେ ବିଜୟ ପରେ ବୋଲ୍ଟ ଏହା ତାଙ୍କର ଅନ୍ତିମ ଟି୨୦ ବିଶ୍ୱକପ୍ ବୋଲି ଘୋଷଣା କରିଛନ୍ତି। ବୋଲ୍ଟ ୨୦୨୨ରେ ନିଜେ ସେଣ୍ଟ୍ରାଲ କଣ୍ଟ୍ରାକ୍ଟରୁ ଓହରିଯାଇଥିଲେ। ଆଗକୁ ସେ ନ୍ୟୁଜିଲାଣ୍ଡ ତରଫରୁ ଖେଳିବେ କି ନା କିମ୍ବା ବିଶ୍ୱବ୍ୟାପୀ ଟି୨୦ ଫ୍ରାଞ୍ଚାଇଜ୍ କ୍ରିକେଟ ଖେଳିବେ ସେ ସମ୍ପର୍କରେ କିଛି ସ୍ପଷ୍ଟ କରିନାହାନ୍ତି। ଉଗାଣ୍ଡ ବିପକ୍ଷରେ ବିପୁଳ ବିଜୟ ସତ୍ତ୍ୱେ ନ୍ୟୁଜିଲାଣ୍ଡ ସୁପର-୮ ପର୍ଯ୍ୟାୟକୁ ଉନ୍ନୀତ ହୋଇ ପାରି ନାହିଁ। ଗ୍ରୁପ୍ ‘ସି’ରୁ ଏହି ସୁଯୋଗ ଆଫଗାନିସ୍ତାନ ଓ ୱେଷ୍ଟଇଣ୍ଡିଜ ପାଇଛନ୍ତି। ଏଥିରୁ ସ୍ପଷ୍ଟ ଯେ, ପପୁଆ ନ୍ୟୁ ଗିନି ବିପକ୍ଷ ନ୍ୟୁଜିଲାଣ୍ଡର ଅନ୍ତିମ ଗ୍ରୁପ୍ ମ୍ୟାଚ ଏହି ୩୪ ବର୍ଷୀୟଙ୍କ ଶେଷ ଟି୨୦ ବିଶ୍ୱକପ୍ ମ୍ୟାଚ ହେବ।

# ଗୋଷ୍ଠୀକନ୍ଦଳ ପାଇଁ ହାରିଲା ପାକିସ୍ତାନ

କରାଚୀ,୧୫।୬(ପି.ଟି.)

ଟି୨୦ କ୍ରିକେଟ ବିଶ୍ୱକପରେ ପାକିସ୍ତାନ ନୈରାଶ୍ୟଜନକ ପ୍ରଦର୍ଶନ ସହ ପ୍ରଥମ ରାଉଣ୍ଡରୁ ବିଦାୟ ନେଇଛି। ପାକିସ୍ତାନର ଏହି ପ୍ରଦର୍ଶନ ପାଇଁ ସିନିୟର ଖେଳାଳିଙ୍କ ମଧ୍ୟରେ ଗୋଷ୍ଠୀ କନ୍ଦଳକୁ ଦାୟୀ କରିଛି ପାକିସ୍ତାନ କ୍ରିକେଟ ବୋର୍ଡ(ପିସିବି)। ବାବର ଆଜମ ଅଧିନାୟକ ଭାବରେ ପ୍ରତ୍ୟାବର୍ତ୍ତନ କରିଥିଲେ ମଧ୍ୟ ଦଳର ଖେଳାଳିଙ୍କ ମଧ୍ୟରେ ଗୋଷ୍ଠୀ କନ୍ଦଳ ଦଳକୁ କ୍ଷତି ପହଞ୍ଚାଇଥିଲା। ଅଧିନାୟକତ୍ୱ ହରାଇଥିବା ଶାହିନ୍ ଆଫ୍ରିଦି ଅସନ୍ତୁଷ୍ଟ ଥିବା ବେଳେ ବାବର ଆଜମଙ୍କ ସହ ତାଙ୍କର କଥାବାର୍ତ୍ତା ନ ଥିବା ପିସିବିର ଏକ ସୂତ୍ରରୁ କୁହାଯାଇଛି। ଦଳରେ ୩ଟି ଗୋଷ୍ଠୀ ଦେଖିବାକୁ ମିଳିଥିଲା। ବାବର ଆଜମ ଗୋଟିଏ ଗୋଷ୍ଠୀରେ ଥିବା ବେଳେ ଶାହିନ ଆଫ୍ରିଦି ଦ୍ୱିତୀୟ ଗୋଷ୍ଠୀରେ ରହିଥିଲେ। ଅନ୍ୟ ପକ୍ଷରେ ଅଧିନାୟକ ପଦ ପାଇଁ ଅନ୍ୟତମ ଆଶାୟୀ ମହମ୍ମଦ ରିଜୱାନ ଆଉ ଏକ ଗୋଷ୍ଠୀରେ ସାମିଲ ଥିଲେ। ଏହା ସହ ଅବସରରୁ ପ୍ରତ୍ୟାବର୍ତ୍ତନ କରିଥିବା ମହମ୍ମଦ ଆମିର ଓ ଇମାଦ ୱାସିମଙ୍କୁ ଦଳରେ ସାମିଲ କରାଯିବାକୁ ନେଇ ବିରୋଧ ଦେଖା ଦେଇଥିଲା। ଉଭୟ ଖେଳାଳି ଅବସର ନିଷ୍ପତ୍ତିରୁ ବାହାରି ଜାତୀୟ ଦଳ ପାଇଁ ଖେଳିଥିଲେ ମଧ୍ୟ ଖାସ ପ୍ରଦର୍ଶନ ଦେବାରେ ବିଫଳ ହୋଇଥିଲେ। ଏପରିକି ପିସିବି ଚେୟାରମ୍ୟାନ୍ ମୋହସିନ୍ ନକ୍‌ଭୀ ମଧ୍ୟ ଏହି ବିବାଦ ସମ୍ପର୍କରେ ଜାଣିଥିଲେ। ଜାତୀୟ ଚୟନ କମିଟି ମୁଖ୍ୟ ୱାହାବ ରିୟାଜ ଜଣାଇବା ପରେ ନକ୍‌ଭୀ ୨ ଥର ସମସ୍ତ ଖେଳାଳିଙ୍କ ସହ ବ୍ୟକ୍ତିଗତ ସ୍ତରରେ ଆଲୋଚନା କରିଥିଲେ। ବ୍ୟକ୍ତିଗତ ଦ୍ୱେଷକୁ ଏଡାଇ ପ୍ରଦର୍ଶନ କରିବା ପାଇଁ ସେ ସମସ୍ତ ଖେଳାଳିଙ୍କୁ କହିଥିଲେ। ତେବେ ଟୁର୍ନାମେଣ୍ଟରେ ଖେଳାଳିଙ୍କ ମଧ୍ୟରେ ରହିଥିବା ବିବାଦ ସ୍ପଷ୍ଟ ଜଣା ପଡୁଥିଲା ବୋଲି ପିସିବି ସୂତ୍ରରୁ କୁହାଯାଇଛି।


ଉଗାଣ୍ଡା ଅଧିନାୟକ ବ୍ରାୟାନ୍ ମସାବାଙ୍କୁ ଏକ ଜର୍ସି ଉପହାର ଦେଉଛନ୍ତି ନ୍ୟୁଜିଲାଣ୍ଡ ଅଧିନାୟକ କେନ୍ ୱିଲିୟମସନ୍।

# କ୍ରୀଡ଼ା ଜର୍ନାଲିଷ୍ଟ ହର୍ପାଲ ସିଂ ବେଦୀଙ୍କ ପରଲୋକ

ନୂଆଦିଲ୍ଲୀ,୧୫।୬(ପି.ଟି.)

ବିଶିଷ୍ଟ କ୍ରୀଡ଼ା ଜର୍ନାଲିଷ୍ଟ ହର୍ପାଲ ସିଂ ବେଦୀଙ୍କ ୭୨ ବର୍ଷ ବୟସରେ ପରଲୋକ ଘଟିଛି। ସେ ଦୀର୍ଘଦିନ ଧରି ଅସୁସ୍ଥ ଥିଲେ। କ୍ରୀଡ଼ା ଖବରଦାତା ଭାବେ ହର୍ପାଲଙ୍କ ଦୀର୍ଘ ୪ ଦଶନ୍ଧି କ୍ୟାରିୟରର ଅନ୍ତଃ ଘଟିଛି। ହର୍ପାଲ ୮ଥର ଅଲିମ୍ପିକ ଗେମ୍ସ ବ୍ୟତୀତ ଏସିଆନ ଗେମ୍ସ, ରାଜ୍ୟଗୋଷ୍ଠୀ କ୍ରୀଡ଼ା, କ୍ରିକେଟ ଓ ହକି ବିଶ୍ୱକପ୍ ସମେତ ଅନ୍ୟ ପ୍ରମୁଖ ଅଲିମ୍ପିକ କ୍ରୀଡ଼ାର କଭରେଜ କରିଛନ୍ତି। ପୂର୍ବତନ ୟୁନାଇଟେଡ ନ୍ୟୁଜ ଅଫ୍ ଇଣ୍ଡିଆ (ୟୁଏନ୍‌ଆଇ)ର ପୂର୍ବତନ କ୍ରୀଡ଼ା ଖବରଦାତା ଗତ ଦୁଇ ବର୍ଷ ହେଲା ଷ୍ଟେଟ୍ସମ୍ୟାନ ଖବରକାଗଜର ପରାମର୍ଶଦାତା ସମ୍ପାଦକ ଭାବେ କାର୍ଯ୍ୟ କରୁଥିଲେ।

# ନ୍ୟୁଜିଲାଣ୍ଡର ସାନ୍ତ୍ୱନାମୂଳକ ବିଜୟ

ତ୍ରିନିଦାଦ,୧୫।୬(ପି.ଟି.)

ସୁପର-୮ ଦୌଡରୁ ବାଦ ପଡି ସାରିଥିବା ନ୍ୟୁଜିଲାଣ୍ଡ ଶନିବାର ଉଗାଣ୍ଡାକୁ ୯ ଉଇକେଟରେ ପରାସ୍ତ କରି ସାନ୍ତ୍ୱନାମୂଳକ ବିଜୟ ହାସଲ କରିଛି। ଉଗାଣ୍ଡା ପ୍ରଥମେ ବ୍ୟାଟିଂ କରି ୧୮.୪ ଓଭରରେ ୪୦ ରନ୍‌ରେ ଅଲଆଉଟ ହୋଇଥିଲା। ଜବାବରେ ନ୍ୟୁଜିଲାଣ୍ଡ ୫.୨ ଓଭରରେ ୧ ଉଇକେଟରେ ୪୧ ରନ୍ କରିଥିଲା। ନ୍ୟୁଜିଲାଣ୍ଡ ଟସ୍ ଜିତି ପ୍ରଥମେ ବୋଲିଂ ନେଇଥିଲା। ଟ୍ରେଣ୍ଟ ବୋଲ୍ଟ ଓ ଟିମ୍ ସାଉଦି ଘାତକ ବୋଲିଂ କରିଥିଲେ। ସାଉଦି ୪ ଓଭରରେ ୪ ରନ୍ ଦେଇ ୩ ଉଇକେଟ ନେଇଥିବା ବେଳେ ବୋଲ୍ଟ ୭ ରନ୍‌ରେ ୨ ଉଇକେଟ ନେଇଥିଲେ। ଉଗାଣ୍ଡା ପକ୍ଷରୁ କେନେଥ୍ ୱାଇସ୍ୱା ସର୍ବାଧିକ ୧୧ ରନ୍ କରିଥିଲେ। ସାଉଦି ୩ ଉଇକେଟ ନେଇଥିବା ବେଳେ ବୋଲ୍ଟ, ମିଚେଲ୍ ସାଣ୍ଟନର ଓ ରାଚିନ୍ ରବୀନ୍ଦ୍ର ୨ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ନ୍ୟୁଜିଲାଣ୍ଡ ୫.୨ ଓଭରରେ ୧ ଉଇକେଟରେ ୪୧ ରନ୍ କରିଥିଲେ। ଗ୍ଲେନ୍ ଫିଲିପ୍ସ ୯ ରନ୍ କରି ଆଉଟ ହୋଇଥିବା ବେଳେ ଡେଭନ୍ କନ୍‌ୱେ ୨୨ ଓ ରାଚିନ୍ ରବୀନ୍ଦ୍ର ୧ ରନ୍‌ରେ ଅପରାଜିତ ରହିଥିଲେ। ରିଆଜତ ଅଲୀ ଶାହ ଉଗାଣ୍ଡା ପକ୍ଷରୁ ଏକମାତ୍ର ଉଇକେଟ ନେଇଥିଲେ। ଟିମ୍ ସାଉଦିଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା।


ପ୍ଲେୟର ଅଫ୍ ଦ ମ୍ୟାଚ ଟିମ୍ ସାଉଦି।




# ଗୁଆଟେମାଲାକୁ ହରାଇଲା ଆର୍ଜେଣ୍ଟିନା

ଲାଣ୍ଡୋଭର, ୧୫।୬ (ପି.ଟି.)

ଲିଓନେଲ ମେସିଙ୍କ ଡବଲ୍ ଗୋଲ୍ ଓ ଗୋଟିଏ ଆସିଷ୍ଟ ବଳରେ ଗୁଆଟେମାଲାକୁ ୪-୧ରେ ପରାସ୍ତ କରିଛି ଆର୍ଜେଣ୍ଟିନା। ଏହା ସହ ବିଶ୍ୱଚାମ୍ପିୟନ ଦଳ କୋପା ଆମେରିକା ପାଇଁ ଏହାର ପ୍ରସ୍ତୁତି ଆରମ୍ଭ କରିଛି। ନଭେମ୍ବର ପରେ ପ୍ରତ୍ୟାବର୍ତ୍ତନ କରିଥିବା ମେସି ସମ୍ପୂର୍ଣ୍ଣ ୯୦ ମିନିଟ ପଡିଆରେ ବିତାଇଥିଲେ।

## ମେସି, ମାର୍ଟିନେଜଙ୍କ ଡବଲ୍ ଗୋଲ୍

ହାମଷ୍ଟ୍ରିଙ୍ଗ ଇଞ୍ଜୁରୀ କାରଣରୁ କିଛି ଦିନ ଖେଳରୁ ଦୂରେଇ ରହିଥିଲେ ମେସି। ଏହି ମ୍ୟାଚ୍‌ରେ ଲିଓନେଲ ମେସି(୧୨, ୭୭) ଓ ଲଉଟାରୋ ମାର୍ଟିନେଜ(୩୯, ୬୬) ମିନିଟରେ ଡବଲ ଗୋଲ ଦେଇଥିଲେ।

ଶୁକ୍ରବାର ବିଳମ୍ବିତ ରାତିରେ ଖେଳା ଯାଇଥିବା ମ୍ୟାଚ୍‌ରେ ଆର୍ଜେଣ୍ଟିନା ଚତୁର୍ଥ ମିନିଟରେ ଗୋଲ ବରଣ କରିଥିଲା। ଡିଫେଣ୍ଡର ଲିସାଣ୍ଡ୍ରୋ ମାର୍ଟିନେଜଙ୍କ ତ୍ରୁଟିରୁ ଏକ ଆତ୍ମଘାତୀ ଗୋଲ୍ ହୋଇଥିଲା। ୧-୦ରେ ପଛୁଆ ରହିବା ପରେ ଆର୍ଜେଣ୍ଟିନା ପ୍ରତିଆକ୍ରମଣ କରିଥିଲା। ଲିଓନେଲ୍ ମେସି ୧୨ ତମ ମିନିଟରେ ଗୋଟିଏ ଗୋଲ ପରିଶୋଧ କରିଥିଲେ। ଫ୍ରି କିକରେ ୧୨ ୟାର୍ଡ ଦୂରରୁ ମେସି ଏହି ଗୋଲ ଦେଇଥିଲେ। ୩୯ ତମ ମିନିଟରେ ମେସିଙ୍କ ଆସିଷ୍ଟରେ ଲଉଟାରୋ ମାର୍ଟିନେଜ ଗୋଲ୍ ସ୍କୋର କରି ଆର୍ଜେଣ୍ଟିନାକୁ ୨-୧ରେ ଆଗୁଆ କରିଥିଲେ। ପ୍ରଥମାର୍ଦ୍ଧରେ ୨-୧ରେ ଆଗୁଆ ରହିବା ପରେ ଦ୍ୱିତୀୟାର୍ଦ୍ଧରେ ଆକ୍ରମଣକୁ ଆହୁରି ଜୋରଦାର କରିଥିଲା ଆର୍ଜେଣ୍ଟିନା। ୬୬ ତମ ମିନିଟରେ ଲଉଟାରୋ ମାର୍ଟିନେଜ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ୍ ଦେଇଥିଲେ। ଏଞ୍ଜୋ ଫର୍ନାଣ୍ଡେଜଙ୍କ ପାଶ୍‌କୁ ସେ ଗୋଲରେ ପରିଣତ କରିଥିଲେ। ୭୭ ତମ ମିନିଟରେ ଆଞ୍ଜେଲ ଡି ମାରିଆଙ୍କ ଆସିଷ୍ଟରେ ମେସି ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ଦେଇ ଦଳକୁ ଜିତାଇଥିଲେ।


ମ୍ୟାଚ୍ ଅବସରରେ ଲିଓନେଲ ମେସି।

## ମୁଜିବ୍‌ଙ୍କ ସ୍ଥାନରେ ଜାଜାଇ

ଗ୍ରସ୍ ଆଇଲେଟ, ୧୫।୬ (ପି.ଟି.)

ଆଙ୍ଗୁଠିରେ ଆଘାତପ୍ରାପ୍ତ ଯୋଗୁ ଆଫଗାନିସ୍ତାନ ଅଫ୍ ସ୍ପିନର ମୁଜିବ୍ ଉର ରହମନ ଚଳିତ ଟି୨୦ କ୍ରିକେଟ ବିଶ୍ୱକପ୍‌ରୁ ବାହାର ହୋଇଯାଇଛନ୍ତି। ତାଙ୍କ ସ୍ଥାନରେ ବ୍ୟାଟର ହଜରତୁଲ୍ଲା ଜାଜାଇଙ୍କୁ ଦଳରେ ସ୍ଥାନ ମିଳିଛି। ୨୩ ବର୍ଷୀୟ ମୁଜିବୁରଙ୍କ ଡାହାଣ ହାତ ବିଶି ଆଙ୍ଗୁଠିରେ ଆଘାତ ଲାଗିଛି। ଟୁର୍ଣ୍ଣାମେଣ୍ଟରେ ଆଫଗାନିସ୍ତାନ ଖେଳିଥିବା ୩ଟି ଗେମ୍ ମଧ୍ୟରୁ ସେ ଏକମାତ୍ର ମ୍ୟାଚ ଗ୍ରସ୍ ଆଇଲେଟ୍‌ଠାରେ ଉଗାଣ୍ଡା ବିପକ୍ଷ ମ୍ୟାଚ ଖେଳିଛନ୍ତି। ଆଇସିସି ପୁରୁଷ ଟି୨୦ ବିଶ୍ୱକପ୍ ୨୦୨୪ର ଇଭେଣ୍ଟ ଟେକ୍‌ନିକାଲ କମିଟି ଆଫଗାନିସ୍ତାନ ଦଳରେ ମୁଜିବ୍‌ଙ୍କ ସ୍ଥାନରେ ହଜରତୁଲ୍ଲା ଜାଜାଇଙ୍କୁ ବଦଳ ଖେଳାଳି ଭାବେ ଅନୁମୋଦନ କରିଛି। ଆଫଗାନିସ୍ତାନ ଇତିମଧ୍ୟରେ ସୁପର-୮ ରାଉଣ୍ଡକୁ ଉନ୍ନୀତ ହୋଇ ସାରିଛି। ବିସ୍ଫୋରକ ବ୍ୟାଟର ଜାଜାଇ ୪୩ ଅନ୍ତର୍ଜାତୀୟ ଟି୨୦ ମ୍ୟାଚ ଖେଳିଛନ୍ତି। ଦଳରେ ରହିଥିବା ୧୯ବର୍ଷୀୟ ବାମହାତୀ ସ୍ପିନର ନୁର୍ ଅହମଦ ସମ୍ଭବତଃ ମୁଜିବ୍ ଉରଙ୍କ ଅଭାବ ପୂରଣ କରିପାରନ୍ତି। ଟୁର୍ଣ୍ଣାମେଣ୍ଟ ମଝିରେ କୌଣସି ଖେଳାଳିଙ୍କୁ ବଦଳ କରିବାକୁ ଆବଶ୍ୟକ ପଡ଼ିଲେ ଇଭେଣ୍ଟ ଟେକ୍‌ନିକାଲ କମିଟିର ଅନୁମୋଦନ ଜରୁରି।

# ଭାରତୀୟ ମହିଳା ଟିଟି ଟିମ୍‌କୁ ବ୍ରୋଞ୍ଜ


ପଦକ ବିଜେତା ଭାରତୀୟ ଟେବୁଲ ଟେନିସ ମହିଳା ଦଳ।

ନୂଆଦିଲ୍ଲୀ, ୧୫।୬ (ପି.ଟି.)

## ବ୍ରିକ୍ସ ଗେମ୍ସ

ରଷିଆନ ସହର କାଜାନଠାରେ ଅନୁଷ୍ଠିତ ବ୍ରିକ୍ସ ଗେମ୍ସରେ ଭାରତ ପ୍ରଥମ ଥର ପଦକ ଜିତିବାରେ ସଫଳ ହୋଇଛି। ପୟମନ୍ତୀ ବୈଶ୍ୟ, ମୌମିତା ଦତ୍ତ ଓ ୟଶ୍ୱିନୀ ଶିବଶଙ୍କରଙ୍କୁ ନେଇ ମହିଳା ଟେବୁଲ ଟେନିସ (ଟିଟି) ଦଳ ଏକ ବ୍ରୋଞ୍ଜ ପଦକ ହାସଲ କରିଛି। ଭାରତୀୟ ମହିଳା ଟିଟି ଦଳ ସେମିଫାଇନାଲରେ ଚାଇନାଠାରୁ ୧-୩ରେ ପରାଜିତ ହୋଇଛି। ୟଶ୍ୱିନୀ ପ୍ରଥମ ଗେମ୍ ୧୧-୭, ୪-୧୧, ୧୧-୮, ୭-୧୧, ୧୧-୨ରେ ଜିତି ଭାରତକୁ ୧-୦ରେ ଅଗ୍ରଣୀ କରାଇଥିଲେ ମଧ୍ୟ ଚାଇନା ଅବଶିଷ୍ଟ ୩ ଗେମ୍‌ରେ ବିଜୟ ହାସଲ କରି ଫାଇନାଲରେ ପ୍ରବେଶ କରିଯାଇଥିଲା। ନବ ନିଯୁକ୍ତ କ୍ରୀଡ଼ା ମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ମହିଳା ଟିଟି ଦଳକୁ ଅଭିନନ୍ଦ ଜଣାଇଛନ୍ତି। ଅନ୍ୟପକ୍ଷରେ ଅନିର୍ବାଣ ଘୋଷ, ଜିତ୍ ଚନ୍ଦ୍ରା ଓ ସ୍ନେହଜିତ୍ ସୁରଭାଜୁଲାଙ୍କୁ ନେଇ ଭାରତୀୟ ପୁରୁଷ ଦଳ କ୍ଲାସିଫିକେଶନ ମ୍ୟାଚରେ ବାହାରିନ ବିପକ୍ଷରେ ୩-୧ରେ ବିଜୟ ହାସଲ କରି ୫ମ ସ୍ଥାନ ଅଧିକାର କରିଥିଲା।

# ଜାତୀୟ ଅସିଚାଳନା ପ୍ରତିଯୋଗିତାରେ ଓଡ଼ିଶାକୁ ୨ ବ୍ରୋଞ୍ଜ

ଭୁବନେଶ୍ୱର, ୧୬।୬
(ସରୋଜ ଜେନା)

କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ଜାତୀୟ ଅସିଚାଳନା ପ୍ରତିଯୋଗିତାରେ ଓଡ଼ିଶାକୁ ଦୁଇଟି ବ୍ରୋଞ୍ଜ ପଦକ ମିଳିଛି। ୧୦, ୧୨ ବର୍ଷରୁ କମ୍ ଓ ମାଷ୍ଟର୍ସ ବର୍ଗରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଓଡ଼ିଶା ପକ୍ଷରୁ ଅଂଶଗ୍ରହଣ କରିଥିବା ଦୁଇ ଭଉଣୀ ସ୍ମୃତିପ୍ରଭା ଅରୁଣ ଓ ଶ୍ରୁତିପ୍ରଭା ଅରୁଣ ବ୍ରୋଞ୍ଜ ପଦକ ବିଜୟୀ ହୋଇଥିଲେ।


ଅତିଥିଙ୍କ ଗହଣରେ ଦୁଇ ବ୍ରୋଞ୍ଜ ପଦକ ବିଜୟିନୀ।

# ପେନ୍‌ଚାକ୍ ସିଲାଟ ଚାମ୍ପିୟନଶିପରେ ସନ୍ତୋଷଙ୍କୁ ରୌପ୍ୟ

ରାଉରକେଲା, ୧୬।୬, (ଦିନେଶ ମିଶ୍ର)

ଭୁବନେଶ୍ୱର ସ୍ଥିତ କିଟ୍ ପରିସରରେ ଅନୁଷ୍ଠିତ ଦ୍ୱାଦଶ ସିନିୟର ନ୍ୟାସନାଲ ପେନ୍‌ଚାକ୍ ସିଲାଟ ଚାମ୍ପିୟନସିପ୍-୨୦୨୪ରେ ଆରଏସ୍‌ପି ଟ୍ରାଫିକ ଓ କଞ୍ଚାମାଲ ବିଭାଗର ଜିଏମ୍ ସନ୍ତୋଷ କୁମାର ଭୂୟାଁ ରୌପ୍ୟ ପଦକ ଜିତିଛନ୍ତି। ମୂଳତଃ ଇଣ୍ଡୋନେସିଆରେ ଆରମ୍ଭ ହୋଇଥିବା ଏହି କ୍ରୀଡା ଏବେ ଦକ୍ଷିଣ ଏସୀୟ ଦେଶରେ ଲୋକପ୍ରିୟତା ଲାଭ କରୁଛି। ସନ୍ତୋଷ ଭୂୟାଁ ୱାଡୋ କରାଟେ ବର୍ଗରେ ବ୍ଲାକ୍‌ବେଲ୍ଟ ଧାରୀ ଅଟନ୍ତି । ଶରତ ଦାସଙ୍କ ଦ୍ୱାରା ପ୍ରଶିକ୍ଷିତ ସନ୍ତୋଷ ଉଭୟ ରାଜ୍ୟ ତଥା ଜାତୀୟ ସ୍ତରରେ ବିଭିନ୍ନ ଇଭେଣ୍ଟରରେ ଅଂଶଗ୍ରହଣ କରି ଜିଲା ତଥା ରାଜ୍ୟ ପାଇଁ ପୁରସ୍କାର ଜିତିଛନ୍ତି।



# ଜାତୀୟ ଜୁନିୟର ହକି କୋଚିଂ କ୍ୟାମ୍ପ

ବେଙ୍ଗାଲୁରୁ, ୧୫।୬ (ପି.ଟି.)

ଜାତୀୟ ଜୁନିୟର ପୁରୁଷ ହକି କୋଚିଂ କ୍ୟାମ୍ପ ଜୁନ୍ ୧୬ରୁ ସ୍ଥାନୀୟ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ)ଠାରେ ୬୩ ଦିନ ଧରି ଅନୁଷ୍ଠିତ ହେବ। ଏଥିଲାଗି ୪୦ ଖେଳାଳିଙ୍କୁ ନେଇ ସମ୍ଭାବ୍ୟ କୋର୍ ଗ୍ରୁପ୍ ଘୋଷଣା କରାଯାଇଛି। ଭାରତୀୟ ଜୁନିୟର ହକି ଦଳର ୟୁରୋପ ଟୁର୍ ପରେ ଏହି କ୍ୟାମ୍ପର ଆୟୋଜନ କରାଯାଇଛି। ଦଳ ମେ ୨୦ରୁ ୨୯ ପର୍ଯ୍ୟନ୍ତ ଟୁର୍ ସମୟରେ ବେଲଜିୟମ, ଜର୍ମାନୀ ଏବଂ ନେଦରଲାଣ୍ଡ୍ସର କ୍ଲବ ଟିମ୍ ବ୍ରିଡେସ୍ ହକି ଭେରେନିଙ୍ଗିଙ୍ଗ୍ ପୁଶ୍ ବିପକ୍ଷରେ ୫ ମ୍ୟାଚ ଖେଳିଛି। ହାଇପରଫର୍ମାନ୍ସ ଡାଇରେକ୍ଟର ହରମନ କ୍ରୁଇଜ୍‌ଙ୍କ ତତ୍ତ୍ୱାବଧାନରେ କୋଚ ଜନାର୍ଦ୍ଦନ ସିବିଙ୍କ ନେତୃତ୍ୱରେ ହେବାକୁଥିବା ଏହି କ୍ୟାମ୍ପ ଅଗଷ୍ଟ ୧୮ରେ ଶେଷ ହେବ। ଜନାର୍ଦ୍ଦନ କହିଛନ୍ତି, ଆମର ବହୁ ପ୍ରତିଭାବାନ ଖେଳାଳି ରହିଛନ୍ତି। ଟ୍ରେନିଂ ସେସନ ସେମାନଙ୍କ ସାମର୍ଥ୍ୟରେ ପୂର୍ଣ୍ଣତା ଆଣିବାରେ ସହାୟକ ହେବ।

## ୪୦ ଜଣିଆ ସମ୍ଭାବ୍ୟ କୋର୍ ଗ୍ରୁପ୍

ଗୋଲକିପର: ପ୍ରିନ୍ସଦୀପ ସିଂ, ବିକ୍ରମଜିତ୍ ସିଂ, ଅଶ୍ୱିନୀ ଯାଦବ, ଆଦର୍ଶ ଜି, ଅଲି ଖାନ୍। ଡିଫେଣ୍ଡର: ଶାରଦାନନ୍ଦ ତିୱାରୀ, ସୁଖବିନ୍ଦର, ଅମିର ଅଲି, ରୋହିତ ଯୋଗେମ୍ବର ରାୱତ, ମନୋଜ ଯାଦବ, ଅନମୋଲ ଏକ୍କା, ପ୍ରଶାନ୍ତ ବାର୍ଲା, ଆକାଶ ସେରୋଙ୍ଗ, ସୁନ୍ଦରମ ରାଜାୱତ, ଆନନ୍ଦ ୱାଇ, ତାଲେମ ପ୍ରିୟୋ ବାର୍ତ୍ତା। ମିଡ୍‌ଫିଲ୍ଡର: ଅଙ୍କିତ ପାଲ୍, ରୋସନ କୁଜୁର, ଥୋନାଓଜାମ୍ ଇଙ୍ଗାଲେମ୍ବା ଲୁୱାଙ୍ଗ୍, ମୁକେଶ ଟପ୍ପୋ, ଥୋକ୍‌ଚୋମ୍ କିଙ୍ଗସନ ସିଂ, ରିତିକ କୁଜୁର, ଅଙ୍କୁଶ, ଜିତ୍‌ପଲ, ଚନ୍ଦନ ଯାଦବ, ମନମିତ୍ ସିଂ, ବଚାନ ଏଚ୍‌ଏ, ଗୋବିନ୍ଦ ନାଗ୍ ବିପିନ, ବଳଭଦ୍ର ରବି। ଫରୱାର୍ଡ: ମୋହିତ କର୍ମା, ସୌରଭ ଆନନ୍ଦ କୁଶୱାହା, ଅରାଇଜିତ୍ ସିଂ, ହୁଣ୍ଡାଲ, ଗୁରଜୋତ ସିଂ, ମହମ୍ମଦ କୋନାଇନ୍ ଦାଦ୍ ପ୍ରଭଦୀପ ସିଂ, ଦିଲରାଜ ସିଂ, ଅର୍ଶଦୀପ ସିଂ, ମହମ୍ମଦ ଜଇଦ ଖାନ୍, ଗୁରସେବକ ସିଂ।

## ଜାତୀୟ ଜୁନିୟର କିକ୍ ବକ୍ସିଂ ଚାମ୍ପିୟନଶିପ

# ଓଡ଼ିଶାକୁ ୩୯ ପଦକ

ଭୁବନେଶ୍ୱର, ୧୫।୬
(ସରୋଜ ଜେନା)

ପଶ୍ଚିମବଙ୍ଗର ସିଲିଗୁଡିରେ ଅନୁଷ୍ଠିତ ଜାତୀୟ ଜୁନିୟର କିକ୍ ବକ୍ସିଂ ଚାମ୍ପିୟନଶିପରେ ଓଡ଼ିଶା ଖେଳାଳି ମାନେ ଚମତ୍କାର ପ୍ରଦର୍ଶନ କରି ୩୯ ପଦକ ଜିତିଛନ୍ତି। ଓଡ଼ିଶାରୁ ୩୫ ଜଣ ଖେଳାଳି ଭାଗ ନେଇଥିବା ବେଳେ ଖେଳାଳି ମାନେ ୮ ସ୍ୱର୍ଣ୍ଣ, ୧୧ ରୌପ୍ୟ ଓ ୨୦ ବ୍ରୋଞ୍ଜ ପଦକ ବିଜୟୀ ହୋଇଥିଲେ। ଖେଳାଳିଙ୍କ ସଫଳତା ପାଇଁ କ୍ରୀଡା ଓ ଯୁବସେବା ବିଭାଗ ପକ୍ଷରୁ ମିଳିଥିବା ସହାୟତା ପାଇଁ କିକ୍ ବକ୍ସିଂ ଆସୋସିଏଶନ୍ ଧନ୍ୟବାଦ ଜ୍ଞାପନ କରିଛି। ସେହିପରି ପଦକ ବିଜେତା ଖେଳାଳି ମାନେ ହଙ୍ଗେରୀର ବୁଦାପେଷ୍ଟରେ ହେବାକୁ ଥିବା ୱାକୋ ୟୁଥ୍ କିକ୍ ବକ୍ସିଂ ଚାମ୍ପିୟନଶିପରେ ଖେଳିବାକୁ ଶର୍ଟଲିଷ୍ଟ ହୋଇଛନ୍ତି।



ଜାତୀୟ ଜୁନିୟର କିକ୍ ବକ୍ସିଂ ଚାମ୍ପିୟନଶିପରେ ପଦକ ବିଜେତା ଓଡ଼ିଶା ଦଳ।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ